# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୨୩/୨୦୧୯ (୧୬ ପୃଷ୍ଠା) Sambalpur, Tuesday, July 23 / 2019 ★★

...ଶ ଭାଗ ୨୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ଅପକମିଂ ଆକ୍ସନ ଫିଲ୍ମରେ କଙ୍ଗନା**

ଅଭିନେତ୍ରୀ କଙ୍ଗନା ରଣାୱତ୍ ଅପକମିଂ ଆକ୍ସନ ଥ୍ରିଲର 'ଧାକଡ଼'ରେ ଜଣେ ଗୁପ୍ତଚର ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। **୦୨**

**୧୫** **ରତୁପର୍ଣ୍ଣାଙ୍କୁ ଡବଲ୍ ସ୍ୱର୍ଣ୍ଣ**

ଓଡ଼ିଆ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ରତୁପର୍ଣ୍ଣା ପଣ୍ଡା ଘାନାରେ ଅନୁଷ୍ଠିତ ଜେଇ ୱିଲସନ ଇଣ୍ଟରନ୍ୟାଶନାଲ ସିରିଜର ମିକ୍ସଡ୍ ଓ ମହିଳା ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି।



# ଚନ୍ଦ୍ରୟାନ-୨ ସଫଳ

- ୪୮ ଦିନ ଯାତ୍ରା ପରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ
- ଏହି ମିଶନ୍ ଚନ୍ଦ୍ରର ନୂଆ ଦିଗ ଉନ୍ମୋଚନ କରିବ- ପ୍ରଧାନମନ୍ତ୍ରୀ
- ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିର ଏକ ଐତିହାସିକ ଦିନ- ଇସ୍ରୋ ଅଧକ୍ଷ



**ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୨୨।୭(ଆଇଏଏନ୍‌ଏସ୍)**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଭାରତର ଦ୍ୱିତୀୟ ଲୁନାର ମିଶନ୍ ଚନ୍ଦ୍ରୟାନ-୨କୁ ସୋମବାର ସଫଳତାର ସହ ଉତ୍‌କ୍ଷେପଣ କରାଯାଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଅପରାହ୍ନ ୨ଟା ୪୩ରେ ଛଡାଯାଇଥିବା 'ବାହୁବଲୀ' ନାମକ ଜିଏସ୍‌ଏଲ୍‌ଭି ରକେଟ୍ ଏହାକୁ ୧୬ ମିନିଟ ମଧ୍ୟରେ ପୃଥିବୀର କକ୍ଷପଥରେ ଅବସ୍ଥାପିତ କରିଥିଲା। ପୃଥିବୀର କକ୍ଷପଥରେ ଏହା ୨୩ଦିନ ଘୂରିବା ପରେ ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ। ୩୭୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪୩.୪ ମିଟର ଲମ୍ବ ଓ ୬୪୦ଟନ୍ ଓଜନର ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ୩.୮ ଟନ୍ ବିଶିଷ୍ଟ ଚନ୍ଦ୍ରୟାନ-୨ ସ୍ପେସ୍‌କ୍ରାଫ୍ଟକୁ ପୃଥିବୀର କକ୍ଷପଥରେ ଅବସ୍ଥାନ କରାଇବାକୁ ସମର୍ଥ ହୋଇପାରିଛି। ୪୮ ଦିନ ଯାତ୍ରା କରିବା ପରେ ଚନ୍ଦ୍ରୟାନ-୨ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ। ଏଥିପାଇଁ ଚନ୍ଦ୍ରୟାନକୁ ୩,୮୪,୪୦୦ କିଲୋମିଟର ଯାତ୍ରା କରିବାକୁ ପଡିବ। ଚନ୍ଦ୍ରଯାନର ସଫଳ ଉତ୍‌କ୍ଷେପଣ ପରେ ଇସ୍ରୋ ଅଧକ୍ଷ କେ. ଶିବନ୍ ଆଜିର ଦିବସକୁ ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତିର ଏକ ଐତିହାସିକ ଦିନ ଭାବେ ବର୍ଣ୍ଣନା କରିଛନ୍ତି। ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ଚନ୍ଦ୍ରୟାନ-୨କୁ ପୃଥିବୀର ନିର୍ଦ୍ଦିଷ୍ଟ କକ୍ଷପଥରେ ଅବସ୍ଥାନ କରାଇଥିବାରୁ ଶିବନ୍ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ଭାରତ ପାଇଁ ଏହା ଐତିହାସିକ ଯାତ୍ରାର ଆରମ୍ଭ ବୋଲି ସେ କହିଥିଲେ। ଚନ୍ଦ୍ରୟାନ-୨ ଲଞ୍ଚ୍ କରିବା ପରେ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରତାଳି ଦେଇ ଇସ୍ରୋ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରୟାନ-୨ ଭାରତର ଏକ ସ୍ୱତନ୍ତ୍ର ଅଭିଯାନ। କାରଣ ଚନ୍ଦ୍ରର ଦକ୍ଷିଣ ମେରୁରେ ଏହା ବୈଜ୍ଞାନିକ ☞ପୃଷ୍ଠା-୪

## ଅନୁଗୋଳ ପରେ ଭବାନୀପାଟଣାରେ ଲଜ୍ଜା

# ରାଜ୍ୟରେ ମହିଳା, ନାବାଳିକା ଅସୁରକ୍ଷିତ

- ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ
- ଶୂନ୍ୟକାଳରେ ସରକାରଙ୍କୁ ପ୍ରଦୀପ୍ତ, ନରସିଂହଙ୍କ ସମାଲୋଚନା
- ଗୃହ ବାରମ୍ବାର ମୁଲତବୀ, ସର୍ବଦଳୀୟ ବୈଠକ ବିଫଳ
- କଂଗ୍ରେସର କକ୍ଷତ୍ୟାଗ, ଗାନ୍ଧୀମୂର୍ତ୍ତି ତଳେ ଧାରଣା
- ପୋଡିୟମ ତଳେ ବସିଲା ଭାଜପା



**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ଦିନକୁ ଦିନ ନାବାଳିକା ଏବଂ ମହିଳାଙ୍କ ଉପରେ ହିଂସା ବଢ଼ିବାରେ ଲାଗିଛି। ଗତ ଶନିବାର ଅନୁଗୋଳର ୮ ବର୍ଷୀୟା ନାବାଳିକାଙ୍କୁ ଦୁର୍ବୃତ୍ତ ଉଠାଇ ନେଇ ବଳାତ୍କାର କରିଥିଲେ। ଏପରି କି ମୃତ ଭାବି ପୀଡ଼ିତାଙ୍କୁ ଦୁର୍ବୃତ୍ତମାନେ ଅଳିଆଗଦାରେ ଫିଙ୍ଗିଦେଲେ। କେବଳ ଅନୁଗୋଳ ନୁହେଁ, ଭବାନୀପାଟଣାରେ ମଧ୍ୟ ରହୁଥିବା ଜଣେ ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଗୃହ ମୁଖ୍ୟ ଯୌନ ନିର୍ଯାତନା ଦେଉଥିଲେ। ରାଜ୍ୟରେ ମା, ଭଉଣୀଙ୍କ ରକ୍ଷକ ସାଜିଥିବା ବ୍ୟକ୍ତିବିଶେଷ ଏବେ ଭକ୍ଷକ ସାଜିଛନ୍ତି। ସରକାରଙ୍କ ଉଦାସୀନତା ହିଁ ସେମାନଙ୍କୁ ପ୍ରୋତ୍ସାହନ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏହି ଦୁଇ ଘଟଣାକୁ ବାଦ୍ ଦେଲେ ସରକାର ବାଳିକା ନିଖୋଜ ନେଇ ରଖିଥିବା ତଥ୍ୟ ମଧ୍ୟ ଉଦ୍‌ବେଗଜନକ। ଚଳିତ ବର୍ଷ ମାତ୍ର ୩ ମାସରେ ୫୦୨ ଝିଅ ନିଖୋଜ ହୋଇଛନ୍ତି। କିଛିଦିନ ପୂର୍ବେ ନିର୍ବାଚନ ସମୟରେ କେନ୍ଦ୍ରାପଡ଼ା ଜିଲାରେ ଗୁଳିକାଣ୍ଡ ଘଟିଥିଲା। ଏହା ପୂର୍ବରୁ ପୁରୀ ଜିଲା ପଛନାୟିକିଆରେ ହୋଇଥିଲା ଟ୍ରିପଲ ମର୍ଡର। ଏହିଭଳି କେତେକ ସ୍ପର୍ଶକାତର ପ୍ରସଙ୍ଗ ନେଇ ଶୂନ୍ୟକାଳ ଏବଂ ଦ୍ୱିତୀୟାର୍ଦ୍ଧରେ ଗୃହରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ଏପରି କି ଶୂନ୍ୟକାଳରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଉଭୟ ଭାଜପା ଏବଂ କଂଗ୍ରେସ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବି କରିଥିଲେ।

ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି ଯେ, ବିଧାୟକ ସୁରେଶ ରାଉତରାୟଙ୍କ ଏକ ପ୍ରଶ୍ନର ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି ଯେ, ରାଜ୍ୟରେ ବହୁସଂଖ୍ୟକ ଝିଅ ନିଖୋଜ ହୋଇଛନ୍ତି। ଏମାନଙ୍କୁ ସରକାର ଠିକ୍‌ଭାବେ ଠାବ କରିପାରୁନାହିଁ। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୧୬ରେ ୧୨୯୧ ଝିଅ ହଜିଥିବାବେଳେ ମାତ୍ର ୭୦୦ ଜଣଙ୍କୁ ଠାବ କରାଯାଇଥିଲା। ୨୦୧୭ରେ ୧୩୬୦ ଝିଅ ହଜିଥିବାବେଳେ ୭୩୭ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଚଳିତ ବର୍ଷ କେବଳ ୩ ମାସରେ ୫୦୨ ଝିଅ ନିଖୋଜ ହୋଇଛନ୍ତି। ସେଥିରୁ ମାତ୍ର ୭୯ଜଣଙ୍କୁ ଠାବ କରାଯାଇପାରିଛି। ସରକାରଙ୍କ ହାତରେ ପୋଲିସ ପ୍ରଶାସନ ରହିଛି, ଗୋଇନ୍ଦା ସଂସ୍ଥା ଇତ୍ୟାଦି ଦିନରାତି କାମ କରୁଛନ୍ତି। ତଥାପି ଦିନକୁ ଦିନ ଛୋଟ ଛୋଟ ଝିଅ ନିଖୋଜ ହୋଇଯାଉଛନ୍ତି। ଲଗାତର ୫ମ ଥର ଜିତିଥିବା ମୁଖ୍ୟମନ୍ତ୍ରୀ କ'ଣ କରୁଛନ୍ତି ବୋଲି ବିରୋଧୀ ଦଳ ନେତା ପ୍ରଶ୍ନ କରିଛନ୍ତି। ସେହିପରି କୌଣସି ଗରିବ ଲୋକ ଥାନାରେ ମାମଲା କଲେ ତାହାକୁ ସମ୍ବେଦନଶୀଳଭାବେ ନିଆଯାଉନାହିଁ। ଓଲଟା ମାମଲା ରୁଜୁ କରିଥିବା ପରିବାରଙ୍କୁ ଖୋଜିବାକୁ କୁହାଯାଉଛି। ନେତା, ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କଥା ଗଲେ ତଦନ୍ତ ଆରମ୍ଭ ହେଉଛି। କେତେଦିନ ରାଜ୍ୟରେ ଏପରି ଚାଲିବ। ୧୦ରୁ ୧୨ ବର୍ଷିଆ ବାଳିକାଙ୍କୁ ନେଇ ଇଞ୍ଜେକ୍‌ଶନ ଦିଆଯାଇ ସେମାନଙ୍କୁ ଯୌନ ବ୍ୟବସାୟ ପାଇଁ ପ୍ରସ୍ତୁତ କରାଯାଉଛି। ଏ ଧାରା ଦିନକୁ ଦିନ ବଢିବାରେ ଲାଗୁଛି। ରାଜ୍ୟରେ ଝିଅବୋହୂଙ୍କ ଇଜ୍ଜତ ରହୁ ନ ଥିବା ପ୍ରଦୀପ୍ତ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଶୂନ୍ୟକାଳରେ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ନରସିଂହ କହିଥିଲେ ଯେ, ବିଧାନସଭାରେ କ'ଣ ପାଇଁ ଆଲୋଚନା କରାଯାଉଛି, ତାହା ବେଳେବେଳେ ଭାବିବାକୁ ପଡୁଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିଭିନ୍ନ ସମୟରେ ଆଲୋଚନା ଏବଂ ଗଠନଧର୍ମୀ ପ୍ରସ୍ତାବ ଦିଆଯାଉଛି, ହେଲେ ତାହାର କାର୍ଯ୍ୟକାରିତା ଦେଖିବାକୁ ମିଳୁନାହିଁ। ସେପଟେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖି ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଥିବା କହି ଚୁପ୍ ହୋଇ ବସିପଡୁଛନ୍ତି। ବଳାତ୍କାର ମାମଲାରେ ୟୁପି ଦେଶରେ ପ୍ରଥମ ସ୍ଥାନରେ ରହିଛି। ହେଲେ ଯଦି ଜନସଂଖ୍ୟାର ଆକାରକୁ ଦେଖି ବଳାତ୍କାର ସଂଖ୍ୟାକୁ ହିସାବକୁ ନିଆଯାଏ ତେବେ ପ୍ରତିଶତରେ ଓଡ଼ିଶା ସର୍ବାଗ୍ରେ ରହିବ। ରାଜ୍ୟରେ ବ୍ୟାପକ ସଂଖ୍ୟାରେ ଝିଅ ହଜୁଥିବା ନେଇ ସରକାର ଗୃହରେ ଉତ୍ତର ରଖିଛନ୍ତି। ହେଲେ ସେମାନଙ୍କୁ ଖୋଜି ପୋଲିସ ବାହାର କରିପାରୁନାହିଁ। ଭବାନୀପାଟଣାରେ ରହୁଥିବା ବଲାଙ୍ଗୀରର ଝିଅଟି ନିର୍ଯାତନାରେ ଶିକାର ହୋଇଛି। ସେହିପରି ଅନୁଗୋଳ ଘଟଣାରେ ଗିରଫ କଥା କୁହାଯାଉଛି। ହେଲେ କୌଣସି ଘଟଣା ଘଟିବା ପରେ ଗିରଫ କ'ଣ ଏହାର ସମାଧାନ। ରାଜ୍ୟରେ ଏମିତି ଅପରାଧ ବଢ଼ି ଚାଲିଥିବ ଏବଂ ସରକାର ଖାଲି ଗିରଫ କରି ଚାଲିଥିବେ। ଗୋଟିଏ ଘଟଣା ପାଇଁ ଜେ.ବି. ପଟ୍ଟନାୟକଙ୍କ ସରକାର ଚାଲିଯାଇଥିଲା। ହେଲେ ସେ ସରକାର ସମ୍ବେଦନଶୀଳ ଥିଲେ ଓ ଜନମତକୁ ସମ୍ମାନ ଦେଇ ଗୃହରେ ଉତ୍ତର ରଖୁଥିଲେ। ବର୍ତ୍ତମାନ ଦୈନିକ ୭ ଜଣ ମହିଳା ବଳାତ୍କାରର ଶିକାର ହେଉଥିବା ବେଳ ସରକାର ଆଇନ ତା' ବାଟରେ ଯିବ ବୋଲି କହି ଖସିଯାଉଥିବା ନରସିଂହ କହିଥିଲେ। ସେହିପରି ପୋଲିସ ଡ୍ୟୁଟି ପୋଷାକ ନ ପିନ୍ଧି ପୀଡ଼ିତାଙ୍କ ପାଖକୁ ଯିବାର ନିୟମ ରହିଛି, ହେଲେ ☞ପୃଷ୍ଠା-୪


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

## ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

ଧରିତ୍ରୀ ଏବଂ ପ୍ରଗତିବାଦୀ ଖବରକାଗଜରେ ତା୧୦.୦୭.୨୦୧୯ ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା ୨୫.୦୭.୨୦୧୯, ୨୬.୦୭.୨୦୧୯ ଏବଂ ୨୯.୦୭.୨୦୧୯ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଶୁଣାଣୀ ହେବାକୁ ଧାର୍ଯ୍ୟ ହୋଇଥିଲା। ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ଅନୁଯାୟୀ ଅନୁଷ୍ଠିତ ହୋଇପାରୁନାହିଁ। ପରିବର୍ତ୍ତିତ ଶୁଣାଣୀ ତାରିଖ ଖବରକାଗଜ ଏବଂ Website ମାଧ୍ୟମରେ ଦରଖାସ୍ତକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ




କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ଉଦ୍‌ଯାପିତ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମହିଳା ଓ ପୁରୁଷ ବିଭାଗ ଚାମ୍ପିୟନ ଭାରତର ଆହିକା ମୁଖାର୍ଜୀ ଓ ହରମୀତ ଦେଶାଇ ଟ୍ରଫି ସହ। ପ୍ରତିଯୋଗିତାରେ ଭାରତ ୭ଟି ଯାକ ସ୍ୱର୍ଣ୍ଣପଦକ ଜିତି କ୍ଲିନ୍ ସୁଇପ୍ କରିଛି।

(ରିପୋର୍ଟ ଖେଳ ପୃଷ୍ଠାରେ)






**ଆଜିର ସମ୍ପାଦକୀୟ**

## ଆଜି ଅସଲି, କାଲି ନକଲି

**ଆଜିର ମନ୍ତବ୍ୟ**

"କଂଗ୍ରେସରେ ନେତୃତ୍ୱ ସଙ୍କଟ କିଛିନାହିଁ। ରାହୁଲ ଗାନ୍ଧୀ ଦଳର କ୍ୟାପ୍‌ଟେନ ଅଛନ୍ତି ଓ ଭବିଷ୍ୟତରେ ମଧ୍ୟ ରହିବେ।

-ଅଶୋକ ଗେହ୍ଲଟ
ରାଜସ୍ଥାନ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୨୧ ସୁଦ୍ଧା ଦେଶର ଇସ୍ପାତ ଉତ୍ପାଦନ ୧୨୮.୬ ନିୟୁତ ଟନ୍ ଏବଂ ୨୦୨୩ ସୁଦ୍ଧା ଇସ୍ପାତ ବ୍ୟବହାର ୧୪୦ ନିୟୁତ ଟନ୍ ଛୁଇଁବ।

-ଅର୍ଥନୈତିକ ସର୍ଭେ





NATIONAL EGG CO-ORDINATION COMMITTEE 22.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 57 | 102 | 112 |
| BDK | 56 | 101 | 111 |
| BLS | 56 | 101 | 111 |
| ANG | 56 | 101 | 111 |
| BHM | 55 | 100 | 110 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers

## ଓଡ଼ିଶା ସରକାର

No.150-A

## ଜଳସମ୍ପଦ ବିଭାଗ

### ପାଣି ପଞ୍ଚାୟତ ଓ ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ

ଚଳିତବର୍ଷ ମୌସୁମୀ ପ୍ରବାହରେ ଅନିୟମିତତା ଯୋଗୁଁ ରାଜ୍ୟରେ ଏପର୍ଯ୍ୟନ୍ତ ବର୍ଷାର ପରିମାଣ ସ୍ୱାଭାବିକ ଠାରୁ ବହୁତ କମ୍ ହୋଇଅଛି। ଏଥିଯୋଗୁଁ ରାଜ୍ୟରେ ଥିବା ନଦୀ, ନାଳ, ବିଭିନ୍ନ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଜଳସେଚନ ଯୋଗାଇ ଦେବାପାଇଁ ଆବଶ୍ୟକତାରୁ କମ୍ ପରିମାଣର ଜଳ ଉପଲବ୍ଧ ଅଛି। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ତରଫରୁ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଉପଲବ୍ଧ ଥିବା ଜଳର Rotational Irrigation ଦ୍ୱାରା ଚାଷଜମିରେ ସୁଷମ ବଣ୍ଟନପାଇଁ ବ୍ୟବସ୍ଥା କରାଯାଉଛି।

ଏତଦ୍ୱାରା ପାଣି ପଞ୍ଚାୟତର ସମସ୍ତ ସଦସ୍ୟ ତଥା ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ କରାଯାଉଅଛି ଯେ ଜଳ ସଞ୍ଚୟ କରିବାରେ ସାହାଯ୍ୟ କରନ୍ତୁ। ସେମାନେ ଏଥିରେ ସହଯୋଗ କରି ଚାଷ କରାଯାଇଥିବା ଜମିରେ ଫସଲର ସୁରକ୍ଷା କରିବାରେ ସହାୟକ ହୁଅନ୍ତୁ।

ଇଂ. ଅକ୍ଷୟ କୁମାର ବାନାର୍ଜୀ
ସର୍ବୋଚ୍ଚ ଯନ୍ତ୍ରୀ,ଜଳସମ୍ପଦ

32031/11/0004/1920





ଗାନ୍ଧୀ ପରିବାରରୁ କେହି ନେତୃତ୍ୱ ନ ନେଲେ କଂଗ୍ରେସ ୨୪ ଘଣ୍ଟା ମଧ୍ୟରେ ଭାଗ ଭାଗ ହୋଇଯିବ।
- ନଟବର ସିଂ
ବରିଷ୍ଠ କଂଗ୍ରେସ ନେତା

## ସଂକ୍ଷେପରେ

### ୟୁପି: ବଜ୍ରପାତରେ ୩୩ ମୃତ

**ଲକ୍ଷ୍ନୌ,୨୨।୭(ପି.ଟି.)-** ଉତ୍ତରପ୍ରଦେଶ (ୟୁପି)ରେ ବଜ୍ରପାତ ଭୟଙ୍କର ପରିସ୍ଥିତି ସୃଷ୍ଟିକରିଛି। ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ଯୋଗୁ ୩୩ ଲୋକଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶ ହରିମ୍ପୁରରେ ବଜ୍ରପାତରେ ୩ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିବାବେଳେ ଜଲୌନ୍ ଜିଲାରେ ୪, ଝାନ୍ସୀରେ ୫, ଘାଜିପୁରରେ ୩, ଯୌନ୍ପୁର, ପ୍ରତାପଗଞ୍ଜ, କାନ୍ପୁର ଡେହାଟ୍ ଓ ଚିତ୍ରକୁଟରେ ଜଣେ ଲେଖାଏ, କାନପୁର ଓ ଫତେପୁର ୭ ଜଣ ଲେଖାଏ ବ୍ୟକ୍ତି ପ୍ରାଣ ହରାଇଥିବା ସୋମବାର ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଏଥିସହ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖପ୍ରକାଶ କରିଥିବାବେଳେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ଲାଗି ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବଜ୍ରପାତରେ ଆହତ ହୋଇଥିବା ୪ ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଆର୍‌ଟିଆଇ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୨୨।୭-** ବିରୋଧୀ ଦଳଗୁଡ଼ିକର ତୀବ୍ର ପ୍ରତିବାଦ ସତ୍ତ୍ୱେ ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ସଂଶୋଧନ ବିଲ୍ ସୋମବାର ଲୋକ ସଭାରେ ଗୃହୀତ ହୋଇଛି। ୧୭୮ ଜଣ ବିଲ୍ ସପକ୍ଷରେ ଭୋଟ ଦେଇଥିବାବେଳେ ୭୯ ଜଣ ବିରୋଧରେ ଭୋଟ ଦେଇଥିଲେ। ଉକ୍ତ ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ମୁଖ୍ୟ ସୂଚନା କମିଶନର (ସିଆଇସି) ଏବଂ ସୂଚନା କମିଶନରମାନଙ୍କ କାର୍ଯ୍ୟକାଳ ଓ ବେତନ ଧାର୍ଯ୍ୟ କରିବା କ୍ଷମତା କେନ୍ଦ୍ର ସରକାରଙ୍କୁ ମିଳିବ। ଏଥିସହିତ ସୂଚନା କମିଶନ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଅନ୍ୟାନ୍ୟ ନିଯୁକ୍ତି ସର୍ତ୍ତାବଳୀ ସରକାର ସ୍ଥିର କରିବେ। ସୂଚନା ଅଧିକାର ଆଇନକୁ ଦୁର୍ବଳ କରିଦେବା ପାଇଁ ସରକାର ଏହି ବିଲ୍ ଆଣିଥିବା ବିରୋଧୀ ଅଭିଯୋଗ କରିବା ସହ ଜାତୀୟ ମାନବାଧିକାର କମିଶନ ଭଳି ସିଆଇସିକୁ କ୍ଷମତା ବିହୀନ କରିବାକୁ ଯୋଜନା ହୋଇଥିବା କହିଛନ୍ତି। ଏହା ସଂଶୋଧନ ବିଲ୍ ନୁହେଁ ଉଚ୍ଛେଦ ବିଲ୍ ବୋଲି କଂଗ୍ରେସ ନେତା ଶଶି ଥରୁର କହିଥିଲେ।

### ଦୁର୍ନୀତିଗ୍ରସ୍ତଙ୍କୁ ଗୁଳି ମନ୍ତବ୍ୟ
### କ୍ରୋଧରେ କହିଥିଲି: ସତ୍ୟପାଲ୍



**ଶ୍ରୀନଗର,୨୨।୭(ପି.ଟି.)-** ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ନ ମାରି ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଗୁଳି କରିବା ଉଚିତ ବୋଲି ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ସୋମବାର ଏଥିପାଇଁ ଦୁଃଖପ୍ରକାଶ କରିଛନ୍ତି। କ୍ରୋଧ ଓ ନୈରାଶ୍ୟର ବଶବର୍ତ୍ତୀ ହୋଇ ସେ ଏଭଳି କହିଦେଇଥିଲେ ବୋଲି ସେ ସଫେଇ ଦେଇଛନ୍ତି। ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଥିବାରୁ ଏଥିରେ ସେ ଅତିଷ୍ଠ ହୋଇପଡିଲେଣି। ତେବେ ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବେ ତାଙ୍କର ଏଭଳି କହିବାର ନ ଥିଲା ବୋଲି ସତ୍ୟପାଲ କହିଛନ୍ତି। ରବିବାର କାର୍ଗିଲ ଅଞ୍ଚଳରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାବେଳେ ସତ୍ୟପାଲ୍ କହିଥିଲେ, ଯେଉଁ ବନ୍ଧୁକଧାରୀ ଯୁବକମାନେ ନିଜ ଲୋକଙ୍କୁ ହତ୍ୟା କରୁଛନ୍ତି। ନିରୀହମାନଙ୍କୁ ନ ମାରି ଯେଉଁମାନେ କଶ୍ମୀରର ସମ୍ପତ୍ତି ଲୁଟୁଛନ୍ତି ସେମାନଙ୍କୁ ହତ୍ୟା କର ବୋଲି କହିଥିଲେ।

### ଇତିହାସର ଆଇନାରେ
### ଜୁଲାଇ ୨୩ର ପ୍ରମୁଖ ଘଟଣା

୧୯୪୨ ଜୁଲାଇ ୨୩ରେ ବୁଲ୍‌ଗେରିଆ କବି ତଥା କମ୍ୟୁନିଷ୍ଟ ନେତା ନିକୋଲା ଭାପଟସରୋଭ ଫାଏରିଂ ସ୍କ୍ୱାଡ ଦ୍ୱାରା ମୃତ୍ୟୁଦଣ୍ଡ ପାଇଥିଲେ। ବୁଲଗେରିଆର ଏହି ବିପ୍ଳବୀ କବି ପେସାରେ ଜଣେ ମେଶିନିଷ୍ଟ ଥିଲେ ଏବଂ ଅବସର ସମୟରେ ବିପ୍ଳବାତ୍ମକ ଲେଖା ଲେଖୁଥିଲେ।

୧୯୭୨ ଜୁଲାଇ ୨୩ରେ ଆମେରିକା ଏହାର ପ୍ରଥମ ଆର୍ଥ-ରିସୋର୍ସ ସାଟେଲାଇଟ୍ ଲ୍ୟାଣ୍ଡସାଟ୍-୧ ଲଞ୍ଚ୍ କରିଥିଲା। ଆମେରିକା ଲ୍ୟାଣ୍ଡସାଟ୍ ପ୍ରୋଗ୍ରାମ୍‌ର ଏହା ହେଉଛି ପ୍ରଥମ ସାଟେଲାଇଟ୍।

## ମହାକାଶ ଗବେଷଣାରେ ବଡ଼ ସଫଳତା
# ପୃଥିବୀ କକ୍ଷରେ ଚନ୍ଦ୍ରୟାନ-୨

**ନୂଆଦିଲ୍ଲୀ,୨୨।୭**

ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ସୋମବାର ଚନ୍ଦ୍ରୟାନ-୨କୁ ସଫଳତାର ସହ ଉତ୍କ୍ଷେପଣ କରି ଇତିହାସ ସୃଷ୍ଟି କରିଛି। ସେପ୍ଟେମ୍ବର ୬ରେ ଏହା ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ। ଚନ୍ଦ୍ରକୁ ଯାନ ପଠାଇବାରେ ଭାରତ ଚତୁର୍ଥ ରାଷ୍ଟ୍ର ହେବାକୁ ଯାଉଥିବା ବେଳେ ଏହାର ଅନ୍ଧକାର ପାର୍ଶ୍ୱରେ ଅବତରଣ କରାଇବାରେ ପ୍ରଥମ ରାଷ୍ଟ୍ର ହେବ। ଏହି ନୂଆ କୀର୍ତ୍ତିମାନ ପାଇଁ ଇସ୍ରୋକୁ ଅଭିନନ୍ଦନର ସୁଅ ଛୁଟିଛି।

ଲ୍ୟାଣ୍ଡର୍, ରୋଭର୍ ଓ ଅର୍ବିଟରକୁ ନେଇ ମହାକାଶ ଯାଇଛି ଜିଏସ୍‌ଏଲ୍‌ଭି ମାର୍କ-୩ ରକେଟ୍। ଚନ୍ଦ୍ରୟାନ ଲାଗି ବ୍ୟୟ ହୋଇଛି ୬୦୩ କୋଟି। ପୂରା ମିଶନରେ ବ୍ୟୟ ହୋଇଛି ୯୭୮ କୋଟି। ୪୮ଦିନ ଅଭିଯାନ ପରେ ଚନ୍ଦ୍ରୟାନ-୨ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳକୁ ଯିବ। ଏହି ଅଞ୍ଚଳକୁ ଅନ୍ୟ କୌଣସି ଦେଶର ଯାନ ଏବେ ସୁଦ୍ଧା ଯାଇନାହିଁ। ଜିଏସ୍‌ଏଲ୍‌ଭି ମାର୍କ-୩ ରକେଟ ନିର୍ମାଣ ଲାଗି ଖର୍ଚ୍ଚ ହୋଇଛି ୩୭୫ କୋଟି ଓ ଏହାର ଓଜନ ୬୪୦ ଟନ୍, ଲମ୍ବ ୪୩.୪ ମିଟର। ଇସ୍ରୋର ଅଧିକାରୀମାନେ ଏହାକୁ ବି କହୁଛନ୍ତି 'ଫ୍ୟାଟ୍‌ବୟ'। ବାହୁବଳୀ ରକେଟ ଚନ୍ଦ୍ରୟାନ-୨କୁ ନେଇ ପୃଥିବୀ କକ୍ଷପଥରେ ଛାଡିଛି। ଚନ୍ଦ୍ରପୃଷ୍ଠରେ ସୁରକ୍ଷିତ ଭାବେ ଅବତରଣ କରି ଲ୍ୟାଣ୍ଡର୍ ଅର୍ବିଟର୍ ଓ ରୋଭର୍ ସହ ଯୋଗାଯୋଗ ରକ୍ଷା କରି ବେଙ୍ଗାଲୁରୁ ନିକଟସ୍ଥ ବ୍ୟାଲାଲୁରେ ଥିବା ଇଣ୍ଡିଆନ୍ ଡିପ୍ ସ୍ପେଶ୍ ନେଟ୍‌ୱର୍କ (ଆଇଡିଏସ୍‌ଏନ୍) ସହ ଯୋଗାଯୋଗ ରକ୍ଷାକରିବ। ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠର ୧୦୦ କିଲୋମିଟର ଉଚ୍ଚରୁ ସଫ୍ଟ ଲ୍ୟାଣ୍ଡ କରିବ।

ଚନ୍ଦ୍ରୟାନ-୨ର ଛଅଚକିଆ ରୋବୋଟିକ ଭେହିକିଲ୍ ରୋଭର ପ୍ରଜ୍ଞା ୫୦୦ ମିଟର ଗତିକରି ଦୁଇଟି ବିଷୟରେ ଅନୁଧ୍ୟାନ କରିବ। ଏହା କେବଳ ଲ୍ୟାଣ୍ଡର ସହ ଯୋଗାଯୋଗ କରିପାରିବ। ପ୍ରଜ୍ଞା ସୌରଶକ୍ତି ସଂଗ୍ରହ କରି ଗତି କରିବ।



ଅର୍ବିଟର୍‌ର ମିଶନ୍ ଲାଇଫ୍ ଏକ ବର୍ଷ। ଏହା ଚନ୍ଦ୍ରପୃଷ୍ଠର ୮ଟି ବିଷୟରେ ପରୀକ୍ଷା ନିରୀକ୍ଷା କରିବ। ଚନ୍ଦ୍ରପୃଷ୍ଠର ୧୦୦ କିଲୋମିଟର ଉଚ୍ଚରୁ ଲ୍ୟାଣ୍ଡର ଅର୍ବିଟରରୁ ବାହାରିବା କ୍ଷଣି ଫଟୋନେବା ଆରମ୍ଭ କରିଦେବ। ୩୦ କିଲୋମିଟର ଉଚ୍ଚରେ ପହଞ୍ଚିବା କ୍ଷଣି ତାହା କେଉଁଠାରେ ଅବତରଣ କରିବ ତାହା ନିଜେ ସ୍ଥିର କରିବ। ଲ୍ୟାଣ୍ଡିଂର ୧୨ ଘଣ୍ଟା ପରେ ଲ୍ୟାଣ୍ଡରରୁ ପ୍ରଜ୍ଞା ରୋଭର ବାହାରି ଚନ୍ଦ୍ରପୃଷ୍ଠରେ ଅନୁଧ୍ୟାନ କରିବା ଆରମ୍ଭ କରିଦେବ। ଏହି ତଥ୍ୟ ରୋଭର ପ୍ରଜ୍ଞା ଲ୍ୟାଣ୍ଡର ବିକ୍ରମକୁ ପଠାଇବ ଓ ଲ୍ୟାଣ୍ଡର ତାହାକୁ ଅର୍ବିଟରକୁ ପଠାଇବା ପରେ ଅର୍ବିଟର ତାହାକୁ ପୃଥିବୀକୁ ପଠାଇବ।

### ଚନ୍ଦ୍ରୟାନ-୨ର ବିଶେଷତ୍ୱ

- ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ଅବତରଣ କରିବାର ଏହା ପ୍ରଥମ ମିଶନ୍।
- ନିଜସ୍ୱ ଜ୍ଞାନକୌଶଳରେ ଚନ୍ଦ୍ରୟାନ-୨କୁ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ଭାରତର ଏହା ପ୍ରଥମ ପ୍ରୟାସ ।
- ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡ୍ କରିବାରେ ଆମେରିକା, ରୁଷିଆ ଓ ଚାଇନା ପରେ ଭାରତ ବିଶ୍ୱର ଚତୁର୍ଥ ଦେଶ।



**ଅର୍ବିଟର:** ଏହାର ଓଜନ ୨,୩୭୯ କିଲୋଗ୍ରାମ। ଏଥିରେ ୮ଟି ପେଲୋଡ୍ ରହିଛି। ଏହା ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଡିପ୍ ସ୍ପେସ ନେଟ୍‌ୱାର୍କ (ଆଇଡିଏସଏନ)କୁ ତଥ୍ୟ ପଠାଇବ। ଏହାର ଲ୍ୟାଣ୍ଡର ସହ ବି ସମ୍ପର୍କ ରହିବ। ଟେରାଇନ ମ୍ୟାପିଂ କ୍ୟାମେରା ପୂରା ଚନ୍ଦ୍ରର ଏଲିଭେସନ ମଡେଲ ପ୍ରସ୍ତୁତ କରିବ। ଲାର୍ଜ ଏରିଆ ସଫ୍ଟ ଏକ୍ସ-ରେ ସ୍ପେକ୍ଟ୍ରୋମିଟର ଚନ୍ଦ୍ରପୃଷ୍ଠର ବିଭିନ୍ନ ଉପାଦାନ ଉପରେ ପରୀକ୍ଷା କରିବ । ସୋଲାର ଏକ୍ସରେ ମନିଟର-ସୋଲାର ଏକ୍ସରେ ସ୍ପେକ୍ଟ୍ରମର ଇନପୁଟ ଉପଲବ୍ଧ କରାଇବ।

**ଲ୍ୟାଣ୍ଡର ବିକ୍ରମ:** ଏହାର ଓଜନ ୧,୪୭୧ କିଲୋଗ୍ରାମ। ପ୍ରତି ସେକେଣ୍ଡରେ ଦୁଇ ମିଟର ଗତି କରିବ। ବେଙ୍ଗାଲୁରୁର ଆଇଡିଏସଏନ ସହ ଅର୍ବିଟର ଓ ରୋଭରର ସମ୍ପର୍କ କରାଇବ। ସରଫେସ ଥର୍ମୋ ଫିଜିକାଲ ଏକ୍ସପେରିମେଣ୍ଟ-ଚନ୍ଦ୍ରର ଥର୍ମାଲ କଣ୍ଡକ୍ଟିଭିଟି ଉପରେ ତଥ୍ୟ ସଂଗ୍ରହ କରିବ। ଲେଙ୍ଗମ୍ୟୁର ପ୍ରୋବ ଚନ୍ଦ୍ରପୃଷ୍ଠ ସମ୍ପର୍କରେ ଅଧ୍ୟୟନ କରିବ।

**ରୋଭର ପ୍ରଜ୍ଞା:** ଏହା ସୌର ଶକ୍ତି ସାହାଯ୍ୟରେ ଏହା ପ୍ରତି ସେକେଣ୍ଡରେ ଏକ ସେଣ୍ଟିମିଟର ଗତି କରିବ।

### ୨୦୦୩ରୁ ଆରମ୍ଭ ହୋଇଥିଲା ମିଶନ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୨୦୦୦ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ବାର୍ତ୍ତାରେ ଚନ୍ଦ୍ରୟାନ ମିଶନ ସମ୍ପର୍କରେ ଘୋଷଣା କରିଥିଲେ। ଭାରତର ଏହି ମୁନ୍ ମିଶନ୍ ୨୦୦୩ରୁ ଆରମ୍ଭ ହୋଇଥିଲା।

**୨୦୦୩ ଏପ୍ରିଲ:** ଗ୍ରହଜଗତ ଓ ମହାକାଶ ବିଜ୍ଞାନ, ଭୂବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ, ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ, ଇଞ୍ଜିନିୟରିଂ ଓ ଯୋଗାଯୋଗ ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଭାରତର ୧୦୦ରୁ ଊର୍ଦ୍ଧ୍ୱ ଖ୍ୟାତନାମା ବୈଜ୍ଞାନିକଙ୍କୁ ନେଇ ଚନ୍ଦ୍ର ଅଭିଯାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଚନ୍ଦ୍ର ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଟାସ୍କଫୋର୍ସ ସୁପାରିସ୍ ଉକ୍ତ ବୈଠକରେ ଅନୁମୋଦନ ଲାଭ କରିଥିଲା।

**୨୦୦୩ ନଭେମ୍ବର:** ମୁନ୍ ମିଶନକୁ ସରକାର ଅନୁମୋଦନ କରିଥିଲେ।

**୨୦୦୮ ଅକ୍ଟୋବର ୨୨:** ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୧ ସଫଳତାର ସହ ଉତ୍କ୍ଷେପଣ କରାଯାଇଥିଲା।

**୨୦୦୮ ନଭେମ୍ବର ୨୬:** ଚନ୍ଦ୍ରୟାନ-୧ରେ ଥିବା ସ୍ୱଦେଶୀ ଜ୍ଞାନକୌଶଳଯୁକ୍ତ ଟେରେନ ମ୍ୟାପିଙ୍ଗ୍ କ୍ୟାମେରା ପ୍ରଥମେ କାର୍ଯ୍ୟକ୍ଷମ ହୋଇ ଚନ୍ଦ୍ରପୃଷ୍ଠର ଫଟୋ ଉତ୍ତୋଳନ ପୃଥିବୀକୁ ପଠାଇଥିଲା।

**୨୦୦୯ ଜାନୁୟାରୀ ୨୯:** ଚନ୍ଦ୍ରୟାନ-୧ ମହାକାଶରେ ପ୍ରଥମ ୧୦୦ ଦିନ ପୂରଣ କରିବା ପରେ ଭାରତ, ୟୁରୋପ ଓ ଆମେରିକାର ବୈଜ୍ଞାନିକମାନେ ଏହାର ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ।

**୨୦୦୯ ଅଗଷ୍ଟ ୨୮:** ଚନ୍ଦ୍ରାୟନ-୧ ଦୁଇବର୍ଷ ପାଇଁ କାର୍ଯ୍ୟକ୍ଷମ ରହିବ ବୋଲି ଆଶା କରାଯାଉଥିବାବେଳେ ଏହିଦିନ ହଠାତ ତାହା ସହ ଯୋଗାଯୋଗ ବନ୍ଦ ହୋଇଯାଇଥିଲା। ଏହି ଯାନ ଚନ୍ଦ୍ରର କକ୍ଷପଥରେ ୩୧୨ ଦିନ କାର୍ଯ୍ୟକ୍ଷମ ରହିଥିଲା। ତେବେ ଏହା ପ୍ରାଥମିକ ଲକ୍ଷ୍ୟ ୯୫ ପ୍ରତିଶତ ସମ୍ପୂର୍ଣ୍ଣ କରିଥିବାରୁ ମିଶନ ସଫଳ ହୋଇଥିବା ବୈଜ୍ଞାନିକମାନେ କହିଥିଲେ।

**୨୦୦୭ ନଭେମ୍ବର ୧୨:** ଚନ୍ଦ୍ରୟାନ-୨ ପ୍ରକଳ୍ପ ଲାଗି ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ରୁଷିଆ ଫେଡେରାଲ ସ୍ପେସ୍ ଏଜେନ୍ସି (ରସ୍‌କସ୍‌ମସ୍) ଓ ଇସ୍ରୋ ମଧ୍ୟରେ ରାଜିନାମା ସ୍ୱାକ୍ଷର ହୋଇଥିଲା।

**୨୦୦୮ ସେପ୍ଟେମ୍ବର ୧୮:** ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଉକ୍ତ ମିଶନକୁ ଅନୁମୋଦନ କରାଯାଇଥିଲା।

**୨୦୦୯ ଅଗଷ୍ଟ:** ଇସ୍ରୋ ଏବଂ ରସ୍‌କସ୍‌ମସ୍ ଚନ୍ଦ୍ରୟାନ-୨ର ଡିଜାଇନ୍ ସମ୍ପୂର୍ଣ୍ଣ କରିଥିଲେ। ତେବେ ଲ୍ୟାଣ୍ଡର ନିର୍ମାଣ କରିବାରେ ରୁଷିଆ ବିଳମ୍ବ କରିବାରୁ ଏହାର କାର୍ଯ୍ୟକ୍ରମକୁ ବାରମ୍ବାର ସ୍ଥଗିତ ରଖିବାକୁ ପଡିଥିଲା। ଶେଷରେ ରସ୍‌କସ୍‌ମସ୍ ଚୁକ୍ତିନାମାରୁ ଓହରିଯିବାରୁ ଭାରତ ଏକାକୀ ମୁନ୍ ମିଶନ୍‌କୁ ଆଗେଇନେବାକୁ ନିଷ୍ପତ୍ତି ନେଇଥିଲା।

**୨୦୧୯ ଜୁନ୍ ୨୮:** ଲଞ୍ଚ ଭେହିକିଲ୍ ଜିଏସ୍‌ଏଲ୍‌ଭି ଏମ୍‌କେ୩-ଏମ୍୧ ଏବଂ ଚନ୍ଦ୍ରୟାନ-୨ରେ ବ୍ୟାଟେରି ସଂଯୋଗ ହୋଇ ଉତ୍କ୍ଷେପଣ ପାଇଁ ପ୍ରସ୍ତୁତ ହୋଇଥିଲା।

**୨୦୧୯ ଜୁନ୍ ୨୯:** ରୋଭରର ସମସ୍ତ ପରୀକ୍ଷା ଶେଷ ହେବା ପରେ ଏହାକୁ ଲ୍ୟାଣ୍ଡର ବିକ୍ରମ ସହିତ ସଂଯୋଗ କରାଯାଇଥିଲା।

**୨୦୧୯ ଜୁନ୍ ୩୦:** ମହାକାଶ ଯାନର ବୈଦ୍ୟୁତିକ ଯାଞ୍ଚ ଏବଂ ପାଇରୋ ଆର୍ମିଂ କାର୍ଯ୍ୟ ଏବଂ ବ୍ୟାଟେରିଂ ଚାର୍ଜିଂ ଶେଷ ହୋଇଥିଲା।

**୨୦୧୯ ଜୁଲାଇ ୧:** ଜିଏସ୍‌ଏଲ୍‌ଭି ରକେଟରେ ସଂଯୋଗ ହେବା ଲାଗି ଚନ୍ଦ୍ରୟାନ-୨ ପ୍ରସ୍ତୁତ ହୋଇଥିଲା। ୬ ତାରିଖ ସୁଦ୍ଧା ସଂଯୋଗ ସମ୍ପୂର୍ଣ୍ଣ ହେବା ସହ ସମସ୍ତ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଥିଲା।

**୨୦୧୯ ଜୁଲାଇ ୭:** ଜିଏସ୍‌ଏଲ୍‌ଭି ଏମ୍‌କେ୩-ଏମ୍୧କୁ ଲଞ୍ଚ୍ ପ୍ୟାଡ୍‌କୁ ନିଆଯାଇଥିଲା।

**୨୦୧୯ ଜୁଲାଇ ୮:** ଉତ୍କ୍ଷେପଣ ପାଇଁ ପ୍ରଥମ ରିହରସାଲ ହୋଇଥିଲା। ସମସ୍ତ ଯାଞ୍ଚ ଓ ସମ୍ପୂର୍ଣ୍ଣ ରିହରସାଲ ପ୍ରକ୍ରିୟା ୧୨ ତାରିଖରେ ଶେଷ ହୋଇଥିଲା।

**୨୦୧୯ ଜୁଲାଇ ୧୯:** ଏହି ଦିନ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ ହେବାର ଥିଲା। ତେବେ ଏଥିରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଶେଷ ମୁହୂର୍ତ୍ତରେ ଇସ୍ରୋ କର୍ତ୍ତୃପକ୍ଷ ଉତ୍କ୍ଷେପଣକୁ ସ୍ଥଗିତ ରଖିଥିଲେ।

## ଚେକ୍ ବାଉନ୍ସ ମାମଲା
# ଅଭିନେତ୍ରୀଙ୍କୁ ୬ ମାସ ଜେଲଦଣ୍ଡ

**ମୁମ୍ବାଇ,୨୨।୭(ପି.ଟି.)**



ଏକ ଚେକ୍ ବାଉନ୍ସ ମାମଲାରେ ଅଭିନେତ୍ରୀ କୋଏନା ମିତ୍ରଙ୍କୁ ମୁମ୍ବାଇର ଏକ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ୬ ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅନ୍ଧେରୀ ମେଟ୍ରୋପଲିଟାନ୍ କୋର୍ଟ ମାଜିଷ୍ଟ୍ରେଟ୍ କେତକୀ ଚଭନ୍ ରାୟରେ ମଡେଲ୍ ତଥା ଅଭିଯୋଗକାରିଣୀ ପୁନମ୍ ସେଠୀଙ୍କୁ ୪.୬୪ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

୨୦୧୩ର ଏହି ମାମଲା ଅନୁଯାୟୀ ମିତ୍ର ୨୨ ଲକ୍ଷ ଟଙ୍କା ସେଠୀଙ୍କଠାରୁ କରଜରେ ଆଣିଥିବାବେଳେ ଠିକ୍ ସମୟରେ ପୈଠକରି ନ ଥିଲେ। ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସେ ୩ ଲକ୍ଷ ଟଙ୍କାର ଏକ ଚେକ୍ ସେଠୀଙ୍କୁ ଦେଇଥିଲେ। କିନ୍ତୁ ଏହାକୁ ବ୍ୟାଙ୍କ ଗ୍ରହଣ କରି ନ ଥିଲା। ୨୦୧୩ରେ ସେଠୀ ଏକ ଲିଗାଲ୍ ନୋଟିସ୍ ମିତ୍ରଙ୍କ ନିକଟକୁ ପଠାଇଥିଲେ। ମାମଲା କୋର୍ଟରେ ଗଡ଼ିବା ପରେ ଶେଷରେ ମିତ୍ରଙ୍କୁ ଜେଲ୍‌ଦଣ୍ଡାଦେଶ ମିଳିଛି। ପ୍ରକାଶଥାଉ କି, ମିତ୍ର 'ମୁସାଫିର୍', 'ଏକ୍ ଖିଲାଡ଼ି ଏକ୍ ହସିନା', ଆପ୍‌ନା ସପ୍‌ନା ମନି ମନି' ଆଦି ଫିଲ୍ମରେ ଅଭିନୟ କରିଛନ୍ତି।

### ଇରାନରେ ୧୭ ସିଆଇଏ ଗୁପ୍ତଚର ଗିରଫ

**ତେହେରାନ୍,୨୨।୭(ପି.ଟି.)-** ଆମେରିକା ଗୋଇନ୍ଦା ସଂସ୍ଥା ସିଆଇଏ (ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି)ର ୧୭ ଗୁପ୍ତଚରଙ୍କୁ ଇରାନ ଗିରଫ କରିଥିବା ସୋମବାର ଘୋଷଣା କରିଛି। ସେମାନଙ୍କ ମଧ୍ୟରୁ କେତେକଙ୍କୁ ଦୀର୍ଘକାଳୀନ ଜେଲଦଣ୍ଡାଦେଶ ଦିଆଯାଇଥିବାବେଳେ ଆଉ କେତେକଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିବା ଜଣାପଡ଼ିଛି। ଇରାନ ସୁରକ୍ଷା ସଂସ୍ଥା ସିଆଇଏ ଗୁପ୍ତଚର ନେଟ୍‌ୱାର୍କର ପର୍ଦ୍ଦାଫାଶ କରିବାରେ ସଫଳ ହୋଇଥିଲା। ଇରାନ-ଆମେରିକା ମଧ୍ୟରେ ଅଣୁଚୁକ୍ତିକୁ ନେଇ ବାଦବିବାଦ ଲାଗିବା ଓ ଇରାନ ଉପରେ ଆର୍ଥିକ କଟକଣା ଲଗାଯାଇଥିଲା। ଆମେରିକା ସିଆଇଏର ଭିଜା ଟ୍ରାପ୍‌ରେ ଫସିବା ପରେ ଇରାନର ଏହି ନାଗରିକମାନେ ଏଭଳି କାର୍ଯ୍ୟ ଜାରି ରଖିଥିଲେ ବୋଲି ଅଧିକାରୀମାନେ କହିଛନ୍ତି।

## ସମୟ ଗଡାଇବାକୁ ସରକାରଙ୍କ ଉଦ୍ୟମ
# ମୋତେ ବଳିବୋଦା କରନାହିଁ: ବାଚସ୍ପତି

**ବେଙ୍ଗାଲୁରୁ,୨୨।୭(ପି.ଟି.)**

### କର୍ଣ୍ଣାଟକ ଆସ୍ଥାଭୋଟ



କେ.ଆର୍. ରମେଶ କୁମାର

କର୍ଣ୍ଣାଟକ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆଣିଥିବା ଆସ୍ଥାଭୋଟ ଉପରେ କ୍ରମାଗତ ତୃତୀୟ ଦିନ ପାଇଁ ଆଲୋଚନା ଜାରି ରହିଥିବାବେଳେ ଭୋଟ ପ୍ରକ୍ରିୟାକୁ ବିଳମ୍ବିତ କରିବା ଲାଗି ବାଚସ୍ପତି କେ.ଆର୍. ରମେଶ କୁମାରଙ୍କ ଉପରେ ଚାପ ପକାଯାଇଥିଲା। ବିଦ୍ରୋହୀ ବିଧାୟକମାନେ ଦେଇଥିବା ଇସ୍ତଫା ଉପରେ ବାଚସ୍ପତି ଏ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି। ଇସ୍ତଫା ନିଷ୍ପତ୍ତି ନ ସରିବା ପର୍ଯ୍ୟନ୍ତ ଆସ୍ଥାଭୋଟ ନ ନେବା ଲାଗି ବାଚସ୍ପତିଙ୍କୁ କଂଗ୍ରେସ କହିଥିଲା। ତେବେ ବାଚସ୍ପତି ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ତାଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଦେଇ ସରକାର ସୋମବାର ସୁଦ୍ଧା ଆସ୍ଥାଭୋଟ ପ୍ରକ୍ରିୟା ଶେଷ କରିବାକୁ ବାରମ୍ବାର ସ୍ମରଣ କରାଇଦେଇଥିଲେ। 'ଆମକୁ ସମସ୍ତେ ଦେଖୁଛନ୍ତି। ଦୟାକରି ମୋତେ ବଳିବୋଦା କରନାହିଁ। ଆମକୁ ଲକ୍ଷ୍ୟରେ ପହଞ୍ଚିବାକୁ ହେବ' ବୋଲି ବାଚସ୍ପତି କହିଥିଲେ।

କଂଗ୍ରେସ-ଜେଡିଏସ୍ ମେଣ୍ଟରୁ ୧୬ ଜଣ ବିଧାୟକ ଇସ୍ତଫା ଦେବା ଏବଂ ଦୁଇ ଜଣ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିନେବା ପରେ ସରକାରରେ ସଙ୍କଟ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଗୁରୁବାର ଆସ୍ଥାଭୋଟ ଲୋଡ଼ିଥିଲେ ମଧ୍ୟ ଏହା ଉପରେ ଆଲୋଚନା ଶେଷ ହେଉନାହିଁ। ରାଜ୍ୟପାଳଙ୍କ ତାଗିଦ ସତ୍ତ୍ୱେ ଶୁକ୍ରବାର ଆସ୍ଥାଭୋଟ ନ କରି ବାଚସ୍ପତି ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ସୋମବାର ଆଲୋଚନା ଜାରି ରହିଥିବାବେଳେ ଭୋଟ ପ୍ରକ୍ରିୟାକୁ ଆଉ ଦୁଇ ଦିନ ଘୁଞ୍ଚାଇବା ପାଇଁ ମେଣ୍ଟ ସରକାର ଚାହୁଁଥିବା ଜଣାପଡିଛି।

## ମୋଦି ସରକାରଙ୍କ ଦ୍ୱିତୀୟ ପାଳି
# ୫୦ ଦିନର ରିପୋର୍ଟ କାର୍ଡ

**ନୂଆଦିଲ୍ଲୀ,୨୨।୭(ପି.ଟି.)**



ପ୍ରକାଶ ଜାଭ୍‌ଡ଼େକର

କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରର ଦ୍ୱିତୀୟ ପାଳିରେ ୫୦ ଦିନ ପୂରଣ ହୋଇଛି। ଏହି ସମୟ ମଧ୍ୟରେ ବିକାଶ ଧାରାକୁ ଆଗେଇ ନେବା ଲାଗି ଆଲୋଚନା ଜାରି ରହିଛି। ଗତ ଥର ଅପେକ୍ଷା ଏଥର ସଂସ୍କାର କାର୍ଯ୍ୟ ଅଧିକ ମାତ୍ରାରେ ଆଗେଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭ୍‌ଡ଼େକର ସରକାରର ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି। ଜନମଙ୍ଗଳ କାର୍ଯ୍ୟ, ଲୋକଙ୍କୁ ନ୍ୟାୟ ଓ ସଂସ୍କାର କାର୍ଯ୍ୟ ଲାଗି ସରକାର ପଦକ୍ଷେପ ଗ୍ରହଣ କରିଥିବା ସେ କହିଛନ୍ତି।

ଭାଜପା କ୍ଷମତାକୁ ଆସିବା ପରେ ମେ ୩୦ରେ ମୋଦି ଦ୍ୱିତୀୟ ଥର ଲାଗି ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥଗ୍ରହଣ କରିଥିଲେ। ଦେଶକୁ ୫ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରିବା ଲାଗି ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଥିଲେ। ଦ୍ରୁତ ଭିତ୍ତିଭୂମି ବିକାଶ, ସାମାଜିକ ନ୍ୟାୟ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଚନ୍ଦ୍ରୟାନ-୨ ସଫଳତା ପରେ ଗଗନୟାନ ୨୦୨୨ରେ ପ୍ରେରଣ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ଜାଭ୍‌ଡେକର ପ୍ରକାଶ କରିଛନ୍ତି। ଜଳଶକ୍ତି ମିଶନ ସହ ଅନେକ ଐତିହାସିକ ନିଷ୍ପତ୍ତି ସରକାର ନେଇଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ନୂଆ ପୁଞ୍ଜିନିବେଶ ସୁବିଧା ଯୋଗାଇ ଦିଆଯିବ। କୃଷକ, ଯବାନ, ଶ୍ରମିକ, ମଧ୍ୟମ ବର୍ଗ, ବ୍ୟବସାୟୀ ଓ ଯୁବବର୍ଗ ଦେଶ ବିକାଶରେ ଅଗ୍ରଣି ଭୂମିକା ତୁଲାଇବେ।

ଗତ ୫୦ ଦିନର ସରକାରରେ ପ୍ରତି କୃଷକଙ୍କୁ ୬ ହଜାର ଟଙ୍କା ସହାୟତା, କେତେକ ଫସଲର ଏମ୍‌ଏସ୍‌ପି ବୃଦ୍ଧି, ୧୦ ହଜାର କୃଷକ ସଙ୍ଗଠନ ଗଠନ କରାଯାଇଥିବା ଜାଭ୍‌ଡ଼େକର କହିଛନ୍ତି। ଏଥିସହ ପୁଞ୍ଜିନିବେଶ ବୃଦ୍ଧି ଲାଗି ପବ୍ଲିକ ସେକ୍ଟର ବ୍ୟାଙ୍କକୁ ୭୦ ହଜାର କୋଟି ଟଙ୍କା ପ୍ରଦାନ, ଜମ୍ମୁ-କଶ୍ମୀରରେ ଆତଙ୍କବାଦ କମିବା, ଆର୍ଥିକ ପଳାତକଙ୍କୁ କାଠଗଡ଼ାକୁ ଆଣିବା ଆଦି ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିସହ ଭାରତ ବିମ୍‌ଷ୍ଟେକ୍, ଜି-୨୦ ସମ୍ମିଳନୀରେ ଯୋଗଦେଇ ନିଜର ପକ୍ଷ ରଖିବା ସହ ବୈଦେଶିକ ନୀତିରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି। ଦୁର୍ନୀତି ବିରୋଧରେ ଲଢ଼େଇ କରିବା, ପୋକ୍ସୋ ଆଇନ କଡ଼ାକଡ଼ି କରିବା, ମେଡ଼ିକାଲ ଶିକ୍ଷାରେ ସଂସ୍କାର ଆଣିବା ଆଦି ମୋଦି ସରକାରର ୫୦ ଦିନର ରିପୋର୍ଟ କାର୍ଡ ବୋଲି ଜାଭ୍‌ଡ଼େକର କହିଛନ୍ତି।

### ଗୁପ୍ତଚର ଭୂମିକାରେ କଙ୍ଗନା

**ନୂଆଦିଲ୍ଲୀ:**



ଅଭିନେତ୍ରୀ କଙ୍ଗ୍‌ନା ରଣାଓ୍ୱତ୍ ଅପକମିଂ ଆକ୍ସନ ଥ୍ରିଲର 'ଧାକଡ଼'ରେ ଜଣେ ଗୁପ୍ତଚର ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ କଙ୍ଗ୍‌ନା କହନ୍ତି, 'ଏହା ଏକ ଆକ୍ସନ୍ ଫିଲ୍ମ। ଏଥିରେ ଜଣେ ମହିଳା ଅତି ଦୁଃସାହସିକତା ପରିଚୟ ଦେଇ ଏକ ବିଶେଷ ଶୈଳୀରେ ଅଭିନୟ କରିଛନ୍ତି, ଯାହା ହିନ୍ଦୀ ଫିଲ୍ମରେ ଆଦୌ ଦେଖିବାକୁ ମିଳିନାହିଁ। ଏହା ଅତ୍ୟନ୍ତ ରୋମାଞ୍ଚକର, ଅତି ଜଟିଳ ବିଷୟ ଆଧାରିତ ଏବଂ ଗୋଇନ୍ଦାଗିରି ସମ୍ବଳିତ କାହାଣୀକୁ ନେଇ ଗତିଶୀଳ।'

ଏଥିରେ କଙ୍ଗ୍‌ନା 'ଅଗ୍ନି' ନାମରେ ଅଭିନୟ କରିଛନ୍ତି। ଏହାର ନିର୍ଦ୍ଦେଶନା ଦେବେ ରଜନୀଶ 'ରାଜି' ଘାଇ। ସମ୍ପୂର୍ଣ୍ଣ ଫିଲ୍ମରେ ନୃତ୍ୟାଭିନୟର ନିର୍ଦ୍ଦେଶନା ଦେବାକୁ ନିର୍ମାତାମାନେ ହଲିଉଡ୍‌ରୁ ଜଣେ ନୃତ୍ୟ ନିର୍ଦ୍ଦେଶକ ଆଣିବା ଉଦ୍ୟମରେ ଅଛନ୍ତି। ଭାରତ, ଦକ୍ଷିଣ-ପୂର୍ବ ଏସିଆ, ମଧ୍ୟପ୍ରାଚ୍ୟ ଓ ୟୁରୋପରେ ଏହାର ଶୁଟିଂ ଚାଲିବ। ବର୍ତ୍ତମାନ କଙ୍ଗ୍‌ନା 'ଜଜ୍‌ମେଣ୍ଟାଲ ହୈ କ୍ୟା'ର ରିଲିଜ ଅପେକ୍ଷାରେ ଅଛନ୍ତି। ଏହା ଶୁକ୍ରବାର ରିଲିଜ ହେବାକୁ ଯାଉଛି।

### ଏମ୍‌ଟିଏନ୍‌ଏଲ୍ ବିଲ୍ଡିଂରେ ନିଆଁ

**ମୁମ୍ବାଇ,୨୨।୭(ଆଇଏଏନ୍‌ଏସ୍)**

ମୁମ୍ବାଇର ବାନ୍ଦ୍ରାଠାରେ ଥିବା ମହାନଗର ଟେଲିଫୋନ୍ ନଗର ଲିଃ (ଏମ୍‌ଟିଏନ୍‌ଏଲ୍) ବିଲ୍ଡିଂରେ ସୋମବାର ଅପରାହ୍ନରେ ନିଆଁ ଲାଗିଯାଇଛି। ଉକ୍ତ ବିଲ୍ଡିଂରେ ପାଖାପାଖି ୧୦୦ ଜଣ ଫସିଥିବାବେଳେ ସେମାନଙ୍କ ମଧ୍ୟରୁ ୬୦ ଜଣଙ୍କୁ ଉଦ୍ଧାର କରାଗଲାଣି। ଅପରାହ୍ନ ୩ଟା ୧୦ରେ ଏହି ୯ ମହଲା ବିଲ୍ଡିଂର ଚତୁର୍ଥ ମହଲାରେ ନିଆଁ ଲାଗିଯାଇଥିଲା। କ୍ରମେ ଏହା ଉପର ମହଲାଗୁଡ଼ିକୁ ବ୍ୟାପିବାରେ ଲାଗିଥିଲା। ଜନଗହଳିପୂର୍ଣ୍ଣ ଏସ୍.ଭି. ରୋଡ୍‌ରେ ଥିବା ଉକ୍ତ ସ୍ଥାନକୁ ୩୧ଟି ଦମକଳ ଗାଡ଼ି ପଠାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅନେକ ଛାତ ଉପରେ ରହିଯାଇଥିବା ଜଣାପଡିଛି। ନିଆଁ କିପରି ଲାଗିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ତାର ପୋଡିଯିବାର ଗନ୍ଧ ପ୍ରଥମେ ଆସିଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।



ଆଖି ଅନ୍ୟ ସବୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ୍ ବାଛି ବସେ, କିନ୍ତୁ ନିଜର ଭୁଲ୍‌କୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇବାବା

## ଆଜି କ'ଣ କେଉଁଠି

**ବେଲପଡା**
- ଗାଈ, ଛେଳି ଗୁହାଳ ଯୋଜନାରୁ ବଞ୍ଚିତ ଚାଷୀଙ୍କ ଧାରଣା, ଗମ୍ଭାରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ନୂଆପଡା**
- ଜିଲାସ୍ତରୀୟ ଅରବିନ୍ଦ ପାଠଚକ୍ର, କୋମନା ଅରବିନ୍ଦ ଶିକ୍ଷାକେନ୍ଦ୍ର, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ପଞ୍ଚକୁଣ୍ଡୀୟ ରୁଦ୍ରଚଣ୍ଡୀ ମହାଯଜ୍ଞ ଉଦ୍‌ଯାପନୀ ଉତ୍ସବ, ଗୋପାଳମାଳ, ଦାନୀପାଲି ବନ୍ଧ, ସକାଳ ୮ଟା।

**ଭବାନୀପାଟଣା**
- ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ଜିଲା ଖବରଦାତାଙ୍କ ସମୂହ ଗଣଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।




# ଖୁବ୍‌ଶୀଘ୍ର ସୁରଟକୁ ଉଡ଼ିବ ବିମାନ

## ସପ୍ତାହକୁ ୨ଥର ଚାଳିବ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର ଭୁବନେଶ୍ୱରରୁ ସୁରଟ୍‌କୁ ସିଧାସଳଖ ବିମାନ ଚଳାଚଳ କରିବ। ସପ୍ତାହରେ ୨ଥର ଏହି ବିମାନ ଚାଲିବ। ଏ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସୋମବାର ଟୁଇଟ୍ କରି ଜଣାଇଛନ୍ତି। ଅପରାଜିତା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଭେଟିବା ପରେ ଏହି ସୂଚନା ଦେଇଛନ୍ତି। ଅପରାଜିତା ଓ ସୁରଟ ଏମ୍‌ପି ଦର୍ଶନା ଜର୍‌ଦୋସ ମନ୍ତ୍ରୀ ପୁରୀଙ୍କୁ ଭେଟିଥିଲେ। ସୁରଟରୁ ସିଧାସଳଖ ଭୁବନେଶ୍ୱରକୁ ବିମାନ ଚଳାଚଳ ପାଇଁ ଉଭୟେ ମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଥିଲେ। ଏ ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଭଲ ଖବର ହେଉଛି ଅତିଶୀଘ୍ର ଉଭୟ ସ୍ଥାନକୁ ସପ୍ତାହରେ ୨ଥର ବିମାନ ଚଳାଚଳ କରିବ। ଅପରାଜିତା ଏହି ସୂଚନା ଦେବା ପରେ ଓଡ଼ିଶାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ସୂଚନାଯୋଗ୍ୟ, ୨୦୧୮ ଅଗଷ୍ଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସୁରଟକୁ ବିମାନ ଚଳାଚଳ ପାଇଁ ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖିଥିଲେ। ସୁରଟରେ ଅଧିକାଂଶ ଓଡ଼ିଆ ଲୋକ ନିଜ ପରିବାର ସହିତ ରହୁଛନ୍ତି। ସେମାନେ ସବୁବେଳେ ଟ୍ରେନ୍ ଉପରେ ଭରସା କରୁଛନ୍ତି। ତେଣୁ ବିମାନ ସେବା ଆରମ୍ଭ ହେଲେ ଲୋକେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ।



ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ସହ ଅପରାଜିତା ଷଡ଼ଙ୍ଗୀ ଏବଂ ସୁରଟ ଏମ୍‌ପି ଦର୍ଶନା ଜର୍‌ଦୋସ।

ଓଏଚ୍‌ଆରସି ଅଧ୍ୟକ୍ଷ ପଦବୀ ମାମଲା

## ହାଇକୋର୍ଟ ଦେଲେ ଡେଡ୍ ଲାଇନ

**କଟକ ଅଫିସ,୨୨।୭:** ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆରସି) ପଦବୀକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ହାଇକୋର୍ଟ ଡେଡ୍‌ଲାଇନ ଧାର୍ଯ୍ୟ କରିଛନ୍ତି। ଅଗଷ୍ଟ ୫ ସୁଦ୍ଧା ଉକ୍ତ ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାର ନେବାକୁ ରାୟରେ କୁହାଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଓଏଚ୍‌ଆରସିରେ ଦୀର୍ଘଦିନ ଧରି ସ୍ଥାୟୀ ଭାବେ ଅଧ୍ୟକ୍ଷ ପଦବୀରେ କାହାରିକୁ ନିଯୁକ୍ତି ମିଳିଲା ନାହିଁ। ହେଲେ ଜଷ୍ଟିସ ବୀର କିଶୋର ମିଶ୍ର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ କିଛିଦିନ କାର୍ଯ୍ୟ ତୁଲାଇଲେ। କିନ୍ତୁ ତାଙ୍କର ଅବସର ପରେ ସେହି ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଗଲାନାହିଁ। ଫଳରେ ଅନେକ ମାନବାଧିକାର ଉଲ୍ଲଂଘନ ସଂକ୍ରାନ୍ତ ମାମଲା ବଢ଼ିଚାଲିଲା। ତେଣୁ ଏହି ପଦବୀ ପୂରଣ ପାଇଁ ଆବେଦନକାରୀ ଦ୍ୱୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

■ ପୋଲିସ ଇନ୍‌ଫର୍ମର ସନ୍ଦେହ

# ଆଉ ଜଣଙ୍କୁ ହତ୍ୟା କଲେ ମାଓବାଦୀ

**ଲାଞ୍ଜିଗଡ,୨୨।୭(ଡି.ଏନ.ଏ.)**

ମାଓବାଦୀମାନେ ନୃଶଂସ ହୋଇ ଉଠିଛନ୍ତି। ହତ୍ୟା ପରେ ହତ୍ୟା କରି ପୋଲିସ ଉପରେ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ୧୨ଘଣ୍ଟା ମଧ୍ୟରେ ଘଟାଇଛନ୍ତି ଦ୍ୱିତୀୟ ନରସଂହାର। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପାହାଡ଼ପଦରରେ ରବିବାର ଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ବଜାରରେ ଠିକାଦାର ରାଜେନ୍ଦ୍ର ସାହୁଙ୍କୁ ଗୁଳିକରି ମାଓବାଦୀମାନେ ହତ୍ୟା କରିଥିଲେ। ଏହାର ୬ ଘଣ୍ଟା ନ ପୂରୁଣୁ ଏହି ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ବାବୁପଦର ଗାଁର ଭୀମ ଦୋରା (୪୬)ଙ୍କୁ ସେମାନେ ଗୁଳି କରି ହତ୍ୟା କରିଛନ୍ତି । ଦୁଇ ଦୁଇଟି ହତ୍ୟାକାଣ୍ଡ ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତିରେ ବାବୁପଦରର ଭୀମ ଦୋରା ରାତ୍ରଭୋଜନ ପରେ ପରିବାର ସହିତ ଘରେ ଶୋଇଥିଲେ। ବାହାର ପଟୁ କବାଟର ଠକ୍‌ଠକ୍ ଶବ୍ଦ ଶୁଣି ଭୀମଙ୍କ ନିଦ ଭାଙ୍ଗିଯାଇଥିଲା । କବାଟ ଖୋଲି ଦେଖିବା ବେଳେ ୪ ଜଣ ସଶସ୍ତ୍ର ମାଓବାଦୀ ଭୀମଙ୍କୁ ବାହାରକୁ ଆସିବା ପାଇଁ କହିଥିଲେ। ସେ ମନା କରିବାରୁ ଜୋର ଜବରଦସ୍ତ ତାଙ୍କୁ ଗାଁଠାରୁ ୧୦୦ ମିଟର ଦୂରକୁ ଉଠାଇ ଆଣିଥିଲେ। ପରିବାର ଲୋକେ କାକୁତି ମିନତି ହୋଇଥିଲେ ସୁଦ୍ଧା ସେମାନେ ଶୁଣି ନ ଥିଲେ। ଗାଁ ମୁଣ୍ଡକୁ ନେଇ ମାଓବାଦୀମାନେ ଭୀମଙ୍କୁ ଗୁଳିକରି ହତ୍ୟା କରିଥିଲେ। ମୃତଦେହ ପାଖରେ ଏକ ସାଦା କାଗଜରେ ଲେଖା ଛାଡି ଯାଇଥିଲେ। ସେଥିରେ ୨୦୧୬ରେ ଗୁଣ୍ଡାରାଶି ପାହାଡରେ ମାଓବାଦୀଙ୍କ ଶିବିର ଚାଲୁଥିବା ବେଳେ ଭୀମ ପୋଲିସକୁ ଖବର ଦେଇ ଆକ୍ରମଣ କରାଇଥିଲେ। ସେଥିପାଇଁ ତାଙ୍କୁ ହତ୍ୟା କରାଯାଇଛି ବୋଲି ଉକ୍ତ କାଗଜରେ ଲେଖାଯାଇଛି। ଲେଖା ତଳେ କଳାହାଣ୍ଡି ଏରିଆ କମିଟି ସିପିଆଇ ମାଓବାଦୀ ବୋଲି ଲେଖାଯାଇଛି। ସୋମବାର ସକାଳ ୮ଟାରେ ବିଶ୍ୱନାଥପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଲାଞ୍ଜିଗଡ ନେଇ ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏପଟେ ରବିବାର ୧୨ଟାରେ ପାହାଡପଦର ବଜାରରେ ମାଓବାଦୀଙ୍କ ଗୁଳିରେ ରାଜେନ୍ଦ୍ର ସାହୁଙ୍କ ମୃତ୍ୟୁ ହୋଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲା। ଦିନତମାମ ଓ ରାତିସାରା ସମ୍ପର୍କୀୟମାନେ ମୃତଦେହକୁ ଜଗି ରହି ପୋଲିସକୁ ଅପେକ୍ଷା କରିଥିଲେ। ସୋମବାର ସକାଳୁ ବିଜେପୁର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ ପଠାଯାଇଛି। ୧୨ଘଣ୍ଟା ମଧ୍ୟରେ ମାଓବାଦୀମାନେ ଦୁଇଟି ନରସଂହାର କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଏହିଦୃଷ୍ଟିରୁ ପୋଲିସର ଆଗାମୀ କାର୍ଯ୍ୟପନ୍ଥା କ'ଣ ରହିବ ଦେଖିବାକୁ ବାକି ରହିଲା ।



ମାଓବାଦୀମାନେ ଛାଡିଯାଇଥିବା ପୋଷ୍ଟର।

- ୧୨ ଘଣ୍ଟା ମଧ୍ୟରେ ଦ୍ୱିତୀୟ ନରସଂହାର
- ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଅଞ୍ଚଳରେ ଭୟର ବାତାବରଣ

■ ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣା

# ଆଶ୍ରୟ ଗୃହ ନିର୍ଦ୍ଦେଶକ ଗିରଫ

**ଭବାନୀପାଟଣା, ୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଥିବା ଆଶ୍ରୟ ଗୃହ ପ୍ରୟାସରେ ବଲାଙ୍ଗୀରର ଜଣେ ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ସୋମବାର ଭବାନୀପାଟଣା ଟାଉନ୍ ଥାନା ପୋଲିସ ଉଭୟ ପୀଡିତା ଓ ତାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପ୍ରୟାସ ସଂସ୍ଥାର ନିର୍ଦ୍ଦେଶକ ସରୋଜ ଦାଶଙ୍କୁ ଗିରଫ କରିଛି। ତାଙ୍କୁ ଘଟଣା ସମ୍ପର୍କରେ ପୋଲିସ ଅଧିକ ପଚରାଉଚରା ଜାରି ରଖିଛି। ରବିବାର ରାତି ପ୍ରାୟ ୯ଟାରେ କଳାହାଣ୍ଡି ଶିଶୁ ମଙ୍ଗଳ ସମିତି ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଏତଲାକୁ ଭିତ୍ତିକରି ୩୭୬(୨)(ଏନ୍)(୩) ଆଇପିସି ଓ ପୋକ୍‌ସୋ ଆଇନର ଦଫା ୬ରେ ଏକ ମାମଲା (ନଂ. ୧୬୦/୧୯) ରୁଜୁ ହୋଇଛି। ଏହି ମାମଲାର ଚୂଡାନ୍ତ ଫଇସଲା ନ ହେବା ଯାଏଁ ପ୍ରୟାସ ଶିଶୁ ଯତ୍ନ କେନ୍ଦ୍ରକୁ ବନ୍ଦ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିଶୁ ମଙ୍ଗଳ ସମିତି କଳାହାଣ୍ଡି ପକ୍ଷରୁ ଭିଜନ ସଂସ୍ଥା ଦ୍ୱାରା ପରିଚାଳିତ ଶିଶୁ ଯତ୍ନକେନ୍ଦ୍ର ପ୍ରୟାସରେ ଥିବା ୪ବାଳକ ଓ ୫ଜଣ ବାଳିକାଙ୍କୁ ଉଦ୍ଧାର କରି ଭବାନୀପାଟଣାଠାରେ ଥିବା ମୁକ୍ତ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି।



ସରୋଜ ଦାଶ

## ଡମି ମାଓବାଦୀ ନିକଟରୁ ୨ ବୋମା ଉଦ୍ଧାର

**ମାଲକାନଗିରି,୨୨।୭ (ସ୍ୱ.ପ୍ର.)**

ମାଓବାଦୀମାନେ ଯବାନମାନଙ୍କୁ ଚକମା ଦେବା ପାଇଁ ବିଭିନ୍ନ ସମୟରେ ଭିନ୍ନଭିନ୍ନ ପନ୍ଥା ଅବଲମ୍ବନ କରୁଛନ୍ତି। ସୋମବାର ମାଓବାଦୀମାନେ ଦାନ୍ତେୱାଡା ଜିଲା ଅର୍ଣ୍ଣପୁର ଓ ଜାଗରଗୁଡ଼ା ରାସ୍ତାର ଦୁଡ଼ବାନାଲେ କ୍ୟାମ୍ପଠାରୁ ୬ଶହ ମିଟର ଦୂରରେ ୨ଟି ଡମି ମାଓବାଦୀ ପୁତଳା କରି ଗଛ ପଛପଟେ ଛିଡା କରାଇ ତଳେ ୨/୩ କେଜି ଓଜନର ବୋମା ଖଞ୍ଜି ରଖିଥିଲେ। ଏହା ଜାଣିବା ପରେ ସିଆରପିଏଫ ଯବାନମାନେ ସେଠାରେ ପହଞ୍ଚି ଡମି ପୁତୁଳା ତଳୁ ବୋମା ୨ଟିକୁ ଉଦ୍ଧାର କରି ନିଷ୍କ୍ରିୟ କରି ଦେଇଥିଲେ।

■ ହାଇକୋର୍ଟରୁ ମିଳିଲା ସର୍ତ୍ତମୂଳକ ଜାମିନ

# ଜେଲ୍‌ରୁ ମୁକୁଳିବେ ସାରଥି

**କଟକ ଅଫିସ,୨୨।୭**

କେନ୍ଦ୍ରାପଡ଼ା ଜିଲା ବାରିମୂଳ ଆଶ୍ରମର ପ୍ରତିଷ୍ଠାତା ସାରଥି ଓରଫ ସନ୍ତୋଷ ରାଉଳ ଜେଲ୍‌ରୁ ମୁକୁଳିବେ। ସାରଥିଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ହାଇକୋର୍ଟ ଜାମିନ ବଳରେ ସାରଥି ଜେଲ୍‌ରୁ ମୁକୁଳିବା ସ୍ପଷ୍ଟ ହୋଇଛି। ସାରଥିଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୪୨୦ ଲାଗିଥିଲାବେଳେ ଏଥିରେ ସର୍ବାଧିକ ୭ବର୍ଷ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏ କ୍ଷେତ୍ରରେ ସାରଥି ସାଢ଼େ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲ୍‌ରେ ବିତାଇ ସାରିଲେଣି। ତେଣୁ ତାଙ୍କୁ ଏହି ମାମଲାରେ ଜାମିନ ପ୍ରଦାନ କରାଗଲା ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ତେବେ ସାରଥିଙ୍କୁ ଜାମିନ ପ୍ରଦାନ କ୍ଷେତ୍ରରେ ହାଇକୋର୍ଟ କେତେକ ସର୍ତ୍ତ ଲାଗୁ କରିଛନ୍ତି। ସର୍ତ୍ତାରୋପ ଅନୁଯାୟୀ, ୨ଲକ୍ଷ ଟଙ୍କା ଏବଂ ଦୁଇଜଣ ଜାମିନଦାରଙ୍କ ବଦଳରେ ସେ ଜାମିନରେ ଯାଇପାରିବେ। ପୀଡିତା କିମ୍ବା ଏହି ମାମଲାର ସାକ୍ଷୀଙ୍କ ସହିତ ସେ କୌଣସି ଯୋଗାଯୋଗ କରିବେ ନାହିଁ। ତାଙ୍କ ବିରୋଧରେ ଥିବା ପ୍ରମାଣକୁ ନଷ୍ଟ କରିବେ ନାହିଁ। ସାରଥିଙ୍କ ବିରୋଧରେ ଥିବା ପ୍ରତ୍ୟେକ ମାମଲାରେ ସେ ନିମ୍ନ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ଜାମିନ ଦେବା ସମୟରେ ସର୍ତ୍ତ ରଖିଛନ୍ତି। ଜାମିନରେ ଥିବା ସମୟରେ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବାକୁ ଅଦାଲତ ସର୍ତ୍ତ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ମାନସ ଚାନ୍ଦ ମାମଲା ପରିଚାଳନା କରୁଥିଲେ।

■ ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ମାମଲା

# ଖାରଜ କଲେ ହାଇକୋର୍ଟ

**କଟକ ଅଫିସ,୨୨।୭**

ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲା ଖାରଜ ହୋଇଛି। ଉକ୍ତ ମାମଲାକୁ ବେଆଇନ ଦର୍ଶାଇ ଅଦାଲତ ଖାରଜ କରିଛନ୍ତି। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ମାମଲା ରୁଜୁ କରାଯିବ ବୋଲି ଆଡଭୋକେଟ ଅଶ୍ୱିନୀ କୁମାର ଦାସ କହିଛନ୍ତି। ପ୍ରକାଶଥାଉ କି, ସମୁଦାୟ ପୋଲିଂଠାରୁ ଅଧିକ ଭୋଟ ଇଭିଏମ୍‌ରୁ ବାହାରିଛି। ଏହାକୁ ଚ୍ୟାଲେଞ୍ଜ କରି ସୁବ୍ରତ କୁମାର ଛାଟୋଇ ନାମକ ବ୍ୟକ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଛାଟୋଇ ଦର୍ଶାଇଥିଲେ, କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ୧ ଲକ୍ଷ ୮୨ହଜାର ୪୧୪ ଜଣ ଭୋଟର ମତଦାନ କରିଥିବା ବେଳେ ଇଭିଏମ୍‌ରୁ ୧ ଲକ୍ଷ ୯୧ହଜାର ୯୯ ଭୋଟ ବାହାରିଥିଲା। ତେଣୁ କିଭଳି ଭାବେ ସମୁଦାୟ ମତଦାନଠାରୁ ଇଭିଏମ୍‌ରୁ ଅଧିକ ଚିରକୁଟି ବାହାରିଲା ତାହାର ତଦନ୍ତ ଦାବି କରି ଛାଟୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଛାଟୋଇ ଦର୍ଶାଇଥିଲେ, ଏହାର ତଦନ୍ତ ସିବିଆଇ ଦ୍ୱାରା କରାଯାଉ। କିନ୍ତୁ ଛାଟୋଇଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଖାରଜ କରିବା ସମୟରେ ହାଇକୋର୍ଟ କହିଥିଲେ, ଛାଟୋଇଙ୍କ ଆବେଦନକୁ ନିର୍ବାଚନୀ ମାମଲା ଭାବେ ଗ୍ରହଣ କରାଯାଉ। କିନ୍ତୁ ଛାଟୋଇଙ୍କ ଓକିଲ ଆଡଭୋକେଟ ଅଶ୍ୱିନୀ ଦାସ ଏହାକୁ ବିରୋଧ କରିଥିଲେ। ଏହା ନିର୍ବାଚନୀ ମାମଲା ନୁହେଁ ବରଂ ଏହା ଗଣତନ୍ତ୍ର ପ୍ରତି ଏକ ଶକ୍ତ ଷଡ଼ଯନ୍ତ୍ର ବୋଲି ଆଡଭୋକେଟ ଦାସ ଯୁକ୍ତି ବାଢ଼ିଥିଲେ। କିନ୍ତୁ ହାଇକୋର୍ଟ ଆଡଭୋକେଟ ଦାସଙ୍କ ଯୁକ୍ତିକୁ ଗ୍ରହଣ କରି ନ ଥିଲେ। ଫଳରେ ଏହାକୁ ନେଇ ଆବେଦନକାରୀ ଛାଟୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ତାଙ୍କ ଓକିଲ ଆଡଭୋକେଟ ଦାସ କହିଛନ୍ତି।

■ ପଶ୍ଚିମ ଓଡ଼ିଶା ବନ୍ଦ ଘଟଣା

# ରାଜ୍ୟ ଆଇନଜୀବୀ ପରିଷଦକୁ ପକ୍ଷଭୁକ୍ତ ନିର୍ଦ୍ଦେଶ

**କଟକ ଅଫିସ,୨୨।୭**

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଦୀର୍ଘଦିନ ହେବ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ବନ୍ଦ ଡାକରା ଦିଆଯାଇ ଆସୁଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଉଥିଲାବେଳେ ଏ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ସୋମବାର ହାଇକୋର୍ଟ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦକୁ ଏହି ମାମଲାରେ ପକ୍ଷଭୁକ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଆଇନଜୀବୀ ପରିଷଦ ଏହି ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆସନ୍ତା ଅଗଷ୍ଟ ୧୯ରେ ମାମଲାର ଶୁଣାଣି ହେବ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ

# ଦକ୍ଷତା ବିକାଶରେ ଓଡ଼ିଶା ୧ ନମ୍ବର

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ଆଜି ଦକ୍ଷତା ବିନା ମାନବ ସମ୍ବଳ କଥା ଚିନ୍ତା କରାଯାଇପାରିବ ନାହିଁ। ଦକ୍ଷତାର ଗୁଣାତ୍ମକ ବିକାଶ ଜରୁରୀ ଅଟେ। ଓଡ଼ିଆ କାରିଗରମାନଙ୍କ ଦକ୍ଷତା ଲାଗି ଓଡ଼ିଶା ଆଜି ଦେଶର ବହୁ ରାଜ୍ୟକୁ ପଛରେ ପକାଇ ଦକ୍ଷତା ବିକାଶ କ୍ଷେତ୍ରରେ ଶୀର୍ଷ ସ୍ଥାନ ହାସଲ କରିପାରିଛି, ଯାହାକି ଆମମାନଙ୍କ ଲାଗି ଗର୍ବର ବିଷୟ ବୋଲି କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସୋମବାର ଆୟୋଜିତ ଦକ୍ଷତା ବିକାଶ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଥିଲେ, ସବୁବେଳେ ଓଡ଼ିଆମାନଙ୍କ ମଧ୍ୟରେ ଦକ୍ଷତା ରହିଆସିଛି। ହଜାର ବର୍ଷର ପୁରୁଣା କୋଣାର୍କ ମନ୍ଦିର ପ୍ରତି ଦୃଷ୍ଟି ପକାଇଲେ ଏହା ସ୍ୱତଃ ପ୍ରମାଣିତ ହୋଇଯାଏ। ସେତେବେଳେ କାରିଗରଙ୍କୁ କୌଣସି ଦକ୍ଷତା ବିକାଶ ତାଲିମ୍ ଦିଆଯାଉ ନ ଥିଲା। କିନ୍ତୁ ସେମାନଙ୍କ ନିପୁଣତା ତାଙ୍କ କାର୍ଯ୍ୟଶୈଳୀରେ ପରିଦର୍ଶିତ ହେଉଛି। ଏବେ ଆମେ କେବଳ ଦକ୍ଷତାକୁ ଏକ ନୂଆ ଡାଞ୍ଚା ଦେଉଛନ୍ତି, ତା' ଛଡ଼ା ଆଉ କିଛି ନୁହେଁ। ସେ ଆହୁରି କହିଥିଲେ, ଓଡ଼ିଶାରେ ଏବେ ବି ଆବଶ୍ୟକ ଦକ୍ଷ ଶ୍ରମିକ ତଥା କାରିଗର ନାହାନ୍ତି। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇଛି। ଯୁବପିଢିଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଯୁବବର୍ଗ ଏଥିରୁ ସମ୍ପୂର୍ଣ୍ଣ ଭାବେ ଉପକୃତ ହୋଇପାରିବେ। ସେମାନେ ଭବିଷ୍ୟତରେ କେବେ ନିଯୁକ୍ତି ସଂକ୍ରାନ୍ତ ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ମନ୍ତ୍ରୀ ସାହୁ ଆଶା ପ୍ରକାଶ କରିଛନ୍ତି।

ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଏହି ସମାରୋହରେ କୁଳପତି ପଦ୍ମଜା ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସଭାପତି ମୁକ୍ତିକାନ୍ତ ମିଶ୍ର ଯୋଗଦେଇ ଅଭିଭାଷଣ ରଖିଥିଲେ। ରେଜିଷ୍ଟ୍ରାର ଇପ୍‌ସିତା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ସରିତା ସୂପକାର ପ୍ରାରମ୍ଭରେ ଅଭିଭାଷଣ ରଖିଥିବାବେଳେ ସଂଯୋଜକ ରାଜକୁମାର ଯୋଶୀ ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ସହାୟତାରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୯୦ଲକ୍ଷ ଟଙ୍କା ବ୍ୟୟରେ ଏହି ଦକ୍ଷତା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରୀମାନଙ୍କୁ ବିଭିନ୍ନ ତାଲିମ୍ ଦିଆଯିବ। ଉକ୍ତ ଶିବିରରେ ଯୋଗଦେଇଥିବା ୪୨୦ ଜଣ ଛାତ୍ରୀଙ୍କୁ ୭ଟି ବିଷୟ ଯଥା- ମେଡିକାଲ ଲ୍ୟାବ ଟେକ୍‌ନୋଲୋଜି, ଡିଜିଟାଲ ଇଲେକ୍‌ଟ୍ରୋନିକ୍ସ, ୟୁନିଟ୍ ଗେମିଂ ଓ ଆନିମେଶନ, କମ୍ପ୍ୟୁଟର ଆକାଉଣ୍ଟାନ୍ସି, ରିଟେଲ ଓ ହସ୍‌ପିଟାଲିଟି, ଫ୍ୟାଶନ ଡିଜାଇନିଂ, ଐତିହ୍ୟ ଓ ଇକୋ ଟୁରିଜିମ୍ ଉପରେ ତାଲିମ୍ ମିଳିବ। ଦିନକୁ ୨ଘଣ୍ଟା ଧରି ଥିଓରି ଓ ପ୍ରାକ୍ଟିକାଲ ଦୁଇଟି ପର୍ଯ୍ୟାୟରେ ତାଲିମ୍ ଦିଆଯିବ। ଛାତ୍ରୀମାନେ ପାଠପଢା ପରେ ନିଜେ କିଛି କରିବା ସହ ନିଜ ଭବିଷ୍ୟତକୁ ସୁଦୃଢ଼ କରିପାରିବେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି।




ଦକ୍ଷତା ବିକାଶ କର୍ମଶାଳାକୁ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଉଦ୍‌ଘାଟନ କରୁଛନ୍ତି।


DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US- 8 TO 11AM (OFFICE) EVERYDAY

CHANDIGARH UNIVERSITY
Discover. Learn. Empower.
www.cuchd.in
1800 200 0025
Limca Book of Records for Highest Number of Companies for Placements on-campus in One Academic Year
100+ MNCs common with IITs & NITs
CU shares leading corporate for Campus Placements
35+ Companies Offering more than 10 Lacs (PA)
Fortune 500 Companies recruit from CU
World's leading product based companies recruit from CU (Microsoft, Amazon, Google, HPE, IBM, SAP, Xerox, Dell, Adobe, Flipkart to name a few)
UNIVERSITY WITH BEST PLACEMENTS! - Adjudged by WCRC
627 MNCs to choose from | 6314 Placements offered | 31.77 LPA Our highest package offered
PLACEMENT HIGHLIGHTS: BATCH 2018-19
24,190 Placement Offers since 2013 from 2700 companies which visited CU for Campus Placements
ADMISSIONS 2019-20
• Engineering • Business Management • Commerce • Computing • Tourism & Hospitality • B.Arch | M.Arch • Pharmacy • Physiotherapy • Optometry
• Nutrition & Dietetics • Clinical Psychology • Medical Lab Technology • Forensic Science • Biotechnology • Industrial Microbiology • Basic Sciences • Animation, Gaming & VFX • Film Studies
• Economics • Agricultural Sciences • Law • Media Studies • Fashion & Design • Fine Arts • Interior Design • Humanities • Yoga
MERIT BASED SCHOLARSHIP

| Eligibility | (%) Marks | Scholarship (%) |
|---|---|---|
| 12th Standard | =>90% | 50% of Semester Fee |
| | 85-89.99% | 20% of Semester Fee |
| | 80-84.99% | 10% of Semester Fee |

BHUBANESWAR ADMISSION OFFICE HELPLINE - 78892 72649
Ground Floor, Plot No.357/ 3473 & 358/ 3474, Biju Pattnaik College Road, Jaydeb Vihar
CAMPUS: NH-95, Chandigarh-Ludhiana Highway, Greater Mohali, Punjab (Sunday Open)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆୟେଶା
ପରିବାରବର୍ଗ


ଡ଼ିଡ଼ି
ପରିବାରବର୍ଗ


ସ୍ୱାଗତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୮ ଶ୍ରେଣୀ ପାଇଁ ଲାଗୁ ହେବ ପାସ୍ ଫେଲ୍ ବ୍ୟବସ୍ଥା

- ଏଣିକି ପ୍ରତିବର୍ଷ ବାର୍ଷିକ ପରୀକ୍ଷା
- ୫ମ ଶ୍ରେଣୀରେ ଫେଲ୍ ହେଲେ ଆଉ ଥରେ ପରୀକ୍ଷା ସୁଯୋଗ
- ବର୍ଷରେ ୪ଥର ଅଭିଭାବକ ବୈଠକ

ଭୁବନେଶ୍ୱର, ୨୨।୭(ବ୍ୟୁରୋ): ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ବ୍ୟବସ୍ଥା ଆସିବାକୁ ଯାଉଛି। ୨୦୦୯ ପୂର୍ବରୁ ଛାତ୍ରୀଛାତ୍ରମାନେ ବାର୍ଷିକ ପରୀକ୍ଷା ଦେଇ ଆସୁଥିଲେ। ପାସ୍ କରିପାରୁ ନ ଥିବା ପିଲାଙ୍କୁ ପୁନର୍ବାର ସେହି ଶ୍ରେଣୀରେ ପାଠ ପଢୁଥିଲେ। ରାଇଟ୍ ଟୁ ଏଜୁକେଶନ ଆକ୍ଟ ଅନୁଯାୟୀ ୨୦୦୯ରୁ ପ୍ରଥମରୁ ୮ମ ଶ୍ରେଣୀ ଯାଏ ବାର୍ଷିକ ପରୀକ୍ଷା ଓ ପାସ୍‌ଫେଲ୍ ବ୍ୟବସ୍ଥା ଉଠାଇ ଦିଆଯାଇଥିଲା। ଏହାଦ୍ୱାରା ପିଲାମାନେ ଶିକ୍ଷା କ୍ଷେତ୍ରରେ ଦୁର୍ବଳ ହେଉଥିବା ଲକ୍ଷ୍ୟ କରାଯିବା ପରେ ରାଜ୍ୟ ସରକାର ଏନେଇ ଗୁରୁତର ଭାବେ ଚିନ୍ତା କରିଛନ୍ତି। ଅନ୍ୟପଟେ ପିଲାମାନଙ୍କ ବାର୍ଷିକ ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନେବାକୁ କେନ୍ଦ୍ର ସରକାର ନିକଟରେ ରାଜ୍ୟ ଉପରେ ଛାଡିଦେଇଛନ୍ତି। ଏହାକୁ ଦୃଷ୍ଟିରେ ନିକଟରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଏଥର ପ୍ରତିବର୍ଷ ପିଲାମାନେ ପୂର୍ବଭଳି ବାର୍ଷିକ ପରୀକ୍ଷା ଦେବେ। ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ପାସ୍‌ଫେଲ୍ ବ୍ୟବସ୍ଥା ନାହିଁ। କିନ୍ତୁ ୫ମ ଶ୍ରେଣୀରେ ଫେଲ୍ ହେଲେ ଛାତ୍ରୀଛାତ୍ରମାନେ ଆଉଥରେ ପରୀକ୍ଷା ଦେବେ। ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ପିଲାମାନେ ବାର୍ଷିକ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ପାସ୍‌ଫେଲ୍ ବ୍ୟବସ୍ଥା ନାହିଁ। ହେଲେ ୮ମ ଶ୍ରେଣୀରେ ଫେଲ୍ ହେଲେ ପିଲାଙ୍କୁ ସେହି ଶ୍ରେଣୀରେ ଆଉଥରେ ପଢ଼ିବାକୁ ପଡିବ ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ୫ମ ଏବଂ ୮ମ ଶ୍ରେଣୀରେ ବୋର୍ଡ ପରୀକ୍ଷା ହେବା ସାଙ୍ଗକୁ ସବୁ ଶ୍ରେଣୀରେ ବାର୍ଷିକ ପରୀକ୍ଷା କରାଯିବା ନେଇ ବିଚାର କରାଯାଉଛି।

ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସୁଧାର ଆଣିବା ସକାଶେ ଆଉ ଏକ ନୂଆ ବ୍ୟବସ୍ଥା ହୋଇଛି। ୨୦୧୦ରୁ ପ୍ରତ୍ୟେକ ବର୍ଷ ୨ଥର ସ୍କୁଲରେ ଅଭିଭାବକମାନଙ୍କ ବୈଠକ ଲାଗି ସରକାର ନିଷ୍ପତ୍ତି ନେଇଥିଲେ। ପ୍ରଧାନଶିକ୍ଷକଙ୍କ ଜରିଆରେ ଅଭିଭାବକମାନଙ୍କ ବୈଠକ ଡକାଯାଉଥିଲା। ଦୀର୍ଘଦିନ ହେବ ଏହି ବ୍ୟବସ୍ଥା ଚାଲିଥିଲେ ମଧ୍ୟ ଏହାକୁ ଠିକଣା ଢଙ୍ଗରେ କାର୍ଯ୍ୟକାରୀ କରାଯାଉ ନ ଥିବା ଜଣାପଡିବା ପରେ ବିଭାଗ ପକ୍ଷରୁ ଏଥିରେ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ହୋଇଛି। ମନ୍ତ୍ରୀଙ୍କ ସୂଚନା ମୁତାବକ, ଏଣିକି ବର୍ଷକୁ ୪ଥର ଅଭିଭାବକମାନଙ୍କ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଛି। ଯଦି ଏଥିରେ ଖିଲାପ କରାଯାଏ ତେବେ ଅଭିଭାବକମାନଙ୍କ ସଭାପତି ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱରୁ ମୁକ୍ତ କରାଯିବ।

# ମୋ ସ୍କୁଲ ଯୋଜନାରେ ଆଉ ୫୦୮ ବିଦ୍ୟାଳୟ ସାମିଲ

- ଖର୍ଚ୍ଚ ହେବ ୫କୋଟି ୮୨ଲକ୍ଷ ଟଙ୍କା
- ଅକ୍ଟୋବର ସୁଦ୍ଧା ୧ହଜାର ସ୍କୁଲ ପାଠାଗାରକୁ କ୍ରିୟାଶୀଳ କରାଯିବ

ଭୁବନେଶ୍ୱର, ୨୨।୭(ବ୍ୟୁରୋ) ମୁଖ୍ୟମନ୍ତ୍ରୀଙ୍କ ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାରେ ୧୬ଟି ଜିଲାର ଆଉ ୫୦୮ଟି ବିଦ୍ୟାଳୟକୁ ସାମିଲ କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବରଗଡ଼, ବଲାଙ୍ଗୀର, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼ ଓ ନବରଙ୍ଗପୁର। ଏସବୁ ଜିଲାରେ ମୋ ସ୍କୁଲ ଯୋଜନାରେ ମୋଟ ୫,୮୨, ୭୬,୫୧୮ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୩,୮୮,୫୧,୦୧୨ ଟଙ୍କା ଅନୁଦାନ ଯୋଗାଇ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୧,୯୪,୨୫,୫୦୬ ଟଙ୍କା ପାଣ୍ଠି ସଂଗୃହୀତ ହୋଇଛି। ମୋ ସ୍କୁଲ ଯୋଜନାର କାର୍ଯ୍ୟନିର୍ବାହୀ ବୈଠକ ସୋମବାର ଓପେପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ୧ ହଜାର ସ୍କୁଲ ପାଠାଗାରକୁ କ୍ରିୟାଶୀଳ କରାଯିବା ସହ ପଠନ ପ୍ରୋତ୍ସାହନ କେନ୍ଦ୍ରରେ ପରିଣତ କରାଯିବ। ୫ହଜାର ସ୍କୁଲରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ୫-ଟି କାର୍ଯ୍ୟକ୍ରମ କରାଯିବ। ୧୦୦ଟି ଓଡ଼ିଆ ଓ ଇଂଲିଶ ମାଧ୍ୟମ ସ୍କୁଲର ସଫଳ କାହାଣୀ ସଂଗ୍ରହ କରାଯାଇ ସଚେତନତା ସୃଷ୍ଟି କରାଯିବ। ବିଭିନ୍ନ ଯୋଗାଯୋଗ ବ୍ୟବସ୍ଥା ଓ ୱେବ୍ ପୋର୍ଟାଲ ମାଧ୍ୟମରେ ୨ଲକ୍ଷ ପୂର୍ବତନ ଛାତ୍ରୀଛାତ୍ରଙ୍କ ସହ ଯୋଗାଯୋଗ କରାଯିବ। ମୋ ସ୍କୁଲ ଯୋଜନା ରାଜ୍ୟର ସବୁ ହାଇସ୍କୁଲକୁ ସମ୍ପ୍ରସାରଣ କରାଯିବ। ଚଳିତବର୍ଷ ଶେଷ ସୁଦ୍ଧା ୫୦ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ହାଇସ୍କୁଲକୁ ଏହି ଯୋଜନାରେ ସର୍ବାଗ୍ରେ ସାମିଲ କରାଯିବ। ବିଭିନ୍ନ ସ୍କୁଲକୁ ମଞ୍ଜୁର ହୋଇଥିବା କାର୍ଯ୍ୟ ଅକ୍ଟୋବର ୩୧ସୁଦ୍ଧା ଶେଷ କରାଯିବ। ଅଗଷ୍ଟ ୧୫ ସୁଦ୍ଧା ଏହି ଯୋଜନା ଅଧୀନସ୍ଥ ହାଇସ୍କୁଲଗୁଡ଼ିକୁ ୱେବ୍ ପୋର୍ଟାଲ ସହ ସଂଯୋଗ କରାଯିବାକୁ ପ୍ରସ୍ତାବ ରହିଥିବା ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ତଥା ମୋ ସ୍କୁଲ ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି। ଉକ୍ତ ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍‌ସିଇଆର୍‌ଟି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମୋ ସ୍କୁଲ ଯୋଜନାର ସ୍ୱତନ୍ତ୍ର ଅଧିକାରୀ, ମୁଖ୍ୟ ପରିଚାଳନା ଅଧିକାରୀ, ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଏବଂ ଓପେସା ଅର୍ଥ ପରାମର୍ଶଦାତା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୋ ସ୍କୁଲ ଯୋଜନାରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକାର ସଦସ୍ୟମାନେ ପୁରୀ ଜିଲାରେ 'ଫନୀ' କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ମରାମତି ପାଇଁ ୨୦ଲକ୍ଷ ଟଙ୍କା ଅନୁଦାନ କରିବେ ବୋଲି ପତ୍ର ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ ମହିଳା...

ଭବାନୀପାଟଣା ଘଟଣାରେ ପୋଲିସ ଖାକି ପିନ୍ଧି ଯାଇଥିବା କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଥିଲେ। ।

ଏହାପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସୁର ରାଉତରାୟ ମଧ୍ୟ କହିବାକୁ ଚାହିଁଥିଲେ, ହେଲେ ସୁଯୋଗ ମିଳି ନ ଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ରାଜ୍ୟରେ ନାବାଳିକା ଅପହରଣ ପରି ଅନ୍ୟାନ୍ୟ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସରକାରଙ୍କୁ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିରୋଧୀମାନେ ଆଲୋଚନା ପାଇଁ ଅଡ଼ି ବସିଥିଲେ। ଏପରି କି କଂଗ୍ରେସ ଏବଂ ଭାଜପା ସଭ୍ୟ ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ସ୍ଲୋଗାନ ଦେଇ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବା ପାଇଁ ଚେଷ୍ଟା କରିଥିଲେ। ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇ ଦେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ବାଧ୍ୟହୋଇ ଗୃହକୁ ପ୍ରଥମେ ୧୨ଟା୧୭ରୁ ୧୨ଟା ୩୦ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୩୦ରୁ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଭାଜପା ସଭ୍ୟ ଜୟନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ସ୍ଲୋଗାନ ଦେଇଥିଲେ। ଏପରି କି ଭାଜପା ଓ କଂଗ୍ରେସ ସଭ୍ୟ ମିଳିତଭାବେ ସରକାରଙ୍କ ବିରୋଧରେ ହୋହଲ୍ଲା ଜାରି ରଖିଥିଲେ। ଏହାପରେ ବାଚସ୍ପତି ୧୨ଟା ୩୨ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗୃହକୁ ପୁନର୍ବାର ମୁଲତବୀ ଘୋଷଣା କରିଥିଲେ।

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ସମାନ ଅବସ୍ଥା ଜାରି ରହିଥିଲା। ବିରୋଧୀ ସଭ୍ୟମାନେ ହୋହଲ୍ଲା ଜାରି ରଖିଥିଲେ। ଏହା ମଧ୍ୟରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ, ଲାଞ୍ଜିଗଡ଼ରେ ମାଓବାଦୀମାନେ ଗୁଳିମାଡ଼ କରିଛନ୍ତି। ନିକଟରେ କେନ୍ଦ୍ରାପଡ଼ାରେ ନିର୍ବାଚନ ସମୟରେ ଗୁଳିକାଣ୍ଡ ହୋଇଥିଲା। ପୁରୀ ଜିଲା ପଟ୍ଟନାୟିକିଆଠାରେ ହତ୍ୟାକାଣ୍ଡ ହେଲା। ଏହାପରେ ବି ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଥିବା କହିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ହିଁ କୁହନ୍ତୁ ସେ କେତେ ଖୁସି ବୋଲି ପ୍ରଦୀପ୍ତ ସମାଲୋଚନା କରିଥିଲେ। ଏହା ପରେ ପୁନର୍ବାର ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ୩ଟା ୫ରୁ ୩ଟା ୩୫ ମିନିଟ୍ ଏବଂ ପରେ ୩ଟା ୩୮ରୁ ୪ଟା ୮ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ପରେ ପୁନର୍ବାର ହଟ୍ଟଗୋଳ ହେବାରୁ ୪ଟା ୧୨ରୁ ୫ଟା ୧୨ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସମାନ ପରିସ୍ଥିତି ରହିବାରୁ ଗୃହକୁ ୫ଟା ୧୨ରୁ ୫ଟା ୪୨ ଏବଂ ୫ଟା ୪୨ରୁ ୬ଟା ୧୨ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଗୃହକାର୍ଯ୍ୟକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ନେତା ନରସିଂହ ମିଶ୍ର, ବିରୋଧୀ ମୁଖ୍ୟ ସଚେତକ ମୋହନ ମାଝି, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ ଆରୁଖ ଏବଂ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଯୋଗଦେବା ନେଇ କୁହାଯାଇଥିଲା। ହେଲେ ସର୍ବଦଳୀୟ ବୈଠକରୁ କୌଣସି ନିଷ୍କର୍ଷ ନ ବାହାରିବାରୁ କଂଗ୍ରେସ ବିଧାୟକ ଦଳ ସନ୍ଧ୍ୟା ୬ଟା ୧୨ ପରେ କକ୍ଷତ୍ୟାଗ କରିଥିଲା। ଏଥିସହିତ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ଅପରପକ୍ଷେ ଭାଜପା ପକ୍ଷରୁ ବାଚସ୍ପତିଙ୍କ ପୋଡିୟମ ତଳେ ଧାରଣା ଦିଆଯିବା ସହ ନାରାବାଜି କରାଯାଇଥିଲା।

## ଚନ୍ଦ୍ରୟାନ-୨...

ଅନୁସନ୍ଧାନ ଜାରି ରଖିବ। ପୂର୍ବରୁ କୌଣସି ଦେଶର ସ୍ପେସ୍‌କ୍ରାଫ୍ଟ ଏଠାରେ ପହଞ୍ଚିପାରି ନାହିଁ। ଭାରତର ଏହି ମିଶନ୍ ଚନ୍ଦ୍ର ବିଷୟରେ ନୂଆ ଦିଗ ଉନ୍ମୋଚନ କରିବ ବୋଲି ମୋଦି ଟୁଇଟ୍ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ଚନ୍ଦ୍ରୟାନ-୨ର ସଫଳ ଉତ୍କ୍ଷେପଣ ପାଇଁ ଇସ୍ରୋ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ଦେଢ଼ ବର୍ଷ ହେଲା ସାଟେଲାଇଟ୍ ଟିମ୍ କଠିନ ପରିଶ୍ରମ କରି ଚନ୍ଦ୍ରୟାନ-୨ ନିର୍ମାଣରେ ଲାଗିପଡିଥିଲେ। ବର୍ତ୍ତମାନ ବିଶ୍ୱବାସୀ ଏହାର ନିରାପଦ ଅବତରଣ ଅପେକ୍ଷାରେ ଅଛନ୍ତି। ଶ୍ରୀହରିକୋଟା ସ୍ପେସ୍‌ପୋର୍ଟସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟର୍‌ର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ଜିଏସ୍ଏଲ୍‌ଭି-ମେକ୍ ୩ ରକେଟ୍‌ରେ ଅଗ୍ନି ସଂଯୋଗ ମାତ୍ରେ ଏହା ଉପରକୁ ଉଠିଥିଲା। ୧୬ ମିନିଟ୍ ମଧ୍ୟରେ ଚନ୍ଦ୍ରୟାନ-୨କୁ ପୃଥିବୀର କକ୍ଷପଥରେ ଅବସ୍ଥାନ କରାଯିବା ଦେଶପାଇଁ ଐତିହାସିକ ମୁହୂର୍ତ୍ତ ଆଣିଥିଲା। ତେବେ ସ୍ପେସ୍‌କ୍ରାଫ୍ଟର ସ୍ୱରୂପ ଦେଖିଲେ ଏହା ୩ଟି ଅଂଶକୁ ନେଇ ଗଠିତ। ପ୍ରଥମ ଅଂଶ ଅର୍ବିଟର୍‌ର ଓଜନ ୨,୩୭୯ କିଲୋଗ୍ରାମ ହୋଇଥିବାବେଳେ ଦ୍ୱିତୀୟ ଲ୍ୟାଣ୍ଡର 'ବିକ୍ରମ'ର ଓଜନ ୧୪୭୧ କିଲୋଗ୍ରାମ। ତୃତୀୟଟି ରୋଭର 'ପ୍ରଜ୍ଞା'। ଏହାର ଓଜନ ୨୭କିଲୋଗ୍ରାମ।

ପୂର୍ବରୁ ଜୁଲାଇ ୧୫ ରାତି ୨ଟା ୫୧ରେ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ କରାଯିବାର ଥିଲା। କିନ୍ତୁ ଘଣ୍ଟାଏ ପୂର୍ବରୁ ରକେଟ୍‌ରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହେବାରୁ ଉତ୍କ୍ଷେପଣକୁ ସ୍ଥଗିତ ରଖାଯାଇଥିଲା। ତେବେ ଇସ୍ରୋ ଟିମ୍ ଏଥିରେ ଥିବା ତ୍ରୁଟି ସୁଧାରିବା ପରେ ଏହାକୁ ପୁନର୍ବାର ସୋମବାର ଅପରାହ୍ନରେ ଲଞ୍ଚ୍ କରାଯାଇଥିଲା। ଇସ୍ରୋ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଲ୍ୟାଣ୍ଡର ବିକ୍ରମ ସେପ୍ଟେମ୍ବର ୭ରେ ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିବ।

ଉଲ୍ଲେଖଯୋଗ୍ୟ ଯେ, 'ଲ୍ୟାଣ୍ଡର' ନାମକରଣ ଭାରତୀୟ ମହାକାଶ ବିଜ୍ଞାନୀ ବିକ୍ରମ ସାରାଭାଇଙ୍କ ନାମାନୁସାରେ ହୋଇଥିବାବେଳେ 'ରୋଭର' ନାମକରଣ ପ୍ରଜ୍ଞା ସଂସ୍କୃତରେ ଜ୍ଞାନର ଅର୍ଥ ପ୍ରକାଶ କରୁଛି। ସେପ୍ଟେମ୍ବର ୭ରେ ଲ୍ୟାଣ୍ଡର ବିକ୍ରମ ଅର୍ବିଟରଠାରୁ ପୃଥକ୍ ହୋଇ ଚନ୍ଦ୍ରର ଏକ ନିରାପଦ ଓ ବିପଦମୁକ୍ତ ଅଞ୍ଚଳରେ ଅବତରଣ କରିବ। ଚନ୍ଦ୍ରର ଦକ୍ଷିଣମେରୁରେ ୧୦୦କିଲୋମିଟର ଉଚ୍ଚତାରୁ ବିକ୍ରମ ଧୀରେଧୀରେ ଅବତରଣ କରିବା ଆଶା କରାଯାଉଛି। ଏହା ୩ଟି ବୈଜ୍ଞାନିକ ପର୍ଯ୍ୟବେକ୍ଷଣ ଜାରି ରଖିବ। ଏଥିସହିତ ୬ ଚକ ବିଶିଷ୍ଟ ରୋଭର ପ୍ରଜ୍ଞା ଗୋଟିଏ ଚନ୍ଦ୍ରଦିବସ (ପୃଥିବୀର ୧୪ ଦିନ)ରେ ଚନ୍ଦ୍ରପୃଷ୍ଠରେ ଗତିକରି ପର୍ଯ୍ୟବେକ୍ଷଣ କରିବ। ଅର୍ବିଟର ଚନ୍ଦ୍ରର କକ୍ଷପଥରେ ୧ବର୍ଷ ପର୍ଯ୍ୟନ୍ତ ପରିକ୍ରମା କରି ୮ଟି ବୈଜ୍ଞାନିକ ଅନୁସନ୍ଧାନ ଦିଗରେ କାର୍ଯ୍ୟ କରିବ। ଉକ୍ତ ମିଶନ୍ ଚନ୍ଦ୍ରର ଉତ୍ପତ୍ତି ଓ ସେଠାରେ ଜଳ ଓ ଖଣିଜ ସମ୍ପଦ ସହ ଜୀବସତ୍ତା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାପଗ୍ରହଯୁକ୍ତ ନୀଚାରୋହୀ ଶୁକ୍ରଙ୍କ ପ୍ରଭାବରୁ ଆର୍ଥିକ ଅଭାବ, ଅନଟନ ନ ଥିଲେ କ'ଣ ହେଲା କାମଗୁଡ଼ିକ ସୁବିଧାରେ ହେବନାହିଁ। ଶତ୍ରୁତା କାରଣରୁ ବନ୍ଧୁଙ୍କଠାରୁ ସାହାଯ୍ୟ ପାଇବେ ନାହିଁ। ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। କିନ୍ତୁ କୃତ୍ତିକା ନକ୍ଷତ୍ର ପାଇଁ ବିଶେଷ ଅସୁବିଧା ହେବନାହିଁ।

**ବୃଷ** ତୃତୀୟଭାବସ୍ଥ ରବି ସହ ମଙ୍ଗଳ ଓ ବୁଧ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ କଳହର ସୂତ୍ରପାତ ହୋଇପାରେ। ତଥାପି ରୋହିଣୀ ନକ୍ଷତ୍ର ସକାଶେ କିୟତ୍ କ୍ଷଣ ପରେ ସମସ୍ତ ଅସୁବିଧା ସମୟାନ୍ତରରେ ଦୂରୀଭୂତ ହୋଇଯିବ। ବନ୍ଧୁଙ୍କଠାରୁ ଆବଶ୍ୟକ ସହଯୋଗ ଅବଶ୍ୟ ପାଇବେ। କର୍ମକ୍ଷେତ୍ରରେ ଥିବା ସମୟ ମଧ୍ୟରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ମିଥୁନ** ରାଶି ପାଇଁ ଶନି ଓ ଶୁକ୍ରଙ୍କ ପାରସ୍ପରିକ ଦୃଷ୍ଟି ଆପଣଙ୍କ ସକାଶେ ଅପବାଦ ବା ସମାଲୋଚନାର କାରଣ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ମାତ୍ର କଚେରି ମାମଲା, ପରିବହନ ସମସ୍ୟା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** ଗ୍ରହ ସ୍ଥିତି ମନ୍ଦ ନ ଥିବା କାରଣରୁ ଆପଣଙ୍କ ଆଜିର ଜୀବନଯାତ୍ରା ହସଖୁସି ମଧ୍ୟରେ ଅତିବାହିତ ହେବ। ମାତ୍ର ପୁଷ୍ୟା ନକ୍ଷତ୍ର ବନ୍ଧୁଙ୍କ ମଧୁର ଓ ସରଳ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଅବଶ୍ୟ କୌଣସି ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇପାରିବ।

**ସିଂହ** ଚରରାଶିରେ ରାଶ୍ୟାଧିପତି ଆପଣଙ୍କୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥିରଭାବରେ ବସାଇଦେଇ ନ ପାରେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବା ଆଶଙ୍କା ରହିଛି। କିନ୍ତୁ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ବେପରୁଆ ଭାବରେ କାମକରି ମଧ୍ୟ ସାହାଯ୍ୟ ସହଯୋଗ ଲାଭକରି ସମସ୍ୟାମୁକ୍ତ ରହିବେ।

**କନ୍ୟା** ଚନ୍ଦ୍ରଙ୍କ କୋଣଭାବରେ ରହି ବୃହସ୍ପତି ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ଆଜି ଯାହା କରନ୍ତୁନା କାହିଁକି ସଫଳତା ନିଶ୍ଚିତ ପାଇବେ। ମିତ୍ରବନ୍ଧୁମାନେ ଆବଶ୍ୟକ ସମୟରେ ଆଶାଜନକ ସାହାଯ୍ୟ କରିପାରନ୍ତି। ପଡ଼ୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରିଆସିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ନିମନ୍ତ୍ରଣ ପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିପାରନ୍ତି।

**ତୁଳା** କର୍ମସ୍ଥାନସ୍ଥ ଗ୍ରହମାନେ ଆପଣଙ୍କୁ କର୍ମସାଫଲ୍ୟ ପ୍ରଦାନ କଲେହେଁ ପରିବାରରେ ମତଭେଦ ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ ଆଜିର କାମଗୁଡ଼ିକ ସମ୍ପନ୍ନହେବା କଷ୍ଟକର ହୋଇପଡ଼ିବ। ସ୍ୱାତୀ ନକ୍ଷତ୍ର ଗୃହ ସମସ୍ୟା ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା** ଶନିଙ୍କ ନକ୍ଷତ୍ରରେ ଚନ୍ଦ୍ର ସ୍ଥାନ ପ୍ରଭାବରେ ମାନସିକ ଅସ୍ଥିରତା ସାଙ୍ଗକୁ ଭାବପ୍ରବଣତା ସୃଷ୍ଟି କରିବ। ପାରିବାରିକ ସ୍ତରରେ କିଛି ନ କରି ବୃଥା ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟିହିଁ ସମସ୍ୟାର କାରଣ ହୋଇପଡ଼ିବ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ସାହିତ୍ୟ,କଳା,ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ଅଷ୍ଟମଭାବସ୍ଥ କର୍ମାଧିପତି ପାପଗ୍ରସ୍ତ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ କର୍ମ ଓ ଚିନ୍ତାଧାରା ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ନିର୍ମାଣ କାମରେ ପ୍ରତିବନ୍ଧକ ରହିଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ଅସୁବିଧା ନାହିଁ।

**ମକର** ରାଶ୍ୟାଧିପତି ନକ୍ଷତ୍ରରେ ଚନ୍ଦ୍ର ଅତୀତ ଚିନ୍ତାକୁ ମନରେ ସ୍ଥାନ ଦେଇ ଅସ୍ଥିରତା ଅନୁଭବ କରିପାରନ୍ତି। ମନ ବିରକ୍ତ ହେତୁ ଆପଣଙ୍କ ବ୍ୟବହାରରେ ବ୍ୟତିକ୍ରମ ପରି ଲକ୍ଷିତ ହୋଇପାରେ। ନିଜ ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ମଧ୍ୟ ଦୁଶ୍ଚିନ୍ତାର କାରଣ ପାଲଟି ଯାଇପାରେ। ମାତ୍ର ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଏହାର ଠିକ୍ ବିପରୀତ ଫଳ ମିଳିପାରେ।

**କୁମ୍ଭ** ରାଶିର ଦ୍ୱିତୀୟସ୍ଥ ଚନ୍ଦ୍ର ଓ ରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ନିୟନ୍ତ୍ରଣାଧୀନ ରଖିପାରେ। ବନ୍ଧୁମାନଙ୍କ ସାହାଯ୍ୟରୁ ଯୋଜନାବଦ୍ଧ ନୂତନ କର୍ମାରମ୍ଭ ସମସ୍ୟାମୁକ୍ତ ରହିବ। ଯାନବାହନ, ସଭାସମିତି ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ପୂର୍ବାଭାଦ୍ରପଦ୍ ନକ୍ଷତ୍ର ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲିଲେ ଅବଶ୍ୟ ଉପକୃତ ହୋଇପାରିବେ।

**ମୀନ** ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ଯାହା ଆଶା କରୁଛନ୍ତି ତାହା ପାଇବେ ଏବଂ ବନ୍ଧୁବତ୍ସଳ ହେବେ। କିନ୍ତୁ ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ କାମ କରିଚାଲିଲେ ହିଁ ସୁଫଳ ମିଳିବ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଷଷ୍ଠୀ ମଙ୍ଗଳବାର, ଜୁଲାଇ ୨୩ ତାରିଖ, ରାଶି ନକ୍ଷତ୍ର- ଦିବା ଘ୨।୧୫ମି. ଗତେ, ରେବତୀ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଧନୁ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର। ଦିବା ଘ୮।୨୮ମି. ଗତେ, ଘ୧୦।୦୮ମି. ମଧ୍ୟେ ଘ୧୧।୪୭ମି. ଗତେ ଘ୧।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୦୮ମି. ଗତେ ଘ୪।୪୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




SALE

House for sale at Gothapatna 70,00,000/-, 16000sqft. land and 3200sqft. plot sale, sqft. 1400/- Gothapatna Mainroad, Bhubaneswar. 7735768268. D-66743

SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 9090556060. D-66731

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968. D-66738

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508. D-66729

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/registration. 9937032327, 9583328312. D-66730

ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591. D-66732

2BHK simplex 15,00,000/- finishing Hanspal Bank finance available. 7381578650, 7377605498. D-67019

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527. D-66740

Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788. D-66737

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି 9439857581. D-66733

2BHK, 3BHK ready to move flats at Hitech Heaven project near Gudiapokhari chowk, Bhubaneswar. 9040307584, 9437192512. D-13518

Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622. D-66736

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66932

2400sqft. BDA plot for sale at K9/A Patrapada. Contact: 8114860043. D-64991

34 Gunth commercial plot sale between Bhubaneswar-Khurda NH-5, gunth- 7.50 lac, frontage- 80ft.. Contact: 9439101373, 7750068828. D-13539

Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267. D-67318

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




300 sqft. commercial space available at Gautam Nagar, Bhubaneswar near BMC for Doctor consultancy chamber. 9937203178. D-62194

2BHK house at Bapuji Nagar, Bhubaneswar for office, chamber, consultancy. Contact: 9437347177. D-62193




Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Ayurvedic full body massage ladies/gents smart experts therapist. 9114697517. D-66929

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Kajal ayurvedic massage club fully relaxed by smart lady, home service available. 9937637219. D-66930

Physiotherapy full body massage by trained ladies / gents therapist: 7008773793. D-67018

Ayurvedic full body massage ladies & gents smart therapist. 9040900385. D-66931



ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

# ଚିନ୍ତା ବଢ଼ାଇଲାଣି ସ୍ୱଳ୍ପ ବୃଷ୍ଟି

ଭୁବନେଶ୍ୱର, ୨୨।୭(ବ୍ୟୁରୋ)



- ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୯ ପ୍ରତିଶତ କମ୍ ବର୍ଷା
- ଜଳଭଣ୍ଡାର ସ୍ଥିତି ଶୋଚନୀୟ
- ହୀରାକୁଦରୁ ବିଦ୍ୟୁତ ଉତ୍ପାଦନ କମାଇବାକୁ ନିର୍ଦ୍ଦେଶ

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ରାଜ୍ୟରେ ମରୁଡ଼ି ପରିସ୍ଥିତି ଉପୁଜିଲାଣି। ବର୍ଷା ଅଭାବରୁ ଅନେକ ସ୍ଥାନରେ ଚାଷ ଉଜୁଡ଼ି ଗଲାଣି। ଅନେକ ଅଞ୍ଚଳରେ ଗଜା ମରୁଡ଼ିର ଆଶଙ୍କା ମଧ୍ୟ ଦେଖାଦେଲାଣି। ବର୍ଷା ଚିନ୍ତାରେ ଚାଷୀ ରହିଥିବାବେଳେ ଆସନ୍ତା ଦୁଇଦିନ ମଧ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ଦୁର୍ବଳ ରହିଥିବା ମୌସୁମୀ ପୁଣି ଥରେ ସକ୍ରିୟ ହେବ। ୨୫ତାରିଖଠାରୁ ଉପକୂଳ ସମେତ ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ବର୍ଷା ପରିମାଣ ବଢ଼ିବା ସହ ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ଦୁଇଦିନ ବର୍ଷା ନାହିଁ। କାଳବୈଶାଖୀ ପ୍ରଭାବରେ ୨୩ ତାରିଖରେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୁରଭଞ୍ଜ, ଦେବଗଡ଼, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ହାଲୁକା ବର୍ଷା ହୋଇପାରେ। ୨୪ ତାରିଖରେ ମଧ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୨୫ ତାରିଖରୁ ଓଡ଼ିଶାରେ ପାଣିପାଗରେ ପରିବର୍ତ୍ତନ ଦେଖିବାକୁ ମିଳିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୨୯ ପ୍ରତିଶତ କମ୍ ବର୍ଷା ହୋଇଛି। ଅଗଷ୍ଟ ଶେଷ ସୁଦ୍ଧା କମ୍ ବର୍ଷାର ଭରଣା ହେବାର ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ କହିଛି। ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ତାତି ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଜନସାଧାରଣଙ୍କୁ କଲବଲ କରୁଛି। ଖରାଦିନ ଭଳି ବର୍ତ୍ତମାନ ତାତି ଅସମ୍ଭାଳ ହୋଇପଡୁଛି। ସକାଳ ୯ଟା ପରେ ଖରା ଏମିତି ହେଉଛି ଯେ ଲୋକେ ବାହାରକୁ ବାହାରିବାକୁ ବି ଡରୁଛନ୍ତି। ସୋମବାର ରାଜ୍ୟର ଅଧିକାଂଶ ସହରର ତାପମାତ୍ରା ୩୬ଡିଗ୍ରୀ ଉପରେ ରହିଥିଲା।

ସେପଟେ ବର୍ଷା ଅଭାବରୁ ରାଜ୍ୟର ଅଧିକାଂଶ ଜଳଭଣ୍ଡାରରେ ସାଂଘାତିକ ସ୍ଥିତି ଉପୁଜିଛି। ହୀରାକୁଦ ସମେତ ପ୍ରମୁଖ ଜଳଭଣ୍ଡାର ଗୁଡ଼ିକରେ ଧାର୍ଯ୍ୟ କ୍ଷମତାଠାରୁ ଯଥେଷ୍ଟ କମ୍ ପାଣି ରହିଛି। ସ୍ଥିତି ଏମିତି ହୋଇଛି ଯେ, ହୀରାକୁଦ ଏବଂ ଅନ୍ୟ ଡ୍ୟାମ୍‌ରୁ ଜଳ ବିଦ୍ୟୁତ ଉତ୍ପାଦନ କମାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ଶୀଘ୍ର ପର୍ଯ୍ୟାପ୍ତ ପରିମାଣର ବର୍ଷା ନ ହୁଏ, ତେବେ ଶିଳ୍ପ ଓ ଚାଷ ପାଇଁ ପାଣି ଯୋଗାଣ ପ୍ରଭାବିତ ହେବ। ହୀରାକୁଦ ଉପରମୁଣ୍ଡରେ ବର୍ଷା ଅଭାବଜନିତ ସ୍ଥିତି ଅତି ଗମ୍ଭୀର ଥିବାରୁ ଜଳଭଣ୍ଡାରରୁ ଜଳସ୍ତର ହ୍ରାସ ପାଇଛି। ଗତବର୍ଷ ଜୁଲାଇ ୨୦ ତାରିଖରେ ଜଳସ୍ତର ୬୦୭.୨୫ ଫୁଟ୍ ଥିବାବେଳେ ଚଳିତବର୍ଷ ସମାନ ତାରିଖରେ ୫୯୯.୮୩ ଫୁଟ୍ ରହିଛି। ସୋମବାର ଜଳସ୍ତର ଆହୁରି କମି ୫୯୮.୮୫ ଫୁଟ୍‌ରେ ପହଞ୍ଚିଛି। ଏବେ ସେକେଣ୍ଡ ପ୍ରତି ୨୩୦୦ ଘନଫୁଟ ଜଳ ହୀରାକୁଦକୁ ପ୍ରବେଶ କରୁଥିବା ବେଳେ କେନାଲ ଓ ପାୱାର ଚ୍ୟାନେଲ୍ ଦେଇ ସେକେଣ୍ଡ ପ୍ରତି ୧୨ ହଜାର ଘନଫୁଟ ଜଳ ନିଷ୍କାସିତ ହେଉଛି। ଯାହାଦ୍ୱାରା ଜଳସ୍ତର କମିବାରେ ଲାଗିଛି। କେବଳ ହୀରାକୁଦ ନୁହେଁ ବାଲିମେଳା, ରେଙ୍ଗାଲି, ମାଛକୁଣ୍ଡ ଆଦି ଜଳଭଣ୍ଡାରରେ ମଧ୍ୟ ଗତବର୍ଷ ତୁଳନାରେ ଜଳସ୍ତର କମିଛି। ସେହିପରି ଇନ୍ଦ୍ରାବତୀ ଜଳଭଣ୍ଡାରରେ ଗତବର୍ଷ ଜଳସ୍ତର ୬୩୩.୦୪ ମିଟର ରହିଥିବାବେଳେ ଚଳିତ ବର୍ଷ ୬୩୦.୫୮ ମିଟର ରହିଛି। ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର କମୁଥିବାରୁ ତା'ର ପ୍ରଭାବ ପଡ଼ିବା ବି ଆରମ୍ଭ ହୋଇଯାଇଛି। ତେଣୁ ବାଧ ହୋଇ ହୀରାକୁଦରୁ ଜଳ ବିଦ୍ୟୁତ ଉତ୍ପାଦନ କମାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ଜଳଭଣ୍ଡାରରେ ମଧ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି।

## ଜିଲା ଟିଠି
## ମାଲକାନଗିରି



# ଜଙ୍ଗଲ ସୁରକ୍ଷା ପ୍ରହସନ

ଦେଶରେ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ଜଙ୍ଗଲ ଅଞ୍ଚଳର ପରିସୀମା ଦିନକୁ ଦିନ କମିବାରେ ଲାଗିଛି। ତେବେ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି କରିବା ସହିତ ଏ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ରୁ ୭ ତାରଖ ମଧ୍ୟରେ ସରକାରୀ ଓ ବେସରକାରୀ ସ୍ତରରେ ବନ ମହୋତ୍ସବ ପାଳନ କରାଯାଉଛି। ଏଥିରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଏବଂ ଅନୁଷ୍ଠାନ ସାମିଲ ହେଉଛନ୍ତି। ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇ ଲୋକଙ୍କୁ ସଚେତନ କରାଯାଉଛି। ଚଳିତବର୍ଷ ରାଜ୍ୟରେ ୪ କୋଟିରୁ ଊର୍ଦ୍ଧ୍ୱ ଚାରା ରୋପଣ ପାଇଁ ଯୋଜନା ରହିଛି। ସପ୍ତାହ ସାରା ସଭାସମିତି, ଶୋଭାଯାତ୍ରା ଅନୁଷ୍ଠିତ ହୋଇ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି। ଅତିଥିମାନେ ପରିବେଶ ସୁରକ୍ଷା ନେଇ ଚିନ୍ତାବ୍ୟକ୍ତ କରୁଛନ୍ତି। ମାତ୍ର ସପ୍ତାହେ ପରେ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷାକୁ ସମସ୍ତେ ଭୁଲିଯାଇ ପରୋକ୍ଷରେ ଜଙ୍ଗଲ ନଷ୍ଟ କରିଥାନ୍ତି। ମାଲକାନଗିରି ଜିଲାରେ ବିଦ୍ୟାଳୟଗୁଡିକରେ ମଧାହ୍ନଭୋଜନ ରୋଷେଇ କାଠକୁ ଜାଳେଣି ଭାବେ ବ୍ୟବହାର କରାଯିବା ଏହାର ଜ୍ୱଳନ୍ତ ଉଦାହରଣ। ଜିଲାରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ମାଧମିକ ବିଦ୍ୟାଳୟ, ମହାବିଦ୍ୟାଳୟ ସଂଖ୍ୟା ହେଉଛି ୧୨୬୦। ଏହି ଶିକ୍ଷାନୁଷ୍ଠାନଗୁଡିକରେ ୧ ଲକ୍ଷ ୧୬ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ହଜାର ୩୪୮ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କ ପାଇଁ ପ୍ରତି ବିଦ୍ୟାଳୟରେ ମଧାହ୍ନଭୋଜନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ୯୦ ପ୍ରତିଶତ ବିଦ୍ୟାଳୟ ମଧାହ୍ନଭୋଜନ ପାଇଁ ଜାଳେଣି କାଠ ବ୍ୟବହାର କରନ୍ତି। ଜିଲାରେ ବନ ନିଗମର ଜାଳେଣି କାଠ ବିକ୍ରୟ କେନ୍ଦ୍ର କେବଳ ମାଥିଲିଠାରେ ରହିଛି। ଅନ୍ୟ କେଉଁଠାରେ ମଧ ଜାଳେଣି କାଠ ବିକ୍ରୟକେନ୍ଦ୍ର ନାହିଁ। କୌଣସି ବେସରକାରୀ ସଂସ୍ଥା ମଧ ଜାଳେଣି କାଠ ବିକ୍ରୟ କେନ୍ଦ୍ର ଖୋଲିନାହାନ୍ତି। ମାଥିଲିଠାରେ ଥିବା ନିଗମର କାଠ ବିକ୍ରୟ କେନ୍ଦ୍ରରୁ ମାଲକାନଗିରି ଜିଲା ଜେଲକୁ କାଠ ଯୋଗାଣ ହେଉଛି। ବଳକା କାଠ ଟ୍ରକ ଯୋଗେ ଜିଲା ବାହାରକୁ ବିକ୍ରୟ ପାଇଁ ପଠାଯାଉଛି। ଏପରିସ୍ଥଳେ ଜିଲାର ବିଦ୍ୟାଳୟଗୁଡିକ ସ୍ଥାନୀୟ ଅଞ୍ଚଳର ଜଙ୍ଗଲରୁ ଚୋରା କାଠ ଖରିଦ କରି ବିଦ୍ୟାଳୟରେ ମଧାହ୍ନଭୋଜନ ସହ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଦୁଇବେଳା ଖାଦ୍ୟ ରନ୍ଧାରେ ବ୍ୟବହାର କରିଥାନ୍ତି। ଏତଦ୍‌ବ୍ୟତୀତ ମାଲକାନଗିରି ଜିଲା ମାଓବାଦୀ ଉପଦ୍ରୁତ ଅଞ୍ଚଳ ହୋଇଥିବାରୁ ଜିଲାର ୨୬ଟି ସ୍ଥାନରେ ସୀମା ସୁରକ୍ଷା ବାହିନୀର କ୍ୟାମ୍ପ ରହିଛି। ଅଧିକାଂଶ କ୍ୟାମ୍ପରେ ଜାଳେଣି କାଠ ବ୍ୟବହାର ହୋଇ ଖାଦ୍ୟ ପ୍ରସ୍ତୁତ ହେଉଛି। ଏଥିପାଇଁ ଆବଶ୍ୟକ ପରିମାଣର କାଠ ଜିଲାର ବିଭିନ୍ନ ଜଙ୍ଗଲରୁ ସଂଗ୍ରହ କରି ସ୍ଥାନୀୟ ଲୋକେ ବିକ୍ରି କରୁଛନ୍ତି। ମଧାହ୍ନଭୋଜନ ଓ ଆବାସିକ ବିଦ୍ୟାଳୟରେ ରୋଷେଇ ପାଇଁ ଆବଶ୍ୟକ ଜାଳେଣି କ୍ରୟ ଲାଗି ସରକାର ଅର୍ଥ ଦେଉଥିଲେ ମଧ ରନ୍ଧନ ଗ୍ୟାସ ବ୍ୟବହାର କରାଯାଉ ନାହିଁ। ଜିଲାରେ ଶିକ୍ଷା ବିଭାଗ ଅଧିକାରୀ ଏବଂ ବନ ବିଭାଗ ଏହା ଜାଣିଥିଲେ ମଧ କୌଣସି ପଦକ୍ଷେପ ନେଉନାହାନ୍ତି। ଯଦି ଜାଳେଣି କାଠ ପାଇଁ ଏପରି ଜଙ୍ଗଲ କଟା ଅବ୍ୟାହତ ରହେ ତେବେ ଆଗାମୀ ଦିନରେ ଜିଲା ଜଙ୍ଗଲ ଶୂନ୍ୟ ହୋଇଯିବ ଏଥିରେ ସନ୍ଦେହ ନାହିଁ

– ଦୁର୍ଯ୍ୟୋଧନ ପାତ୍ର

# ଭିଜିଲାନ୍ସ ଜାଲରେ କନିଷ୍ଠଯନ୍ତ୍ରୀ

ପାଟଣା/କେନ୍ଦୁଝର, ୨୨।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ମଲାରପଦରେ ନିର୍ମାଣାଧୀନ ଏକ କମ୍ୟୁନିଟି ସେଣ୍ଟରର ଶେଷ ପର୍ଯ୍ୟାୟ ବିଲ୍ ପାସ୍ କରାଇବା ଲାଗି ଲାଞ୍ଚ ନେଉଥିବା ବେଳେ ସାହାରପଡା ବ୍ଲକର କନିଷ୍ଠଯନ୍ତ୍ରୀ ବିଭୂତି ଭୂଷଣ ପ୍ରଧାନ ସୋମବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇ କେନ୍ଦୁଝର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି କମ୍ୟୁନିଟି ସେଣ୍ଟର ବିଧାୟକ ହାତପାଣ୍ଠିରୁ ନିର୍ମାଣ କରାଯାଇଛି। ପୂର୍ବାହ୍ନରେ ସାହାରପଡାସ୍ଥିତ ସରକାରୀ ବାସଭବନରେ ଠିକାଦାର ହେମନ୍ତ ମହାନ୍ତଙ୍କଠାରୁ କନିଷ୍ଠଯନ୍ତ୍ରୀ ପ୍ରଧାନ ୭ହଜାର ୫ଶହ ଟଙ୍କା ଲାଞ୍ଚ ନେଉଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ଦେବଦତ୍ତ ସେଠଙ୍କ ନେତୃତ୍ୱରେ ଭଦ୍ରକ ଡିଏସପି ସଞ୍ଜୟ କୁମାର ଦାସ ମହାପାତ୍ର, କେନ୍ଦୁଝର ଭିଜିଲାନ୍ସ ଇନ୍ସପେକ୍ଟର ହେମାମାଳିନୀ ନାୟକ, ବାରିପଦା ଇନ୍ସପେକ୍ଟର ପ୍ରଦୀପ କୁମାର ସାମଲ, କେନ୍ଦୁଝର ଭିଜିଲାନ୍ସ କର୍ମଚାରୀ ସର୍ବେଶ୍ୱର ସାହୁ, ସୁରେନ୍ଦ୍ର କୁମାର ପାତ୍ର ଓ ରାଜଶ୍ରୀ ଷଡ଼ଙ୍ଗୀ ପ୍ରମୁଖ ଚଢାଉ କରିଥିଲେ।

- ଜଙ୍ଗଲରୁ ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର

# ବଳାତ୍କାର ପରେ ହତ୍ୟା ସନ୍ଦେହ

ସୁନ୍ଦରଗଡ଼, ୨୨।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରୁ ଜନୈକା ନାବାଳିକା (୧୬)ଙ୍କ ଗଳିତ ମୃତଦେହ ସୋମବାର ଅପରାହ୍ନରେ ପୋଲିସ ଉଦ୍ଧାର କରିଛି। ନାବାଳିକାଙ୍କ ଅଙ୍ଗବସ୍ତ୍ର ନ ଥିବାରୁ ତାଙ୍କୁ ବଳାତ୍କାର ପରେ ଗଳା ଚିପି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଦଶମ ଶ୍ରେଣୀ ପାସ କରିଥିବା ଏହି ନାବାଳିକା ଜଣକ ଗତ ଶନିବାରରୁ ନିଖୋଜ ଥିଲେ। ଜଙ୍ଗଲ ମଧ୍ୟରେ ଏହି ନାବାଳିକାଙ୍କ ମୃତଦେହ ପଡିଥିବା ପ୍ରଥମେ ସ୍ଥାନୀୟ ଜଣେ ଛେଳି ଚରାଳି ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଏହି ସମୟରେ ନାବାଳିକାଙ୍କ ବାପା ଝିଅର ନିଖୋଜ ସମ୍ପର୍କରେ ହେମଗିର ଥାନାକୁ ଖବର ଦେବାକୁ ଯାଉଥିଲେ। ଜଙ୍ଗଲରେ ମୃତଦେହ ପଡ଼ିଥିବା ଗାଁ ଲୋକଙ୍କଠାରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗଳିତ ମୃତଦେହ ତାଙ୍କ ଝିଅର ବୋଲି ଚିହ୍ନଟ କରିଥିଲେ। ମୃତା ନାବାଳିକାଙ୍କ ଘର ପାଖ ଗ୍ରାମରେ। ପୋଲିସ ମୃତଦେହ ଜବତ କରିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ଠିକ୍ ରିପୋର୍ଟ ଆସିବ ବୋଲି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପ୍ରକାଶ କରିଛନ୍ତି।

# ହୀରାକୁଦ ଜଳସ୍ତର ହ୍ରାସ: ଓଏଚ୍‌ପିସିକୁ କମିବ ଜଳ ଯୋଗାଣ

ସମ୍ବଲପୁର,୨୨।୭(ବ୍ୟୁରୋ)

ସମଗ୍ର ରାଜ୍ୟରେ ଆଜିପର୍ଯ୍ୟନ୍ତ ବର୍ଷା କମ୍ ହୋଇଛି। ଅନେକ ଜିଲାରେ ଖରିଫ ଚାଷ ପ୍ରଭାବିତ ହୋଇ ମରୁଡ଼ି ଆଶଙ୍କା ଦେଖାଦେଇଛି। କମ୍ ବୃଷ୍ଟିପାତର ପ୍ରଭାବ ହୀରାକୁଦ ଡ୍ୟାମ୍ ଉପରେ ମଧ ପଡ଼ିଛି। ଡ୍ୟାମ୍‌ର ଉପର ମୁଣ୍ଡରେ ବର୍ଷା ନ ହେବାରୁ ଜଳଭଣ୍ଡାର ଜଳସ୍ତର ହ୍ରାସ ପାଇଛି। ଏହାକୁ ନେଇ ଡ୍ୟାମ୍ କର୍ତ୍ତୃପକ୍ଷ ଓଡ଼ିଶା ହାଇଡ୍ରୋ ପାୱାର ଜେନେରେଶନ କମ୍ପାନୀ (ଓଏଚ୍‌ପିସି)କୁ ସୋମବାର ଚିଠି ଲେଖିଛନ୍ତି। ଡ୍ୟାମ୍‌ରେ ଜଳସ୍ତର ହ୍ରାସ ପାଇଥିବାରୁ କମ୍ପାନୀକୁ ୧୩ ହଜାର ୫ ଶହ ପରିବର୍ତ୍ତେ ୩ ହଜାର ୫ଶହ କ୍ୟୁସେକ୍ ପାଣି ଯୋଗାଇ ଦିଆଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ହେଲେ କେଉଁ ଦିନଠାରୁ ପାଣି ଯୋଗାଣ କମାଇ ଦିଆଯିବ ସେ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। ଏହି ସମସ୍ୟା ଉପରେ ଆଲୋଚନା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଉପର ମୁଣ୍ଡରେ ତୁରନ୍ତ ବର୍ଷା ନ ହେଲେ ଶୀଘ୍ର ପାଣି ଯୋଗାଣ କମାଇ ଦିଆଯାଇପାରେ ବୋଲି ଉଲ୍ଲେଖ ରହିଛି। ଏହା ହେଲେ ବୁର୍ଲା ଓ ଚିପିଲିମା ପାୱାର ହାଉସରେ ବିଦ୍ୟୁତ ଉତ୍ପାଦନରେ ସଙ୍କଟ ଉପୁଜିବ। ଏହି ଦୁଇ ପାୱାର ହାଉସ୍‌ରୁ ମାତ୍ର ୧୫ ମେଗାୱାଟ୍ ବିଜୁଳି ଉତ୍ପାଦିତ ହେବ।

ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ, ସୋମବାର ହୀରାକୁଦ ଜଳଭଣ୍ଡାର ଜଳସ୍ତର ୫୯୮.୭୯ ଫୁଟ ରହିଛି। ଡ୍ୟାମ୍ ଭିତରକୁ ୮ ହଜାର ୫ କ୍ୟୁସେକ୍ ପାଣି ପ୍ରବେଶ କରୁଥିବା ବେଳେ ୧୭ ହଜାର ୯୩୫ କ୍ୟୁସେକ୍ ପାଣି ନିଷ୍କାସିତ ହେଉଛି। ସେଥିମଧ୍ୟରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ୧୩ ହଜାର ୫ ଶହ କ୍ୟୁସେକ୍ ପାଣି ଦିଆଯାଉଥିବା ଡ୍ୟାମ୍ ଅଧୀକ୍ଷଣ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ବୁର୍ଲା ପାୱାର ହାଉସରେ ଓଏଚ୍‌ପିସି ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୨୭୫.୫ ମେଗାୱାଟ ଓ ଚିପିଲିମାରେ ୭୨ ମେଗାୱାଟ ରହିଛି। ବିଦ୍ୟୁତ ଉତ୍ପାଦନ ପାଇଁ ଡ୍ୟାମ୍‌ରୁ ୧୩ ହଜାର ୫ ଶହ କ୍ୟୁସେକ୍ ପାଣି ଯୋଗାଇ ଦିଆଯାଇଥାଏ। ଜଳସ୍ତର ୫୯୦ ଫୁଟକୁ ଖସିବା ପର୍ଯ୍ୟନ୍ତ ଚାଷ ପାଇଁ ପାଣି ଯୋଗାଇ ଦିଆଯାଏ। ସପ୍ତାହରୁ ଅଧିକ ସମୟ ବର୍ଷା ନ ହେଲେ ଜଳସ୍ତର ଆହୁରି କମିବା ସମ୍ଭାବନା ରହିଛି। ତେଣୁ ଚାଷପାଇଁ ମଧ ପାଣି ଯୋଗାଣରେ ସମସ୍ୟା ଉପୁଜିବା ସମ୍ଭାବନା ରହିଛି। ଏପରି କି ଶିଳ୍ପ ଓ କଳକାରାଖାନାକୁ ମଧ ପାଣି ଯୋଗାଣ ବନ୍ଦ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି।





CLASSIFIED DISPLAY

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available

ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

ADMISSION NOTICE FOR BA.LLB COURSE
MAHAMAYA INSTITUTE OF LEGAL SCIENCE, NUAPADA
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
BUILD YOUR CAREER IN LAW
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
CONTACT- 7077415312

ଶ୍ରବଣ ସମସ୍ୟା?
ଶ୍ରବଣ ଯନ୍ତ୍ର
ମାଗଣା ଶ୍ରବଣ ପରୀକ୍ଷା (HEARING TEST) ଓ ଡ଼ିଜିଟାଲ ଶ୍ରବଣ ଯନ୍ତ୍ର (DIGITAL HEARING AID) TRIAL ପାଇଁ ସମ୍ପର୍କ କରନ୍ତୁ।
EMI FACILITY WITH ATTRACTIVE DISCOUNT*




Signia GmbH is a Trademark Licensee of Siemens AG
Audizone Speech & Hearing Clinic

| BHUBANESWAR | BHUBANESWAR | BHUBANESWAR | CUTTACK | KORAPUT |
|---|---|---|---|---|
| Baramunda | Saheed Nagar | Jaydev Vihar | Link Road | In front of S.L.N Hospital |
| 9777806331 | 6371045707 | 6372287878 | 7381770531 | 6372307123 |

MEGA EXCHANGE OFFER
SEIKO CLOCKS
BRING IN YOUR OLD CLOCK - ANY MAKE, ANY CONDITION.
GET FLAT 25% OFF*
ON ALL SEIKO CLOCKS
Range starts from ₹2,650 onward



AUTHORISED DEALER
Khimji-K.D & Sons Pvt. Ltd.: 558/834, Cantonment Road, Cuttack, PH : 7873000120
Lalchand Gem & Jewellers Pvt. Ltd.: 41/688, Machua Bazar, Cuttack, Ph : 7873121212
Lingaraj Watch & Communication : 89, Janpath, Bapuji Nagar, Bhubaneswar, Ph : 0674-2598023

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ପ୍ରତ୍ୟେକ ଧର୍ମର ସେହି ଗୋଟିଏ ସତ୍ୟ। ପୃଥିବୀରେ କେବେ କେବେ ଜଣେ ମହାନ୍ ଶିକ୍ଷାଦାତା ବା ଗୁରୁଙ୍କର ଆବିର୍ଭାବ ହୁଏ। ସେ ଏକ ଦିବ୍ୟସତ୍ୟକୁ ଏ ପୃଥିବୀ ଉପରକୁ ଓହ୍ଲାଇ ଆଣନ୍ତି। କିନ୍ତୁ ପରେ ପରେ ସାଧାରଣ ଲୋକେ ଏହାକୁ ଅଧିକାର କରିବସନ୍ତି- ଏଥିରେ ବ୍ୟବସାୟ କରନ୍ତି ଏବଂ ଏହାକୁ ନେଇ ଏକ ରାଜନୈତିକ ସଂସ୍ଥା ସୃଷ୍ଟି କରନ୍ତି। -ଶ୍ରୀମା



# ଆଜି ଅସଲି, କାଲି ନକଲି

ଜଣେ ବ୍ୟକ୍ତିଙ୍କ ଆୟର ଉତ୍ସ ଜାଣିବା ଲାଗି ଭାରତର ଆୟକର ବିଭାଗ ଦ୍ୱାରା ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ବ୍ୟବହାର କରାଯାଇଥାଏ। ସେହିପରି ଆୟକର ଦାଖଲ ବେଳେ ବିଭିନ୍ନ କାଗଜପତ୍ର ସହ ପାନ୍ ନମ୍ବର ଯୋଡ଼ାଯିବା ବାଧ୍ୟତାମୂଳକ ରହିଆସିଛି। ହେଲେ ଏବେ କେନ୍ଦ୍ର ସରକାର ହଠାତ୍ କହିଲେଣି ଯେ ଆଧାରକୁ ଆର୍ଥିକ କାରବାର ସହ ଜଡ଼ିତ ପ୍ରତ୍ୟେକ କ୍ଷେତ୍ରରେ ଲାଗୁ କରାଯିବ। ବାର୍ଷିକ ୨୦-୨୫ ଲକ୍ଷ ଟଙ୍କାର ଜମା ବା ଉଠାଣ କରିବା ଦିଗରେ ସରକାର ଆଧାରକୁ ବାଧ୍ୟତାମୂଳକ କରିବାକୁ ଯାଉଛନ୍ତି। ଆଧାରର ଏପରି ବ୍ୟବହାର ନେଇ ସରକାରୀ ଭାବେ ସଫେଇ ଦିଆଯାଉଛି ଯେ, କଳାଧନ ଖୋଜିବାରେ ଏହା ବିଶେଷ ସହାୟକ ହେବ। କୌତୂହଳର ବିଷୟ ହେଉଛି, ବିଦେଶରୁ କଳାଧନ ଫେରାଇ ଆଣିବା ଓ ଦେଶ ଭିତରେ ଥିବା କଳାଧନ ଠାବ କରିବା ପାଇଁ କିଛିବର୍ଷ ହେବ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସରକାର କହୁଛନ୍ତି। କିନ୍ତୁ ଏ ଦିଗରେ କୌଣସି ଆଖିଦୃଶିଆ ଅଗ୍ରଗତି ଘଟିପାରୁନାହିଁ। କଳାଧନ ଠାବ ନେଇ ସରକାର ଯେଉଁସବୁ ବିଷୟ ଉଲ୍ଲେଖ କରୁଛନ୍ତି, ତାହା ମନଗଢ଼ା କାହାଣୀ ଭଳି ଲାଗିଲାଣି। କାରଣ ସରକାର ମୂଳକୁ ନ ଯାଇ ଉପରେ ବାଡ଼ି ବୁଲାଉଥିବାରୁ ଲକ୍ଷ୍ୟ ସାଧନ ହୋଇପାରୁ ନାହିଁ।

ପାନ୍ ପରିବର୍ତ୍ତେ ଆଧାର କାର୍ଡକୁ ଗୁରୁତ୍ୱ ଦିଆଯିବା ନେଇ ସମାଲୋଚନା ହେବା ପରେ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ, ଲୋକେ ନକଲି ପାନ୍ ବ୍ୟବହାର କରୁଛନ୍ତି। ଯଦି ପାନ୍‌ର ଅବସ୍ଥା ଏଭଳି ହେଉଛି, ତେବେ ଆଧାର ମଧ୍ୟ ସମଦଶା ଭୋଗିବା ସ୍ୱାଭାବିକ। ଅତୀତରେ ବିଦେଶୀ ଓ ଆତଙ୍କବାଦୀଙ୍କ ନାମରେ ଆଧାର କାର୍ଡ ବାହାରି ଯାଇଥିବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଏପରି କି ଆମ ଦେଶକୁ ଆସୁଥିବା ପ୍ରବାସୀ ଭାରତୀୟଙ୍କୁ ତତ୍କ୍ଷଣାତ୍ ଆଧାର ଦିଆଯିବାର ବ୍ୟବସ୍ଥା କରାଯାଉଛି।

ଏଠାରେ ମନେପଡ଼େ, ପୂର୍ବରୁ କେବଳ ଆୟକର ବିଭାଗ କାର୍ଯ୍ୟାଳୟରୁ ପାନ୍‌କାର୍ଡ ହାସଲ କରି ହେଉଥିଲା। କିଛି ଦଶନ୍ଧି ତଳେ ଏହି କାର୍ଡ ପାଇବା ସକାଶେ ବ୍ୟକ୍ତିବିଶେଷ ବା ବ୍ୟବସାୟିକ ସଂସ୍ଥାକୁ ଆୟକର ଦେବାକୁ ପଡୁଥିଲା। ପରବର୍ତ୍ତୀ ସମୟରେ ନିୟମକୁ ବଦଳାଇ ଦିଆଗଲା। ଆୟକର ବିଭାଗୀୟ କର୍ମଚାରୀଙ୍କଠାରୁ ଏହି କାର୍ଡ ଦେବାର କ୍ଷମତା ଅପସାରଣ କରାଗଲା। ତା' ପରିବର୍ତ୍ତେ ଟାଟା କନ୍‌ସଲଟାନ୍ସି ଭଳି କେତେକ ବାହ୍ୟ କମ୍ପାନୀକୁ ପାନ୍ କାର୍ଡ ପ୍ରସ୍ତୁତି ଓ ଯୋଗାଇବାର ଠିକା ପ୍ରଦାନ କରାଗଲା। ଏହି ବ୍ୟବସାୟିକ ସଂସ୍ଥାଗୁଡ଼ିକ ଅର୍ଥ ଦେଉଥିବା ଯେକୌଣସି ବ୍ୟକ୍ତିଙ୍କୁ ପାନ୍ କାର୍ଡ ଦେବା ପାଇଁ ତତ୍ପରତା ପ୍ରଦର୍ଶନ କଲେ। ଯେତେ ଅଧିକ କାର୍ଡ ବଣ୍ଟାଗଲା, ଠିକା ପାଇଥିବା କମ୍ପାନୀ ସେତେ ଅଧିକ କମିଶନ ପାଇଲା। ଏଭଳି ନିଷ୍ପତ୍ତି ଦ୍ୱାରା ପ୍ରଥମ ଶିକାର ହେଲା ଯାଞ୍ଚ କରି କାର୍ଡ ଦେଉଥିବା ବ୍ୟବସ୍ଥା। ଫଳସ୍ୱରୂପ ଆୟକର ଦେଉ ନ ଥିବା ବ୍ୟକ୍ତି ମଧ୍ୟ ପାନ୍‌କାର୍ଡଧାରୀ ହୋଇପାରିଲେ। ଏବେ କୁହାଯାଉଛି ଆଧାରରେ ସେଭଳି ତ୍ରୁଟି ଘଟିବା ଅସମ୍ଭବ। ଆଧାର କାର୍ଡ ଦେବା ପାଇଁ ଠିକାଦାରମାନଙ୍କୁ ଅନୁରୂପ ଭାବେ ଦାୟିତ୍ୱ ଦିଆଯାଇଛି। ନକଲ କରିବା ଅସମ୍ଭବ ହେବ ବୋଲି ଯେଉଁ ଦାବି କରାଯାଉଛି, ତାହାର ଯୁକ୍ତି ବାୟୋମେଟ୍ରିକ୍ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ପୂର୍ବରୁ ପାନ୍ କାର୍ଡ ଉପରେ ସମସ୍ତଙ୍କ ଆସ୍ଥା ଥିଲା। ତାହା ଏବେ ନକଲ ହେଉଛି ବୋଲି ଖୋଦ୍ ସରକାର ସ୍ୱୀକାର କଲେଣି। ସରକାରଙ୍କ ନୂଆ ଚିନ୍ତାଧାରାରେ ଏବଂ ନୂତନ ବ୍ୟବସ୍ଥା ଅନୁଯାୟୀ ଆଧାର କାର୍ଡକୁ ଜନ୍ମ ଦିଆଗଲା। ଏଠାରେ ମନେରଖିବାକୁ ହେବ ଯେ, ପ୍ରତ୍ୟେକ ଦିନ ଅନେକ ଆଧାରକାର୍ଡଧାରୀଙ୍କ ମୃତ୍ୟୁ ଘଟୁଛି। ସେହିଭଳି ପ୍ରତିଦିନ ନବଜାତ ମଧ୍ୟ ଆଧାର ପାଇଁ ଯୋଗ୍ୟ ହେଉଛନ୍ତି। ଅର୍ଥାତ୍ ଆଧାର ଏକ ବ୍ୟୟବହୁଳ ଓ ନିରନ୍ତର ପ୍ରକ୍ରିୟା ହୋଇଗଲାଣି, ଯାହାର ଖର୍ଚ୍ଚ ଭାରତ ଭଳି ଗରିବ ଦେଶର କରଦାତାଙ୍କ ଅର୍ଥରୁ ବ୍ୟୟ ହେଉଛି। ଆଧାର ପରେ ପୁଲ୍‌ୱାମା ବି ଘଟିଛି। ସେହି ଆଧାର ପରେ ମେହୁଲ ଚୋକ୍‌ସି ଓ ନୀରବ ମୋଦିଙ୍କ ଭଳି ଆହୁରି ଅନେକ ବ୍ୟକ୍ତିବିଶେଷ ଓ ସଂସ୍ଥା ଦେଶକୁ ଠକିପାରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଆଧାରରେ ଆତଙ୍କବାଦ ଶେଷ ହେବ ନାହିଁ କିମ୍ବା କଳାଧନ ଠାବ ହେବ ନାହିଁ ବା ନୂଆ କଳାଧନ ଅର୍ଜନ ବନ୍ଦ କରିହେବ ନାହିଁ। କେବଳ ବଡ଼ ବ୍ୟବସାୟୀଙ୍କ ପାଖରେ ଦେଶର ସାଧାରଣ ନାଗରିକର ସବୁ ଅନ୍ତରଙ୍ଗ ତଥ୍ୟ ଜମାଟବାନ୍ଧି ରହିବ। ଉଲ୍ଲେଖଯୋଗ୍ୟ ଯେ, ବ୍ରିଟେନରେ ଆଧାର ଭଳି ସୃଷ୍ଟି କରାଯାଇଥିବା କାର୍ଯ୍ୟକ୍ରମକୁ ସେଠାକାର ସରକାର ବନ୍ଦ କରିଦେଲେ। ଭାରତରେ ମଧ୍ୟ କିଛିବର୍ଷ ପରେ ସେଭଳି ପଦକ୍ଷେପ ନେବାକୁ ପଡ଼ିବ। କିନ୍ତୁ ଏବେକାର ପାଗଳାମି ଯୋଗୁ ଅନେକ ହଜାର କୋଟି ଟଙ୍କା ନଷ୍ଟ ହୋଇଚାଲିଛି। ଅନେକ ଉଦାହରଣ ଅଛି ଯେଉଁଥିରେ ସ୍ପଷ୍ଟ ପ୍ରମାଣ ମିଳିଛି ଯେ, ଆଜି ଯାହା ଅସଲି ଦିଶୁଛି, କାଲି ତାହା ନକଲି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଜୁଲାଇ ୧୯୯୪**

- ମ୍ୟାନମାରର ବିରୋଧୀ ଦଳ ନେତ୍ରୀ ତଥା ନୋବେଲ ପୁରସ୍କାର ବିଜୟିନୀ ଅଙ୍ଗ୍ ସାନ୍ ସୁ'କିଙ୍କ ମୁକ୍ତି ଦାବିକରି ଆନ୍ତର୍ଜାତିକ ସର୍ବକ୍ଷମା ସଂସ୍ଥା ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ।
- ଜାଇରେର ସୀମାନ୍ତ ସହର ଗୋମାଠାରେ ଦଳାଚକଟାରେ ୧୦୦ ଜଣ ର୍‌ୱାଣ୍ଡା ଶରଣାର୍ଥୀ ମୃତ୍ୟୁବରଣ କରିଛନ୍ତି।
- ନିର୍ବାଚନ ସଂସ୍କାର ବିଲ୍ ଉପରେ ବ୍ୟକ୍ତିବିଶେଷ ବିଭିନ୍ନ ସଂସ୍ଥା ଏବଂ ସଙ୍ଗଠନଗୁଡ଼ିକର ମତାମତ ଆହ୍ୱାନ ପାଇଁ ସ୍ୱରାଷ୍ଟ୍ର ବ୍ୟାପାର ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ମତ ଦେଇଛନ୍ତି।

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 6 | | 9 | A | | | | | C | |
| | | 2 | | 4 | 7 | | B | | | | | | | 8 |
| B | C | | | 0 | | | | 6 | | | | | | |
| D | | 1 | 2 | | 9 | E | | | | | | | 7 | |
| | A | | | | | 5 | | 2 | | 0 | 3 | | | 6 |
| 1 | | 6 | A | | | | 5 | | | 3 | | E | | B |
| | | 0 | 3 | 2 | C | 8 | | | | 1 | | 9 | | |
| | | | | | 0 | B | | | | | C | A | 8 | |
| 2 | 7 | E | 1 | 9 | | | | | | B | | D | | |
| 9 | | | 4 | | | A | | | | | | | | 1 |
| C | | B | | | | 4 | | | | | | | 3 | D |
| | | 3 | | | | 9 | E | | | 2 | 4 | 6 | 5 | 0 |
| 4 | | | 0 | 5 | | | | | | | | | | 7 |
| | E | | | | | 1 | | 5 | | | | | | |
| 7 | | D | E | C | | | 0 | | | 9 | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 3 | 0 | B | 6 | 4 | 8 | A | 2 | 7 | 9 | C | 5 | E |
| 0 | A | E | 3 | 4 | C | 9 | 6 | 5 | D | 8 | 1 | B | 7 | 2 |
| 8 | 6 | 9 | 7 | 2 | A | 1 | E | C | 3 | 5 | B | 4 | 0 | D |
| C | 4 | B | 5 | D | 8 | 7 | 3 | 2 | E | 0 | 6 | A | 9 | 1 |
| 7 | 5 | 2 | E | 9 | 1 | 0 | D | B | 4 | C | A | 3 | 6 | 8 |
| B | 7 | 1 | D | 8 | 0 | 6 | A | 4 | C | E | 3 | 5 | 2 | 9 |
| 3 | 2 | A | 1 | 6 | 5 | 8 | 7 | 9 | 0 | B | D | E | C | 4 |
| D | 9 | 0 | 4 | C | 2 | 5 | B | E | 1 | A | 7 | 8 | 3 | 6 |
| 4 | 8 | C | 9 | 7 | E | D | 0 | 3 | 5 | 6 | 2 | 1 | A | B |
| 5 | E | 6 | B | A | 3 | 2 | C | 1 | 9 | 4 | 8 | 7 | D | 0 |
| 6 | B | 7 | 2 | 5 | D | 3 | 1 | 8 | A | 9 | 4 | 0 | E | C |
| E | 3 | 8 | A | 1 | 9 | C | 4 | 0 | 6 | 2 | 5 | D | B | 7 |
| 9 | 1 | D | C | 0 | B | A | 2 | 7 | 8 | 3 | E | 6 | 4 | 5 |
| A | 0 | 5 | 6 | E | 4 | B | 9 | D | 7 | 1 | C | 2 | 8 | 3 |
| 2 | C | 4 | 8 | 3 | 7 | E | 5 | 6 | B | D | 0 | 9 | 1 | A |

ଗତକାଲିର ଉତ୍ତର

# ମଦ ରାଜସ୍ୱ ଓ ଜିଡିପି



ସହଦେବ ସାହୁ

ଅବକାରୀ ବିଭାଗର ଆୟ ଉପରେ ମନ୍ତ୍ରୀଙ୍କ ଉତ୍ତର- ୨୦୦୦ ତୁଳନାରେ ୨୦୧୯ରେ ଅବକାରୀ ଟିକସ ପ୍ରାୟ ୨୯ଗୁଣ ବଢ଼ି ୧୩୫.୩୫ କୋଟିରୁ ୩୮୦୦ କୋଟି ହୋଇଛି ବୋଲି ଖବର ପଢ଼ି ମୋ ପାଖରେ ବସିଥିବା ଉମାକାନ୍ତ କହିଲା, ଆପଣଙ୍କୁ ଗୋଟିଏ କାହାଣୀ କହିବି। ମଦରେ ଚାରୋଟି ପ୍ରାଣୀର ଆତ୍ମା ରହିଛି- କୋଇଲି, ଶାରୀ, ସିଂହ ଓ ଘୁଷୁରି। ମଦୁଆ ପ୍ରଥମ ଗିଲାସ ପିଇଲେ କୋକିଳ ବଚନ କହିବ, ଦ୍ୱିତୀୟ ଗିଲାସରେ ଶାରୀ ଭଳି ଗୋଟିଏ କଥାକୁ ବାରମ୍ବାର କହିବ, ତୃତୀୟ ଗିଲାସରେ ସିଂହ ଭଳି ଗର୍ଜନ କରିବ ଓ ପରିବାର ଲୋକଙ୍କୁ ଗାଳିଗୁଲଜ, ମାର୍‌ପିଟ କରିବ ଏବଂ ଚତୁର୍ଥ ଗିଲାସ ପିଇଦେଲା ପରେ ଘୁଷୁରି ଭଳି ନାଳନର୍ଦ୍ଦମାରେ ଗଡ଼ିବ। ଗୃହକର୍ତ୍ତା ମଦ ପିଇ କିଭଳି ପରିବାରକୁ ବିଶେଷକରି ସ୍ତ୍ରୀ ଓ ପିଲାପିଲିଙ୍କୁ ମାରଧର କରେ ଆମେ ଖବରକାଗଜରୁ ପଢ଼ିବାକୁ ପାଉ ଏବଂ ରାସ୍ତାକଡ ନାଳନର୍ଦ୍ଦମାରେ ପଡିଥିବା ମଦ୍ୟପକୁ ଦେଖିଲେ ଆମକୁ ଉମାକାନ୍ତ କାହାଣୀର ଚତୁର୍ଥ ପ୍ରାଣୀର ପ୍ରକୃତି କିପରି ମଦ୍ୟପକୁ ଘାରିଛି ମନେ ପଡ଼େ।

ପାଶ୍ଚାତ୍ୟ ଦେଶର, ଶୀତ ଅଞ୍ଚଳର ଲୋକେ ମଦକୁ ଜଳ ଭଳି ପାନୀୟ ରୂପେ ଗ୍ରହଣ କରନ୍ତି ଏବଂ ଦେହକୁ ଗରମ ରଖିବା ଲାଗି, ଶୁଷ୍କତାରୁ ରକ୍ଷାକରିବା ଲାଗି ଓ ପରିଶ୍ରମ ବେଶି କରିପାରିବା ପାଇଁ ମଦ ପିଇଥାନ୍ତି। ୟୁରୋପର ଥଣ୍ଡା ଜଳବାୟୁରେ ପାଣିକୁ ଦେହର ତାପ ସହ ସମାନ କରି ପିଇବାଠାରୁ ଥଣ୍ଡାରେ ଥିବା ମଦ ପିଇ ଦେହକୁ ଶକ୍ତି ଯୋଗାଇବା ଶ୍ରେୟସ୍କର। ସେମାନେ ମାତ୍ରା ଜଗି ପିଇଥାନ୍ତି। ଜଳକୁ ପାନୀୟ ସ୍ତରକୁ ଆଣିବା ଖର୍ଚ୍ଚଠାରୁ ମଦ ଶସ୍ତା ହୋଇଥିବାରୁ ସାଧାରଣ ଲୋକ ମଦ ପିଇବା ପାଶ୍ଚାତ୍ୟ ଲୋକଙ୍କ ଅଭ୍ୟାସରେ ପଡିଯାଇଛି। ପାଶ୍ଚାତ୍ୟ ଲୋକେ ଆମ ଦେଶକୁ ଉପନିବେଶ କରି ସେମାନଙ୍କ ଆଚାର ବିଚାରକୁ ଆମ ଲୋକଙ୍କ ଉପରେ ଲଦିଦେଲା ପରେ ଆମେ ଗ୍ରୀଷ୍ମପ୍ରଧାନ ଦେଶର ଲୋକ ହୋଇଥିଲେ ବି ଆମ ଭିତରୁ ଉଚ୍ଚଶ୍ରେଣୀର ଲୋକେ ସେମାନଙ୍କୁ ଅନୁକରଣ କଲେ। ମଦ ପିଇବା, ପୁଣି ବିଦେଶୀ ମଦ ପିଇବା ଆଭିଜାତ୍ୟର ଏକ ଲକ୍ଷଣ ହୋଇଗଲା। ସରକାରଙ୍କ ନିକଟତର ହେବା ଲାଗି ସରକାରୀ କର୍ମଚାରୀମାନେ ଏବଂ କର୍ମଚାରୀଙ୍କ ସାହଚର୍ଯ୍ୟ ପାଇବା ଉଦ୍ଦେଶ୍ୟରେ ସାଧାରଣ ଲୋକେ ମଦ ପିଇଲେ। ଏପରିକି ଭାରତ ତିଆରି ବିଦେଶୀ ମଦ (ଫରେନ୍ ଲିକର୍ ମେଡ୍ ଇନ୍ ଇଣ୍ଡିଆ) ବେଶି ଚାଲିଲା। ଗାନ୍ଧୀଙ୍କୁ ସମ୍ମାନ ଦେଖାଇବା ବାହାନାରେ ନିଶା ନିବାରଣ ଆଇନ ହେଲା, କିନ୍ତୁ ନିବାରଣ ଆଳରେ ପ୍ରଚଳନ ବଢ଼ିଲା। ତାମିଲନାଡୁର ଅନୁକରଣରେ ଆମ ପ୍ରଦେଶ ବି ମଦ ବ୍ୟବସାୟକୁ ସରକାରୀ କମ୍ପାନୀର କାମ କରିଦେଲା। ମଦ ନ ପିଇବା ଆଇଏଏସ୍ ଓ ଆଇପିଏସ୍‌ଙ୍କୁ ଅଫିସରମାନଙ୍କ ଭିତରେ ଅସାମାଜିକ ଧରାଗଲା। ଏ ପ୍ରବନ୍ଧର ଲେଖକ ମୁଖ୍ୟ ଶାସନ ସଚିବ ରୂପେ ଯୋଗଦେଲା ପରେ ସେତେବେଳର ନିୟମ ଅନୁଯାୟୀ ଭୁବନେଶ୍ୱର କ୍ଲବ୍‌ର ଅଧ୍ୟକ୍ଷ ହେବା କଥା, କିନ୍ତୁ ପିଇବା (ଡ୍ରିଙ୍କ୍) କ୍ଲବ୍‌ର ମୁଖ୍ୟ ଅଙ୍ଗ ହୋଇଥିବାରୁ ମେମ୍ବର ହେଲା ନାହିଁ, ଅଧ୍ୟକ୍ଷ ହେବା ତ ଦୂରର କଥା।

ଆମ ଦେଶର ସାଧାରଣ ଲୋକେ ତୋରାଣି ଓ ହାଣ୍ଡିଆ ଭଳି ପାନୀୟ ପିଅନ୍ତି, ତାହା ମଦର କଞ୍ଚାମାଲ ହେଲେ ହେଁ ଗ୍ରୀଷ୍ମ କାଳରେ ଗରିବକୁ କର୍ମକ୍ଷମ କରିଥାଏ। କିନ୍ତୁ ମଧ୍ୟବିତ୍ତ ଶ୍ରେଣୀର ଲୋକେ ସମାଜରେ ଉପରକୁ ଉଠିବା ପାଇଁ ମଦ ପିଇବାକୁ ଆଭିଜାତ୍ୟ ମନେ କରିଗଲେଣି। ତଥାପି ଭାରତୀୟ ସମାଜରେ ସେମାନେ ଏ ଯାଏ ଗ୍ରହଣୀୟ ହୋଇନାହାନ୍ତି, ତେଣୁ ମଦ ପିଇବା ଖରାପ ବୋଲି ଜାଣିଥିବା ଧନୀ ଲୋକେ ମୁହଁଯାକ ଅତର ସିଞ୍ଚିଥାନ୍ତି। ସାଧାରଣ କର୍ମଚାରୀଟିଏ ପିଇବା ପରେ ଖିଲେ ପାନ ପାଟିରେ ଚୋବାଇ ରଖିଲେ ଅନ୍ୟମାନେ ମଦର ଗନ୍ଧ ପାଇବେ ନାହିଁ ବୋଲି ଭାବିଥାନ୍ତି। ପାନ ମସଲା ଭିତରେ ଯେ କର୍କଟ ରୋଗକାରୀ କେମିକାଲ୍ ଥାଏ ତାହା ସେମାନେ ଜାଣି ସୁଦ୍ଧା ଖାଉଛନ୍ତି।

ଆଲ୍‌କୋହଲ ଯୋଗୁ ୩ ରକମର ସମସ୍ୟା ଆସିଥାଏ। ତିନୋଟି ଯାକ ଘାତକ ସାଜେ, ଯଥା ଯକୃତ ରୋଗ, କର୍କଟ ରୋଗ ଓ ରାସ୍ତା ଦୁର୍ଘଟଣା। ଇଣ୍ଟରନ୍ୟାଶନାଲ ଜର୍ନାଲ ଅଫ୍ ଡ୍ରଗ୍ ପଲିସି ନାମକ ଏକ ପତ୍ରିକାରେ ଏବେ ଏକ ଗବେଷଣାର ଫଳ ପ୍ରକାଶ ପାଇଛି ଯେ, ୨୦୫୦ ବେଳକୁ ପ୍ରତ୍ୟେକ ଲୋକର ଆୟୁଷର ୭୫ ଦିନ ନଷ୍ଟ ହେବ କେବଳ ମଦପାନ ଯୋଗୁ। ସେ ଗବେଷଣାରେ ଥିଲେ ୩ ଜଣ ଭାରତୀୟ ଡାକ୍ତର ଓ ଦୁଇ ଜଣ ପବ୍ଲିକ୍ ହେଲ୍‌ଥ ଗବେଷକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ବେଳକୁ ଭାରତର ଜିଡିପି ୫ ଟ୍ରିଲିଅନ୍ (ଲକ୍ଷ କୋଟି) ଡଲାର କରିବେ ବୋଲି କହୁଛନ୍ତି। ଆମ ଦେଶର ଜିଡିପି ୨୦୧୬ରେ ୨.୬୯ ଟ୍ରିଲିଅନ୍ ଡଲାର ଥିଲା, ତାକୁ ୨୦୨୪ ସୁଦ୍ଧା ୫ ଟ୍ରିଲିଅନ୍ କରିବା ପରିପ୍ରେକ୍ଷୀରେ ଏକ ସର୍ଭେ ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି। ଏହି ଜାତୀୟ ସର୍ଭେ ରିପୋର୍ଟଟି ତିଆରି କରିଛନ୍ତି ଦିଲ୍ଲୀସ୍ଥିତ ଏମ୍‌ସର ନ୍ୟାଶନାଲ ଡ୍ରଗ୍ ଡିପେଣ୍ଡେନ୍ସ ଟ୍ରିଟ୍‌ମେଣ୍ଟ ସେଣ୍ଟର ଭାରତ ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପାଇଁ। ଏହି ଗବେଷଣା ପତ୍ରରେ କୁହାଯାଇଛି, ୨୦୫୦ ବେଳକୁ ୨୫କୋଟି ୮୦ ଲକ୍ଷରୁ ୫୫କୋଟି ୨୦ଲକ୍ଷ ଭିତରେ ମନୁଷ୍ୟ-ବର୍ଷ ନଷ୍ଟ ହେବ, ଏହାର ଅର୍ଥ ପ୍ରତ୍ୟେକ ଲୋକର ଜୀବନରେ ତା' ଆୟୁଷରୁ ୭୫.୬୦ରୁ ୧୬୩.୬୫ ଦିନ ନଷ୍ଟ ହୋଇଯାଉଛି ବୋଲି ଧରିବାକୁ ପଡ଼ିବ। ମଦ ପ୍ରତି ସଚେତନ ହେବା ସତ୍ତ୍ୱେ ୨୦୫୦ ବେଳକୁ ସାଧାରଣ ଜନତା ଭିତରେ ମଦ ନିଶାର ଏହି ପ୍ରଭାବ ରହିଥିବ, ଯଦି ସରକାର ଏ ଦିଗରେ ସକାରାତ୍ମକ ପଦକ୍ଷେପ ନ ନିଅନ୍ତି।

ଉଚ୍ଚ ଓ ମଧ୍ୟ ଆୟର ଦେଶଗୁଡ଼ିକ ମଦଜନିତ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ପାଇଁ ଜିଡିପିର ୧% ଖର୍ଚ୍ଚ କରିଥାନ୍ତି। ବିକଶିତ ଦେଶଗୁଡ଼ିକ ଜିଡିପିର ୧%ରୁ ବେଶି ବ୍ୟୟ କରିଥାନ୍ତି- ଫ୍ରାନ୍ସରେ ଜିଡିପିର ୧.୭%, ଆମେରିକାରେ ୨.୭୫%, ଦକ୍ଷିଣ କୋରିଆରେ ୩.୩% ଓ ଥାଇଲାଣ୍ଡରେ ୧.୯୯%। ଭାରତରେ ମଦ ଯୋଗୁ ଅର୍ଥନୈତିକ ବ୍ୟୟ ତା'ର ବାର୍ଷିକ ଜିଡିପିର ୧.୪୫%। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ମଦ ପିଇବା କାରଣରୁ ୨୦୧୧ରୁ ୨୦୫୦ ଭିତରେ ଭାରତ ଅତି କମ୍‌ରେ ୨୫ କୋଟି ୮୦ ଲକ୍ଷ ଜୀବନ ହରାଇବ। ସ୍ୱାସ୍ଥ୍ୟସେବାରେ ବ୍ୟୟ ଆଉ ଅର୍ଥନୈତିକ କ୍ଷତିକୁ ରୋକିପାରିଲେ ଭାରତ ବର୍ଷକୁ ୫ କୋଟି ୫୨ ଲକ୍ଷ ଦିବସର ଗୁଣବତ୍ତାଯୁକ୍ତ ଜୀବନ ପାଇପାରନ୍ତା। ହେଲ୍‌ଥ ଇମ୍ପାକ୍ଟ ଆଣ୍ଡ ଇକୋନମିକ୍ ବର୍ଡନ ଅଫ୍ ଆଲ୍‌କୋହଲ କଞ୍ଜମ୍ପସନ୍ ଇନ୍ ଇଣ୍ଡିଆ ବା ଭାରତରେ ମଦ୍ୟପାନ ଯୋଗୁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଓ ଅର୍ଥନୈତିକ ବୋଝ ନାମକ ଗବେଷଣାପତ୍ରରେ ଏହା ପ୍ରକାଶ ପାଇଛି।

ଏ ପ୍ରକାର ବିଶ୍ଳେଷଣ ଆଗରୁ କେବେ ହୋଇ ନ ଥିଲା। ଭାରତରେ ମଦ୍ୟପାନର ଦୀର୍ଘସୂତ୍ରୀ ପ୍ରଭାବ ଜାଣିବା ଲାଗି ଏହା ଏକ ଉଦ୍ୟମ। ଏ ଗବେଷଣା ହୋଇନାହିଁ ମଦ ନିଶା ନିବାରଣ ପକ୍ଷ ନେବା ପାଇଁ କିନ୍ତୁ ଏହାର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଜାଗ୍ରତ କରିବା ଏବଂ ମଦ ବିକ୍ରି ରୋକିବା ଉପରେ ଜୋର ଦେବା। ଏହି ଗବେଷକ ଦଳଟି ବିଭିନ୍ନ ବିଭାଗରୁ ନିଆ ହୋଇଛି- ଡିପାର୍ଟମେଣ୍ଟ ଅଫ୍ କମ୍ୟୁନିଟି ମେଡିସିନ ଆଣ୍ଡ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ, ଚଣ୍ଡିଗଡ଼ର ପୋଷ୍ଟଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଆଣ୍ଡ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ ଏବଂ ଏମ୍‌ସ ଅଧୀନରେ ଥିବା ନ୍ୟାଶନାଲ ଡ୍ରଗ୍ ଡିପେଣ୍ଡେନ୍‌ସ ଟ୍ରିଟ୍‌ମେଣ୍ଟ ସେଣ୍ଟର।

ଯଦି ମଦବିକ୍ରି ଟିକସ ରସିଦ୍‌ରୁ ମିଳିଥିବା ମୋଟ ପରିମାଣରୁ ବାଦ ଦେଲେ ମଧ୍ୟ ମଦଭିତ୍ତିକ ଚିକିତ୍ସାରେ ହେଉଥିବା ଖର୍ଚ୍ଚ ଏବଂ ମଦ୍ୟପାନ ସମାଜ ଉପରେ ଯେଉଁ କୁପ୍ରଭାବ ପକାଏ ତାହାର ମୂଲ୍ୟ ୨୦୫୦ ବେଳକୁ ୯୭,୮୯,୫୦୦କୋଟି ଟଙ୍କା (୧୫୦୬ ବିଲିୟନ ଡଲାର) ସଙ୍ଗେ ସମାନ ହେବ। ଏହାକୁ ଯଦି ଜିଡିପିର ଅଂଶ ରୂପେ ଗଣିବା ତେବେ ଭାରତର ଅର୍ଥନୀତି ଉପରେ ବାର୍ଷିକ ଜିଡିପି ହାରର ଶତକଡା ହାରାହାରି ୧.୪୫ ଭାଗ ନଷ୍ଟ ହୋଇଯିବ। ହିସାବ କଲେ ଜଣାପଡ଼ିବ ମଦରୁ ଯେଉଁ ରାଜସ୍ୱ ଆଦାୟ ହେବ, ସେହି ତୁଳନାରେ ଏହି ଖର୍ଚ୍ଚ ବହୁଗୁଣରେ ଅଧିକ।

ଇମେଲ୍ : sahadevas@yahoo.com

# ପୋଲିସ ପାଖରେ ରହୁନି ବିଦେଶୀଙ୍କ ତଥ୍ୟ

ଯୁଧିଷ୍ଠିର ମହାରଣା

ସର୍ବଭାରତୀୟ ସ୍ତରରେ ଓଡ଼ିଶା ପୋଲିସର ଦକ୍ଷତା, ପ୍ରତିବଦ୍ଧତା, ସାଧୁତା ଓ କର୍ତ୍ତବ୍ୟନିଷ୍ଠା ଯଥେଷ୍ଟ ଆଗରେ। ଅନେକ ଘଡ଼ିସନ୍ଧି ମୁହୂର୍ତ୍ତ ଓ ପ୍ରତିକୂଳ ପରିବେଶରେ ପୋଲିସ ବିଭାଗ କାର୍ଯ୍ୟ କରିଥାଏ। ତେବେ ଜାତୀୟ ସୁରକ୍ଷା ସମ୍ବନ୍ଧିତ ବିଦେଶୀଙ୍କ ତଥ୍ୟ ପୋଲିସ ପାଖରେ ରହୁ ନ ଥିବାରୁ ଅନେକ ସମୟରେ ନାନା ଅଘଟଣ ଘଟୁଛି। ଏକ ପରିସଂଖ୍ୟାନ ଅନୁଯାୟୀ, ପ୍ରତିବର୍ଷ ୧୫ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସୁଛନ୍ତି। ବୌଦ୍ଧକୀର୍ତ୍ତି ବିମଣ୍ଡିତ ହୀରକ ତ୍ରିଭୁଜ କ୍ଷେତ୍ର ତଥା ଦ୍ୱୈତନଗରୀ କଟକ-ଭୁବନେଶ୍ୱର ସେମାନଙ୍କର ମୁଖ୍ୟ ପର୍ଯ୍ୟଟନ କେନ୍ଦ୍ର। ଏହା ବ୍ୟତୀତ ଅନେକ ବିଦେଶୀ ବିଶେଷଜ୍ଞ, ଗବେଷକ, ଛାତ୍ରୀଛାତ୍ର ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ। ଆଇନ ଅନୁଯାୟୀ ବିଦେଶୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ଇଣ୍ଡିଆନ ଭିଜା ଫରେନର ରେଜିଷ୍ଟର ଆକ୍ଟ ଅନୁସାରେ ସ୍ଥାନୀୟ ପୋଲିସ ପାଖରେ ରହିବା କଥା। ସେହିପରି ହୋଟେଲ ହେଉ ବା କମ୍ପାନୀ, ଶିକ୍ଷାନୁଷ୍ଠାନ ବା ଡାକ୍ତରଖାନା, ସେମାନଙ୍କ ପାଖକୁ ଆସୁଥିବା ବିଦେଶୀଙ୍କ ସବିଶେଷ ତଥ୍ୟ ତତ୍କାଳ ସ୍ଥାନୀୟ ପୋଲିସକୁ ଦେବା କଥା। ମାତ୍ର କେତେକ ହାତଗଣତି କ୍ଷେତ୍ରକୁ ଛାଡ଼ିଦେଲେ ଅନ୍ୟ ଜାଗାରେ ପୋଲିସ ଏ ତଥ୍ୟ ପାଉନାହିଁ, ଯାହାଦ୍ୱାରା ପରବର୍ତ୍ତୀ ସମୟରେ କୌଣସି ଅଘଟଣ ଘଟିଲେ ପୋଲିସର ତଦନ୍ତ ବାଉଳା ହୋଇଯାଉଛି। ବିଦେଶୀ କଲ୍‌ଗାର୍ଲ ର୍‍ୟାକେଟ୍ ହେଉ ବା ବ୍ୟାଙ୍କ ଠକେଇ ଓ ବର୍ତ୍ତମାନ ସାଇବର ଠକେଇରେ ବିଦେଶୀମାନଙ୍କ ସମ୍ପୃକ୍ତି ଓଡ଼ିଶା ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ୨୦୧୫ରେ ୧୪,୫୨୬, ୨୦୧୬-୧୭ରେ ୧୮,୩୧୨ ଓ ୨୦୧୭-୧୮ରେ ୧୫,୬୯୧ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ହେଲେ ଏମାନଙ୍କ ମଧ୍ୟରୁ ସମସ୍ତଙ୍କ ତଥ୍ୟ ଓଡ଼ିଶା ପୋଲିସ ପାଖରେ ନାହିଁ। ସେମାନେ କେଉଁ ଉଦ୍ଦେଶ୍ୟରେ, କେତେ ଦିନ ପାଇଁ ଅନୁମୋଦିତ ଭିଜା ନେଇ ଏଠି ପହଞ୍ଚିଛନ୍ତି, ଏ ତଥ୍ୟ ପୋଲିସ ପାଖରେ ରହୁନାହିଁ।

୨୦୧୭ ଅକ୍ଟୋବର ୧୭ରେ ବିଦେଶୀ ପର୍ଯ୍ୟଟକ ଓ ଅପରାଧୀମାନଙ୍କ ଉପରେ କଡ଼ା ନଜର ରଖିବା ପାଇଁ କମିଶନରେଟ ପୋଲିସ ଏକ ବିଧିବଦ୍ଧ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲା। ହୋଟେଲରେ ରହୁଥିବା ବିଦେଶୀଙ୍କ ପରିଚୟ ଓ ରହଣି ଅବଧି ସ୍ଥାନୀୟ ପୋଲିସକୁ ପ୍ରଦାନ କରିବା ଏବଂ ହୋଟେଲର ପ୍ରବେଶ ପ୍ରସ୍ଥାନ ଫାଟକ, ପାର୍କିଂ ସ୍ଥାନ ଓ ସମସ୍ତ ଅଞ୍ଚଳରେ ସିସିଟିଭି ଲଗାଇବା ସହ ଲଗେଜ ସ୍କାନର ଦ୍ୱାରା ସେମାନଙ୍କ ଜିନିଷପତ୍ର ସ୍କାନ କରିବା ଓ ମେଟାଲ ଡିଟେକ୍ଟର ଲଗାଇବା ବାଧ୍ୟତାମୂଳକ କରାଯାଇଥିଲା। ହୋଟେଲର ପଞ୍ଜୀକରଣ ଠିକ୍ ସମୟରେ ନବୀକରଣ କରିବା ସହ ନିର୍ଦ୍ଦିଷ୍ଟ ସମୟରେ ବାର୍ ବନ୍ଦ କରିବା ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଅଗ୍ନିନିର୍ବାପକ ବ୍ୟବସ୍ଥା ସହ ଫାୟାର ସେଫ୍ଟି ଡ୍ରିଲକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଉଛି ଏହି ଗାଇଡ୍‌ଲାଇନ ଯେପରି ପାଣିରେ ଗାର। ବଜାର ତୁଳନାରେ କମ୍ ମୂଲ୍ୟରେ ଓଡ଼ିଶାରେ ପର୍ଯ୍ୟାପ୍ତ ଭ୍ରମଣ ଓ ଆନୁଷଙ୍ଗିକ ସୁବିଧା ରହିଥିବାରୁ ଏବଂ ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ ହୋଇଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। କୋଣାର୍କ, ଗୋପାଳପୁର, ଶିମିଳିପାଳ ସହ ବିଭିନ୍ନ ଅଭୟାରଣ୍ୟ ଓ ହଲିଡେ ରିସର୍ଟରେ କିଛିଦିନ ବିତାଇବା ପାଇଁ ବିଦେଶୀମାନେ ଓଡ଼ିଶାକୁ ଅଗ୍ରାଧିକାର ଦେଉଛନ୍ତି। ସେହିପରି ଓଡ଼ିଶାରେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ମହୋତ୍ସବ ଓ ବିଭିନ୍ନ ସଂସ୍ଥାଗତ ସମ୍ମିଳନୀ ହେଉଥିବାରୁ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି।

ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀ ଓଡ଼ିଶାରେ ସେମାନଙ୍କ ବ୍ୟବସାୟିକ କ୍ଷେତ୍ର ଓ ପ୍ରକଳ୍ପ ଗଢ଼ି ତୋଳୁଥିବାରୁ ସେଠାରେ କାର୍ଯ୍ୟ କରିବା ପାଇଁ ଓ ଗବେଷଣା ନିମିତ୍ତ ବିଦେଶୀମାନଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। କୌଣସି ପର୍ଯ୍ୟଟକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ଥାନୀୟ ପୋଲିସର ସୂଚନାରେ ରହୁ ନ ଥିବାରୁ ସେମାନଙ୍କର ଭିଜା ଅବଧି ଜଣାପଡୁନାହିଁ। ଫଳରେ ପରବର୍ତ୍ତୀ ସମୟରେ ସେମାନଙ୍କ ଦ୍ୱାରା କୌଣସି ଅଘଟଣ ଘଟିଲେ ଏହାର ଟେର୍ ପୋଲିସ ପାଉନାହିଁ। ୨୦୧୨ରେ ଇଟାଲୀ ନାଗରିକ ବସୁସ୍କୋ ପାଉଲୋ ଓ କ୍ଲାଉଡିଓ କୋଲାଞ୍ଜିଲୋ ମାଓବାଦୀ ଉପଦ୍ରୁତ ଅଞ୍ଚଳକୁ ବୁଲି ଯାଇଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଅପହୃତ ହୋଇଥିଲେ। ସେମାନଙ୍କୁ ମୁକୁଳାଇବା ପାଇଁ ଓଡ଼ିଶା ପୋଲିସ ଓ ସରକାରଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ସେହିପରି ୨୦୧୬ ମାର୍ଚ୍ଚ ୨୩ରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ବିଦେଶିନୀଙ୍କୁ ହାଇପ୍ରୋଫାଇଲ ସେକ୍ସ ର୍‍ୟାକେଟରେ ଧରାଯାଇଥିଲା। ୨୦୧୭ ଜୁଲାଇ ୨୩ରେ ଭୁବନେଶ୍ୱର ଶ୍ରୀୟା ଛକ ନିକଟ ଫୁଟ୍‌ପାଥ୍‌ରୁ ପୋଲିସ ଜଣେ ବିଦେଶିନୀଙ୍କୁ ନିଶାଗ୍ରସ୍ତ ଅବସ୍ଥାରେ ଉଦ୍ଧାର କରିଥିଲା, ଯିଏକି ସେକ୍ସ ର୍‍ୟାକେଟ୍‌ରେ କାର୍ଯ୍ୟରତ ବୋଲି ଜଣାପଡ଼ିଥିଲା। ୨୦୧୭ ନଭେମ୍ବର ୧୭ରେ ଖାରବେଳ ନଗର ପୋଲିସ ନିକଟ ଅଞ୍ଚଳର ଏକ ସ୍ପା ସେଣ୍ଟରରୁ ତିନିଜଣ ଥାଇଲାଣ୍ଡ ଯୁବତୀଙ୍କୁ ଉଦ୍ଧାର କରିଥିଲା। ସେମାନେ ଟୁରିଷ୍ଟ ଭିଜାରେ ଦେହ ବ୍ୟବସାୟରେ ଲିପ୍ତ ଥିଲେ ବୋଲି ପୋଲିସ ସ୍ପଷ୍ଟ କରିଥିଲା।

୨୦୧୮ ମେ ୧୯ରେ ବାପୁଜୀ ନଗରର ଏକ ସ୍ପା ସେଣ୍ଟରରୁ ୮ଜଣ ଥାଇଲାଣ୍ଡ ଯୁବତୀ ଉଦ୍ଧାର ହୋଇଥିଲେ। ବିଦେଶୀମାନଙ୍କୁ ଗିରଫ କଲା ପରେ ପ୍ରବାସୀ ଆଇନ ଅନୁଯାୟୀ ଓଡ଼ିଶା ପୋଲିସ ସମ୍ପୃକ୍ତ ଦୂତାବାସ ସହ ଯୋଗାଯୋଗ କରି ଆଇନଗତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେବେ ଓଡ଼ିଶା ପୋଲିସରେ ଦିନକୁ ଦିନ କର୍ମଚାରୀ ସଂଖ୍ୟା କମ୍ ଥିବାବେଳେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟତୀତ ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ ପୋଲିସ ଉପରେ ବଡ଼ ଚାପ ସୃଷ୍ଟି କରୁଛି। ଭାରତର ସୀମାକୁ ଲାଗିଥିବା ପାକିସ୍ତାନ, ବାଂଲାଦେଶ, ମ୍ୟାନ୍‌ମାର ଓ ନେପାଳ ଦେଶର ଅନେକ ଅପରାଧୀ ସନ୍ତର୍ପଣରେ ସୀମାରେ ଅନୁପ୍ରବେଶ କରି ଅସାମାଜିକ କାର୍ଯ୍ୟ କରି ଫେରାର ହୋଇଯାଉଛନ୍ତି। ତେବେ ବିଦେଶୀଙ୍କ ତଥ୍ୟ ରଖିବା, ଯାଞ୍ଚ କରିବା ଓ ଆପରାଧିକ କାର୍ଯ୍ୟର ତଦନ୍ତ ପାଇଁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ସେଲ୍ ଗଠନ ହେବା ଜରୁରୀ। ସେହିପରି କୋର୍ଟରେ ଏହି ମାମଲାକୁ ଫାଷ୍ଟଟ୍ରାକ୍ ମାମଲା ଭାବେ ତ୍ୱରିତ ଶୁଣାଣି ପାଇଁ ଆଇନଜୀବୀ ଓ ବିଚାରପତିଙ୍କ ମନୋନୟନ ଅତ୍ୟନ୍ତ ପ୍ରାସଙ୍ଗିକ। ଭାରତର ବିଭିନ୍ନ ରାଜ୍ୟରେ ଏହି ମାମଲା ପାଇଁ ସ୍ୱତନ୍ତ୍ର ସେଲ୍ ରହିଥିବା ବେଳେ ଓଡ଼ିଶାରେ କିନ୍ତୁ ଓଲଟା। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବାକୁ ହେଲେ ଓଡ଼ିଶା ପୋଲିସ ଏ ଦିଗଟିକୁ ଅଣଦେଖା ନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଅତ୍ୟନ୍ତ ଜରୁରୀ।

ମୋ- ୯୪୩୭୧୬୩୫୨୮,
judhister009moharana@gmail.com

## ଏଇ ଭାରତରେ

ଜିଭ କାଟି ମହାଦେବଙ୍କୁ ଅର୍ପଣ କଲେ ଯୁବକ। ଆଧୁନିକ ବିଜ୍ଞାନ ଯୁଗରେ ଏବେ ମଣିଷ ଚନ୍ଦ୍ରରେ ବସତି ସ୍ଥାପନ କରିବାକୁ ଚିନ୍ତା କରୁଛି। ଏପରି ସ୍ଥଳେ କେତେକ ଲୋକ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ନାନା ଅବିଶ୍ୱସନୀୟ କାର୍ଯ୍ୟ କରୁଛନ୍ତି। ଛତିଶଗଡ଼ରେ ସମ୍ପ୍ରତି ଏଭଳି ଏକ ଘଟଣା ଘଟିଛି। ସ୍ଥାନୀୟ କୋରବା ଅଞ୍ଚଳରେ ଥିବା କରତାଲା-ସେନ୍ଦ୍ରୀପାଲି ଜନଜାତିବହୁଳ ଗାଁରେ ଜଣେ ଯୁବକ ମାନସିକ ପୂରଣ ପାଇଁ ମହାଦେବ ମନ୍ଦିରରେ ଶିବଲିଙ୍ଗଙ୍କୁ ନିଜ ଜିଭ କାଟି ଅର୍ପଣ କରିଛନ୍ତି। ଲକ୍ଷ୍ମୀପ୍ରସାଦ ନାମକ ଏହି ଯୁବକ ସକାଳୁ କାହାକୁ କିଛି ନ ଜଣାଇ ଘରୁ ବାହାରି ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ଖୋଜାଖୋଜି ଆରମ୍ଭ ହୋଇଥିଲା। ଶେଷରେ ଲକ୍ଷ୍ମୀପ୍ରସାଦ ଗାଁ ମୁଣ୍ଡରେ ଥିବା ଶିବମନ୍ଦିରରେ ଚୁପ୍‌ଚାପ୍ ବସିଥିବା ଦେଖିବାକୁ ମିଳିଥିଲା। ମନ୍ଦିରର ଶିବଲିଙ୍ଗ ଉପରେ ଲକ୍ଷ୍ମୀପ୍ରସାଦଙ୍କର କଟାଜିଭ ରହିଥିବା ଲୋକେ ଦେଖିଥିଲେ। ମାତ୍ର ଗାଁ ଲୋକେ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେବା ପରିବର୍ତ୍ତେ ତାଙ୍କର ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଏବେ ତାଙ୍କ ପାଇଁ ସେଠାରେ ତମ୍ବୁ ଟଣା ଯାଇଥିବା କୁହାଯାଉଛି। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ପୁତ୍ର ହସ୍ତେ ବୁହାଇଲ ଜନକର
ରୁଧିର ଝରଣା
ଭରିଲ ରୂପସୀ ବୁକେ ଅବିଶ୍ୱାସ
ବିଷର ବାସନା।
ସକଳ ବସ୍ତୁର ମୂଲ୍ୟ ତୁମେ ଏକା
କରୁଛ ନିର୍ଣ୍ଣୟ
କାଳେ କାଳେ ଏ ଧରଣୀ ଘୋଷୁଥିବ
ତୁମରି ବିଜୟ।
(ସୁନା)
ମରଣ ଆସଇ ଲୁଚି ଚରଣ ଚଳାଇ ଧୀରେ
ଫୁଙ୍କିଯାଏ ଜୀବନର ଦୀପ
ନ ଦେଖାଇ ରୂପ ତା'ର
ନ ଜଣାଇ ଆଗମନ
ନ ଶୁଣାଇ କାହିଁ ପାଦ ଚିପ!
ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ-ଦିବସ ସମ
ଜୀବନ-ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି।
(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟବସ୍ଥାର ପରିବର୍ତ୍ତନ ହେଉ

ମହାଶୟ,

ଅନେକ ସମୟରେ ବିଭିନ୍ନ କର୍ମଚାରୀ ଓ ଅଫିସର ଭିଜିଲାନ୍ସ ହାତରେ ଧରାପଡୁଛନ୍ତି। ପୁଣି କିଛିଦିନ ପରେ ସେହି ଚୌକିରେ ବସି ରାଜ୍ କରୁଛନ୍ତି। ସରକାର ଏମାନଙ୍କୁ ଚାକିରିରୁ ବାହାର କରିଦେଲେ କ୍ଷତି କ'ଣ ? ଯିଏ ବି ଲାଞ୍ଚ ନେଉଛି ସେ ଉପର ହାକିମଙ୍କ ନାଁ କହି ନେଉଛି। ଉପର ହାକିମ ନେତା ଓ ମନ୍ତ୍ରୀଙ୍କୁ ଦେବା କଥା ବି ଆମେ ଗଣମାଧ୍ୟମ ଆଲୋଚନାରୁ ଶୁଣିଛୁ। ତେଣୁ ମନେହୁଏ ଏମାନେ ସମସ୍ତେ ଗୋଟିଏ ମାଳାରେ ଗୁନ୍ଥା। ମୁଣ୍ଡ ଠିକ୍ ହେଲେ ଗୋଡ଼ହାତ ଠିକ୍ ହୋଇଯିବ। ଯେତେ ଦୁର୍ନୀତି ହେଉଛି ନେତାମାନଙ୍କ ଜାଣତରେ ହିଁ ହେଉଛି। ଦୁର୍ନୀତିଗ୍ରସ୍ତଙ୍କୁ ନେତାଏ ସୁରକ୍ଷା ଦେଇଥାନ୍ତି। ବ୍ୟବସ୍ଥାରେ ପରିବର୍ତ୍ତନ ନ ଆସିଲେ ଏ ଦୁର୍ନୀତିକୁ ରୋକାଯାଇ ପାରିବ ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଅନ୍ନଦାତାଙ୍କୁ ବୁଝିବା କେବେ

'ଅନ୍ନଦାତାଙ୍କୁ ବୁଝିବା କେବେ' ପ୍ରବନ୍ଧ ଲାଗି ପ୍ରାବନ୍ଧିକଙ୍କୁ ଅଜସ୍ର ଧନ୍ୟବାଦ। କଥାରେ ଅଛି ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ ? ଚାଷକୁ ଆମେ ନାକ ଟେକୁଛେ। କୃଷି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ସ୍ନାତକଟିର ପ୍ରଥମ ପସନ୍ଦ ବ୍ୟାଙ୍କ ନ ହେଲେ ଆଇଏଏସ୍, ଓଏଏସ୍। ଧାନଚାଷୀ ଅଭାବୀ ବିକ୍ରି କରେ, କିନ୍ତୁ ଚାଉଳ ମାଲିକ ନୁହେଁ। ଟମାଟୋ ଦର କମିଲେ ରାସ୍ତାରେ ଗଡେ। କିନ୍ତୁ ଟମାଟୋ ସସ୍ ହୁଏ। ଆଳୁ ଶୀତଳ ଭଣ୍ଡାର ଅଭାବରୁ ଶଢ଼ିଯାଏ। କିନ୍ତୁ ଆଳୁ ଚିପ୍ସ ନୁହେଁ। ଶାଗମାଛ ଦରରେ କିଣିନେଇ ମଲ୍‌ଟିନ୍ୟାଶନାଲ କମ୍ପାନୀ ମାଲାମାଲ ହୁଏ। ସରକାରଙ୍କ 'କାଳିଆ' ଯୋଜନାରେ 'ବାଳିଆ' ପାଇବେ ବୋଲି ଚାଷୀ ଚାତକ ପରି ଅନେଇ ଜଳକା ହେବା ସାର ହେଉଛି।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦୀନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି। -ଦୀନ ଦୟାଲ



## ସଂକ୍ଷେପରେ



## ଦୁର୍ଘଟଣାରେ ଯୁବକ ଗୁରୁତର

କୁଚିଣ୍ଡା,୨୨।୭(ଡି.ଏନ୍.ଏ.) ସୋମବାର ଅପରାହ୍ନରେ କୁଚିଣ୍ଡା-ଫାଶିମାଳ ରାସ୍ତାର କୁମୁରାଗୁଡ଼ାଠାରେ କାର୍ ସହ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ ଆରୋହୀ କୁଚିଣ୍ଡା ଥାନା ଗୁଣ୍ଡୁରୁଚୁଆଁ ନିକଟ ଖମାରବାହାଲ ଗ୍ରାମର ଅକ୍ଷୟ ବନଛୋର ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ କୁଚିଣ୍ଡା ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ସ୍ଥାନାନ୍ତର କରଯାଇଥିଛି। ଅକ୍ଷୟଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି।

# ଲୋକମୁକ୍ତି ସଂଗଠନ ପକ୍ଷରୁ ଗଣଧାରଣା

କୁଚିଣ୍ଡା,୨୨।୭(ଡି.ଏନ୍.ଏ.) ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ ପାଇଁ ସୁପ୍ରିମ କୋର୍ଟ ଦେଇଥିବା ଆଦେଶ ବିରୋଧରେ ବିଭିନ୍ନ ଜନ ସଂଗଠନ, ଜନଆନ୍ଦୋଳନ ପକ୍ଷରୁ ସୋମବାର ଦେଶବ୍ୟାପୀ ପ୍ରତିବାଦ କରାଯାଇଛି। ଲୋକମୁକ୍ତି ସଂଗଠନ (ବାମରା କ୍ଷେତ୍ର) ପକ୍ଷରୁ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ଶତାଧିକ ଆଦିବାସୀ ଓ ବନବାସୀ ଯୋଗଦେଇଥିଲେ। ଲୋକମୁକ୍ତି ସଂଗଠନର ବରିଷ୍ଠ ସଭ୍ୟ ଫୁଲେସିସ୍ କୁଲୁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗଠନର ଉପଦେଷ୍ଟା ଅନନ୍ତ, ଜିନିଦ ସମାଦ, ଗ୍ରେଗୋରି ସମାଦ, ଉମଲାନ ଟପ୍ପୋ, ପାତ୍ର ବାଗ, ବିରଞ୍ଚି ନିଖଣ୍ଡିଆ, ସିମନ୍ ସାମାଦ, ମାଗ୍ରା ସାଙ୍ଗା, ଅଶୋକ ମାଝି, ଆସିୟାନୀ ସୁରିନ, ଡେଜିରାନୀ ଏକ୍କା, ପୁଷ୍ପଲତା ପଟେଲ ପ୍ରମୁଖ ଯୋଗଦେଇ ଆଦିବାସୀ ଓ ବନବାସୀଙ୍କ ପାଇଁ ଥିବା ଜଙ୍ଗଲ ଅଧିକାର ଆଇନକୁ ସରକାର ଠିକ୍ ଭାବରେ କାର୍ଯ୍ୟକାରୀ କରୁ ନ ଥିବାରୁ ତୀବ୍ର ସମାଲୋଚନା କରିଥିଲେ। ସରକାର ଓ ପ୍ରଶାସନ ଜଙ୍ଗଲ ଅଧିକାର ଆଇନର ଉଲ୍ଲଂଘନ କରି ଜିଲାର ହଜାର ହଜାର ଆଦିବାସୀ ଓ ବନବାସୀଙ୍କୁ ଖାରଜ କରିଦେଇଛନ୍ତି। ସମ୍ବଲପୁର ଜିଲାରେ ପ୍ରାୟ ୧୬,୦୨୬ ଆଦିବାସୀ ଓ ବନବାସୀ ପରିବାରଙ୍କୁ ବିଭିନ୍ନ କାରଣ ଦର୍ଶାଇ ଖାରଜ କରି ଦିଆଯାଇଛି। ଯେଉଁ ଆଦିବାସୀ ଓ ବନବାସୀଙ୍କ ଜଙ୍ଗଲ ଜମି ସ୍ୱୀକୃତି ଦାବୀ ଖାରଜ ହୋଇଛି, ସେମାନଙ୍କୁ ଦଖଲ ଜଙ୍ଗଲ ଜମିରୁ ଉଚ୍ଛେଦ ପାଇଁ ଗତ ଫେବୃୟାରୀ ୧୩ରେ ସୁପ୍ରିମକୋର୍ଟ ପ୍ରାୟ ୨୦ଟି ରାଜ୍ୟକୁ ଆଦେଶ ଦେଇଛନ୍ତି। ଏହି ଆଦେଶ ଫଳରେ ଦେଶରେ ପ୍ରାୟ ୧୧ ଲକ୍ଷ ୭୨ ହଜାର ୯୩୫ ଆଦିବାସୀ ଓ ବନବାସୀ ପରିବାର ଉଚ୍ଛେଦ ହେବେ। ଓଡ଼ିଶାର ୧ ଲକ୍ଷ ୫୪ ହଜାର ୨୦୦ ପରିବାର ପ୍ରଭାବିତ ହେବେ। ଜଙ୍ଗଲ ଅଧିକାର ଆଇନର ସଂଶୋଧିତ ନିୟମାବଳୀ-୨୦୧୨ ଧାରା ୧୨ (କ)ର ଉପଧାରା ୩ ଅନୁଯାୟୀ ଖାରଜ ବା ପରିବର୍ତ୍ତନ କ୍ଷେତ୍ରରେ ଦାବିଦାରଙ୍କୁ ସୂଚନା ପ୍ରଦାନ କରାଯିବ। ଯଦ୍ୱାରା ଦାବିଦାର ଉପଖଣ୍ଡସ୍ତରୀୟ କମିଟି ବା ଜିଲାସ୍ତରୀୟ କମିଟି ପାଖରେ ପୁନର୍ବିଚାର ପାଇଁ ଆବେଦନ କରିପାରିବ। ଆବେଦନ କରିବାର ସମୟ ସୀମା ୬୦ ଦିନ ରହିବ ଯାହା ଅଧିକ ୩୦ ଦିନ ବୃଦ୍ଧି କରାଯାଇ ପାରିବ। କିନ୍ତୁ ବର୍ଷ ବର୍ଷ ଧରି ଦାବିଦାରଙ୍କ ଆବେଦନପତ୍ର ପକାଇ ରଖି ଖାରଜ ହୋଇଯାଇଛି ବୋଲି ପ୍ରଚାର କରାଗଲା ଓ ଏବେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଉପଖଣ୍ଡସ୍ତରୀୟ କମିଟି ବା ଉପଜିଲାପାଳଙ୍କ ପକ୍ଷରୁ ଆଇନକୁ ଅନୁସରଣ ନ କରି ତରବରିଆ ଭାବେ ଦାବିଦାରମାନଙ୍କୁ ନୋଟିସ ପଠାଯାଉଛି। ଫଳରେ ପୁଣି ହଜାର ହଜାର ଆଦିବାସୀ ଓ ବନବାସୀ ପରିବାର ଜଙ୍ଗଲ ଜମି ଅଧିକାରରୁ ବଞ୍ଚିତ ହେବେ। ଏଭଳି ଅବସ୍ଥା ଜାରି ରହିଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରତିବାଦ ସଭାରେ ମତ ପ୍ରକାଶ ପାଇଥିଲା। ଶେଷରେ ଲୋକମୁକ୍ତି ସଂଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ଉପଜିଲାପାଳଙ୍କୁ ଭେଟି ୪ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ନିମନ୍ତେ ପ୍ରଦାନ କରିଥିଲେ। ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ପାଖରେ ଉଚିତ ପକ୍ଷ ରଖନ୍ତୁ, ସୁପ୍ରିମକୋର୍ଟ ଦେଇଥିବା ଉଚ୍ଛେଦ ଆଦେଶ ପ୍ରତ୍ୟାହାର କରନ୍ତୁ, ବର୍ତ୍ତମାନ ତରବରିଆ ଭାବେ ଦିଆଯାଉଥିବା ନୋଟିସକୁ ପ୍ରତ୍ୟାହାର କରି ଆଇନ ଅନୁଯାୟୀ ପ୍ରକ୍ରିୟା କ୍ରମେ କରାଯାଉ, ଜଙ୍ଗଲ ଅଧିକାର ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ଭଳି ଦାବି ରହିଛି।



ଲୋକମୁକ୍ତି ସଂଗଠନ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

### କୃଷି ବିଭାଗର ଅବହେଳା

## ମିଳିନି ଦରମା, କାର୍ଯ୍ୟ ବନ୍ଦ କଲେ କର୍ମଚାରୀ

ବାମରା,୨୨।୭(ସ୍ୱ.ପ୍ର.) ମେ' ଓ ଜୁନ ମାସର ଦରମା ମିଳି ନ ଥିବାରୁ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ କୃଷି ବିଭାଗ କର୍ମଚାରୀ ସୋମବାରଠାରୁ କାର୍ଯ୍ୟବନ୍ଦ ଆରମ୍ଭ କରିଛନ୍ତି। କାର୍ଯ୍ୟବନ୍ଦ ଯୋଗୁ ଚାଷୀମାନେ ହଇରାଣ ହେଉଛନ୍ତି । କୁଚିଣ୍ଡା ଉପଖଣ୍ଡ କୃଷି କାର୍ଯ୍ୟାଳୟ ଅଧୀନରେ ପ୍ରାୟ ୫୦ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଦରମା ପାଇ ନ ଥିବା ନେଇ ଗତ ୧୨ ତାରିଖରେ ବାମରା, ୧୫ ତାରିଖରେ କୁଚିଣ୍ଡା ଓ ୧୮ ତାରିଖରେ ଜମନକିରାର କୃଷି ବିଭାଗ କର୍ମଚାରୀମାନେ ଜିଲା କୃଷି ଅଧିକାରୀଙ୍କୁ ଚିଠି ଲେଖିଥିଲେ। ଏହାସହ ସମସ୍ତ କର୍ମଚାରୀ କଳା ବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମାତ୍ର ଏ ଦିଗରେ ବିଭାଗୀୟ ଅଧିକାରୀ ଗୁରୁତ୍ୱ ନଦେଇ ନିଜ କାର୍ଯ୍ୟବ୍ୟସ୍ତତା ଦର୍ଶାଇଥିଲେ। ଶେଷରେ ବାଧ ହୋଇ ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ସୋମବାର ଉପଖଣ୍ଡର ସମସ୍ତ କୃଷି ବିଭାଗ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। କର୍ମଚାରୀ କାର୍ଯ୍ୟାଳୟକୁ ଆସୁଥିଲେ ମଧ କୌଣସି କାର୍ଯ୍ୟ କରୁନାହାନ୍ତି। ଚାଷ ସମ୍ପର୍କିତ ସମସ୍ୟା ଓ ଏହାର ନିରାକରଣ ନେଇ ଅଫିସକୁ ଆସୁଥିବା ଗରିବ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କୁଚିଣ୍ଡା ଜିଲା କୃଷି ଅଧିକାରୀ ଭିଖଜିତ ମାଝିଙ୍କୁ ପଚାରିବାରୁ କହିଲେ, ଭୁବନେଶ୍ୱରସ୍ଥିତ ଏଚ୍ଆର୍ଏମ୍ଏସ୍‌ରେ ସାମାନ୍ୟ ତ୍ରୁଟି ଥିବା କାରଣରୁ ଦରମା ପ୍ରଦାନରେ ବିଳମ୍ବ ହୋଇଥିଲା। ଆଉ ଦିନେ ଦୁଇଦିନ ଭିତରେ ନିଶ୍ଚିତ ଦରମା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ଚନ୍ଦାମାଳରେ ମାଗଣା ସ୍ୱାସ୍ଥ୍ୟ ଶିବିର



ଶିବିରକୁ ଆସିଥିବା ରୋଗୀଙ୍କ ପଞ୍ଜୀକରଣ କରାଯାଉଛି।

ରେଙ୍ଗାଲି,୨୨।୭(ଡି.ଏନ୍.ଏ.) ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଚନ୍ଦାମାଳ ଗ୍ରାମରେ ସମ୍ବଲପୁର ରେଡ୍‌କ୍ରସ ଏବଂ ସ୍ୱାଧୀନ ଏକତା ସଂଗଠନ ମିଳିତ ଆନୁକୂଲ୍ୟରେ ସୋମବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୨୨୨ଜଣ ରୋଗୀଙ୍କୁ ଡା. ଅଭିଜିତ ଶର୍ମା, ଡା. କୈଳାସ ମାଝି, ଡା. ଅନ୍ନଲତା ମେହେର, ଡା. ଏମ୍‌ଡି ହଲିମ୍, ଡା. ଶୈଳେଶ ଚିକିତ୍ସା କରିବା ସହ ଔଷଧ ବଣ୍ଟନ କରିଥିଲେ। ୱାର୍ଡ ସଭ୍ୟ ସରୋଜ ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ସ୍ୱାଧୀନ ଏକତା ସଂଗଠନ ସଭାପତି ରାଜୀବ କୁମାର ମିଶ୍ର, ସମ୍ପାଦକ ସରୋଜ ବିଶୋଇ, ସଦସ୍ୟ ପଦ୍ମନାଭ ଭୋଇ, ସଂଗ୍ରାମ ଦାସ, ହରିଶ ସା, ସ୍ୱାଗତ ପ୍ରଧାନ, ମନୋଜ ଷଣ୍ଢ, ପ୍ରହଲ୍ଲାଦ ପ୍ରଧାନ ଓ ଚନ୍ଦନଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ରେଡ୍‌କ୍ରସର କୈଳାସ ଚନ୍ଦ୍ର ଓଝା, ସୈରେନ୍ଦ୍ରୀ ନାଏକ, ଜିତେନ୍ଦ୍ର ଡୋଗରା, ସବିତା ଭୋଇ, ଲିଲିପା ମୁଣ୍ଡା ଏବଂ ସମସ୍ତ ଅଙ୍ଗନୱାଡି କର୍ମଚାରୀଙ୍କ ସମେତ ଶିରି ବିକାଶ ପ୍ରକଳ୍ପର ସୁପରଭାଇଜର ଅଞ୍ଜଳା ମିଞ୍ଜ ଉପସ୍ଥିତ ଥିଲେ।

## ରେଙ୍ଗାଲିରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ରେଙ୍ଗାଲି,୨୨।୭(ଡି.ଏନ୍.ଏ.) ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୬୮ ଅଭିଯୋଗ ଆସିଥିଲା। ଆଦିତ୍ୟ ଆଲୁମିନିୟମ କାରଖାନାର ପାଣି ପାଇପ୍ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ବମାଲୋଇ ଏବଂ ତିଲେଇମାଳର ଗ୍ରାମବାସୀ କ୍ଷତିପୂରଣ ଟଙ୍କା ମିଳି ନ ଥିବା ଅଭିଯୋଗ କରିଥିଲେ। ରମ୍ପେଲା ମେଗା ଜଳସେଚନ ପ୍ରକଳ୍ପର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଚାଷଜମିକୁ ପାଣି ପହଞ୍ଚୁ ନ ଥିବା କତରବଗା ଗ୍ରାମବାସୀ ଅଭିଯୋଗ କରିଥିଲେ। ରେଙ୍ଗାଲିରେ ଏକ ଶୌଚାଳୟ ନିର୍ମାଣ, ତହସିଲ ଛକରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ, ପ୍ରଧାନପାଲିଠାରେ ଜଳ ଯୋଗାଣ ପ୍ରକଳ୍ପରୁ ରେଙ୍ଗାଲିକୁ ଜଳ ଯୋଗାଣ, ରେଙ୍ଗାଲିରେ ଟାଉନ ହଲ୍ ନିର୍ମାଣ, ରେଙ୍ଗାଲି ପିଏଚ୍‌ସିକୁ ସିଏଚ୍‌ସିରେ ପରିଣତ କରିବା, ଶିଳ୍ପ ସଂସ୍ଥାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ରେଙ୍ଗାଲି ଡାକ୍ତରଖାନାରେ ନିୟମିତ ଡାକ୍ତର ନିଯୁକ୍ତି, ଆୟୁଷ ଡାକ୍ତରଙ୍କ ଅନ୍ୟତ୍ର ବଦଳି ଆଦି ସମ୍ପର୍କରେ ରେଙ୍ଗାଲି ଗ୍ରାମବାସୀ ଦାବି କରିଥିଲେ। ଶିବିରରେ ଜିଲାପାଳ ଶୁଭମ ସକସେନା, ଏଡିଏମ୍ ଅଜୟ ଜେନା, ଡିଏଫ୍‌ଓ ଡ. ରଣଜିତ କୁମାର, ଅତିରିକ୍ତ ଏସ୍‌ପି ପ୍ରଦୀପ ମହାପାତ୍ର, ସିଡିଏମ୍‌ଓ ପଙ୍କଜିନୀ ପଣ୍ଡା, ଉପଜିଲାପାଳ ପ୍ରଦୀପ ସାହୁ, ରେଙ୍ଗାଲି ବିଡିଓ ଶିବଶଙ୍କର ପ୍ରସାଦ ସାହୁ, ତହସିଲଦାର ଭିକ୍ଟୋରିଆ ଏକ୍କା, ବ୍ଲକ ଅଧକ୍ଷ ସାଇବାନୀ ସେଠ, ଉପାଧକ୍ଷ ସତ୍ୟନାରାୟଣ ଅଗ୍ରୱାଲଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ଜିଲାପାଳ ରେଙ୍ଗାଲି ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇ ବଳକା ଥିବା କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ନଦୀ ଘାଟରୁ କିରା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ

କୁଚିଣ୍ଡା,୨୨।୭(ଡି.ଏନ୍.ଏ.) କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ପଞ୍ଚାୟତ କିରା ଗ୍ରାମଠାରୁ ନଦୀଘାଟ ପର୍ଯ୍ୟନ୍ତ ରାସ୍ତା ୨ବର୍ଷ ତଳେ ମାଟି ମୋରମ କାମ ହୋଇଥିଲା। ହେଲେ ମଝିରେ ଥିବା କଲଭର୍ଟର ଉଭୟ ପାର୍ଶ୍ୱରେ ରାସ୍ତା ଫାଟି ଆଁ କରିଥିବା ବେଳେ କଲଭର୍ଟ ଆଗରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏପରି ବିପଦପୂର୍ଣ୍ଣ ରାସ୍ତା ଯୋଗୁ ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନି ହେବା ଆଶଙ୍କା ରହିଛି। ଏହି ରାସ୍ତାରେ ବିଭିନ୍ନ ଯାନବାହାନ ଯାତାୟାତ କରୁଛି। ସ୍ଥାନୀୟ ସରପଞ୍ଚ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



କଲଭର୍ଟ ନିକଟରେ ରାସ୍ତା ଫାଟି ଆଁ କରିଛି।

## ୧୦୪ ନିଃସନ୍ତାନ ଦମ୍ପତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସମ୍ବଲପୁର, ୨୨।୭ (ବ୍ୟୁରୋ) ସମ୍ବଲପୁର ପଟ୍ଟନାୟକପଡା ଫେଜର୍ କ୍ଲବ ପରିସରରେ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ପି.ଏଲ. ତ୍ରିପାଠୀ ଯୋଗଦେଇ ୧୦୪ ଜଣ ନିଃସନ୍ତାନ ଦମ୍ପତ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଫେଜର୍ କ୍ଲବର କୃଷ୍ଣସୁଦାମ ପାଣିଗ୍ରାହୀ, ଅଜିତ ଷଡଙ୍ଗୀ, ବନମାଳୀ ରଣା, ଆଶିଷ ସାହୁ, ଅଶ୍ୱିନୀ ମହାପାତ୍ର, ଶିବପ୍ରସାଦ ସେନ, ଜୟନ୍ତୀ ମିଶ୍ର, ସତ୍ୟମାନବ ପଟ୍ଟନାୟକ, ସତ୍ୟବ୍ରତ ବକ୍ସି, ସୁବ୍ରତ ବକ୍ସି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ସମ୍ବଲପୁର ଫେଜର କ୍ଲବଠାରେ ମାଗଣା ଚିକିତ୍ସା ଶିବିର କରାଯାଉଛି ।

## ୮ ବର୍ଷ ପରେ ହତ୍ୟା ମାମଲାର ପର୍ଦ୍ଦାଫାଶ

### ଅଭିଯୁକ୍ତ ଗିରଫ, ମିଳିନି ମୃତଦେହ

ସମ୍ବଲପୁର,୨୨।୭(ବ୍ୟୁରୋ) ୮ ବର୍ଷ ତଳର ଏକ ନିଖୋଜ ମାମଲାର ତଦନ୍ତ କରି ସମ୍ବଲପୁର ଟାଉନଥାନା ପୋଲିସ ଏହାର ପର୍ଦ୍ଦାଫଶ କରିଛି। ନିଖୋଜ ମହିଳା ଜୟଶ୍ରୀ ମିଶ୍ରଙ୍କ ଝିଅ ବିଜୟିନୀ ମିଶ୍ର ଥାନାରେ ରବିବାର ପୁଣି ଅଭିଯୋଗ କରିବା ପରେ ପୋଲିସ ତତ୍ପରତା ଦେଖାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ଅଭିଯୁକ୍ତ ବୁର୍ଲା ଥାନା ବଡ଼ସିଂହାରୀ ଗ୍ରାମର ବସନ୍ତ ପଣ୍ଡା (୫୦)ଙ୍କୁ ଗିରଫ କରାଯାଇଛି। ବସନ୍ତ ଗିରଫ ହେବା ପରେ ଜୟଶ୍ରୀଙ୍କୁ ହତ୍ୟା କରି ବଡ଼ସିଂହାରୀ ଗ୍ରାମ ନିକଟ ନିଛାଟିଆ ସ୍ଥାନରେ ପୋତି ଦେଇଥିବା ବୟାନ ଦେଇଛି। ବସନ୍ତଙ୍କ ବୟାନ ଅନୁଯାୟୀ, ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ଉକ୍ତ ସ୍ଥାନରୁ ମାଟି ଖୋଳାଯାଇଥିଲା। ହେଲେ ମୃତଦେହର କୌଣସି ଅଂଶ ମିଳି ନ ଥିବା ଥାନା ଅଧିକାରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବସନ୍ତ ଜୟଶ୍ରୀଙ୍କ ସମ୍ପର୍କୀୟ ଭିଣୋଇ ଅଟନ୍ତି। ବସନ୍ତ ତାଙ୍କ ଝିଅ ବାହାଘର ସମୟରେ ଜୟଶ୍ରୀଙ୍କ ନିକଟରୁ କିଛି ଟଙ୍କା କରଜ ନେଇଥିଲେ। ଜୟଶ୍ରୀ ବାରମ୍ବାର ଟଙ୍କା ମାଗିବାରୁ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିଥିଲେ। ଘରୁ ଡାକିନେଇ ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ। ସେ ସମୟରେ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ୨୫/୨୦୧୧ନଂ ଷ୍ଟେଶନ ଡାଏରି କରି ତଦନ୍ତ କରୁଥିଲା। ଏବେ ବସନ୍ତ ଗିରଫ ହେବା ପରେ ସତ୍ୟାସତ୍ୟ ଜଣାପଡ଼ିଛି। ଏ ନେଇ ଥାନରେ ୨୮୯/୧୯ନଂ ହତ୍ୟା ମାମଲା ରୁଜୁ ହୋଇଛି। ଏହି ଘଟଣା ପରେ ଏବେ ସାଧାରଣରେ ଅନେକ ପ୍ରଶ୍ନ ଉଠିଛି। ପୋଲିସ ୮ ବର୍ଷ ପର୍ଯ୍ୟନ୍ତ କ'ଣ କରୁଥିଲା, ନିଖୋଜ ମାମଲା କରି କାହିଁକି ଚୁପ୍ ବସିଥିଲା ବୋଲି ପ୍ରଶ୍ନ ହେଉଛି।

## ସେଣ୍ଟ ଯୋଶେଫ ସ୍କୁଲ ନାମରେ ଅଭିଯୋଗ

ସମ୍ବଲପୁର,୨୨।୭(ବ୍ୟୁରୋ) ସମ୍ବଲପୁର ସାକ୍ଷୀପଡ଼ାସ୍ଥିତ ସେଣ୍ଟ ଯୋଶେଫ ସ୍କୁଲ ପୁଣି ବିବାଦ ଘେରକୁ ଆସିଛି। କିଛିଦିନ ତଳେ ୨ ଛାତ୍ରୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗକୁ ହୋଇଥିଲା। ସୋମବାର ସ୍କୁଲ ବିରୋଧରେ ଆଉ ଏକ ଅଭିଯୋଗ ଆସିଛି। ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ଅନୁମତି ନ ନେଇ ସ୍କୁଲରେ ୨ ଶହରୁ ଅଧିକ ଶୀତତାପ ନିୟନ୍ତ୍ରକ ମେଶିନ (ଏସି) ଲଗାଯାଇଛି। ଅଗ୍ନିଶମ ଗାଡ଼ି ଯିବାଆସିବା ପାଇଁ ସ୍କୁଲ ଚାରିପାଖରେ ରାସ୍ତା କରାଯାଉ ନାହିଁ। ଏସ୍‌ଡିଏର ଅନୁମତି ନିଆଯାଇ ନାହିଁ। ଫଳରେ ଏଠାରେ ପାଠ ପଢୁଥିବା ୩ ହଜାର ଛାତ୍ରୀଛାତ୍ରଙ୍କ ଜୀବନ ବିପଦରେ ରହିଥିବା ଉତ୍ତରାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିରେ କୃଷ୍ଣଗୋପାଳ ମହାକୁଡ଼, ଗିରିଧାରୀ ବାରିକ, କିରଣ ସାହୁ, ରାଜେଶ କୁମାର ମିଶ୍ର, ମାଧବ ଓରାମ, ରବିନ ଚନ୍ଦ୍ର ବାରିକ, ଯୋଗେଶ ପଣ୍ଡା,ସନ୍ତୋଷ କୁମାର ଡାଲୁଆ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ସହରରେ ଥିବା ବଡ଼ ବଡ଼ ମଲ୍, ବ୍ୟବସାୟ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନଗୁଡ଼ିକ ମଧ ନିୟମ ପାଳନ କରୁ ନ ଥିବା ଅଭିଯୋଗରେ ଦର୍ଶାଯାଇଛି।

## ସମସ୍ୟା ଘେରରେ ହିତସରା ୟୁଜିୟୁପି ସ୍କୁଲ

ନାକଟିଦେଉଳ, ୨୨।୭ (ଡି.ଏନ୍.ଏ.) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ହିତସରା ୟୁଜିୟୁପି ସ୍କୁଲ ସମ୍ପ୍ରତି ବହୁବିଧ ସମସ୍ୟା ଦେଇ ଗତି କରୁଛି। ଫଳରେ ଅବିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୬ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତେବେ ଶ୍ରେଣୀଗୃହ ଅଭାବ ଯୋଗୁଁ ପାଠପଢ଼ାରେ ବାଧା ଉପୁଜୁଛି। ୮ ଶ୍ରେଣୀ ପାଇଁ ବର୍ତ୍ତମାନ ଏଠାରେ ୬ ଶ୍ରେଣୀଗୃହ ରହିଛି। ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ର ଗୋଟିଏ ଓ ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ଗୋଟିଏ କୋଠରିରେ ପାଠ ପଢୁଛନ୍ତି। ଫଳରେ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ସେହିପରି ସ୍କୁଲ ଚାରିପାଖରେ ପାଚେରି ମଧ ନାହିଁ। ଫଳରେ ବୁଲା ଗାଈଛେଳି ସ୍କୁଲ ଭିତରେ ପ୍ରବେଶ କରି ବିଭିନ୍ନ ଫୁଲ ଗଛ ଖାଇଯାଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଇଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୨୦୧୮-୧୯ ଶିକ୍ଷାବର୍ଷରେ ଏପିଏଲ୍ ଛାତ୍ରୀଛାତ୍ରଙ୍କ ପାଇଁ ୟୁନିଫର୍ମ ଯୋଗାଇଦେବାକୁ ସରକାରୀ ବ୍ୟବସ୍ଥା ଥିବା ସତ୍ତ୍ୱେ ୭୧ଜଣ ଛାତ୍ରଙ୍କ ୪୨,୬୦୦ ଟଙ୍କା ଆଜିପର୍ଯ୍ୟନ୍ତ ସ୍କୁଲ ଖାତାରେ ଜମାହୋଇ ନାହିଁ। ସ୍କୁଲ କର୍ତ୍ତୃପକ୍ଷ ଏଥିପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଚଳିତ ଜୁଲାଇ ଶେଷ ସୁଦ୍ଧା ଯଦି ଟଙ୍କା ସ୍କୁଲ ଖାତାରେ ଜମା ନ ହୁଏ ତେବେ ପରିଚାଳନା କମିଟି ପକ୍ଷରୁ ସ୍କୁଲରେ ତାଲା ପକାଇବାକୁ ଚେତାବନୀ ଦିଆଯାଇଛି।



ହିତସରା ୟୁଜିୟୁପି ସ୍କୁଲ।

# କୋଇଲା ଖଣି ବିସ୍ଥାପିତଙ୍କ ବ୍ଲକ ଅଫିସ ଘେରାଉ

ବୌଦ୍ଧ ଜିଲା ଅତିରିକ୍ତ ଜିଲା ଦୌରାଜଜ ସତ୍ୟନାରାୟଣ ଷଡଙ୍ଗୀ ଏକ ହତ୍ୟା ମାମଲାର ବିଚାର କରି ସୋମବାର ୨ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବାସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସେମାନେ ହେଲେ ମନମୁଣ୍ଡା ଥାନା ଚମରାବାହାଲ ଗ୍ରାମର ଛୁଟା ଓରଫ ଦୁଖୁ ବାରିକ(୫୦) ଏବଂ ବାରଖଣ୍ଡିଆ ଓରଫ ସନ୍ତୋଷ ବାରିକ (୨୬)। ମାମଲାରୁ ପ୍ରକାଶ ଯେ, ୨୦୧୭ ଏପ୍ରିଲ ୨୬ ତାରିଖରେ ଦୁଖୁ ଏବଂ ସନ୍ତୋଷ ଖଜୁରିତାଡି ପିଇବାକୁ ମାଲିଆ ବାରିକଙ୍କୁ ମାଗିଥିଲେ। ପରେ ସେମାନେ ମିଶି ଖଜୁରୀତାଡି ପିଇଥିଲେ। ପୁଣି ଦୁଖୁ ଓ ସନ୍ତୋଷ ଖଜୁରିତାଡି ଦେବାକୁ ମାଲିଆଙ୍କୁ ମାଗିଥିଲେ। ହେଲେ ମାଲିଆ ଖଜୁରୀତାଡି ଦେବାକୁ ମନା କରିଦେଇଥିଲେ। ଏନେଇ ସେମାନଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦୁଖୁ ଏବଂ ସନ୍ତୋଷ ଏକ ଟାଙ୍ଗିଆରେ ମାଲିଆଙ୍କୁ ଆକ୍ରମଣ କରିଥିଲେ। ଫଳରେ ମାଲିଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ମାଲିଆଙ୍କ ସ୍ତ୍ରୀ ସଂଯୁକ୍ତା ବାରିକ ମନମୁଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ହତ୍ୟା ମାମଲା(ନଂ.୭୬/୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଘଟଣାରେ ସମ୍ପୃକ୍ତ ଦୁଖୁ ଏବଂ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲା ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ମାମଲା(ନଂ ଏସ୍ଟି ୮୩/୧୭) ରୁଜୁ ହୋଇ ବିଚାର ହୋଇଥିଲା। ୨୦ଜଣ ସାକ୍ଷୀଙ୍କ ବୟାନ ସହ ଆବଶ୍ୟକ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରା ଷଡଙ୍ଗୀ ଅଭିଯୁକ୍ତ ଦୁଖୁ ଏବଂ ସନ୍ତୋଷଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡାଦେଶ ଆଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଧୁରୀଣ ଦେହୁରୀ ପରିଚାଳନା କରିଥିଲେ।

## ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦାବିପତ୍ର

ଦେବଗଡ,୨୨।୭(ଡ଼ି.ଏନ୍.ଏ.)

ବର୍ଷା ଅଭାବରୁ ଚାଷ ଜମି ଫାଟି ଆଁ କଲାଣି । ଏ ନେଇ ସୋମବାର ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ସଭାପତି ସେମ୍ ହେମରମ୍ଙ୍କ ନେତୃତ୍ୱରେ ସମ୍ପାଦକ ଗୁଣନିଧି ବେହେରା ଧାନଫସଲର ଗଜାମରୁଡ଼ି ହୋଇଥିବାରୁ ଦେବଗଡ଼ ଜିଲାକୁ ମରୁଡ଼ି ଘୋଷଣା ଦାବି କରିଛନ୍ତି। ଅତିରିକ୍ତ ଜିଲାପାଳ ଧରମ ହସଦାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସମସ୍ତ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଣ, ସମସ୍ତ ଚାଷୀଙ୍କୁ କୃଷିଋଣ ଛାଡ଼, ସ୍କୁଲ ଓ କଲେଜ ଫି ସମ୍ପୂର୍ଣ୍ଣ ଛାଡ଼, ତିନି ବ୍ଲକର ଚାଷୀମାନଙ୍କ ସୁବିଧା ପାଇଁ ଶୀତଳ ଭଣ୍ଡାର ନିର୍ମାଣ, କୃଷି ଓ ଉଦ୍ୟାନ ବିଶ୍ୱ ବିଦ୍ୟାଳୟ ସ୍ଥାପନ, ଚାଷୀ ମାନଙ୍କ ସୁବିଧା ନିମନ୍ତେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ସ୍ଥାପନ ଓ କାଳିଆ ଯୋଜନା ସମସ୍ତ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସହାୟତା ଟଙ୍କା ତୁରନ୍ତ ପ୍ରଦାନ ଆଦି ଉଲ୍ଲେଖ କରାଯାଇଛି।



ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ୨୭୨ ଜଣ ପାଇଲେ ଆବାସ କାର୍ଯ୍ୟାଦେଶ




ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

ରେଢ଼ାଖୋଲ,୨୨।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକର ୨୭୨ ଜଣ ହିତାଧିକାରୀଙ୍କୁ ସୋମବାର ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ବିଧାୟକ ଇଂ. ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଚଳିତ ଆର୍ଥିକବର୍ଷରେ ଏହି ଯୋଜନାରେ ୪୫୯ ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ୨୭୨ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କବିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ବିଡିଓ ପରୀକ୍ଷିତ ସାହୁ, ଏବିଡିଓ ସହଦେବ ନନ୍ଦ, ପଞ୍ଚାୟତ ସମିତିର ସମସ୍ତ ସଭ୍ୟ, ସରପଞ୍ଚ ଯୋଗଦେଇଥିଲେ।

## ମହିଳାଙ୍କୁ ନିଶା ଦେଇ ବଳାତ୍କାର, ବ୍ଲାକ୍ମେଲ୍ ଘଟଣା

# ଜେଲ୍ ଗଲେ ଅଭିଯୁକ୍ତ

ଭୁବନେଶ୍ୱର, (ବ୍ୟୁରୋ)/ ପୁରୀ ଅଫିସ, ୨୨।୭

**ହାଇକୋର୍ଟ ତଦନ୍ତ ରିପୋର୍ଟ ମାଗିବା ପରେ ଗିରଫ କଲା ପୋଲିସ**

ପୁରୀର ଜଣେ ମହିଳାଙ୍କୁ ପାଣିରେ ନିଶା ଦେଇ ଭୁବନେଶ୍ୱର ଏକ ହୋଟେଲରେ ବଳାତ୍କାର କରିବା ଓ ପରେ ଅଶ୍ଳୀଳ ଭିଡିଓ ଦେଖାଇ ବ୍ଲାକ୍ମେଲିଂ କରିବା ଘଟଣାର ଅଭିଯୁକ୍ତଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ସେ ହେଲେ ପୁରୀ ପୋଲିସ ଲାଇନ ଅଞ୍ଚଳର ବିଶ୍ୱଜିତ୍ ପଟ୍ଟନାୟକ। ୨୦୧୮ରେ ପୀଡ଼ିତା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ବିଶ୍ୱଜିତଙ୍କୁ ଗିରଫ କରି ନ ଥିଲା। ଗତ ଜୁନ୍ ୨୬ରେ ହାଇକୋର୍ଟ ଆସନ୍ତା ୨୫ତାରିଖ ମଧ୍ୟରେ ଉକ୍ତ ମାମଲାର ତଦନ୍ତ ରିପୋର୍ଟ ଦେବାକୁ ଖଣ୍ଡଗିରି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ରାତିରେ ଖଣ୍ଡଗିରି ପୋଲିସ ପୁରୀ ଯାଇ ବିଶ୍ୱଜିତଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଆଇପିସି ଦଫା ୩୭୬, ୩୮୪, ୫୦୬ ଓ ୩୪ ଅନୁଯାୟୀ କେସ୍ ନଂ. ୩୭୨/୧୮ ରୁଜୁ କରିଛି। ସୋମବାର ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ବିଶ୍ୱଜିତଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କୁ ଅଭିଯୁକ୍ତ ଖଣ୍ଡଗିରି ଅଞ୍ଚଳର ଏକ ହୋଟେଲରେ ବଳାତ୍କାର କରିଥିଲେ। ବଳାତ୍କାର ସମୟର ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇ ଏକାଧିକ ଥର ବଳାତ୍କାର କରିଥିଲେ। ଗତବର୍ଷ ଅଗଷ୍ଟ ୨୩ରେ ପୀଡ଼ିତା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ବିଶ୍ୱଜିତଙ୍କ ସମେତ ତାଙ୍କର ଜଣେ ସହଯୋଗୀ ନାମ ଉଲ୍ଲେଖ କରିଥିଲେ। ଏନେଇ ଧରିତ୍ରୀରେ ୨୧ ଫେବୃୟାରୀ ୨୦୧୯ରେ ଏକ ଖବର ପ୍ରକାଶ ପାଇଥିଲା।

## ଶ୍ରାବଣ ପ୍ରଥମ ସୋମବାର, ଶିବାଳୟରେ ଭକ୍ତଙ୍କ ଭିଡ଼

ସମ୍ବଲପୁର,୨୨।୭ (ବ୍ୟୁରୋ)

ଶ୍ରାବଣ ମାସର ପ୍ରଥମ ସୋମବାର ସମ୍ବଲପୁର ଜିଲାର ବିଭିନ୍ନ ଶିବାଳୟରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସକାଳୁ ଭକ୍ତମାନେ ଧାଡ଼ି ବାନ୍ଧି ଜଳାଭିଷେକ କରିବା ପାଇଁ ଠିଆ ହୋଇଥିଲେ। ଓଁ ନମଃ ଶିବାୟ ଧ୍ୱନିରେ ମନ୍ଦିର ପରିସର ମୁଖରିତ ହୋଇଥିଲା। ବେଶ୍ କେତେଜଣ ଶ୍ରଦ୍ଧାଳୁ ଝାଡ଼ଖଣ୍ଡ ବାବାଧାମକୁ ଯାତ୍ରା କରିଛନ୍ତି। ଝୁଝୁମୁରାର କନ୍ଲେଶ୍ୱର, ଜମନକିରାର ମୁକ୍ତେଶ୍ୱର, ହୁମାର ବିମଳେଶ୍ୱର, ମାନେଶ୍ୱରର ମାନ୍ଧାତା ବାବା, ବୁଢ଼ାରଜାସ୍ଥିତ ମହାଦେବ, ବାଲିବନ୍ଧସ୍ଥିତ ସୋମନାଥ, ଝାଡୁଆପଡ଼ାର ଶ୍ରୀଲୋକନାଥ, ନନ୍ଦପଡ଼ାର ବାଲୁଙ୍କେଶ୍ୱର, ଧନକଉଡ଼ାର ଚନ୍ଦ୍ରଶେଖର, ରାମସାଗର ବନ୍ଧ ନିକଟ ଭୁବନେଶ୍ୱର, ମନ୍ଦଲିଆର ଗୁଡ଼େଶ୍ୱର, ବୃକ୍ସହିଲ ଓ କ୍ଷେତରାଜପୁରର ବିଶ୍ୱନାଥ, ଫାଟକର ମହାକାଳେଶ୍ୱର, ମ୍ୟୁନିସିପାଲଟିର ଗୁପ୍ତେଶ୍ୱର, ଭତରାର ସ୍ୱପ୍ନେଶ୍ୱର, ବଡ଼ବଜାରର ଶୀତଳେଶ୍ୱରଙ୍କ ସମେତ ସହର ମଧ୍ୟରେ ଥିବା ଅନ୍ୟାନ୍ୟ ଶିବାଳୟଗୁଡ଼ିକରେ ଭକ୍ତମାନେ ଜଳାଭିଷେକ କରିଥିଲେ। ସେହିପରି ଅନେକ ବ୍ୟକ୍ତି ଶ୍ରାବଣ ମାସରେ ସମ୍ବଲପୁରର ଅଷ୍ଟଶମ୍ଭୁ ଦର୍ଶନକୁ ପ୍ରାଧାନ୍ୟ ଦେଇଥାନ୍ତି। ଅଷ୍ଟଶମ୍ଭୁ ମଧ୍ୟରେ ଅଛନ୍ତି ହୁମା ବିମଳେଶ୍ୱର, ମାନେଶ୍ୱରର ମାନ୍ଧାତା, ଅମ୍ବାଭୋନାର କେଦାରନାଥ, ଗାଇସମାର ବାଲୁଙ୍କେଶ୍ୱର, ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ସରଣ୍ଡାର ବିଶ୍ୱେଶ୍ୱର, ନିଲ୍ଜୀର ନୀଳକଣ୍ଠେଶ୍ୱର ଓ ଦେଓଗାଁର ବିଶ୍ୱନାଥ। ବିଭିନ୍ନ ଧର୍ମୀୟ ଅନୁଷ୍ଠାନ, ଭକ୍ତ ମଣ୍ଡଳୀ ଓ ବଦାନ୍ୟ ବ୍ୟକ୍ତିଙ୍କ ପକ୍ଷରୁ ଅନେକ ସ୍ଥାନରେ ଭକ୍ତଙ୍କୁ ସହଯୋଗ କରାଯାଇଥାଏ। ମନ୍ଦିରଗୁଡ଼ିକରେ ଭଜନ ସମାରୋହ ଓ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏତତ୍ବ୍ୟତୀତ ଶ୍ରାବଣ ପ୍ରଥମ ସୋମବାର କ୍ଷେତରାଜପୁର ବୈଷ୍ଣୋଦେବୀ ମନ୍ଦିର ପରିସର ଶ୍ରୀପାରଦେଶ୍ୱର ବାବାଙ୍କ ବିଗ୍ରହ ପ୍ରତିଷ୍ଠା ସମ୍ପନ୍ନ ହୋଇଛି। ପାରଦେଶ୍ୱରଙ୍କ ଦର୍ଶନ ଲାଗି ସହରର ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା।





ସମ୍ବଲପୁର ଠାକୁରପଡ଼ା ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ପୂଜାର୍ଚ୍ଚନା(ବାମ)। କ୍ଷେତରାଜପୁର ବୈଷ୍ଣୋଦେବୀ ମନ୍ଦିରରେ ଶ୍ରୀପାରଦେଶ୍ୱର ବାବାଙ୍କ ବିଗ୍ରହ ପ୍ରତିଷ୍ଠା ପରେ ଭକ୍ତମାନେ ପୂଜାର୍ଚ୍ଚନା କରୁଛନ୍ତି।



# ବର୍ଷାଦିନେ ତ୍ୱଚାର ଯତ୍ନ

ସୌନ୍ଦର୍ଯ୍ୟ

■ ଏହିଦିନେ ଅଧିକ ମେକ୍ ଅପ୍ ନିଅନ୍ତୁ ନାହିଁ। କାରଣ ବର୍ଷାରେ ଭିଜିଲେ ମେକ୍‌ଅପ୍ ଖରାପ ହେବା ସମ୍ଭାବନା ରହିଛି।

■ ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ, ତେବେ ଅନ୍ତତଃ ଥରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ। ରାତିରେ ଏହାକୁ ଲଗାଇଲେ ତ୍ୱଚା ନମନୀୟ ରହିଥାଏ।

■ ଅଏଲି ସ୍କିନ୍ ପ୍ରଡକ୍ଟ ଲଗାନ୍ତୁ ନାହିଁ। ତ୍ୱଚାରେ ଅଧିକ ମଶ୍ଚରାଇଜର, କ୍ରିମ୍ ବେସ୍ ଫାଉଣ୍ଡେଶନ କିମ୍ବା କନ୍‌ସିଲର ବ୍ୟବହାର କରନ୍ତୁ ନାହିଁ। ଆପଣ ଚାହିଁଲେ ମେକ୍ ଅପ୍ ନେବା ପୂର୍ବରୁ କାଲାମାଇନ୍ ଲୋଶନ ଲଗାଇପାରିବେ, ଯାହାକି ତ୍ୱଚାକୁ ଅଧିକ ଅଏଲି କରିବ ନାହିଁ।

■ ଟୋନର ତ୍ୱଚାକୁ ପରିଷ୍କାର ଓ ନମନୀୟ ରଖିଥାଏ। ମୁହଁ ଧୋଇବା ପୂର୍ବରୁ ପ୍ରତିଦିନ ଟୋନର ବ୍ୟବହାର କରନ୍ତୁ। ଏହା ତ୍ୱଚାର ରନ୍ଧ୍ରକୁ ବନ୍ଦ କରିଥାଏ।

■ ଏହିଦିନେ ଷ୍ଟ୍ରବେରି, ଆମ୍ବ, ପିଚ୍ ଏବଂ ଅମୃତଭଣ୍ଡା ଆଦି ଫ୍ରୁଟ୍‌ର ଫେସ୍ ପ୍ୟାକ୍ ବ୍ୟବହାର ତ୍ୱଚା ପାଇଁ ଭଲ। ଦିନକୁ ୨ ଥର ଏହି ପ୍ୟାକ୍ ଲଗାନ୍ତୁ। ଏହା ତ୍ୱଚାର ରନ୍ଧ୍ରକୁ ବନ୍ଦ କରିଥାଏ।

■ ଦିନକୁ ୮-୧୦ ଗ୍ଲାସ୍ ପାଣି ପିଅନ୍ତୁ। ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହିବା ସହ ଚମକ ବି ଆସିଥାଏ।

**ବର୍ଷାଦିନେ ତ୍ୱଚାରେ ବିଭିନ୍ନ ସମସ୍ୟା ଦେଖାଯାଏ, ଯାହାର ସମାଧାନ ନିହାତି ଜରୁରୀ। ଜାଣନ୍ତୁ ଏ ନେଇ କିଛି ଟିପ୍ସ...**



# ମନ୍‌ସୁନ୍ ଡାଏଟ୍

ମନ୍‌ସୁନ୍ ଡାଏଟ୍‌କୁ ଟାଇଟ୍ ରଖିବା ନିହାତି ଜରୁରୀ। କାରଣ ବର୍ଷାରେ ଗରମରୁ ମୁକ୍ତି ମିଳିଥାଏ ସତ, କିନ୍ତୁ ସଂକ୍ରମଣର ଆଶଙ୍କା ବଢ଼ିଯାଏ। ଏହି ଋତୁରେ ଖାଦ୍ୟ ଠିକ୍ ଭାବେ ହଜମ ହୋଇ ନ ଥାଏ। ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡ଼େ। ସାମାନ୍ୟ ଅସାବଧାନତାରୁ ଭାଇରାଲ୍ ଫିବର, ଝାଡ଼ା, ବାନ୍ତି, ଟାଇଫଏଡ୍, ଥଣ୍ଡା, କାଶ ଆଦି ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହେବାକୁ ପଡ଼ିଥାଏ। ଏହିଦିନେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ବାସିଖାଦ୍ୟ ଓ ଦୂଷିତ ପାନୀୟ ଯୋଗୁ ନିଜର ବଂଶବିସ୍ତାର କରିଥାଆନ୍ତି। ସେଗୁଡ଼ିକ ଆମ ଶରୀରରେ ପ୍ରବେଶକରି ବିଭିନ୍ନ ରୋଗର କାରଣ ସାଜିଥାଆନ୍ତି।

**ଡାଲି ଜାତୀୟ ଖାଦ୍ୟ**

ଗହମ, ମକା, ଭଜା ବୁଟ, ଡାଲି ଆଦିକୁ ଖାଦ୍ୟତାଲିକାରେ ସାମିଲ କରନ୍ତୁ, ଯାହାକି ସ୍ୱାସ୍ଥ୍ୟ ପ୍ରତି ଲାଭପ୍ରଦ। ପ୍ରୋଟିନ୍, ଲୌହ ଏବଂ ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟପଦାର୍ଥ ସେବନ ଦ୍ୱାରା ଶରୀରରେ ଇମ୍ୟୁନିଟି ପାୱାରରେ ସୁଧାର ଆସିଥାଏ।

**ସୁପାଚ୍ୟ ପନିପରିବା**

ବର୍ଷାଦିନେ ସବୁଜ ପନିପରିବା ବଦଳରେ ହାଲ୍‌କା ସୁପାଚ୍ୟ ପନିପରିବା ଯେପରିକି ଲାଉ, ଜହ୍ନି, ଛଚିନ୍ଦ୍ରା, ଭେଣ୍ଡି, ଫ୍ରେଞ୍ଚ୍ ବିନ୍ସ ଆଦି ସେବନ କଲେ ପେଟ ସମ୍ବନ୍ଧିତ ସମସ୍ୟା ରହି ନ ଥାଏ। କଲରା, ମୂଳା, ମେଥି ଆଦି ପନିପରିବା ସଂକ୍ରମଣରୁ ରକ୍ଷା କରିଥାଏ। ଖାଦ୍ୟରେ ଅଦା, ରସୁଣ, ପୋଦିନା, ଧନିଆ, ଗୋଲମରିଚ, ହଳଦୀ, ହେଙ୍ଗୁ, ମେଥିଦାନା ଆଦିର ବ୍ୟବହାର ପାଚନ ଶକ୍ତି ବଢ଼ାଇଥାଏ। ପିଜୁଳି, ନାସ୍‌ପାତି, ଅମୃତଭଣ୍ଡା, ଷ୍ଟ୍ରବେରି, ଆମ୍ବ, ସେଓ, ଡାଳିମ୍ବ, କଦଳୀ ଭଳି ଭିଟାମିନ୍ 'ସି'ଯୁକ୍ତ ଫଳମୂଳ ଖାଆନ୍ତୁ। ଏଥିରେ ମହଜୁଦ ଥିବା ନ୍ୟୁଟ୍ରିସନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ ସଂକ୍ରମଣରୁ ରକ୍ଷାକରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

**ଦୂଷିତ ଜଳ ପିଅନ୍ତୁ ନାହିଁ**

ଦୂଷିତ ପାଣି ପିଇବା ଦ୍ୱାରା ବର୍ଷାଦିନେ ଖୁବ୍ ଶୀଘ୍ର ରୋଗ ବ୍ୟାପିଥାଏ। ଜଳରେ ଥିବା ବ୍ୟାକ୍ଟେରିଆ ଆମ ଶରୀରରେ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ତେଣୁ ଫିଲ୍‌ଟର ହୋଇଥିବା ପାଣି ବା ଫୁଟାପାଣି ବ୍ୟବହାର କରନ୍ତୁ। ଏହିଦିନେ ତମ୍ବାପାତ୍ରରେ ପାଣି ରଖି ପିଇବା ବେଶ୍ ଲାଭଜନକ। ଅତ୍ୟଧିକ ପାଣି ପିଅନ୍ତୁ। ଏହାଦ୍ୱାରା ଡିହାଇଡ୍ରେସନ୍ ଏବଂ ଡାଇରିଆ ଭଳି ରୋଗରୁ ମୁକ୍ତି ମିଳିଥାଏ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯାଇଥାଏ।









## କ'ଣ କରନ୍ତି ଏମାନେ...



ଅଭିଲିପ୍ସା

ମୁଁ ବର୍ଷାଦିନେ ବାହାର ଖାଦ୍ୟକୁ ଆଭଏଡ୍ କରେ। ତ୍ୱଚା ପ୍ରତି ଖୁବ୍ ସଚେତନ ଥାଏ। ହର୍ବାଲ ଟି, କଫି, ଭେଜିଟେବୁଲ୍ ସୁପ୍ ଆଦିକୁ ଗୁରୁତ୍ୱ ଦିଏ। ଭିଟାମିନ୍ ସି ଯୁକ୍ତ ଫଳମୂଳ ଖାଇଥାଏ। କାରଣ ଏଥିରେ ମହଜୁଦ ଥିବା ନ୍ୟୁଟ୍ରିସନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ ସଂକ୍ରମଣରୁ ରକ୍ଷା କରିଥାଏ। *- ଅଭିଲିପ୍ସା ମହାପାତ୍ର, ସାଲେପୁର, କଟକ*



ସୌଦାମିନୀ

ଏହିଦିନେ ଖାଦ୍ୟ ପ୍ରସ୍ତୁତି ସମୟରେ ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦେଇଥାଏ। ଫଳ ଏବଂ ପନିପରିବାକୁ ଗରମ ପାଣିରେ ଧୋଇବା ପରେ ଖାଇଥାଏ। ତାଜା ଏବଂ ଗରମ ଥିବା ଖାଦ୍ୟ ଖାଏ। ଏହିଦିନେ ଭାଇରାଲ୍ ଫିବର, ଝାଡ଼ା, ବାନ୍ତି, ଟାଇଫଏଡ୍, ଥଣ୍ଡା, କାଶ ଆଦି ବିଭିନ୍ନ ରୋଗ ବ୍ୟାପିଥାଏ। ସେଥିପାଇଁ ଡାକ୍ତରଙ୍କ ପରାମର୍ଶରେ ଘରେ ମେଡିସିନ୍ ଷ୍ଟକ୍ ରଖିଥାଏ।

*- ସୌଦାମିନୀ ପଟ୍ଟନାୟକ, ରାଉରକେଲା*

## ସାବଧାନତା

**ବର୍ଷାଦିନେ ସ୍ୱାସ୍ଥ୍ୟ ପ୍ରତି ସାମାନ୍ୟ ଅବହେଳା ଅନେକ ସମସ୍ୟାକୁ ଡାକିଆଣେ। ତେଣୁ କିଛିଟା ସାବଧାନତା ଜରୁରୀ। ଜାଣନ୍ତୁ ସେ ସମ୍ପର୍କରେ...**

- ଏହିଦିନେ ଖାଦ୍ୟ ପ୍ରସ୍ତୁତି ସମୟରେ ସଫାସୁତୁରା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଫଳଚୋପାରେ ଥିବା ବ୍ୟାକ୍ଟେରିଆ ଶରୀର ପାଇଁ କ୍ଷତିକାରକ। ତେଣୁ ଫଳ ଏବଂ ପନିପରିବାକୁ ଗରମପାଣିରେ କିଛି ସମୟ ପକାଇ ଭଲ ଭାବେ ଧୋଇବା ପରେ ଖାଆନ୍ତୁ।
- ଭୋକ ଲାଗୁ ନ ଥିଲେ ଆଦୌ ଖାଆନ୍ତୁ ନାହିଁ। ନଚେତ୍ ବଦହଜମି, ପେଟରେ ସଂକ୍ରମଣ ଏବଂ ଜଣ୍ଡିସ୍ ଆଦି ରୋଗ ହେବା ସମ୍ଭାବନା ଥାଏ।
- ବର୍ଷାଦିନେ ତାଜା ଥିବା ଫଳ ଖାଆନ୍ତୁ। ଫାଟିଯାଇଥିବା ଫଳକୁ ଖାଆନ୍ତୁ ନାହିଁ। କାରଣ ଏହା ବିଷାକ୍ତ ହେବା ସହ ପାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ଫଳର ଚୋପା ଛଡ଼ାଇ ଖାଆନ୍ତୁ।
- ତରଭୁଜ ଭଳି ଅଧିକ ଜଳୀୟ ଅଂଶ ଥିବା ଫଳ ସେବନ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ବ୍ୟାକ୍ଟେରିଆ ହେବାର ସମ୍ଭାବନା ରହିଛି।
- ଖୋଲା ସ୍ଥାନରେ କଟାହୋଇ ବିକ୍ରି ହେଉଥିବା ଫଳ ଓ ଏହାର ଜୁସ୍ ପିଅନ୍ତୁ ନାହିଁ। ଅଧିକ ସମୟ ରହିଯାଇଥିବା ଜୁସ୍ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଘରେ ତିଆରି ହୋଇଥିବା ଫ୍ରୁଟ୍ ଜୁସ୍ ପିଅନ୍ତୁ।
- ଏକାଥରେ ପେଟପୂରା ନ ଖାଇ ସମୟ ଅନ୍ତରାଳରେ ଫଳ କିମ୍ବା ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଶରୀରରେ ପାଚନ କ୍ରିୟାରେ କୌଣସି ଅସୁବିଧା ହୋଇ ନ ଥାଏ।
- ବର୍ଷାଦିନେ ଅଧିକ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।
- ତାଜା ଏବଂ ଗରମ ଥିବା ଖାଦ୍ୟ ଖାଆନ୍ତୁ। ଯଦି ବଳକା ଖାଦ୍ୟ ରହୁଛି ତେବେ ଏହାକୁ ଏୟାର ଟାଇଟ୍ କଣ୍ଟେନରରେ ଫ୍ରିଜ୍‌ରେ ରଖନ୍ତୁ। ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ।
- ଆଇସ୍‌କ୍ରିମ୍, ଦହି, କୁଲ୍‌ଫି ଆଦି ଖାଇଲେ ଭାଇରାଲ୍ ଫିବର ହେବା ସମ୍ଭାବନା ରହିଛି। ତେଣୁ ଏହା ବଦଳରେ ଭେଜିଟେବୁଲ୍ ସୁପ୍ ପିଅନ୍ତୁ। ଏଥିରେ ମହଜୁଦ ଥିବା ଭିଟାମିନ୍ ଏବଂ ମିନେରାଲ୍ସ ବର୍ଷାଦିନେ ଶରୀରରେ ଇମ୍ୟୁନ୍ ସିଷ୍ଟମକୁ ମଜଭୁତ ରଖିଥାଏ।

### ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଅନ୍ତୁ

*(ଡା. ନିତ୍ୟାନନ୍ଦ ସ୍ୱାଇଁ, ପୁଷ୍ଟିବିଜ୍ଞାନୀ)*

ବର୍ଷାଦିନେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆ ଖାଦ୍ୟ ଓ ପାନୀୟ ଉଭୟକୁ ସଂକ୍ରମିତ କରିଥାଏ, ଯାହା କି ଝାଡ଼ା, ବାନ୍ତି, ଟାଇଫଏଡ୍, ଥଣ୍ଡା, କାଶ ଆଦି ବିଭିନ୍ନ ରୋଗର କାରଣ ସାଜିଥାଏ। ତେଣୁ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବା ନିହାତି ଜରୁରୀ। ନର୍ଦ୍ଦମାଜଳଠାରୁ ଦୂରରେ ରୁହନ୍ତୁ। ଖାଇବା ପୂର୍ବରୁ ହାତକୁ ଭଲଭାବେ ଧୁଅନ୍ତୁ। ଷ୍ଟ୍ରିଟ୍ ଫୁଡ୍ ଆଦୌ ଖାଆନ୍ତୁ ନାହିଁ। ପରିଷ୍କାର ଓ ଫୁଟାପାଣି ବା ଆକ୍ୱାଗାର୍ଡ ପାଣି ପିଅନ୍ତୁ। ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ସବୁବେଳେ ଉଷୁମ ଖାଦ୍ୟ ଖାଆନ୍ତୁ।

**କ'ଣ ଖାଇବେ**

- ହର୍ବାଲ ଟି, କଫି, ଭେଜିଟେବୁଲ୍ ସୁପ୍ ଭଳି ଗରମ ପାନୀୟର ସେବନ ଶରୀରକୁ ବ୍ୟାକ୍ଟେରିଆ ଏବଂ ଭାଇରସ୍‌ରୁ ବଞ୍ଚାଇଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।
- ଆପଣଙ୍କ ଖାଦ୍ୟରେ ଫ୍ରାଏଡ୍ ଫୁଡ୍ ବଦଳରେ ଗ୍ରୀଲ୍‌ଡ ଏବଂ ତନ୍ଦୁରି ଫୁଡ୍‌ର ମାତ୍ରା ଅଧିକ ରଖନ୍ତୁ।
- ବର୍ଷାଦିନେ ଶରୀରରେ ଡିହାଇଡ୍ରେସନ୍ ହେଲେ କୋଲ୍ଡଡ୍ରିଙ୍କ୍‌ସ ବଦଳରେ ପଇଡ଼ପାଣି ଏବଂ ଘରେ ପ୍ରସ୍ତୁତ ଫଳରସ ପିଇବା ଲାଭଦାୟକ। ଏହା ବ୍ଲଡ୍ ପ୍ଲେଟେଡ୍ ତିଆରି କରିଥାଏ ଏବଂ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ।
- ଏହିଦିନେ ପାଚନ କ୍ରିୟାକୁ ଠିକ୍ ରଖିବା ପାଇଁ ଗରମକ୍ଷୀର ପିଇବା ଲାଭଦାୟକ।

# ଷ୍ଟାଇଲିସ୍ ଲୁକ୍ ପାଇଁ

**ବର୍ଷାଦିନେ ପ୍ରଫେସନାଲ ଏବଂ ଷ୍ଟାଇଲିଶ ଲୁକ୍ ପାଇବା ପାଇଁ ଆପଣାନ୍ତୁ କିଛି ଫ୍ୟାଶନ ଟିପ୍ସ...**

- ବର୍ଷାଦିନେ ନୀଳ, ଲାଲ୍, କମଳା ରଙ୍ଗର କପଡ଼ା ପିନ୍ଧନ୍ତୁ। ଧଳାରଙ୍ଗର ଡ୍ରେସ୍ ପିନ୍ଧନ୍ତୁ ନାହିଁ। ବର୍ଷାରେ ଏହା ଖୁବ୍ ଶୀଘ୍ର ନଷ୍ଟହେବା ସମ୍ଭାବନା ଥାଏ।
- ଲମ୍ବା ପ୍ୟାଣ୍ଟ୍ ଏହିଦିନେ ପିନ୍ଧନ୍ତୁ ନାହିଁ। ଯଦି ପିନ୍ଧୁଛନ୍ତି ତେବେ ଆପଣ ଚାହିଁଲେ ଏହାକୁ ଆପଣଙ୍କ ସୁବିଧା ଅନୁସାରେ ତଳୁ ମୋଡ଼ିପାରିବେ। ଏହିଦିନେ ସ୍ମାର୍ଟ ଫର୍ମାଲ ସ୍କର୍ଟ ବି ଆପଣେଇପାରିବେ।
- ୱେଷ୍ଟର୍ନ ଗେଟ୍‌ଅପ୍‌ରେ ଆପଣ ବର୍ଷାଦିନିଆ କୋଟ୍ ବା ଜ୍ୟାକେଟ୍ ପିନ୍ଧିପାରିବେ।
- ଯଦି ବର୍ଷାଦିନେ ପାରମ୍ପରିକ ଭାରତୀୟ ପରିଧାନକୁ ପ୍ରାଥମିକତା ଦେଉଛନ୍ତି ତେବେ ସାଲୱାର ଏବଂ ପଟିଆଲା ବଦଳରେ ସର୍ଟ କୁର୍ତ୍ତି ସହ ଲେଗିଙ୍ଗ୍‌ସ ବା ଚୁଡିଦାର ପିନ୍ଧିପାରିବେ। ଏହିଦିନେ ବଡ଼ ଦୁପଟା ବଦଳରେ ସ୍କାର୍ଫ ବା ଷ୍ଟଲ୍ ବ୍ୟବହାର କରନ୍ତୁ। ରଙ୍ଗ ଛାଡୁଥିବା ଡ୍ରେସ୍‌କୁ ଏହିଦିନେ ଆଦୌ ପିନ୍ଧନ୍ତୁ ନାହିଁ, ନଚେତ୍ ବର୍ଷାରେ ଭିଜିଲେ ଏଥିରୁ ରଙ୍ଗ ଛାଡ଼ିବ।
- ଚମଡ଼ା ଜୋତା ବା ସାଣ୍ଡାଲ ପିନ୍ଧନ୍ତୁ ନାହିଁ। କାରଣ ଏହା ଶୀଘ୍ର ଖରାପ ହୋଇଯାଏ ଏବଂ ଶୁଖିବାକୁ ଅଧିକ ସମୟ ଲାଗିଥାଏ। ଜେଲି ସୁଜ୍, ବିନା ହିଲ୍ ଥିବା ଚପଲ ବା ଜୋତା ପିନ୍ଧନ୍ତୁ।
- ୱାଟରପ୍ରୁଫ୍ କାଜଲ ଏବଂ ଆଇ ଲାଇନର ଲଗାନ୍ତୁ। ଏହିଦିନେ ଫାଉଣ୍ଡେଶନ ବ୍ୟବହାର କରନ୍ତୁ ନାହିଁ। ଯଦି ଅତି ଜରୁରୀ ତେବେ ହାଲ୍‌କା ଫାଉଣ୍ଡେଶନ ଲଗାନ୍ତୁ।
- କେଶକୁ ଖୋଲା ନ ରଖି ଖୋସା କରନ୍ତୁ।
- ବର୍ଷାଦିନେ ଡେନିମ୍‌କୁ ସମ୍ପୂର୍ଣ୍ଣ ଭୁଲିଯାଆନ୍ତୁ। କାରଣ ଏହା ଓଦାହେଲେ ଶୁଖିବାକୁ ଅଧିକ ସମୟ ଲାଗିଥାଏ।



ଫ୍ୟାଶନ









# ଗଛର ନିଅନ୍ତୁ ଯତ୍ନ

**ଋତୁ ଅନୁସାରେ ଆମକୁ ଗଛର ଯତ୍ନନେବାକୁ ପଡ଼ିଥାଏ। ତେବେ ବର୍ଷାଦିନେ କିଭଳି ଯତ୍ନନେବା ଜାଣନ୍ତୁ ସେ ସମ୍ପର୍କରେ...**

□ ବର୍ଷାଦିନେ ଜୈବିକ ସାର ପ୍ରୟୋଗ କରନ୍ତୁ। ବର୍ଷାଦିନେ ଏହି ସାର ଗଛ ପାଇଁ ବେଶ୍ ଉପକାରୀ ହୋଇଥାଏ। ଗଛର ଉତ୍ତମ ବୃଦ୍ଧି ପାଇଁ ମାସରେ ଅନ୍ତତଃ ୨ ଥର ସାର ବଦଳାନ୍ତୁ।

□ ପ୍ରତିଦିନ ସନ୍ଧ୍ୟାରେ ଗଛରେ ପାଣି ଦିଅନ୍ତୁ। ଦ୍ୱିପ୍ରହର ସମୟରେ ପାଣି ଦିଅନ୍ତୁ ନାହିଁ। କାରଣ ଏହି ସମୟରେ ପାଣି ଦେଲେ ଗଛ ମରିଯିବା ଆଶଙ୍କା ଥାଏ।

□ ଏହିଦିନେ ଟେରାସ୍ ଗାର୍ଡେନିଂ କରିବା ଲାଭଦାୟକ। ବର୍ଷା ହେବା ଦ୍ୱାରା ମାଟି ଭଲ ରହିଥାଏ ଏବଂ ଗଛର ବୃଦ୍ଧି ଠିକ୍ ଭାବେ ହୋଇଥାଏ। କନ୍ଦମୂଳ, ଆଳୁ, ଗାଜର ଆଦି ଗଛକୁ ଟେରାସ୍ ଗାର୍ଡେନରେ ଲଗାନ୍ତୁ ନାହିଁ। କାରଣ ଏପରି କଲେ ବିଲ୍ଡିଂ ପ୍ରତି ବିପଦ ଥାଏ।

□ ଏହି ଋତୁରେ ଗଛ ଖୁବ୍ ଶୀଘ୍ର ବଢ଼ିଥାଏ। ତେଣୁ ଏହାର ଅଗଗୁଡ଼ିକୁ ଅଳ୍ପ କାଟି ଦିଅନ୍ତୁ।

□ ସମୟ ସମୟରେ କୀଟନାଶକ ପକାନ୍ତୁ। ଏହାଦ୍ୱାରା ଗଛର ଉପଯୁକ୍ତ ବୃଦ୍ଧିରେ କୌଣସି ଅସୁବିଧା ରହିବ ନାହିଁ। ଟାରା ଲାଗିଥିବା ସ୍ଥାନରେ ପାଣି ଜମା କରି ରଖନ୍ତୁ ନାହିଁ। ନଚେତ୍ ଗଛ ପଚିଯିବା ଆଶଙ୍କା ରହିଛି।

## ଜୀବନର ସବୁଠୁ ବଡ଼ ମୁହୂର୍ତ୍ତ କଟକରେ ପାଇଲି



ଆଜି ଯାଏ ଜାତୀୟ ଟିଟି ଟୁର୍ନାମେଣ୍ଟ ଜିତି ପାରି ନ ଥିଲି। ଗତ ଜାନୁୟାରୀରେ ଏଠାରେ ହୋଇଥିବା ଜାତୀୟ ଟୁର୍ନାମେଣ୍ଟରେ କ୍ୱାର୍ଟର ଫାଇନାଲରେ ଭଲ ଖେଳି ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ପରାସ୍ତ ହେବା ଯୋଗୁ ମନଦୁଃଖ ହୋଇଥିଲା । ଏହି ଟୁର୍ନାମେଣ୍ଟରେ ବାପା, ମା ମୋ ଖେଳ ଦେଖିବାକୁ ଗ୍ୟାଲେରୀରେ ପ୍ରତିଦିନ ଉପସ୍ଥିତ ଥିଲେ । ଏକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ବାପା, ମାଙ୍କ ସମ୍ମୁଖରେ ଚାମ୍ପିୟନ ହେବାର ଖୁସି କଟକରୁ ପାଇଛି । ଯାହା ସାରା ଜୀବନ ମନେ ରହିବ ।

**–ଆହିକା ମୁଖାର୍ଜୀ, ଖେଳାଳି**

## ଲୋକଙ୍କ ଭଲ ପାଇବା ଭୁଲି ହେବନି



ଟୁର୍ନାମେଣ୍ଟରେ ଭାରତ ଯେପରି ପ୍ରଦର୍ଶନ କରିଛି ତାହା ସମସ୍ତଙ୍କୁ ଚକିତ କରିଥିଲା । ଘରୋଇ ପରିବେଶରେ ଭାରତ ଏପରି ପ୍ରଦର୍ଶନ କରିବ ବୋଲି ପୂର୍ବରୁ ଆଶା କରାଯାଉଥିଲା। କିଛି ଦିନ ଭିତରେ ଲୋକଙ୍କ ଭଲପାଇବା ବହୁତ ମିଳିଛି। ଏଠାକାର ପ୍ରଶଂସକମାନେ ମଧ୍ୟ ଏନର୍ଜିଟିକ। ଏ ପରିବେଶରେ ଖେଳିବାର ମଜା ନିଆରା ଥିଲା। ସବୁବେଳେ ଏହି ଟୁର୍ନାମେଣ୍ଟ କଥା ମନରେ ରହିବ ।

**–ଆଲାନ କୁକ, କୋଚ୍, ଇଂଲଣ୍ଡ ଦଳ**

(ରିପୋର୍ଟ: କୁମାରଶ୍ରୀ)



ଇଣ୍ଡୋନେସିଆ ଓପନରେ ଟାଇଟଲ ଜିତିପାରି ନ ଥିଲେ ମଧ୍ୟ ଟୁର୍ନାମେଣ୍ଟରେ ମୋ ପ୍ରଦର୍ଶନ ନେଇ ମୁଁ ସନ୍ତୁଷ୍ଟ ।

**–ପି.ଭି. ସିନ୍ଧୁ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି**



ୟୁରୋପରେ ୩ ସପ୍ତାହ ମଧ୍ୟରେ ୫ଟି ସ୍ୱର୍ଣ୍ଣ ପଦକ ଜିତିବା ଦ୍ୱାରା ଷ୍ଟାର ସ୍ପ୍ରିଣ୍ଟର ହୀମା ଦାସ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନର ନିକଟତର ହୋଇଛନ୍ତି ।

**–ଭୋଲକର ହରମ୍ୟାନ**
**ଇଣ୍ଡିଆନ ଆଥଲେଟିକ୍ସ ହାଇପରଫର୍ମାନ୍ସ ଡାଇରେକ୍ଟର**

# କଟକରେ ରେକର୍ଡ ରଚିଲା ଭାରତୀୟ ଟିଟି

## ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକରେ କ୍ଲିନ୍ ସୁଇପ୍

**କଟକ ଅଫିସ,୨୨।୭**

ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ (ଟିଟି) ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟର ସମସ୍ତ ୭ଟି ଯାକ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତ କ୍ଲିନ୍ ସୁଇପ୍ କରିଛି । ଏଥିସହ ଭାରତୀୟ ଟେବୁଲ ଟେନିସ ନୂତନ ରେକର୍ଡ ସୃଷ୍ଟି କରିଛି । ପୂର୍ବରୁ ୨୦୧୫ରେ ସୁରଟରେ ହୋଇଥିବା ରାଜ୍ୟଗୋଷ୍ଠୀ ଟିଟିରେ ଭାରତ ସର୍ବାଧିକ ୩ଟି ସ୍ୱର୍ଣ୍ଣ ପଦକ ଜିତିଥିଲା । କଟକର ଏହି ଭେନ୍ୟୁରେ ସ୍ୱର୍ଣ୍ଣ ପଦକ ପୋଛି ନେଇଥିବା ଭାରତୀୟ ଦଳ ମୋଟ ୧୫ଟି ପଦକ ବିଜୟୀ ହୋଇଛି । ଏହା ମଧ୍ୟରେ ୫ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ମଧ୍ୟ ରହିଛି । ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ଦଳ ମୋଟ ୫ଟି ପଦକ ବିଜୟୀ ହୋଇଥିବା ବେଳେ ଏହା ମଧ୍ୟରେ ୨ଟି ରୌପ୍ୟ, ୩ଟି ବ୍ରୋଞ୍ଜ ସାମିଲ ରହିଛି । ସିଙ୍ଗାପୁର ୬ଟି ବ୍ରୋଞ୍ଜ, ମାଲେସିଆ ଓ ନାଇଜେରିଆ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ରାଜ୍ୟରେ କ୍ରୀଡ଼ାର ଏହି ବିକାଶ ଆଗାମୀ ଦିନରେ ବ୍ୟାପକ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଅତିଥିଭାବେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପୋଲିସ କମିଶନର ସତ୍ୟଜିତ ମହାନ୍ତି, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗ ସଚିବ ବିଶାଲ କୁମାର ଦେବ, ନିର୍ଦ୍ଦେଶକ ଭିନିଲ କ୍ରୀଷ୍ଣା, ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଫେଡେରେଶନ ଅଧ୍ୟକ୍ଷ ବିବେକ କୋହଲି, ଭାରତୀୟ ଟିଟି ମହାସଂଘ ସାଧାରଣ ସମ୍ପାଦକ ଏମ୍.ପି. ସିଂ, ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ଟୁର୍ନାମେଣ୍ଟରେ ପୂର୍ବରୁ ମହିଳା ଦଳଗତ, ପୁରୁଷ ଦଳଗତ ଓ ମିକ୍ସଡ ଡବଲ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ଉଦ୍‌ଯାପନୀ ଦିବସରେ ୪ଟି ଇଭେଣ୍ଟର ଫାଇନାଲ ମୁକାବିଲା ଥିଲା। ସମସ୍ତ ବିଭାଗର ଫାଇନାଲକୁ କେବଳ ଭାରତୀୟ ମାନେ ହିଁ ଉତ୍ତୀର୍ଣ୍ଣ ହୋଇଥିଲେ । ଏଣୁ ଫାଇନାଲ ମୁକାବିଲା ପୂର୍ବରୁ ଭାରତ ସ୍ୱର୍ଣ୍ଣ ପଦକ ନିଶ୍ଚିତ କରି ସାରିଥିଲା । ମହିଳା ଡବଲ୍ସ ଫାଇନାଲରେ ପୂଜା ସହସ୍ରବୁଦ୍ଧି–କୃତିକା ସିହ୍ନା ରାୟଙ୍କର ମୁକାବିଲା ହୋଇଥିଲା ଶ୍ରୀଜା ଆକୁଲା–ମୌସୁମୀ ପଲଙ୍କ ସହ । ଫାଇନାଲରେ ପୂଜା–କୃତିକାଙ୍କ ଯୋଡ଼ି ୧୧–୯, ୧୧–୮, ୯–୧୧, ୧୨–୧୦ରେ ବିଜୟୀ ହୋଇଥିଲେ । ପୁରୁଷ ଡବଲ୍ସ ଫାଇନାଲରେ ଏ.ଅମଲରାଜ ଓ ମାନଭ ଠାକର ହରାଇଥିଲେ ଭାରତର ଭେଟେରାନ ଯୋଡ଼ି ଏ.ଶରଥ କମଲ ଓ ଜି. ସାଥିୟାଁଙ୍କୁ। ୮–୧୧ଗେମରେ ପ୍ରଥମ ପରାଜୟ ପରେ ଅମଲରାଜ–ମାନଭ ପରବର୍ତ୍ତୀ ୩ଟି ଯାକ ଗେମକୁ ୧୧–୬, ୧୩–୧୧, ୧୨–୧୦ରେ ଜିତିଛନ୍ତି। ମହିଳା ସିଙ୍ଗଲ୍ସରେ ଭାରତର ଆହିକା ମୁଖାର୍ଜୀ ନିଜ ଦଳର ସିନିୟର ଖେଳାଳି ମଧୁରିକା ପାଟେକରଙ୍କୁ ୧୧–୬, ୧୧–୪, ୧୧–୯, ୧୯–୧୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଯୁବ ପ୍ରତିଭା ହରମିତ ଦେଶାଇ ଜି. ସାଥିୟାଁଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ସବୁଠାରୁ ରୋମାଞ୍ଚକର ଥିଲା। ୯–୧୧, ୬–୧୧ ଗେମରେ ପ୍ରଥମେ ହରମିତ ପରାସ୍ତ ହୋଇଥିଲେ। ପରବର୍ତ୍ତୀ ୩ଟି ଯାକ ଗେମରେ ହରମିତଙ୍କ ବିଜୟ ହୋଇଥିଲା। ୧୧–୫, ୧୧–୮, ୧୭–୧୫ ଗେମରେ ସେ ଜିତିଥିଲେ। ୬ଷ୍ଠ ଗେମକୁ ସାଥିୟାଁ ୭–୧୧ରେ ଜିତିବା ପରେ ନିର୍ଣ୍ଣାୟକ ଗେମରେ ହରମିତ ୧୧–୯ରେ ବିଜୟୀ ହୋଇଥିଲେ।



ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି । ନିକଟରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥିବୃନ୍ଦ ଉପସ୍ଥିତ ଅଛନ୍ତି।

### ସ୍ୱର୍ଣ୍ଣ ବିଜୟୀ

ମହିଳା ଦଳଗତ– ଅର୍ଚ୍ଚନା କାମଥ, ମନିକା ବାତ୍ରା, ମାଧୁରିକା ପାଟେକର
ପୁରୁଷ ଦଳଗତ: ଶରଥ କମଲ, ଜି ସାଥିୟାଁ, ହରମିତ ଦେଶାଇ
ମହିଳା ସିଙ୍ଗଲ୍ସ– ଆହିକା ମୁଖାର୍ଜୀ
ପୁରୁଷ ସିଙ୍ଗଲ୍ସ– ହରମିତ ଦେଶାଇ
ମହିଳା ଡବଲ୍ସ– ପୂଜା ସହସ୍ରବୁଦ୍ଧି, କୃତିକା ସିହ୍ନା
ପୁରୁଷ ଡବଲ୍ସ– ଏ.ଅମଲରାଜ, ମାନଭ ଠାକର
ମିକ୍ସଡ ଡବଲ୍ସ– ଜି ସାଥିୟାଁ, ଅର୍ଚ୍ଚନା କାମଥ

### ପଦକ ତାଲିକା

ଭାରତ: ୭ ସ୍ୱର୍ଣ୍ଣ, ୫ ରୌପ୍ୟ, ୩ ବ୍ରୋଞ୍ଜ
ଇଂଲଣ୍ଡ: ୨ ରୌପ୍ୟ, ୩ ବ୍ରୋଞ୍ଜ
ସିଙ୍ଗାପୁର: ୬ ବ୍ରୋଞ୍ଜ
ମାଲେସିଆ: ୧ ବ୍ରୋଞ୍ଜ
ନାଇଜେରିଆ: ୧ ବ୍ରୋଞ୍ଜ

## ଯୁବ ପ୍ରତିଭାଙ୍କ ଚମକ

ରାଜ୍ୟଗୋଷ୍ଠୀ ଟିଟି କ୍ରୀଡ଼ାରେ ଚମକ ସୃଷ୍ଟି କରିଛନ୍ତି ଯୁବ ପ୍ରତିଭା। ସୋମବାର ଖେଳାଯାଇଥିବା ୪ଟି ଯାକ ଫାଇନାଲ ମୁକାବିଲାରେ ଭେଟେରାନ ଖେଳାଳିଙ୍କୁ ମାତ ଦେଇ ଫାଇନାଲରେ ଯୁବ ପ୍ରତିଭାମାନେ ହିଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଦମଦାର ମୁକାବିଲା ହୋଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ବିଜୟୀ ହୋଇଥିଲେ ଗୁଜରାଟର ପ୍ରତିଭାବାନ ହରମିତ ଦେଶାଇ। ହରମିତ ପରାସ୍ତ କରିଥିଲେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୪ତମ ସ୍ଥାନରେ ଥିବା ଭାରତୀୟ ଭେଟେରାନ ଖେଳାଳି ଜି ସାଥିୟାଁଙ୍କୁ। ସେହିପରି ସିଙ୍ଗଲ୍ସ ଫାଇନାଲରେ କଲିକତାର ଆହିକା ମୁଖାର୍ଜୀ ଦୀର୍ଘବର୍ଷର ଅଭିଜ୍ଞତା ରଖିଥିବା ମହାରାଷ୍ଟ୍ରର ମଧୁରିକା ପାଟେକରଙ୍କୁ ମାତ୍ ଦେଇଥିଲେ। ମଧୁରିକା ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଆହିକା ଏ ପର୍ଯ୍ୟନ୍ତ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ କେବେ ସ୍ୱର୍ଣ୍ଣ ପଦକ ଜିତି ନଥିଲେ। ନିଜ ପ୍ରତିକ୍ରିୟାରେ ଆହିକା କହିଥିଲେ, ଫାଇନାଲରେ ମଧୁରିକାଙ୍କୁ ପରାସ୍ତ କରିବି ବୋଲି ଭାବି ନଥିଲି । ନିଜର ଶ୍ରେଷ୍ଠ ପ୍ରଦର୍ଶନର ଏହା ଫଳ । ପୁରୁଷ ଡବଲ୍ସରେ ଆଣ୍ଟୋନୀ ଅମଲରାଜ ଓ ମାନଭ ଠାକର ବିପର୍ଯ୍ୟୟ ସୃଷ୍ଟି କରିଥିଲେ । ଏହି ଯୋଡ଼ି ପରାସ୍ତ କରିଥିଲେ ଭାରତର ଶ୍ରେଷ୍ଠ ଦୁଇ ଖେଳାଳି ଶରଥ କମଲ ଓ ଜି ସାଥିୟାଁଙ୍କୁ। ମହିଳା ଡବଲ୍ସରେ ସ୍ୱର୍ଣ୍ଣ ଜିତିଥିବା ପୂଜା ସହସ୍ରବୁଦ୍ଧି ଓ କୃତିକା ସିହ୍ନା ମଧ୍ୟ ପ୍ରଥମ ଥର ନିମନ୍ତେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଚମକିଛନ୍ତି।

### ୨୦୦ ସ୍ଥାନରେ ପଡ଼ିବ ଟିଟି ଟେବୁଲ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗ ଦେବା ଅବସରରେ ଏକ ନୂତନ ଘୋଷଣା କରିଛନ୍ତି। ରାଜ୍ୟର ୨୦୦ଟି ସ୍ଥାନରେ ଟେବୁଲ ଟେନିସର କ୍ରୀଡ଼ା ଉପକରଣ ଯୋଗାଇ ଦିଆଯିବ। ନିୟମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବା ସହ ଜିଲା ସ୍ତରରେ ଟିଟିର ବିକାଶ ପାଇଁ କାର୍ଯ୍ୟ ହାତକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୁବ ଖେଳାଳିଙ୍କ ବିକାଶ କରାଯିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ।



ମହିଳା ଡବଲ୍ସରେ ଯଥାକ୍ରମେ ରୌପ୍ୟ, ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ବିଜୟୀ ପ୍ରତିଯୋଗୀମାନେ ପୋଡିୟମ ଉପରେ ପଦକ ପ୍ରଦର୍ଶନ କରୁଛନ୍ତି।



ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିବାପରେ ଖୁସି ମନାଉଛନ୍ତି ଭାରତର ଆହିକା ମୁଖାର୍ଜୀ।



ପୁରୁଷ ଡବଲ୍ସ ଚାମ୍ପିୟନ ଏ.ଅମଲରାଜ ଓ ମାନଭ ଠାକର।




ଦର୍ଶକଭରା ଗ୍ୟାଲେରି।

(ଫଟୋ: ରାଜକିଶୋର ମହାନ୍ତି)

## ୫ଜଣ ହେଲେ ବ୍ରାଣ୍ଡ୍ ଆମ୍ବାସାଡର

ରାଜ୍ୟଗୋଷ୍ଠୀ ଟିଟି ଫେଡେରେଶନ ପକ୍ଷରୁ ଟୁର୍ନାମେଣ୍ଟରୁ ୫ଜଣ ଖେଳାଳିଙ୍କୁ ବଛାଯାଇ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି । ୫ଜଣଙ୍କ ମଧ୍ୟରେ ୨ଜଣ ଭାରତୀୟ ରହିଛନ୍ତି । ଏମାନେ ହେଲେ ଶରଥ କମଲ ଓ ମନିକା ବାତ୍ରା । ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନାଇଜେରିଆର ଜଣେ ଜଣେ ଖେଳାଳି ରହିଛନ୍ତି । ଅନ୍ୟପକ୍ଷରେ ଶ୍ରୀଜା ଆକୁଲାଙ୍କୁ ଫେୟାର ପ୍ଲେ ଆୱାର୍ଡ ଦିଆଯାଇଥିଲା ।

## ଟୁର୍ନାମେଣ୍ଟର ସଫଳ ଆୟୋଜନ



ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ଘୋଷଣା ଦିନଠାରୁ ବହୁ ଚିନ୍ତିତ ଥିଲୁ । ବିଦେଶୀ ଖେଳାଳିଙ୍କୁ ଆମନ୍ତ୍ରଣ କରି ଏଠାରେ ସେମାନଙ୍କ ସୁବିଧା ସୁଯୋଗ ଯୋଗାଇ ଦେଇ ଏହି ବଡ଼ ଟୁର୍ନାମେଣ୍ଟ କିପରି କରିବୁ ତାହା ଚିନ୍ତାରେ ଥିଲୁ । ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ସବୁ ସଫଳ ହୋଇଛି । ଆୟୋଜନ ନେଇ ଭାରତୀୟ ଟିଟି ମହାସଂଘ ଓ ରାଜ୍ୟ ଟିଟି ସଂଘର ସମସ୍ତ କର୍ମକର୍ତ୍ତାଙ୍କ ପରିଶ୍ରମ ସାର୍ଥକ ହୋଇଛି ।

**– ରବୀନ୍ଦ୍ର କୁମାର ପରିଡ଼ା, ସମ୍ପାଦକ, ରାଜ୍ୟ ଟିଟି ସଂଘ**

# ଫିଫାକୁ ଚିଠି ଲେଖିଲେ ୬ ଆଇ-ଲିଗ୍ କ୍ଲବ

**ନୂଆଦିଲ୍ଲୀ, ୨୨।୭ (ପି.ଟି.)**

### ସଙ୍କଟରେ ଭାରତୀୟ ଫୁଟ୍‌ବଲ

ଭାରତୀୟ ଫୁଟ୍‌ବଲ ଏବେ ସଂକଟରେ ଦର୍ଶାଇ ସହାୟତା ପାଇଁ ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ)ର ସହଯୋଗ ଲୋଡ଼ିଛନ୍ତି ମିନର୍ଭା ପଞ୍ଜାବ, ମୋହନ ବାଗାନ ଏବଂ ଇଷ୍ଟବେଙ୍ଗଲ ଭଳି ଆଇ-ଲିଗ୍‌ର କେତେକ ଟପ୍ ଫୁଟ୍‌ବଲ କ୍ଲବ। ଏହି ମର୍ମରେ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ଯେଉଁ ୬ଟି କ୍ଲବ ଚିଠି ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ଚର୍ଚ୍ଚିଲ ବ୍ରଦର୍ସ, ଆଇଜଲ ଏଫ୍‌ସି ଏବଂ ଗୋକୁଲମ୍ କେରଳ ଏଫ୍‌ସି ମଧ୍ୟ ରହିଛନ୍ତି। ମିନର୍ଭା ପଞ୍ଜାବ ମାଲିକ ରଣଜିତ୍ ବଜାଜ ଏହି ଚିଠିରେ ସ୍ୱାକ୍ଷର କରିଛନ୍ତି। ନିକଟ ଭବିଷ୍ୟତରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଦେଶର ଶ୍ରେଷ୍ଠ ପ୍ରଫେସନାଲ ଫୁଟ୍‌ବଲ ଲିଗ୍ ମାନ୍ୟତା ପ୍ରଦାନ କରିବାକୁ ଯାଉଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ନିକଟରେ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛି। ଏହା ଯଦି କାର୍ଯ୍ୟକାରୀ ହୁଏ ତେବେ ୨୦୦୭ରେ ଦେଶର ପ୍ରଥମ ପ୍ରଫେସନାଲ ଫୁଟ୍‌ବଲ ଲିଗ୍‌ର ମାନ୍ୟତା ପାଇ ଆସିଥିବା ଆଇ-ଲିଗ୍‌କୁ ଦ୍ୱିତୀୟ ପାହ୍ୟା ଲିଗ୍ ବୋଲି ବିବେଚନା କରାଯିବ। ଆଇଏସ୍ଏଲର ଜନ୍ମ କିନ୍ତୁ ୨୦୧୩ରେ। ଏଆଇଏଫ୍ଏଫ୍ ଏବଂ ଆଇଏମ୍‌ଜି ରିଲାଏନ୍ସ ମଧ୍ୟରେ ୨୦୧୦ରେ ଏକ ମାଷ୍ଟର ରାଇଟ୍ ଏଗ୍ରିମେଣ୍ଟ ଚୁକ୍ତି ସ୍ୱାକ୍ଷର ହୋଇଛି। ତଦନୁସାରେ ଫୁଟବଲ ମହାସଂଘ ଆଇଏସ୍ଏଲ୍‌କୁ ଦେଶର ଏକ ନମ୍ବର ପ୍ରଫେସନାଲ ଫୁଟ୍‌ବଲ ଲିଗ୍‌ର ମାନ୍ୟତା ଦେବାକୁ ବିଚାର କରୁଛି। ଭାରତୀୟ ଫୁଟ୍‌ବଲ କିପରି ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଛି ତାହା ବର୍ଣ୍ଣନା କରି ଏହି ଅସନ୍ତୁଷ୍ଟ ଆଇ-ଲିଗ୍ କ୍ଲବଗୁଡ଼ିକ କିଛି ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ଚିଠି ଲେଖିଥିଲେ।

ଏବେ ସେମାନେ ଏଆଇଏଫ୍ଏଫ୍ ଯେଉଁ ଢଙ୍ଗରେ କାର୍ଯ୍ୟକରୁଛି ତାହାର ଏକ ତଦନ୍ତ କରାଯିବା ଲାଗି ଇନ୍‌ଫାଣ୍ଟିନୋଙ୍କୁ ଅନୁରୋଧ କରିଛନ୍ତି। ଫୁଟ୍‌ବଲ ଭାରତ ସମେତ ସମଗ୍ର ବିଶ୍ୱରେ ଏକ ଅନ୍ୟତମ ସବୁଠାରୁ ଲୋକପ୍ରିୟ ଖେଳ। ଜାତୀୟ ମହାସଂଘରେ ସୁ ପ୍ରଶାସନର ଅଭାବ ଯୋଗୁ ଦିନକୁ ଦିନ ଭାରତୀୟ ଫୁଟ୍‌ବଲର ଅଧୋପତନ ଘଟିବାରେ ଲାଗିଛି। ବୋଲି ଚିଠିରେ ଲେଖାଯାଇଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍ ସମ୍ପର୍କରେ ଦର୍ଶାଇବାକୁ ଯାଇ କ୍ଲବଗୁଡ଼ିକ କହିଛନ୍ତି, ଆଇଏସଏଲ ହେଉଛି ସମ୍ପୂର୍ଣ୍ଣ ଏକ ବ୍ୟବସାୟିକ ଉଦ୍ୟୋଗ। ଏହାର କୌଣସି ପ୍ରାସଙ୍ଗିକତା ନାହିଁ। ଆଇଏସ୍ଏଲ୍‌ରେ ବହୁ ସଂଖ୍ୟାରେ ୩୫ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳି ଖେଳିଥାନ୍ତି। ବିଦେଶରେ ଯେଉଁ ଖେଳାଳିମାନେ ଅଲୋଡ଼ା ହୋଇପଡ଼ନ୍ତି ସେମାନଙ୍କୁ ଏହି ଟୁର୍ନାମେଣ୍ଟ ଲାଗି ଅନୁବନ୍ଧିତ କରାଯାଇଥାଏ। ଆଇଏସ୍ଏଲ ହେଉଛି ଫୁଟ୍‌ବଲରେ ଆଇପିଏଲ୍ ଭଳି। ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଫୁଟ୍‌ବଲର ସ୍ଥାନ ବହୁ ନିମ୍ନରେ ରହିଛି। ଏପରି ସ୍ଥଳେ ଏକ ସମ୍ପୂର୍ଣ୍ଣ କମର୍ସିଆଲ ଲିଗ୍‌କୁ ଦେଶର ସବୁଠାରୁ ସିନିୟର ଲିଗ୍‌ର ମାନ୍ୟତା ପ୍ରଦନା କରାଯିବା କେତେଦୂର ଯଥାର୍ଥ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ଏଆଇଏଫ୍ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ ଅସନ୍ତୁଷ୍ଟ ଆଇ-ଲିଗ୍ କ୍ଲବଗୁଡ଼ିକୁ ପ୍ରତିଶ୍ରୁତି ଦେଇ କହିଥିଲେ, ସେମାନଙ୍କ ଭବିଷ୍ୟତ ସୁରକ୍ଷିତ। ଆଇଏସ୍ଏଲ୍ ସହିତ ଆଇ-ଲିଗ୍ ଯେପରି ଆହୁରି ୨ରୁ ୩ ବର୍ଷ ବର୍ଷ ପର୍ଯ୍ୟନ୍ତ ଏକ ସଙ୍ଗେ ଚାଲିବ ସେନେଇ ଅନୁମତି ପାଇଁ ଏସିଆନ୍ ଫୁଟ୍‌ବଲ କନଫେଡେରେଶନ (ଏଏଫ୍‌ସି)କୁ ସେ ଅନୁରୋଧ କରିବେ।





### Birthday Wish



**Divyashree Debarehana**
**(D.D., Dhana, Guduni)**
Khandagiribari, BBSR
Happy birthday to our precious daughter, you are loved today, tomorrow and always !
**Best Wishes:**
**Bou- Minakumari, Maa- Binapani and Mama, Mami.**
D-13428

### ୧୪ତମ ଜନ୍ମଦିନ ଶୁଭେଚ୍ଛା



**ସ୍ୱାଗତ ଷଡ଼ଙ୍ଗୀ**
ବିଶ୍ୱନାଥପୁର, ସାକ୍ଷୀଗୋପାଳ, ପୁରୀ
ଜଗତର ନାଥ ଜଗନ୍ନାଥଙ୍କର ପାଖରେ ଏତିକି ଅଳି, "ଗୁଞ୍ଜୁ" ଚଲାପଥ କୁସୁମିତ ହେଉ ଦିଅନ୍ତୁ ଆଶିଷ ଢାଳି।
**ଶୁଭେଚ୍ଛାସହ:**
ସାଙ୍ଗସାଥି, ବନ୍ଧୁ ଓ ପରିବାରବର୍ଗ
ଧ-୧୩୫୪୩

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଆୟେଶା ରାଉତ**
**ଭୁବନେଶ୍ୱର**
ଆଜି ପ୍ରଥମ ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘ ଓ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛୁ।
**ଆଶୀର୍ବାଦ ସହ:**
ଜେଜେ ବାପା ଓ ଜେଜେ ମା'
ଧ-୬୭୦୨୧


### ଜେଇ ୱିଲିସନ ଇଣ୍ଟରନ୍ୟାଶନାଲ ସିରିଜ

# ଓଡ଼ିଆ ଝିଅ ଋତୁପର୍ଣ୍ଣାଙ୍କୁ ଡବଲ୍ ଟାଇଟଲ୍

**ନୂଆଦିଲ୍ଲୀ, ୨୨।୭ (ପି.ଟି.)**



ଉଦୀୟମାନ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଓଡ଼ିଆ ଝିଅ ଋତୁପର୍ଣ୍ଣା ପଣ୍ଡା ଘାନାର ଆକ୍ରାଠାରେ ଅନୁଷ୍ଠିତ ଜେଇ ୱିଲସନ ଇଣ୍ଟରନ୍ୟାଶନାଲ ସିରିଜରେ ଡବଲ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଋତୁପର୍ଣ୍ଣା ମିକ୍ସଡ୍ ଡବଲ୍ସ ଓ ମହିଳା ଡବଲ୍ସରେ ଟାଇଟଲ୍ ଜିତି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେହିଭଳି ଶ୍ଲୋକ ରାମଚନ୍ଦ୍ରନ ମଧ୍ୟ ପୁରୁଷ ଓ ମିକ୍ସଡ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି।

ମିକ୍ସଡ୍ ଡବଲ୍ସ ଫାଇନାଲରେ ଋତୁପର୍ଣ୍ଣା ଓ ଶ୍ଲୋକ ଯୋଡ଼ି ୨୧-୧୯, ୨୧-୧୫ ସିଧାସଳଖ ଗେମ୍‌ରେ ଅନ୍ୟତମ ଭାରତୀୟ ଯୋଡ଼ି ଏମ୍ଆର୍ ଅର୍ଜ୍ଜୁନ ଓ କେ. ମନୀଷାଙ୍କୁ ପରାସ୍ତ କରିଥିଲେ। ସେହିଭଳି ମହିଳା ଡବଲ୍ସ ଫାଇନାଲରେ ଋତୁପର୍ଣ୍ଣା ମନୀଷାଙ୍କୁ ସାଥୀ କରି ୨୧-୧୧, ୨୧-୧୧ ଗେମ୍‌ରେ ନାଇଜେରିଆର ଡୋରକାସ ଅଜୋକ ଆଡେସୋକାନ ଓ ଉଚେଚୁକ୍ୟୁ ଡେବୋରା ଇକେ ଯୋଡ଼ିଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ପୁରୁଷ ଡବଲ୍ସରେ ଟପ୍ ସିଡ୍ ଶ୍ଲୋକ ଓ ଅର୍ଜ୍ଜୁନ ୨୧-୧୧, ୨୧-୧୨ରେ ନାଇଜେରିଆନ୍ ଯୋଡ଼ି ଗଡ୍‌ୱିନ ଓଲୋଫୁଆ ଓ ଅନୁଓଲୁୱାପୋ ଜୁୱିନଙ୍କୁ ମାତ୍ ଦେଇ ଟାଇଟଲ୍ ହାସଲ କରିଥିଲେ। ଅପରପକ୍ଷରେ କଡ଼ା ସଂଘର୍ଷପୂର୍ଣ୍ଣ ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ଲଢ଼େଇରେ କିରନ ଜର୍ଜ ୨୫-୨୩, ୨୧-୧୯ରେ ଆଜରବୈଜାନର ଆଡେରେଲ୍ସି ୱିଚାଓଙ୍କୁ ହରାଇଛନ୍ତି। କିନ୍ତୁ ଭାରତର ମୁଗ୍ଧା ଏଗରେ ମହିଳା ସିଙ୍ଗଲ୍ସ ଫାଇନାଲରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣ ୨୦୧୮ରେ ଭାରତୀୟ ପ୍ରତିଯୋଗୀ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତି ଟେବୁଲ ତାଲିକାର ଶୀର୍ଷରେ ରହିଥିଲା।

# ଅନ୍‌ଅଫିସିଆଲ ସିରିଜ ଜିତିଲା ଭାରତ-ଏ

**ଆଣ୍ଟିଗୁଆ, ୨୨।୭**


ଟ୍ରଫି ସହ ସପୋର୍ଟ ଷ୍ଟାଫଙ୍କ ଗହଣରେ ଭାରତ-ଏ ଦଳ।

ରବିବାର ଖେଳାଯାଇଥିବା ଅନ୍ତିମ ତଥା ୫ମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଭାରତ ଏ' ଦଳ ୮ ଉଇକେଟରେ ୱେଷ୍ଟଇଣ୍ଡିଜ ଏ'କୁ ହରାଇ ଦେଇଛି। ଏଥିସହିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଭାରତ-ଏ ଦଳ ୪-୧ ବ୍ୟବଧାନରେ ଜିତିନେଇଛି। ୨୩୭ ରନ୍‌ର ଟାର୍ଗେଟ୍‌କୁ ପିଛା କରୁଥିବା ଭାରତ-ଏ ଦଳ ଲାଗି ଋତୁରାଜ ଗାଏକ୍ୱାଡ ଓ ଶୁବମନ ଗିଲ୍‌ଙ୍କ ଓପନିଂ ଯୋଡ଼ି ୧୧.୩ ଓଭରରେ ୧୧୦ ରନ୍ କରିଥିଲେ। କିନ୍ତୁ ଗିଲ୍ (୬୯)ଙ୍କୁ ଆଉଟ୍ କରି ୱେଷ୍ଟଇଣ୍ଡିଜ-ଏ ଦ୍ରୁତ ବୋଲର କିମୋ ପଲ୍ ଭାରତୀୟ ଦଳକୁ ଝଟକା ଦେଇଥିଲେ। ଏହାପରେ ଗାଏକ୍ୱାଡଙ୍କ ସହ ଶ୍ରେୟାସ ଆୟାର ଦ୍ୱିତୀୟ ଉଇକେଟ ପାଇଁ ୧୧୨ ରନ୍ ଭାଗୀଦାରି କରି ବିଜୟକୁ ସହଜ କରି ଦେଇଥିଲେ। ଗାଏକ୍ୱାଡ (୯୯) ଶତକଠାରୁ ଏକ ରନ୍ ଦୂରରେ ଥିବାବେଳେ ଆଉଟ୍ ହୋଇଥିଲେ। ପରେ ଆୟାର ଓ ଅଧିନାୟକ ମନୀଷ ପାଣ୍ଡେ ଭ୍ରମଣକାରୀ ଦଳକୁ ବିଜୟୀ କରାଇଥିଲେ। ଆୟାର ୬୧ ଓ ପାଣ୍ଡେ ୭ ରନ୍ କରି ଅପରାଜିତ ଥିଲେ। ପୂର୍ବରୁ ଦ୍ରୁତ ବୋଲର ନବଦୀପ ସାଇନି, ଦୀପକ ଚହର ଓ ରାହୁଲ ଚହରଙ୍କ ମାପଚୁପ ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ-ଏ ୨୩୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ସୁନୀଲ ଆମ୍ବ୍ରିସ ୬୧ ଓ ଶେର୍ଫାନେ ରଦରଫର୍ଡ ୬୫ ରନ୍ କରିଥିଲେ। ଭାରତ ଏ' ଲାଗି ଦୀପକ, ରାହୁଲ ଓ ନବଦୀପ ୨ ଲେଖାଏ ଉଇକେଟ ନେଇଥିଲେ।

## ପ୍ରଥମ ଥର ଭାରତୀୟ ଦଳରେ ୩ ରାଜସ୍ଥାନ ଖେଳାଳି

**ଜୟପୁର, ୨୨।୭:** ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ଭାରତୀୟ ଦଳ ଘୋଷଣା ହୋଇସାରିଛି। ଏହି ଦଳରେ ପ୍ରଥମ ଥର ପାଇଁ ୩ ଜଣ ରାଜସ୍ଥାନ ଖେଳାଳି ସ୍ଥାନ ପାଇଛନ୍ତି। ବାମହାତୀ ପେସର ଖଲିଲ ଅହମ୍ମଦ, ଡାହାଣହାତୀ ସିମର ଦୀପକ ଚହର ଓ ଲେଗ୍ ସ୍ପିନର ରାହୁଲ ଚହର ଭାରତୀୟ ଟି୨୦ ଦଳରେ ସ୍ଥାନ ହାସଲ କରିଛନ୍ତି। ରାଜ୍ୟ ଆସୋସିଏଶନ ବିସିସିଆଇ ଦ୍ୱାରା ବାସନ୍ଦ ଥିବାବେଳେ ୩ ଜଣ ଖେଳାଳି ଜାତୀୟ ଦଳରେ ମନୋନୀତ ହୋଇଛନ୍ତି। ମୋତେ ସୁଯୋଗ ମିଳିଥିବାରୁ ମୁଁ ବହୁତ ଖୁସି। ମୁଁ ଏହାକୁ ଦୀର୍ଘମିଆଦି ସୁଯୋଗ ଭାବେ ଦେଖୁଛି। ଆଗାମୀ ୧୦ବର୍ଷ ପାଇଁ ଭାରତୀୟ ଦଳରେ ସ୍ଥାନ ପକ୍କା କରିବାକୁ ଉଦ୍ୟମ କରିବେ ବୋଲି ଖଲିଲ ଆଣ୍ଟିଗୁଆରୁ ଫୋନ ଯୋଗେ କହିଛନ୍ତି। ସେଠାରେ ସେ ଭାରତ ଏ' ସଦସ୍ୟ ଭାବେ ୱେଷ୍ଟଇଣ୍ଡିଜ ଏ' ବିପକ୍ଷରେ ଅନ୍‌ଅଫିସିଆଲ ସିରିଜ ଖେଳୁଛନ୍ତି। ଦୀପକ ଓ ରାହୁଲ ମଧ୍ୟ ଏହି ଦଳର ଅଂଶ। ୧୯ ବର୍ଷୀୟ ରାହୁଲ ଭାରତୀୟ ଦଳରେ ନୂଆ ମୁହଁ ଭାବେ ସ୍ଥାନ ପାଇଛନ୍ତି। ଏହା ଚହରଙ୍କ ପରିବାର ଲାଗି ବଡ଼ ଗର୍ବର ବିଷୟ। ଆମେ ମନୋନୀତ ହୋଇଛୁ। ଦୀର୍ଘ ସମୟ ଧରି ଆମେ ଏଥିଲାଗି ଅପେକ୍ଷା କରିଥିଲୁ। ଏବେ ଆମ ଅପେକ୍ଷା ଶେଷ ହେଲା ବୋଲି ଦୀପକଙ୍କ ଭଉଣୀ ମାଳତି ଚହର କହିଛନ୍ତି।

# କୋଚ୍ ନ ଥିବାରୁ ପ୍ରଦର୍ଶନ ପ୍ରଭାବିତ ହୋଇଛି: ଅଚନ୍ତ

**ନୂଆଦିଲ୍ଲୀ, ୨୨।୭(ପିଟି):** ଟୋକିଓ ଅଲିମ୍ପିକ୍ସକୁ ପୂର୍ବରୁ ଭାରତୀୟ ଟେବୁଲ ଟେନିସ ଦଳ ହାତରେ ପ୍ରସ୍ତୁତି ପାଇଁ ଆଉ ମାତ୍ର ବର୍ଷେ ସମୟ ରହିଛି। କିନ୍ତୁ ଦଳର ନୂଆ ବିଦେଶୀ କୋଚ୍ ଡେଜାନ ପାପିକ ଏପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳି ନାହାନ୍ତି। ଏହା ଭାରତୀୟ ଦଳର ଅଲିମ୍ପିକ୍ସ ଇଭେଣ୍ଟ ପ୍ରସ୍ତୁତିରେ ବାଧା ସାଜିଛି। ମାର୍ଚ୍ଚରେ ଭାରତୀୟ ଟେବୁଲ ଟେନିସ ଫେଡେରେଶନ (ଟିଟିଏଫ୍ଆଇ) ପାପିକ୍‌ଙ୍କୁ ନୂଆ ବିଦେଶୀ କୋଚ୍ ଭାବେ ନିଯୁକ୍ତ କରିଥିଲା। ତାଙ୍କ ପୂର୍ବରୁ ମାସିମୋ କୋନ୍‌ଷ୍ଟାଣ୍ଟିନି ଏହି ଦାୟିତ୍ୱରେ ଥିଲେ। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଗତ ବର୍ଷ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ କାର୍ଯ୍ୟକାଳରେ ଭାରତ ଐତିହାସିକ ପ୍ରଦର୍ଶନ କରିଥିଲା। ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଜାକର୍ତ୍ତା ଏସିଆନ୍ ଗେମ୍ସରେ ଭାରତ ୬୦ ବର୍ଷର ଅପେକ୍ଷାର ଅନ୍ତ କରିଥିଲା। ମାସିମୋ ପାରିବାରିକ ସମସ୍ୟା ଯୋଗୁ ସ୍ୱଦେଶ ଫେରିଗଲେ। ତାଙ୍କ ପରେ ଜଣେ କୋଚ୍‌ଙ୍କୁ ନିଯୁକ୍ତ କରାଯାଇଛି, ହେଲେ ସେ କେବେ ଜାତୀୟ ଦଳରେ ଯୋଗଦେବେ ଆମକୁ ଜଣା ନାହିଁ। ଜଣେ କୋଚ୍‌ଙ୍କ ବିନା ଅଲିମ୍ପିକ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଲାଗି ପ୍ରସ୍ତୁତ ହେବା କଷ୍ଟକର। ଜି. ସାଥିୟାଁ ଓ ମନିକା ବାତ୍ରା ଭଲ ପ୍ରଦର୍ଶନ କରୁଛନ୍ତି। ଆମେ ନିଜେ ଟ୍ରେନିଂ କରୁଛୁ। ତେବେ ଡବଲ୍ସ ବର୍ଗ ପାଇଁ ଆମକୁ ସ୍ପେଶାଲିଷ୍ଟ କୋଚ ଦରକାର। ମିକ୍ସଡ୍ ଡବଲ୍ସ ଆମ ପାଇଁ ସମସ୍ୟା ହୋଇଯାଇଛି ବୋଲି ବୋଲି ଦେଶର ଅଗ୍ରଣୀ ଟିଟି ଖେଳାଳି ଏ. ଶରଥ କମାଲ କହିଛନ୍ତି। ପାପିକ ବିଶ୍ୱ ବ୍ୟକ୍ତିଗତ ଚାମ୍ପିୟନଶିପବେଳେ ଦଳର ସିନିୟର ଖେଳାଳିଙ୍କ ସହ ଆଲୋଚନା କରିଥିଲେ। ସେ ଚଳିତ ମାସରେ ଦଳରେ ଯୋଗଦେବେ ବୋଲି ଆଶା କରାଯାଉଛି।

## ଉମେଶ ମେମୋରିଆଲ ଚେସ୍ ୨୭ରୁ

**ଭୁବନେଶ୍ୱର, ୨୨।୭ (କ୍ରୀଡ଼ା ପ୍ରତିନିଧି):** ଉମେଶ ଚନ୍ଦ୍ର ମିଶ୍ର ମେମୋରିଆଲ ଚେସ୍‌ର ୭ମ ସଂସ୍କରଣ ଚଳିତମାସ ୨୭ ତାରିଖରୁ ଆରମ୍ଭ ହେବ। ଚେସ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତା ପାଇଁ ୨୫୦ ଟଙ୍କାର ଏଣ୍ଟ୍ରି ଫି ରଖା ଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ମଙ୍ଗଳବାରଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଆୟୋଜନସ୍ଥଳ ହୋଟେଲ ଅନ୍ନପୂର୍ଣ୍ଣାଠାରେ ନାମ ପଞ୍ଜୀକରଣ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ସବିତା ତ୍ରିପାଠୀ ପ୍ରକାଶ କରିଛନ୍ତି। ପ୍ରଦର୍ଶନ ଭିତ୍ତିରେ ମୋଟ ୨୫ ଜଣଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିୟନ, ରନର୍ସଅପ୍ ଓ ତୃତୀୟ ସ୍ଥାନ ହାସଲକାରୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫,୦୦୦, ୪୦୦୦ ଓ ୩୦୦୦ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ୧୦, ୧୪ ଓ ୧୬ ବର୍ଷରୁ କମ୍ ଶ୍ରେଷ୍ଠ ୩ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ଶ୍ରେଷ୍ଠ ଭେଟେରାନ ଏବଂ ମହିଳା ଖେଳାଳିଙ୍କୁ ମଧ୍ୟ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।

## ପାକିସ୍ତାନକୁ ଶ୍ରେଷ୍ଠ ଦଳରେ ପରିଣତ କରାଯିବ

**ୱାଶିଂଟନ, ୨୨।୭(ପି.ଟି.):** ପରବର୍ତ୍ତୀ ବିଶ୍ୱକପ ପୂର୍ବରୁ ପାକିସ୍ତାନ ବିଶ୍ୱର ଶ୍ରେଷ୍ଠ ଦଳ ହେବ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ତଥା ୧୯୯୨ବିଶ୍ୱକପ୍ ବିଜୟୀ ଅଧିନାୟକ ଇମ୍ରାନ ଖାନ କହିଛନ୍ତି। ତିନିଦିନିଆ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତରେ ଥିବା ଇମ୍ରାନ ପାକିସ୍ତାନ-ଆମେରିକୀୟ ସମୁଦାୟଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍ ଶେଷ ହେବା ପରେ ସେ ପାକିସ୍ତାନକୁ ଶ୍ରେଷ୍ଠ ଦଳ ଭାବେ ପରିଣତ କରିବା ପାଇଁ କିଛି ଯୋଜନା ପ୍ରସ୍ତୁତ କରିଥିବା ସୂଚନା ଦେଇଛନ୍ତି। ପାକିସ୍ତାନ ଦଳର ଉନ୍ନତି ପାଇଁ ସେ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। ଦଳରେ କିଛି ଭଲ ଖେଳାଳିଙ୍କୁ ସାମିଲ କରି ଆଗାମୀ ୨୦୨୩ ବିଶ୍ୱକପ ବେଳକୁ ଏହି ଟିମ୍ ବିଶ୍ୱର ଶ୍ରେଷ୍ଠ ଦଳ ଭାବେ ପରିଣତ ହୋଇ ସାରିଥିବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ବିଶ୍ୱକପ୍‌ରେ ପାକିସ୍ତାନ ଲିଗ୍ ପର୍ଯ୍ୟାୟରେ ୯ଟି ମ୍ୟାଚରୁ ୫ଟିରେ ବିଜୟୀ ହୋଇଥିବାବେଳେ ଏହି ଟିମ୍‌ର ଅନ୍ୟ ଗୋଟିଏ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ଲିଗ୍‌ରେ ପାକିସ୍ତାନ ୧୧ ପଏଣ୍ଟ ହାସଲ କରି ନ୍ୟୁଜିଲାଣ୍ଡ ସହ ରହି ସମାନ ପଏଣ୍ଟ ପାଇଥିଲା। ମାତ୍ର ଉନ୍ନତ ରନରେଟରେ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ପାକିସ୍ତାନକୁ ନିରାଶ ହେବାକୁ ପଡ଼ିଥିଲା। ତେବେ ବିଶ୍ୱକପ୍‌ରୁ ପାକିସ୍ତାନ ବିଦାୟ ନେବା ପରେ ସେ ଏହି ଦଳର ଉନ୍ନତି ପାଇଁ ମନସ୍ତ କରିଥିଲେ ବୋଲି ଇମ୍ରାନ କହିଛନ୍ତି।

# ମୁରଲୀଧରନଙ୍କ ବାୟୋପିକ୍ '୮୦୦'ରେ ବିଜୟ

**ନୂଆଦିଲ୍ଲୀ, ୨୨।୭:** କିମ୍ବଦନ୍ତୀ ଶ୍ରୀଲଙ୍କା ସ୍ପିନର ମୁଥିଆ ମୁରଲୀଧରନଙ୍କ ଆତ୍ମଜୀବନୀ ଉପରେ ଏକ ଫିଲ୍ମ ପ୍ରସ୍ତୁତ ହେବାକୁ ଯାଉଛି, ଯାହାର ଟାଇଟଲ୍ '୮୦୦' ରଖାଯାଇଛି। ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପର୍ ଷ୍ଟାର୍ ବିଜୟ ସେଥୁପାଥି ଏଥିରେ ମୁରଲୀଧରନଙ୍କ ଭୂମିକାରେ ଅବତୀର୍ଣ୍ଣ ହେବେ ବୋଲି କେତେକ ଶ୍ରୀଲଙ୍କା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ୪୭ ବର୍ଷୀୟ ଏହି ଭେଟେରାନ ସ୍ପିନର ଟେଷ୍ଟ କ୍ୟାରିୟରରେ ମୋଟ୍ ୮୦୦ ଉଇକେଟ୍ ଅକ୍ତିଆର କରିଥିବାରୁ ଫିଲ୍ମର ନାମକରଣ ଏହିଭଳି କରାଯାଇଛି।

୧୯୭୨ରେ କାଣ୍ଡିରେ ଜନ୍ମଗ୍ରହଣ କରିଥିବା ମୁଥିୟା ଦୁଇ ଦଶନ୍ଧିର ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟରରେ ୧୩୩ ଟେଷ୍ଟ, ୩୫୦ ଦିନିକିଆ ଓ ୧୨ ଟି୨୦ରେ ଶ୍ରୀଲଙ୍କା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ବିଶ୍ୱର ଶ୍ରେଷ୍ଠ ସ୍ପିନର ଆଖ୍ୟା ପାଇଥିବା ମୁରଲୀଧରନ ଟେଷ୍ଟରେ ୮୦୦ ଉଇକେଟ୍ ଅକ୍ତିଆର କରି ସର୍ବକାଳୀନ ଶ୍ରେଷ୍ଠ ବୋଲର ଆଖ୍ୟା ପାଇଛନ୍ତି। ସେହିଭଳି ଦିନିକିଆରେ ୫୩୪ ଓ ଟି୨୦ରେ ୧୩ ସହ ୩ଟି ଯାକ ଫର୍ମାଟ୍‌ରେ ମୋଟ୍ ଉପରେ ସେ ୧,୩୪୭ ଉଇକେଟ୍ ଅକ୍ତିଆର କରିଛନ୍ତି। ୧୯୯୬ରେ ଶ୍ରୀଲଙ୍କାକୁ ବିଶ୍ୱ ବିଜୟୀ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ଫିଲ୍ମର ଶୁଟିଂ ଆସନ୍ତା ଡିସେମ୍ବରରୁ ଶ୍ରୀଲଙ୍କା ସମେତ ଭାରତ, ଇଂଲଣ୍ଡ ସମେତ ବିଶ୍ୱର ଅନ୍ୟକିଛି ସ୍ଥାନରେ ହେବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ ରହିଛି।

### ଦୃଷ୍ଟିହୀନ କ୍ରିକେଟ, ଭାରତ ସିରିଜ ବିଜୟୀ

# ଅଜୟଙ୍କ ଦ୍ୱିଶତକ, ଦୁର୍ଗାଙ୍କ ଶତକ


ଅଜୟ ରେଡ୍ଡୀ


ଦୁର୍ଗା ରାଓ

**ଭୁବନେଶ୍ୱର, ୨୨।୭(କ୍ରୀଡ଼ା ପ୍ରତିନିଧି)**

କାରିବିୟନ ଗସ୍ତରେ ଥିବା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳ ବିଜୟ ସହ ଏହାର ଅଭିଯାନ ଆରମ୍ଭ କରିଛି। ଅଧିନାୟକ ଅଜୟ ରେଡ୍ଡୀଙ୍କ ଅପରାଜିତ ଦ୍ୱିଶତକ ଏବଂ ଦୁର୍ଗା ରାଓଙ୍କ ଅପରାଜିତ ଶତକ ସହାୟତାରେ ଭାରତ ସୋମବାର ଅନୁଷ୍ଠିତ ଦ୍ୱିତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚରେ ଜାମାଇକାକୁ ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ହୋଇ ଭାରତ ସିରିଜ ବିଜୟୀ ହୋଇଛି। ଟସ୍ ଜିତି ଜାମାଇକା ପ୍ରଥମେ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଜାମାଇକା ବୋଲରମାନେ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଶୀଘ୍ର ୨ଟି ଉଇକେଟ ଖସାଇ ଦେଇଥିଲେ। ମାତ୍ର ଅଧିନାୟକ ଅଜୟ ରେଡ୍ଡୀ ୧୧୨ ବଲ୍‌ରୁ ୨୧୪ ଏବଂ ଦୁର୍ଗା ରାଓ ୮୭ ବଲ୍‌ରୁ ୧୩୪ ରନ ସଂଗ୍ରହ କରିବା ସହ ଅପରାଜିତ ରହି ଅସମାପ୍ତ ୩ୟ ଉଇକେଟରେ ୩୯୩ ରନ ଯୋଗକରି ୩୩ ଓଭରରେ ଭାରତୀୟ ସ୍କୋରକୁ ୪୧୫ରେ ପହଞ୍ଚାଇ ଦେଇଥିଲେ। ୪୧୬ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଜାମାଇକା ୩୧.୫ ଓଭରରେ ୨୩୬ ରନ କରି ଅଲଆଉଟ ହୋଇ ଯାଇଥିଲା। ଫଳରେ ଭାରତ ୧୭୯ ରନରେ ବିଜୟୀ ହୋଇଥିଲା। ଜାମାଇକା ପକ୍ଷରୁ ଶିମ୍ ସର୍ବାଧିକ ୪୭ ଓ ଷ୍ଟିୱାର୍ଟ ୪୦ ରନ ସ୍କୋର କରିଥିଲେ। ଦିନିକିଆ ସିରିଜରେ ଆଉ ଗୋଟିଏ ମ୍ୟାଚ ବାକିଥିବାବେଳେ ୨ ଦିନର ବିଶ୍ରାମ ପରେ ଉଭୟ ଦଳ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।

### ସଂକ୍ଷିପ୍ତ ସ୍କୋର

- ଭାରତ ୩୩ ଓଭରରେ ୪୧୫/୨(ଅଜୟ ରେଡ୍ଡୀ-୨୧୪*, ଦୁର୍ଗା ରାଓ-୧୩୪*, ଷ୍ଟିୱାର୍ଟ-୧/୪୦)।
- ଜାମାଇକା ୩୧.୫ ଓଭରରେ ୨୩୬/ଅଲଆଉଟ(ଶିମ୍-୪୭, ଷ୍ଟିୱାର୍ଟ-୪୦, ରିକେଟ୍ସ-୩୪, ଅଜୟ-୪/୨୯, ସୁନୀଲ-୧/୧୨, ଅମୋଲ-୧/୨୫, ଜାଫର-୧୨୪)।

**ମ୍ୟାନ ଅଫ୍ ଦି ମ୍ୟାଚ ଅଜୟ ରେଡ୍ଡୀ**


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କେଦାରନାଥ ମିଶ୍ର**
ଶିରିପୁର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୦।୧୯୩୮
ତିରୋଧାନ: ୦୨।୦୮।୨୦୧୮
ହେ ପୂଣ୍ୟାତ୍ମା, ଆପଣଙ୍କ ଆକସ୍ମିକ ବିୟୋଗରେ ଆମେ ଅତୀବ ମର୍ମାହତ। ଆପଣଙ୍କ ଉଚ୍ଚ ଜୀବନାଦର୍ଶ, ସାମାଜିକ ଓ ସାଂସ୍କୃତିକ ଜୀବନ ଚୀର ଜାଜ୍ଜୁଲ୍ୟମାନ। ଆଜି ପବିତ୍ର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ସହ ପ୍ରଭୁ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପତ୍ନୀ- ଶାନ୍ତିଲତା, ପୁତ୍ର- ବାବୁ, ବୋହୂ- ଶତରୂପା, କନ୍ୟା- ମାମା, ଜାମାତା- ନୃସିଂହ, ନାତୁଣୀ- ପେପି, କୁନୁ, ମୁନୁ, ନାତି- ବୁବୁଙ୍କ ସହ ବନ୍ଧୁ ଓ ପରିବାରବର୍ଗ
ଧ-୧୩୫୪୧

### ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଆର୍ତ୍ତ ପଣ୍ଡା**
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା, ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୫୯୮୬୪

### ତ୍ରୟୋଦଶତମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ମନମୋହନ ପଟ୍ଟନାୟକ**
ଜଗନ୍ନାଥବିହାର, ବରମୁଣ୍ଡା, ଭୁବନେଶ୍ୱର
ତିରୋଧାନ: ୧୬।୦୭।୨୦୦୬
(ଶ୍ରାବଣ କୃଷ୍ଣପକ୍ଷ ଷଷ୍ଠୀ ତିଥି)
ସମୟର ସ୍ରୋତରେ ଚାହୁଁ ଚାହୁଁ ୧୩ବର୍ଷ ବିତିଗଲା, ଆପଣଙ୍କର ଦିବ୍ୟ ସତ୍ତାକୁ ଅନୁଭବ କରି ଆଜି ସପରିବାର ଆପଣଙ୍କର ଆଶିଷ ଭିକ୍ଷା କରି ଅଶ୍ରୁଳ ଶ୍ରଦ୍ଧାସୁମନ ଅର୍ପଣ କରୁଛୁ।
**ଶ୍ରଦ୍ଧାଞ୍ଜଳି ସହ:**
ସ୍ତ୍ରୀ- ଝୁନୁ, ପୁଅ- ଟାଟୁ, ସାନୁ, ନାନୁ, ବୋହୂ- ରୁନୁ, କିନୁ, ଲିନୁ ଏବଂ ନାତୁଣୀନାତିମାନେ।
ଧ-୬୭୦୨୦

### ୭ମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦଣ୍ଡପାଣି ନାୟକ**
ପ୍ରଧାନ ଶିକ୍ଷକ, ହରିସହଦେବ ଉ:ପ୍ରା. ବିଦ୍ୟାଳୟ, ଶୀତଳପଦା, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୧୦।୦୧।୧୯୬୭
ତିରୋଧାନ: ୨୩।୦୭।୨୦୧୨
ଦୀର୍ଘ ସାତବର୍ଷ ହେଲା ଆମକୁ ଛାଡ଼ି ଚାଲିଗଲ। ପ୍ରତିଟି ମୁହୂର୍ତ୍ତରେ ତୁମ ସ୍ମୃତି ମନେପଡି ବେସାହାରା ଲାଗୁଛି। ପ୍ରଭୁଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ**
ଆଲଫା, ବିଟା, ହରିସହଦେବ ଉ:ପ୍ରା. ସ୍କୁଲର ଶିକ୍ଷକ, ଶିକ୍ଷିକା ଓ ଛାତ୍ର ଛାତ୍ରୀ
ଧ-୬୩୮୫




■ସରକାରୀ ମାନ୍ୟତା ମିଳିଲାନି

# ବନ୍ଦ ହେଲା ଭୀମଭୋଇ ସ୍ୱାସ୍ଥ୍ୟକେନ୍ଦ୍ର

ସୋନପୁର,୨୨।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସନ୍ଥକବି ଭୀମଭୋଇଙ୍କ ସମାଧି ପୀଠ ଖଲିଆପାଲିଠାରେ ଜନସାଧାରଣଙ୍କ ଉଦ୍ୟମରେ ଚାଲି ଆସିଥିବା ସ୍ୱାସ୍ଥ୍ୟକେନ୍ଦ୍ରଟି ଶେଷରେ ବନ୍ଦ ହେଲା। ଦେଢ ମାସ ହେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଉ ଡାକ୍ତର, ଫାର୍ମାସିଷ୍ଟ କିମ୍ବା ସ୍ୱାସ୍ଥ୍ୟ କର୍ମଚାରୀ ଆସୁନାହାନ୍ତି। ଔଷଧ ମଧ୍ୟ ଆଉ ଯୋଗାଇ ଦିଆଯାଉନି। ସରକାରୀ ମାନ୍ୟତା ନ ମିଳିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ବନ୍ଦ କରାଯାଇଛି। ୮ ବର୍ଷ ଧରି ଚାଲି ଆସିଥିବା ସ୍ୱାସ୍ଥ୍ୟ କେନ୍ଦ୍ରଟି ବନ୍ଦ ହେବା ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନଃ କାର୍ଯ୍ୟକ୍ଷମ କରିବା ଓ ଖଲିଆପାଲିରେ ନୂତନ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

୨୦୧୧ମସିହା ଅକ୍ଟୋବର ୨୬ତାରିଖରେ ସୁବର୍ଣ୍ଣପୁରର ତତ୍କାଳୀନ ଜିଲାପାଳ ସ୍ୱର୍ଗତ ଗଗନ ବିହାରୀ ସ୍ୱାଇଁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସେହିଦିନଠାରୁ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ଦାୟିତ୍ୱ ଭୀମଭୋଇ ସମାଧି ପୀଠ ଟ୍ରଷ୍ଟ ହାତକୁ ନେଇଥିଲା। ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲା ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିଜର କୋଠା ଯୋଗାଇ ଦେଇଥିଲେ। ଜିଲା ରେଡକ୍ରସ ପକ୍ଷରୁ ସହାୟତା ମିଳୁଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ତତ୍କାଳୀନ ଜିଲାପାଳ ଏକ ପ୍ରସ୍ତାବ ଗତ ୧୧।୫।୨୦୧୨ରିଖରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ପଠାଇଥିଲେ। ତତ୍କାଳୀନ ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ଓ ଅଞ୍ଚଳବାସୀ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ। ମାତ୍ର ରାଜ୍ୟ ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ମାନ୍ୟତା ପ୍ରଦାନ କଲେନି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖଲିଆପାଲି, ମୟୂରଉଡାନ, ରେଙ୍ଗାଲି, ମଲ୍ଲିକମୁଣ୍ଡା ଓ ବିଶିମୁଣ୍ଡା ଗ୍ରାମ ପଞ୍ଚାୟତର ପାଖାପାଖି ୩୦ହଜାର ଲୋକ ନିର୍ଭରଶୀଳ ଥିଲେ। ସ୍ଥାନୀୟ ଅଞ୍ଚଳରେ କୌଣସି ସ୍ୱାସ୍ଥ୍ୟକେନ୍ଦ୍ର ତଥା ସ୍ୱାସ୍ଥ୍ୟ ସୁବିଧା ନଥିବାରୁ ପ୍ରତିଦିନ ହାରାହାରି ୫୦ଜଣ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସା ସେବା ପାଉଥିଲେ। ସନ୍ଥ କବିଙ୍କ ସମାଧି ପୀଠକୁ ଦର୍ଶନ ପାଇଁ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ମଧ୍ୟ ଆବଶ୍ୟକ ସମୟରେ ଚିକିତ୍ସିତ ହେଉଥିଲେ। ପୂର୍ବତନ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ


ସ୍ୱାସ୍ଥ୍ୟକେନ୍ଦ୍ରକୁ କାର୍ଯ୍ୟକ୍ଷମ ଦାବିରେ ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

## ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ

ଆଦେଶକ୍ରମେ ନିକଟସ୍ଥ ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଏମଏଚୟୁ(ମୋବାଇଲ ହେଲ୍‌ଥ ୟୁନିଟ୍) ଓ ସାହାଜପିଟା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏବଂ ପାରା ମେଡିକାଲ ଷ୍ଟାଫମାନେ ଖଲିଆପାଲିକୁ ଆସି ରୋଗୀମାନଙ୍କୁ ଚିକିତ୍ସା କରୁଥିଲେ। ତେବେ ଏହି ସୁବିଧା ବନ୍ଦ ହେବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ତାଲା ଝୁଲୁଛି। ସ୍ଥାନୀୟ ଲୋକଙ୍କ ଦାବି ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ସମାଧି ପୀଠ ଟ୍ରଷ୍ଟର ସଭାପତି ଛତ୍ରଧାରୀ ଅଗ୍ରୱାଲା, ଖଲିଆପାଲି ସରପଞ୍ଚ ରଘୁନାଥ ଅଗ୍ରୱାଲା, ସୁମନ୍ତ ପୁଟେଲ, ପ୍ରହଲ୍ଲାଦ ବେହେରା, ଜନମୁରା ପଞ୍ଚାୟତର ସମିତି ସଭ୍ୟ ସୁବ୍ରତ କୁମାର ସେଠୀ ଓ ଅନୀଲ ଧରୁଆ ପ୍ରମୁଖ ସୋମବାର ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ସାକ୍ଷାତ୍ ପାଇଁ ଅଞ୍ଚଳବାସୀ ଆସିଥିଲେ। ତେବେ ଜିଲାପାଳ ଜନ ଅଭିଯୋଗ ଶୁଣାଣି ପାଇଁ ଡୁଙ୍ଗୁରିପାଲି ବ୍ଲକକୁ ଯାଇଥିବାରୁ ସାକ୍ଷାତ ସମ୍ଭବ ହୋଇ ପାରି ନ ଥିଲା ।

■ବାଇକ୍‌କୁ ଧକ୍କା ଦେଲା କାର

# ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ସୁନ୍ଦରଗଡ଼, ୨୨।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ନିକଟବର୍ତ୍ତୀ ଜଗତଗଡ ଛକ ବିଜୁ ଏକ୍ସପ୍ରେସ ୱେ ରେ ସୋମବାର ସକାଳ ୯ଟାରେ ଏକ ଦୁର୍ଘଟଣା ଘଟିଛି। ବାଇକ୍ ପଛରେ ଏକ ଅଜଣା କାର ଧକ୍କା ଦେଇଛି। ଫଳରେ ସ୍ତ୍ରୀ ମୃତ୍ୟୁବରଣ କରିଥିବାବେଳେ ସ୍ୱାମୀ ଗୁରୁତର ହୋଇଛନ୍ତି। ମୃତା ମହିଳାଙ୍କ ନାମ ଦୂତୀ ରାଉଡିଆ (୫୬)। ତାଙ୍କ ଘର ଜଗତଗଡରେ। ସେ ତାଙ୍କ ସ୍ୱାମୀ ଖଗେଶ୍ୱର ଓ ୨ବର୍ଷ ନାତିଙ୍କ ସହ ବାଇକ୍ ଯୋଗେ ସୁନ୍ଦରଗଡ଼ ପଟକୁ ଆସୁଥିଲେ। ଏହି ସମୟରେ ରାଉରକେଲା ପଟୁ ଆସୁଥିବା ଏକ କାର ପଛପାଖରୁ ବାଇକକୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ତିନିଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସଦର ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଏନେଇ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦୀନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି। -ଦୀନ ଦୟାଲ



## ସଂକ୍ଷେପରେ

### ଶିଶୁ ମନ୍ଦିରରେ ଗୁରୁଦକ୍ଷିଣା ଉତ୍ସବ

ବିଜେପୁର,୨୨।୭(ଡି.ଏନ.ଏ.) ବରଗଡ଼ ଜିଲା ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଗୁରୁଦକ୍ଷିଣା ଉତ୍ସବ ରବିବାର ପାଳିତ ହୋଇଯାଇଛି । ଖଣ୍ଡ ସଂଘ ଚାଳକ ଜଗନ୍ନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୌମିତ୍ରୀ ବାରିକ ମୁଖ୍ୟଅତିଥି, ଜିଲା ସଂଘ ଚାଳକ ଅବସରପ୍ରାପ୍ତ ପ୍ରାଧାପକ ଅମରେନ୍ଦ୍ର ନାରାୟଣ ଯାଦବ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଆନନ୍ଦ ପଧାନ ଅତିଥି ପରିଚୟ, ଆୟୁଷ୍ମାନ ମହାପାତ୍ର ଅମୃତ ବଚନ ପ୍ରଦାନ କରିଥିଲେ। ସେବକ ହାବୁ ମାଝି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଦାନନ୍ଦ ପଧାନ, ମନୋଜ ସାହୁ, ରିଙ୍କି ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### କୋର୍ଟ ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

ପଦ୍ମପୁର,୨୨।୭(ଡି.ଏନ.ଏ.)- ପଦ୍ମପୁର କୋର୍ଟ ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍ ନୀଳଗିରୀ ଜେନା, ଏସ୍‌ଡିଜେଏମ୍ ପଲ୍ଲବୀରାଣୀ ସାହୁ, ଜେଏମ୍ଏଫସି ରୋହିତ ରଞ୍ଜନ ମିଶ୍ରଙ୍କ ସହ ସମସ୍ତ କୋର୍ଟ କର୍ମଚାରୀ କୋର୍ଟ ପରିସରରେ ସଫେଇ କାର୍ଯ୍ୟ କରିଥିଲେ ।

■ ମିଳୁନି ବୀମା କ୍ଷତିପୂରଣ,

# ବଢୁଛି ଚାଷୀ ଅସନ୍ତୋଷ

ବରଗଡ଼ ଅଫିସ୍,୨୨।୭

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମା କ୍ଷତିପୂରଣ ମିଳୁ ନ ଥିବା ଯୋଗୁ ଚାଷୀ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏନେଇ ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇ ବିହିତ ପଦକ୍ଷେପ ନେବାକୁ ଦାବି କରି ଆସୁଛନ୍ତି । ଏହି କ୍ରମରେ ସୋମବାର ବରଗଡ଼ ଜିଲା ରାଜବୋଡ଼ାସମ୍ବର ବ୍ଲକ ଅଧୀନ ସର୍ଗିବାହାଲ, ଭଟଲି ବ୍ଲକ ଅନ୍ତର୍ଗତ ତରାକନା ଆଦି ଗ୍ରାମର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଚାଷୀମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସର୍ଗିବାହାଲର ଚାଷୀମାନେ ଅଭିଯୋଗ କରିଛନ୍ତି, ଗତ ୨୦୧୮-୧୯ ଖରିଫରେ ପଞ୍ଚାୟତରେ ବ୍ୟାପକ ଫସଲ କ୍ଷତି ହୋଇଥିଲା । ସେତିକିବେଳେ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଥିଲେ। ହେଲେ ବୀମା କ୍ଷତିପୂରଣ ପ୍ରଦାନ ବେଳେ ବ୍ୟାପକ ତ୍ରୁଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ପଞ୍ଚାୟତର ଅନେକ ଚାଷୀ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥିବା କହିଛନ୍ତି । ନାରାୟଣ ମେହେର, ମୀନକେତନ ସାହୁ, ସରୋଜ କୁମାର ବେହେରା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ତରାକନା ଗ୍ରାମକୁ ବୀମା କ୍ଷତିପୂରଣରୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ୨୦୧୮-୧୯ ଖରିଫ ଋତୁରେ ତରାକନା ଗ୍ରାମର ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥିଲେ। ପ୍ରଭାବିତ ଫସଲ ବୁଲି ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଥିଲେ । ହେଲେ ତରାକନା ଗ୍ରାମକୁ ସମ୍ପୂର୍ଣ୍ଣ ଭାବେ ବୀମା କ୍ଷତିପୂରଣରୁ ବାଦ୍ ଦିଆଯାଇଥିବା ଯୋଗୁ ଏହାର ପୁନର୍ବିଚାର ସହିତ ବୀମା କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ସର୍ଗିବାହାଲର ଚାଷୀବୃନ୍ଦ ।

# ଶିକ୍ଷକ ଏକାଦଶ ବିଜୟୀ

ପଦ୍ମପୁର,୨୨।୭(ଡି.ଏନ.ଏ)

**ପ୍ରଦର୍ଶନୀ କ୍ରିକେଟ ମ୍ୟାଚ**

ପଦ୍ମପୁର ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ ଶିକ୍ଷକ ଏକାଦଶ ଏବଂ ଜିଷ୍ଟ କଲେଜ ଏକାଦଶ ମଧ୍ୟରେ ହୋଇଥିଲା । ଶିକ୍ଷକ ଏକାଦଶ ୧୦ ଓଭରରେ ୫୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଜିଷ୍ଟ କଲେଜ ଏକାଦଶ ୧୦ ଓଭରରେ ମାତ୍ର ୩୭ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ମ୍ୟାଚକୁ ବିକାଶ କୈବର୍ତ୍ତ ଏବଂ ଏକଲବ୍ୟ ପରିଚାଳନା କରିଥିଲେ। ନରେନ୍ଦ୍ର ମହାକୁର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶିକ୍ଷକ କିଶୋର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କରି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ଏକାଦଶର ଦିବ୍ୟକିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାଳିଆଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ନରେନ୍ଦ୍ର ପ୍ରଧାନ, ଶିଶିର ସାହୁ, ଦୁଃଖିଶ୍ୟାମ ପଣ୍ଡା, ସନାତନ ମେହେର ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ବନମହୋତ୍ସବ

ଗଣ୍ଡତୁରୁମ,୨୨।୭(ଡି.ଏନ.ଏ.)

ସରକାରୀ ଉଚ୍ଚ ବିଦ୍ୟାଳୟ ସିଆଲଖଣ୍ଡହଥାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୀନକେତନ ପଧାନଙ୍କ ସଭାପତିତ୍ୱରେ ୭୦ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଭେଡେନ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁରଲୀଧର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବୃକ୍ଷ ହିଁ ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋଇସାଗର, ମୁଖ୍ୟବକ୍ତା ପର୍ବତାରୋହୀ କୁମାରୀ ଲିପିକା ସେଠ, ଏମ୍ଏମ୍‌ସି ଚେୟାରମ୍ୟାନ ମନୋଜ ପଧାନ, ମୋ ସ୍କୁଲ ଅଭିଯାନର ଚେୟାରମ୍ୟାନ ଦାମୋଦର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରିଥିଲେ। ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କମିଟି ସଭ୍ୟାସଭ୍ୟ ସହଯୋଗ କରିଥିଲେ।

ଚମରାବାହାଲ ମାଲିଆ ହତ୍ୟାକାଣ୍ଡ ମାମଲା

# ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ବୌଦ୍ଧ,୨୨।୭(ସ୍ୱ.ପ୍ର.)

ବୌଦ୍ଧ ଜିଲା ଅତିରିକ୍ତ ଜିଲା ଦୌରାଜଜ ସତ୍ୟନାରାୟଣ ଷଡଙ୍ଗୀ ଏକ ହତ୍ୟା ମାମଲାର ବିଚାର କରି ସୋମବାର ୨ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବାସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସେମାନେ ହେଲେ ମନମୁଣ୍ଡା ଥାନା ଚମରାବାହାଲ ଗ୍ରାମର ଛୁଟା ଓରଫ ଦୁଖୁ ବାରିକ(୫୦) ଏବଂ ବାରଖଣ୍ଡିଆ ଓରଫ ସନ୍ତୋଷ ବାରିକ (୨୬)।

ମାମଲାରୁ ପ୍ରକାଶ ଯେ, ୨୦୧୭ ଏପ୍ରିଲ ୨୬ ତାରିଖରେ ଦୁଖୁ ଏବଂ ସନ୍ତୋଷ ଖଜୁରିତାଡି ପିଇବାକୁ ମାଲିଆ ବାରିକଙ୍କୁ ମାଗିଥିଲେ। ପରେ ସେମାନେ ମିଶି ଖଜୁରୀତାଡି ପିଇଥିଲେ। ପୁଣି ଦୁଖୁ ଓ ସନ୍ତୋଷ ଖଜୁରିତାଡି ଦେବାକୁ ମାଲିଆଙ୍କୁ ମାଗିଥିଲେ । ହେଲେ ମାଲିଆ ଖଜୁରୀତାଡି ଦେବାକୁ ମନା କରିଦେଇଥିଲେ। ଏନେଇ ସେମାନଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଦୁଖୁ ଏବଂ ସନ୍ତୋଷ ଏକ ଟାଙ୍ଗିଆରେ ମାଲିଆଙ୍କୁ ଆକ୍ରମଣ କରିଥିଲେ। ଫଳରେ ମାଲିଆଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ମାଲିଆଙ୍କ ସ୍ତ୍ରୀ ସଂଯୁକ୍ତା ବାରିକ ମନମୁଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ହତ୍ୟା ମାମଲା(ନଂ.୭୬/୧୭) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଘଟଣାରେ ସମ୍ପୃକ୍ତ ଦୁଖୁ ଏବଂ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲା ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ମାମଲା(ନଂ ଏସ୍‌ଟି ୮୩/୧୭) ରୁଜୁ ହୋଇ ବିଚାର ହୋଇଥିଲା। ୨୦ଜଣ ସାକ୍ଷୀଙ୍କ ବୟାନ ସହ ଆବଶ୍ୟକ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରା ଷଡଙ୍ଗୀ ଅଭିଯୁକ୍ତ ଦୁଖୁ ଏବଂ ସନ୍ତୋଷଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡାଦେଶ ଆଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଧୁରୀଣ ଦେହୁରୀ ପରିଚାଳନା କରିଥିଲେ।

## ଜାତୀୟ ପତାକା ଦିବସ ପାଳିତ

ବରଗଡ଼ ଅଫିସ୍,୨୨।୭

ବରଗଡ଼ ସହର ନିକଟ ଅମ୍ବାପାଲି ଆମ୍ବେଡ଼କର ଛକରେ ସୋମବାର ଜାତୀୟ ପତାକା ଦିବସ ପାଳନ କରାଯାଇଥିଲା। ଡଃ ଆମ୍ବେଡ଼କର ଯୁବାସଂଘ ପକ୍ଷରୁ ଏକ ସଭାର ଆୟେଜନ କରାଯାଇଥିଲା। ସଭାରେ ଡଃ ଆମ୍ବେଡ଼କର ଯୁବାସଂଘର ସଭାପତି ସୁରେନ୍ଦ୍ର କୁମାର ତାଣ୍ଡି ଅଧ୍ୟକ୍ଷତା କରିଥିଲେ । ସେ ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନା ପାଇକ, ରାଜେନ୍ଦ୍ର ମହାନନ୍ଦ, ଗୋବର୍ଦ୍ଧନ ଭୋଇସାଗର, ପ୍ରହଲ୍ଲାଦ ସେଠ, ରାଧେଶ୍ୟାମ ଦୀପ, ମନୀଷ ଛୁରିଆଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ଅଭିମନ୍ୟୁ ଭୋଇସାଗର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ବିଜେପୁର,୨୨।୭(ଡି.ଏନ.ଏ.)

ବିଜେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପୂର୍ବତନ ସଭାପତି ବୀରେନ୍ଦ୍ର ନାଗଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସରକାରୀ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଦିଲୀପ ବରିହା ସଭାପତି, ଗୋବିନ୍ଦ ସେଠ ଉପସଭାପତି, ମନୋହର ଦାଶ ସମ୍ପାଦକ, ମୁକ୍ତେଶ୍ୱର ବେହେରା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଜୟନ୍ତ ପଣ୍ଡା, ସୂର୍ଯ୍ୟକାନ୍ତ ଭୋଇ, ଅସୀମ ସାହୁଙ୍କୁ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ମନୋନୟନ କରାଯାଇଛି ।

ସହାୟତା ଆଶାରେ ଜିଲାପାଳଙ୍କ ଅଫିସ ଆସିଥିଲେ

# ପୋଲିସ କର୍ମଚାରୀ ଦେଖାଇଲେ ମାନବିକତା

ବରଗଡ଼ ଅଫିସ୍,୨୨।୭

ଅନେକ ସମୟରେ କିଛି ପୋଲିସ କର୍ମଚାରୀ ନିଜ ବର୍ଦ୍ଦିର ଅପବ୍ୟବହାର କରିଥାନ୍ତି । କେତେବେଳେ ଦାଦାଗିରି ତ' ଆଉ କେତେବେଳେ ଲୁଟ୍‌ପାଟ୍, ମାଡ଼ପିଟ୍ ଭଳି ଘଟଣାରେ ସମ୍ପୃକ୍ତ ରହିବା ପୋଲିସ ବିଭାଗକୁ ସମାଲୋଚିତ ହେବାକୁ ପଡ଼ିଥାଏ। ତେବେ ସୋମବାର ବରଗଡ଼ ଜିଲାପାଳଙ୍କ ଅଫିସରେ ଜଣେ ପୋଲିସ କର୍ମଚାରୀ ଏ.ଏ. କୁମାର ଭଲ ଭାବେ ଚାଲିପାରୁ ନ ଥିବା ଭଟଲି ଥାନା ଉର୍ଦ୍ଦୁନା ନିକଟ ଝାଙ୍କରପାଲି ନିବାସୀ ବୃନ୍ଦାବନ କୁମ୍ଭାରଙ୍କୁ କାନ୍ଧେଇ ଚାଲିବାରେ ସହଯୋଗ କରିବା ସହ ଜିଲାପାଳଙ୍କ ଅଫିସ ବାହାର ପର୍ଯ୍ୟନ୍ତ ଆଣି ନିଜ ମାନବିକତାର ଉପସ୍ଥାପନ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ଗତ ମାର୍ଚ୍ଚ ୧୮ତାରିଖରେ ବୃନ୍ଦାବନ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିଲେ । ସେ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ତାଙ୍କର ଡାହାଣ ଗୋଡ଼ ଅଚଳ ହୋଇପଡ଼ିଛି। ଏପରି କି ବୃନ୍ଦାବନ ଭିମସାର୍, ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ହେଲେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରି ନାହାନ୍ତି। ବର୍ତ୍ତମାନ ତାଙ୍କର ଉଚ୍ଚତର ଚିକିତ୍ସାର ଆବଶ୍ୟକତା ରହିଥିବା ବେଳେ ଏନେଇ ଅଧିକ ଟଙ୍କା ଦରକାର । ହେଲେ ସେ କୁଲି, ମଜୁରି କରି ପରିବାର ଚଳାଉଥିବା ବେଳେ ତାଙ୍କ ପକ୍ଷେ ଏହା ସମ୍ଭବ ହେଉ ନାହିଁ। ସେ ସୁସ୍ଥ ଥିବା ବେଳେ କୁଲି କାମ କରି ଯାହା ରୋଜଗାର କରୁଥିଲେ, ସେଥିରେ ସେ ପରିବାର ପ୍ରତିପୋଷଣ କରୁଥିଲେ। ଝିଅପୁଅଙ୍କ ପାଠପଢ଼ା ଖର୍ଚ୍ଚ ମଧ୍ୟ ତୁଲାଉଥିଲେ। ବର୍ତ୍ତମାନ ସେ ଆଉ କାମଧନ୍ଦା କରିପାରୁ ନ ଥିବା ବେଳେ ସ୍ତ୍ରୀ ସୁକାନ୍ତୀ ମଧ୍ୟ ଅସୁସ୍ଥ ଅଛନ୍ତି। ଫଳରେ ଝିଅପୁଅଙ୍କ ଭବିଷ୍ୟତକୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଉଜୁଡ଼ିବାରେ ଲାଗିଛି । ବୃନ୍ଦାବନଙ୍କ ୨ଝିଅ, ୨ପୁଅ । ପୁଅ ଶିବା ଯୁକ୍ତଦୁଇ, ଦେବା ସପ୍ତମ, ଜଗା ଅଷ୍ଟମ ଏବଂ ଝିଅ ଝରଣା ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ସାନ ଝିଅ ଜ୍ୟୋତ୍ସ୍ନା ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଉଛନ୍ତି।

ଏଭଳି ସ୍ଥିତିରେ ବୃନ୍ଦାବନ ସୋମବାର ଜିଲାପାଳଙ୍କ ଅଫିସକୁ ସହାୟତା ମିଳିବା ଆଶା ନେଇ ଆସିଥିଲେ । ଘରୁ ସେ ବାହାରି ରାସ୍ତାରେ ଆସୁଥିବା ଏକ ଗାଡିରେ ବରଗଡ଼ ଗାନ୍ଧୀଛକ ପର୍ଯ୍ୟନ୍ତ ଆସିଥିଲେ । ପରେ ସେ ବାଡି ଧରି ବହୁ କଷ୍ଟରେ ଜିଲାପାଳଙ୍କ ଅଫିସରେ ପହଞ୍ଚିଥିଲେ। ପରେ ସେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରି ସହାୟତା ପାଇଁ ଗୁହାରୀ କରିଥିଲେ। ତେବେ ଜିଲାପାଳଙ୍କ ଅଫିସରୁ ସେ ଯେତେବେଳେ ବହୁକଷ୍ଟରେ ଚାଲି ଆସୁଥିଲେ, ସେତିକିବେଳେ ପୋଲିସ କର୍ମଚାରୀ ଏ.ଏ କୁମାରଙ୍କ ଦୃଷ୍ଟିରେ ପଡ଼ିଥିଲେ। ପୋଲିସ କର୍ମଚାରୀ ଏ.ଏ କୁମାର ବୃନ୍ଦାବନଙ୍କୁ କାନ୍ଧେଇ ଅଫିସରୁ ବାହାରକୁ ଆଣିଥିଲେ। ପରେ ଅନ୍ୟଜଣେ ତାଙ୍କୁ ଗାଡ଼ିରେ ଗାନ୍ଧୀଛକ ଟ୍ୟାକ୍ସିଷ୍ଟାଣ୍ଡରେ ଛାଡ଼ି ଆସିଥିଲେ । ପୋଲିସ କର୍ମଚାରୀଙ୍କ ଏଭଳି ମାନବିକତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ପୋଲିସ କର୍ମଚାରୀ କାନ୍ଧେଇ ଜିଲାପାଳ ଅଫିସ ବାହାରକୁ ଆଣୁଛନ୍ତି ।

# ଶିକ୍ଷକ ନିଯୁକ୍ତି ଦାବି, ଜିଲାପାଳଙ୍କୁ ଭେଟିଲେ

ବରଗଡ଼ ଅଫିସ୍,୨୨।୭

ବରଗଡ଼ ଜିଲା ବରପାଲି ବ୍ଲକ ଅଧୀନ ତେଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ, ଅଣଶିକ୍ଷକ ପଦବୀ ଖାଲିପଡ଼ିଛି । ଫଳରେ ସ୍କୁଲରେ ପାଠପଢ଼ା ବ୍ୟାହତ ହେଉଛି। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ସ୍କୁଲ ପରିଚାଳନା କମିଟି ଏବଂ ଅଭିଭାବକମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଏହି ଅବସରରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ, ଅଣଶିକ୍ଷକ ପଦବୀ ପୂରଣ କରିବାକୁ ନିବେଦନ କରିଥିଲେ।

ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ୨୦୦୮ରୁ ବିଦ୍ୟାଳୟ ଗଢ଼ି ଉଠିଛି । ହେଲେ ଆରମ୍ଭରୁ ବିଦ୍ୟାଳୟରେ ଗଣିତ, ହିନ୍ଦୀ, ସଂସ୍କୃତ ଶିକ୍ଷକ ସମେତ କିରାଣି, ପିଅନ, ରାତ୍ରି ଜଗୁଆଳୀ ଭଳି ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି । ଏ ନେଇ ସ୍କୁଲ ପରିଚାଳନା କମିଟି ଏବଂ ଅଭିଭାବକମାନେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇଛନ୍ତି । ମାତ୍ର ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପରିବର୍ତ୍ତେ ବିଦ୍ୟାଳୟକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠ୍ୟ ଖସଡ଼ା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଫଳରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ, ଅଣଶିକ୍ଷକ ପଦବୀ ପୂରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ଜ୍ୟୋତ୍ସ୍ନା ପ୍ରଧାନ, ସଭ୍ୟା ଯୋଗେଶ୍ୱରୀ ମଲ୍ଲିକ, ସୂର୍ଯ୍ୟକାନ୍ତୀ ପ୍ରଧାନ, ସରପଞ୍ଚ କେଶବ ରାଉତ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ।



ଶିକ୍ଷକ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳା, ପୁରୁଷମାନେ।

# ପରିଣତ ବୟସରେ ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୨୨।୭

ନାଁ ତାଙ୍କର କୁଲରନ୍ ନାୟକ । ବରଗଡ଼ ଜିଲା ବରପାଲି ଏନ୍ଏସି ଅଧୀନ ୱାର୍ଡ଼ ନଂ-୩ରେ ସେ ବର୍ତ୍ତମାନ ରହୁଛନ୍ତି । ପରିଣତ ବୟସରେ ସେ ଉପନୀତ । ତାଙ୍କୁ ୭୦ବର୍ଷ ବୟସ ଟପିଲାଣି । ଆହା କିମ୍ବା ସାହା କରିବାକୁ ତାଙ୍କର କୌଣସି ଆତ୍ମୀୟ ନାହାନ୍ତି । ସେ ଅବିବାହିତ ଏବଂ ଏବେ ଅସହାୟ ଜୀବନ ବିତାଉଛନ୍ତି । କିଏ କେତେବେଳେ ଖାଇବାକୁ ଦେଲେ ତାହା ତାଙ୍କର ଆହାର ପାଲଟୁଛି, ନଚେତ୍ ଅନେକ ସମୟରେ ଅର୍ଦ୍ଧାହାର କିମ୍ବା ଅନାହାରରେ ରହୁଥିବା କୁଲରନ୍ କହନ୍ତି। ସେହିପରି ରହିବା ପାଇଁ ଘରଟିଏ ମଧ୍ୟ ନାହିଁ। ଯେତେବେଳେ ଯେଉଁଠି ଆଶ୍ରୟ ମିଳିଲା, ସେଠାରେ ସେ ଜୀବନ ଅତିବାହିତ କରୁଛନ୍ତି। ଏଭଳି ଭାବେ ଜୀବନଯାପନ କରୁଥିବା କୁଲରନ୍ ବର୍ତ୍ତମାନ ଅସୁସ୍ଥ ହୋଇପଡ଼ିଛନ୍ତି। ପକ୍ଷାଘାତରେ ଆକ୍ରାନ୍ତ ହୋଇ ସେ ଠିକ୍ ଭାବେ କଥାବାର୍ତ୍ତା କହି ପାରୁନାହାନ୍ତି । ଏନେଇ ସେ ବରପାଲି ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ହେଲେ ସେ ଆରୋଗ୍ୟ ହୋଇପାରୁ ନ ଥିବା କହିଛନ୍ତି। ଫଳରେ ତାଙ୍କ ଚିକିତ୍ସା ସହାୟତା ସହ ରହିବା, ଖାଇବା ପାଇଁ ବ୍ୟବସ୍ଥା ଆଶାରେ ସୋମବାର କୁଲରନ୍ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ସହାୟତା ଯୋଗାଇ ଦେବାନେଇ ସେ ଗୁହାରୀ କରିଥିଲେ। ସେ ଛୋଟ ଥିବା ବେଳେ ବାପା ଜୟରାମ ଓ ମା' ଛଅଣ୍ଡିଙ୍କ ଦେହାନ୍ତ ହୋଇଥିଲା। ସେହିପରି ତାଙ୍କ ଅନ୍ୟ ଜଣେ ଭାଇ ଓ ଭଉଣୀ ଥିଲେ । ସେମାନେ ମଧ୍ୟ ଆଉ ନାହାନ୍ତି । ଫଳରେ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ନେଇ କୁଲରନ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ମାସିକ ୫୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ବ୍ୟତୀତ ଆଉ କିଛି ସରକାରୀ ସହାୟତା ତାଙ୍କୁ ମିଳୁ ନ ଥିବା ସେ କହିଛନ୍ତି।



କୁଲରନ୍ ନାୟକ ।

■ ଶିକ୍ଷକ ନିଯୁକ୍ତି ଦାବି

# ସ୍କୁଲ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

ବରପାଲି,୨୨।୭(ଡି.ଏନ.ଏ.)

ବରପାଲି ବ୍ଲକ ଅଧୀନ ବନ୍ଧପାଲି ପ୍ରାଥମିକ ଉନ୍ନିତ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ସୋମବାର ସ୍କୁଲ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶିକ୍ଷକ ସମସ୍ୟା ନେଇ ପୂର୍ବରୁ ସ୍କୁଲ କମିଟି ଓ ଗ୍ରାମବାସୀ ମିଳିତ ଭାବେ ଶିକ୍ଷା ବିଭାଗ ଅଧିକାରୀ ଏବଂ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ସ୍କୁଲ କମିଟି ଚେୟାରମ୍ୟାନ ରମେଶ ମେହେରଙ୍କ ନେତୃତ୍ୱରେ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୮ଜଣ ଶିକ୍ଷକଙ୍କ ବଦଳରେ ମାତ୍ର ୪ଜଣ ଶିକ୍ଷକ ଅଛନ୍ତି। ଏଭଳିସ୍ଥିତରେ ୧୯୧୨ରେ ପ୍ରତିଷ୍ଠିତ ଅଞ୍ଚଳର ଏକମାତ୍ର ପୁରାତନ ସ୍କୁଲରେ କିଭଳି ଶିକ୍ଷାଦାନ ଚାଲିଥିବ ଏଥିରୁ ସହଯେ, ଅନୁମେୟ ବୋଲି ଗ୍ରାମବାସୀ କହିଛନ୍ତି। ଆନ୍ଦୋଳନରେ ରମେଶ ମେହେର, ସରପଞ୍ଚ କବିତା କଲେତ, ନେପାଳ ରାଉତ, ରବୀନ୍ଦ୍ର ରାଉତ, ସୁଦାମ କଲେତ, ବେଣୁଧର ସାହୁ, ସୁରେନ୍ଦ୍ର କଲେତ, ଛାତ୍ରୀଛାତ୍ର ପ୍ରମୁଖ ସାମିଲ ଥିଲେ। ହେଲେ ଅପରାହ୍ନ ୫ଟା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି।





ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଜୀବନଟା କେବଳ କେତେଗୁଡିଏ ଘଟଣାବଳୀର ସମଷ୍ଟି ନୁହେଁ। ମୁଣ୍ଡ ଭିତରେ ଯେଉଁ ବାତ୍ୟା ପ୍ରବାହିତ ହୁଏ ତାହାହିଁ ପ୍ରକୃତ ଜୀବନ।
- ମାର୍କ ଟ୍ୱେନ

## ସଂକ୍ଷେପରେ

### ଆମ୍ବେଡକର ସେବା ସଂଘର ସାଧାରଣ ବୈଠକ

**ଅମରପାଲି, ୨୨।୭ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ବୀରମହାରାଜପୁରସ୍ଥିତ ଡ. ବିଆର ଆମ୍ବେଡକର ସେବା ସଂଘର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଶ୍ରୟ ମହାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ବିଚାରବିମର୍ଷ ହୋଇଥିଲା। ଏହା ସହିତ ଡ. ଆମ୍ବେଦକରଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଭୋଳାନାଥ ସାଗର, ଗୌରାଙ୍ଗ ଜଗଦଲା, ରାଜୁ ମହାନନ୍ଦ, ସେନାପତି ଭୋଇ, ଚଣ୍ଡାଳ କୁଅଁର, କରୁଣାକର ମହାନନ୍ଦ, ମନୋଜ କଲେତ, ତ୍ରିପୁରାରୀ ଦୟାଲ, ଗୋପବନ୍ଧୁ ଗରୁଡ, କ୍ଷୀରସିନ୍ଧୁ ମହାନନ୍ଦ, ନରେନ୍ଦ୍ର ମହାନନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୈଳରଞ୍ଜନ ବାଦୀ ବିବରଣୀ ପାଠ କରିଥିଲେ।

### ବୃକ୍ଷରୋପଣ କଲା ଯୁବକ ସଂଘ

**ଅମରପାଲି, ୨୨।୭ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତର ଗୋବିନ୍ଦପୁର ଏବଂ ଜଟେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗୋଧନେଶ୍ୱର ଶିବ ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଇଛି । ଗୋବିନ୍ଦପୁର ସତ୍ୟସେବକ ଯୁବ କ୍ଲବ ଓ ପତଞ୍ଜଳୀ ଯୁବ ଭାରତ ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ପତଞ୍ଜଳୀ ଯୁବ ରାଜ୍ୟ ସଦସ୍ୟ ମନୋଜ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାଯର୍ୟକ୍ରମରେ ସ୍ୱେଚ୍ଛାସେବୀ ଶରତ ବିଶ୍ୱାଳ, ବିଭୁତି କୁଦେଇ, ପ୍ରଦ୍ୟୁମ୍ନ ନାଏକ, ନିରୋଜ ନାଏକ, ଅମିତ ସାହୁ, ସୁବଳ ନାଏକ, ପ୍ରହଲ୍ଲାଦ ନାଏକ, ଆଶିଷ ସାହୁ, ଉପେନ୍ଦ୍ର ବିଶ୍ୱାଳ, ନୀଳମଣୀ ପୁରୋହିତ ପ୍ରମୁଖ ବୃକ୍ଷରୋପଣ କରିଥିଲେ ।

### ବିଭିନ୍ନ ଶିବାଳୟରେ ବୋଲବମ୍ ଭକ୍ତଙ୍କ ସମାଗମ

**ଅମରପାଲି, ୨୨।୭ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଶିବାଳୟରେ ବୋଲବମ୍ ଭକ୍ତ ଜଳ ଢ଼ାଳିଛନ୍ତି। ବ୍ଲକର ଚମ୍ପାମାଳସ୍ଥିତ ପ୍ରସିଦ୍ଧ ଚମ୍ପେଶ୍ୱର ଶିବ ମନ୍ଦିର, ଗୋଧନେଶ୍ୱର ଶିବ ମନ୍ଦିର, ଚିଠିପାଲି, କମଳପୁର, ମେଣ୍ଡାମାଲ, ଖଇରମାଲ, ସୁନାରୀବେର୍ଣ୍ଣୀ, ସୁବଳୟା, ଗୌଡଗାଡ, ବର୍ଡାକଟା, ଠେଙ୍ଗୋଡ୍ୟାମ, କୁଞ୍ଜାପାଲି ଆଦି ଶୈବପୀଠମାନଙ୍କରେ ଭକ୍ତଙ୍କ ସମାଗମ ହୋଇଥିଲା । ବୋଲବମ୍ ଦଳ ବିଭିନ୍ନ ଜଳାଶୟରେ ପୂଜାପାଠ କରି ସେଠାରୁ ଜଳପୂର୍ଣ୍ଣ କଳସ ନେଇ ଶିବାଳୟରେ ଜଳ ଢାଳିଥିଲେ ।

### ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା: ଘଣ୍ଟାପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ନିନ୍ଦା

**ଘଣ୍ଟାପଡ଼ା,୨୨।୭(ଡି.ଏନ.ଏ.):** କେନ୍ଦ୍ରାପଡ଼ାର ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ସର୍ବସମ୍ମୁଖରେ ଏସ୍‌ପିଙ୍କ ଦୁବ୍ୟବହାର ଘଟଣାକୁ ଘଣ୍ଟାପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ପୋଲିସ ପ୍ରଶାସନ ଘଟଣା ତଦନ୍ତ କରି ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ବରିଷ୍ଠ ସଦସ୍ୟ ପ୍ରଭାତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବଳରାମ ବାଘ, ମହେଶ୍ୱର ରଣା, ବଂଶୀଧର ମାଝି, ସମ୍ଭୁପ୍ରସାଦ ସେଠୀ, ସୁରଥ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

■ ଧାରା ଶ୍ରାବଣରେ ମୁଣ୍ଡଫଟା ଖରା

# ଜଳିଗଲାଣି ଧାନଗଛ, ଚିନ୍ତାରେ ଚାଷୀ

**ଉଲୁଣ୍ଡା, ୨୨।୭ (ଡି.ଏନ.ଏ.)**

ଶ୍ରାବଣ ମାସର ଆଦ୍ୟ ଚଉଠି, ଚାରିଦିଗୁ ମେଘ ଆସିବ ଘୋଟି। ଫେଲ ମାରିଲା ଏହି ଖନା ବଚନ। ଚଳିତ ବର୍ଷ ଶ୍ରାବଣ ମାସର ଆଦ୍ୟ ଚଉଠି ଗତ ଶନିବାର ଦିନଠାରୁ ୩୯ ଡିଗ୍ରୀ ତାପମାତ୍ରା ଉପରେ ସିଝୁଛି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ। ପ୍ରଚଣ୍ଡ ତାପମାତ୍ରାରେ ଜଳି ଯାଉଛି ବୁଣା ଧାନ ଓ ତଳିଘେରା। ଆଖି ସାମ୍ନାରେ ଜଳି ଯାଉଥିବା ଗଜା ଫସଲ ଦେଖି ଅଞ୍ଚଳର ଚାଷୀକୁଳରେ ହା ହାକାର ସୃଷ୍ଟି ହେଉଥିବା ବେଳେ ପାଣିପାଗ ବିଭାଗର ପୂର୍ବାନୁମାନ ଚାଷୀଙ୍କ ମାନସିକ କଷ୍ଟକୁ ଦ୍ୱିଗୁଣିତ କରିଦେଉଛି। ବିଶେଷ କରି ପାଣିପାଗ ବିଭାଗ ତରଫରୁ ବିଭିନ୍ନ ସମୟରେ ମୌସୁମୀ ଏବଂ ଲଘୁଚାପ ବର୍ଷାଜନିତ ତଥ୍ୟ ବାରମ୍ବାର ଫେଲ ମାରୁଥିବାରୁ ଚାଷୀ ଆତଙ୍କିତ ହୋଇପଡିଛି।

ଅଣଜଳସେଚିତ ଉଲୁଣ୍ଡା ବ୍ଲକର ଚାଷୀ ପ୍ରାୟତଃ ବୁଣାଧାନ ଚାଷ ଉପରେ ଭରସା ରଖି ଚାଷ କାର୍ଯ୍ୟ କରୁଥିବା ବେଳେ ବିଗତ ୨ସପ୍ତାହ ଧରି ବର୍ଷାଅଭାବ ସହ ମୁଣ୍ଡଫଟା ଖରା ଯୋଗୁଁ ଗଜା ମରୁଡି ପରିସ୍ଥିତି ଦେଖାଦେଲାଣି।



ଧାନକ୍ଷେତ ଫାଟି ଆଁ କରିଛି।

ଅନ୍ୟପକ୍ଷେ ଜମିକୁ ପାଣି ମଡାଇବାର କୌଣସି ସାଧନ ନଥିବା ହେତୁ ନିରୂପାୟ ହୋଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ପୁଣି ବ୍ଲକର ପାଖାପାଖି ୩୦ ପ୍ରତିଶତ ଜମିରେ ରୁଆ ଧାନର ତଳି ଘେରାରେ ମଧ୍ୟ ସମାନ ସମସ୍ୟା ଦେଖାଦେଇଛି। ତଳିଘେରା ସବୁ ପ୍ରଚଣ୍ଡ ଖରାରେ ଫାଟି ଆଁ କରିଥିବା ବେଳେ ପହ୍ଲା ସବୁ ଜଳିଗଲାଣି। ଚଳିତ ୨୦୧୯ ଖରିଫ ପାଇଁ ବ୍ଲକର ସମୁଦାୟ ୨୨୬୫୦ ହେକ୍ଟର ଚାଷ ଜମିରୁ ୧୬୭୯୦ ହେକ୍ଟର ଜମିରେ ଧାନ ଓ ଅବଶିଷ୍ଟ ୫୬୮୦ ହେକ୍ଟର ଜମିରେ ଅଣଧାନ ଫସଲ ଚାଷ ପାଇଁ କୃଷିବିଭାଗ ତରଫରୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଧାନଚାଷ ହେବାକୁ ଥିବା ୧୬୭୯୦ ହେକ୍ଟର ମଧ୍ୟରୁ ପ୍ରାୟ ୧୦ହଜାର ହେକ୍ଟର ଚାଷ ଜମିରେ ଧାନବୁଣା କାର୍ଯ୍ୟ ସରିଥିବା ବେଳେ ବର୍ଷା ଅଭାବ ଯୋଗୁଁ ବେଉଷଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ତେବେ ଉଲୁଣ୍ଡା ବ୍ଲକରେ ଜୁନ ମାସରେ ହାରାହାରି ବର୍ଷା ୨୧୭.୪ ମିଲି ଓ ଜୁଲାଇ ମାସରେ ୨୧୯.୧୪ ମିଲି ଥିବାବେଳେ ଚଳିତ ବର୍ଷ ଜୁନରେ ୧୫୯.୬ ଓ ଜୁଲାଇ ୨୨ତାରିଖ ପର୍ଯ୍ୟନ୍ତ ୨୦୨.୪ ମିଲି ବର୍ଷା ହୋଇଥିବା ସୂଚନା ମିଳିଛି। ମାତ୍ର ଏହା ସ୍ୱାଭାବିକ ବର୍ଷାଠାରୁ ବହୁକମ୍ ଥିବାହେତୁ ଚାଷ ଅନୁକୂଳ ହୋଇ ନ ପାରି ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇ ପଡିରହିଛି। ତେବେ ବିଗତ ବର୍ଷମାନଙ୍କରେ ବାରମ୍ବାର ମରୁଡିର ଶିକାରରେ ଚାଷୀର ଅଣ୍ଟା ସଳଖି ନ ଥିବା ସମୟରେ ଏକ ଆସନ୍ନ ମରୁଡି ଚାଷୀକୁଳକୁ ଭୟଭୀତ କରିଦେଇଛି। ସପ୍ତାହକ ଭିତରେ ବଡଧରଣର ବର୍ଷା ନ ହେଲେ ଗଜାଧାନ ସବୁ ଜଳିପୋଡି ନଷ୍ଟ ହୋଇଯିବ ବୋଲି ମରାଲୋଏ ଗ୍ରାମର ନୀରଦ ସୁନ୍ଦର ପୁରୋହିତ, ପଞ୍ଚମହଲାର ଜଶୋବନ୍ତୀ ମାହାର, ଗୌଡଗାଁର ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ପ୍ରକାଶ କରିଛନ୍ତ। ଏ ନେଇ ଉଲୁଣ୍ଡା କୃଷି ଅଧିକାରୀ ରାକେଶ କୁମାର ମାଝୀଙ୍କୁ ପଚରାଯିବାରୁ ସାମ୍ପ୍ରତିକ ଦେଖାଦେଇଥିବା ଗଜା ମରୁଡି ପରିସ୍ଥିତିକୁ ସ୍ୱୀକାର କରିବା ସହ ଏହାର ପ୍ରତିକାର ନେଇ ପ୍ରଶାସନ ସଜାଗଥିବା ପ୍ରକାଶ କରିଛନ୍ତି।

### ଗଛରେ ମହିଳାଙ୍କ ଗଳିତ ମୃତଦେହ ଝୁଲିବା ଘଟଣା: ଫରେନ୍‌ସିକ୍ ଟେଷ୍ଟ ପାଇଁ ପଠାଗଲା

**ବିନିକା,୨୨।୭(ଡି.ଏନ୍.ଏ)**

ବିନିକା ବ୍ଲକ୍ ଗୁଲୁଣ୍ଡା ଗାଁ ନାଳପାଖରେ ଥିବା ଏକ ଗଛରେ ଜଣେ ମହିଳାଙ୍କ ମୃତଦେହ ରବିବାର ଝୁଲୁଥିବା ଦେଖିବାକୁ ମିଳିଥିଲା। ଗଳିତ ହୋଇଯାଇଥିବାରୁ ଚିହ୍ନଟ ହୋଇ ପାରି ନ ଥିଲା। ସୋମବାର ସକାଳେ ବିନିକା ପୋଲିସ ଉପସ୍ଥିତିରେ ମୃତାଙ୍କୁ ଚିହ୍ନଟ କରାଯାଇଥିଲା। ମୃତା ହେଲେ ବିନିକା ବ୍ଲକ୍ ଭଣ୍ଡାର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୁଲୁଣ୍ଡା ଗ୍ରାମର ତ୍ରିନାଥ କର୍ଣ୍ଣଙ୍କ ସ୍ତ୍ରୀ ଚାରୁ କର୍ଣ୍ଣ(୩୧)। ଗତ ୧୮ଦିନ ହେଲା ସେ ନିଖୋଜ ଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ବିନିକା ଅତିରିକ୍ତ ତହସିଲଦାର ରାକେଶ ଅଗ୍ରୱାଲ, ଡିଏସ୍‌ପି ହେମସାଗର ନନ୍ଦ,ଏସଡିପିଓ ମିହିର ପଣ୍ଡା ଏବଂ ବିନିକା ଥାନା ଅଧିକାରୀ ଆଇଆଇସି ରାଜେନ୍ଦ୍ର ସାମରିଆଙ୍କ ଉପସ୍ଥିତିରେ ଗଳିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଯାଇଥିଲା। ବ୍ୟବଛେଦ ପରେ ମହିଳାଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହେଉ ନ ଥିବାରୁ ପୋଲିସ ମୃତଦେହର କିଛି ଅଂଶକୁ ଫରେନ୍‌ସିକ୍ ପରୀକ୍ଷା ପାଇଁ ପଠାଇଛି। ଫରେନ୍‌ସିକ୍ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ୧୮୯ ଅଭିଯୋଗ ଶୁଣାଣି କଲେ ଜିଲାପାଳ

**ଡୁଙ୍ଗୁରିପାଲି, ୨୨।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ସ୍ଥାନୀୟ ରାଜୀବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣିରେ ନୂତନ ଭାବରେ ଯୋଗଦେଇଥିବା ଜିଲାପାଳ ମୋନିଷା ବାନାର୍ଜୀ ୧୮୯ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୧୬୯ଟି ସାମୂହିକ ଓ ୨୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ସେଥିମଧ୍ୟରୁ ଗୋଟିଏ ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଓ ଗୋଟିଏ ରେଡକ୍ରସ ପାଣ୍ଠି ସହାୟତା ପାଇଁ ଥିଲା । ପାନୀୟ ଜଳ ସମସ୍ୟା, ଚାଷ ଜମିକୁ କେନାଲ ପାଣି ସମସ୍ୟା, ଡୁଙ୍ଗୁରିପାଲି ଡାକ୍ତରଖାନାରେ ଡାକ୍ତର ଅଭାବ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ଆବାସ ଯୋଜନା, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା,ବିଜୁ ପକ୍କାଘର ଆଦି ଅଭିଯୋଗ ଉପରେ ତର୍ଜମା କରି ପଦକ୍ଷେପ ନେବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଏସ୍‌ପି ଦେବୀ ପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ବଳରାମ ମଲ୍ଲିକ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ଗୁରୁ, ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ବିଡିଓ ସହଦେବ ସମାଧିଆ, ଏବିଡିଓ ଶଶୀଭୂଷଣ ପଧାନ. ଜିଲା ଜଳ ଓ ପରିମଳ ବିଭାଗର ବିପିନ ବିହାରୀ ଦାଶ, ରାମପୁର ତହସିଲଦାର ଶ୍ୱେତପଦ୍ମା ଯୋଶୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



ଡୁଙ୍ଗୁରିପାଲି ରାଜୀବ ଭବନଠାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣିରେ ପ୍ରଶାସନିକ ଅଧିକାରୀମାନେ।

ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

## ଅଂଶଗ୍ରହଣ କରିବେ ୩୨ପରେଡ୍ ଦଳ

**ଅମରପାଲି, ୨୨।୭(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ମୈତ୍ରିସଦନଠାରେ ସୋମବାର ଅପରାହ୍ନରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ତହସିଲଦାର ଖଦାଳ ପାତ୍ର, ଏସଡିପିଓ ଧିରୋଜ ଚୌପଦାର, ଆରଓ ଅମୂଲ୍ୟ ସାହୁ ଓ ବୀରମହାରାଜପୁର ସୂଚନା ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତୀ ପଣ୍ଡା ମଞ୍ଚାସୀନ ଥିଲେ । ଆଗାମୀ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସରେ ୩୨ଟି ପରେଡ ଦଳ ଅଂଶଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଉକ୍ତ ଦଳଗୁଡିକ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ତିନିଦିନ ଧରି ପରେଡ ଅଭ୍ୟାସ କରିବେ। ଏଥିପାଇଁ ପୂର୍ବରୁ ଉପଖଣ୍ଡର ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, କୁଇଜ, ରଙ୍ଗୋଲି ଆଦି ପ୍ରତିଯୋଗିତା କରାଯିବ। ସେମାନଙ୍କୁ ସ୍ୱାଧୀନତା ଦିବସ ଦିବସରେ ପୁରସ୍କୃତ କରାଯିବ। ଏହା ସହିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଜଣେ ଛାତ୍ରୀ ଓ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥି ସହିତ ପରେଡରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଦଳଗୁଡିକୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଠାରେ ସ୍ଥାନୀୟ ଉପଜିଲାପାଳ ପତାକା ଉତ୍ତୋଳନ କରିବା ସହିତ ମିଳିତ ପରେଡରେ ଅଭିଭାବକ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ପରିଚାଳନା ପାଇଁ ସମସ୍ତ ସ୍କୁଲ ଓ କଲେଜର ଖେଳ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିବେ। ଏହା ସହିତ ସମସ୍ତ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବେ। ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଖଣ୍ଡୀୟ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଶିକ୍ଷାବିତ ଭୂଷଣ ପାତ୍ର, ପୂର୍ବତନ ଡିଏଲସି ଡ. ପ୍ରଫୁଲ୍ଲ ପାତ୍ର, ଆଇଆଇସି ପ୍ରଭା ଧନ, ଏବିଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାପତୀ ପଣ୍ଡା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।



ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଜନସାଧାରଣ ।

### ଶିବ ମନ୍ଦିରରେ ବୋଲବମ୍ ଭକ୍ତଙ୍କ ଜଳାଭିଷେକ

**ଘଣ୍ଟାପଡ଼ା,୨୨।୭(ଡି.ଏନ.ଏ.):** ଶ୍ରାବଣ ମାସର ପ୍ରଥମ ସୋମବାରରେ ଶିବ ମନ୍ଦିରରେ ବୋଲବମ୍ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ମହାଦେବଙ୍କ ନିକଟରେ ଜଳାଭିଷେକ କରିଥିଲେ। ଏହି ପରିପ୍ରେକ୍ଷିରେ ଘଣ୍ଟାପଡ଼ା, ବନ୍ଧଗୋରା, ରୁଗୁଡିପାଲି, ରେଘାମୁଣ୍ଡା, ଦେଉଳି, ଆମ୍ବଗାଁ, କୁରୁକୁପା ଆଦି ଶୈବପୀଠରେ ଦୂର ଦୂରାନ୍ତରୁ କାଉଡିଆଙ୍କ ବେଶ୍ ଭିଡ ଲାଗିରହିଥିଲା।

## ୫ ଶ୍ରେଣୀକୁ ଜଣେ ଶିକ୍ଷକ

**ପୁରୁଣାକଟକ, ୨୨।୭(ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବଡ଼ବନ୍ଧ ଗ୍ରାମରେ ସରକାରଙ୍କର ଆଦିବାସୀ ହରିଜନ ଉନ୍ନୟନ ବିଭାଗର ଥିବା ସେବାଶ୍ରମ ଏବେ ଶିକ୍ଷକ ଅଭାବ ଜନିତ ସମସ୍ୟା ଦେଇ ଗତି କରୁଛି। ଜଣେ ଶିକ୍ଷକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀର ପାଠପଢ଼ା ହେଉଛି। ଗତ ଦୁଇବର୍ଷ ହେଲା ଏପରି ଚାଲିଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏଥିଯୋଗୁ ପିଲାଙ୍କ ପାଠପଢା ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି। ଏପରିସ୍ଥଳେ ସ୍କୁଲରେ ଅଧ୍ୟୟନ କରୁଥିବା ୬୨ଜଣ ଛାତ୍ରୀଛାତ୍ରଙ୍କର ଭବିଷ୍ୟତ ଅନ୍ଧକାର ମଧ୍ୟଦେଇ ଗତି କରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅତିକମ୍‌ରେ ଏହି ସ୍କୁଲ୍‌ରେ ୪ଜଣ ଶିକ୍ଷକ ନିଯୁକ୍ତି କରାଯାଉ। ୭ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନ ହେଲେ ସାର୍ଟିଫିକେଟ୍ ଦେଇ ଛାତ୍ରୀଛାତ୍ରଙ୍କୁ ଅନ୍ୟତ୍ର ନାମ ଲେଖାଇବା ପାଇଁ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଏହି ଦାବିଗୁଡିକ ଅବିଳମ୍ବେ ପୂରଣ କରା ନ ଗଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଶିକ୍ଷକ ଅଭାବ ସମ୍ପର୍କରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାଏକଙ୍କୁ ପଚାରିବାରୁ ଖୁବଶୀଘ୍ର ସେଠାରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି କହିଛନ୍ତି।

■ କୁଟିଆ ମଦ ଦୋକାନ ଉପରେ ମହିଳାଙ୍କ ଚଢ଼ାଉ

## ୫୦୦ ପାଉଚ ମଦରେ ନିଆଁ ଲଗାଇଦେଲେ

**ବୌଦ୍ଧ/ବଘିଆପଡ଼ା, ୨୨।୭ (ସ୍ୱ.ପ୍ର./ଡି.ଏନ୍.ଏ.)**

ସରକାର ମଦ ବ୍ୟବସାୟକୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ବ୍ୟବସ୍ଥା କରିବା କଥା କହୁଥିବା ବେଳେ ବୌଦ୍ଧ ଜିଲାରେ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନ କରିଛନ୍ତି। ଜିଲାରେ ବହୁ ସଂଖ୍ୟାରେ କୁଟିଆ ମଦ ଦୋକାନ ଖୋଲାଯାଇ ଦେଶୀ, ବିଦେଶୀ ମଦ ବିକ୍ରି କରାଯାଉଛି। ହେଲେ ଜିଲା ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ନାମକୁ ମାତ୍ର ମଦ ଧରପଗଡ କରୁଥିବା ବେଳେ କୁଟିଆ ବେପାରୀଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। କେବଳ ଗରିବ ନିରୀହ ଆଦିବାସୀମାନଙ୍କୁ ମଦ ବିକ୍ରି ଆଳରେ ଗିରଫ କରି ମାମଲା ରୁଜୁ କରୁଥିବା ଅଭିଯୋଗ ହୋଇଛି। ସୋମବାର ବଘିଆପଡ଼ା ଅଞ୍ଚଳର ୮ଟି ଗ୍ରାମର ୫୪ଟି ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଏକଜୁଟ ହୋଇ ମଦ ବିରୋଧୀ ସଂଗ୍ରାମ ଆରମ୍ଭ କରିଥିଲେ। ବଘିଆପଡ଼ା ପଞ୍ଚାୟତର ଇସିରିସିଙ୍ଗା ନିକଟସ୍ଥ ଲକ୍ଷ୍ମୀପଦର ଗ୍ରାମ ମନ୍ଦିର ନିକଟରେ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଏକଜୁଟ ହୋଇ ଏକ ସଭାର ଆୟୋଜନ କରିଥିଲେ। ପରେ ଗ୍ରାମର ଛବିଳ ନାଏକଙ୍କ ଘରେ ଚଢାଉ କରି ୫୦୦ ପକେଟ ଦେଶୀ ମଦ ପାଉଚ ଜବତ କରି ନିଆଁ ଲଗାଇ ପୋଡି ଦେଇଥିଲେ। ଏପରି କି ମହିଳାମାନେ ମଦବେପାରୀ ଛବିଳଙ୍କୁ ଚେତବାନୀ ଦେବା ସହ ଆଗାମୀ ଦିନରେ ମଦ ବିକ୍ରି କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଏହି ଘଟଣା ପରେ ବଘିଆପଡ଼ା ଅଞ୍ଚଳରେ କୁଟିଆ ମଦ ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଅବକାରୀ ବିଭାଗର କେତେଜଣ କର୍ମଚାରୀଙ୍କ ସହ ମଦବେପାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ପଦାରେ ପଡିଛି। ଏହି ଚଢାଉରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ସାମିଲ ଥିଲେ।



ମହିଳାମାନେ ମଦ ଜବତ କରି ନିଆଁ ଲାଗାଇ ପୋଡି ଦେଉଛନ୍ତି।

■ ପ୍ରଶାସନ ପକ୍ଷରୁ ମିଳିଥିଲା ନକଲି କାର୍ଯ୍ୟାଦେଶ

## ପରିବାର ସହ ପୁଣି ଅନଶନରେ ବସିଲେ ପଞ୍ଚାନନ

**ଉଲୁଣ୍ଡା, ୨୨।୭(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପରିସରରେ ସୋମବାର ପ୍ରଶାସନିକ ଠକାମିର ଶିକାର ହୋଇଥିବା ଏକ ପରିବାର ଆମରଣ ଅନଶନରେ ବସିଥିଲେ। ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ ଟିକୁଡା ଗ୍ରାମର ପଞ୍ଚାନନ ବଡପଣ୍ଡାଙ୍କୁ ବ୍ଲକ ପ୍ରଶାସନ ଏକ ନକଲି ପକ୍କାଘର କାର୍ଯ୍ୟାଦେଶ ପ୍ରଦାନ କରିଥିବାରୁ ଉକ୍ତ ପରିବାର ଅନଶନରେ ବସିଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ ଘର ବହୁଦିନ ହେବ ଭାଙ୍ଗିଯାଇଥିବାରୁ ପରିବାରକୁ ନେଇ ପଞ୍ଚାନନ ପରଘରେ ଆଶ୍ରୟ ନେଇଛନ୍ତି। ଏହା ପୂର୍ବରୁ ପକ୍କାଘର ପାଇଁ ବିଡିଓ, ଉପଜଲାପାଳ, ପିଡି, ଜିଲାପାଳ, ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ବିଭିନ୍ନ ମାଧ୍ୟମରେ ଅବଗତ କରିଥିଲେ। ମାତ୍ର ତାଙ୍କ ଗୁହାରି କେହି ନ ଶୁଣିବାରୁ ବାଧହୋଇ ଗତ ଫେବୃୟାରୀ ମାସ ୧୧ ତାରିଖ ଦିନ ପରିବାର ସହ ଉଲୁଣ୍ଡା ବ୍ଲକ ପରିସରରେ ଅନଶନରେ ବସିଥିଲେ। ପରେ ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରି ତତ୍କାଳୀନ ବିଡିଓ ରୁନୁ ଲାକ୍ରା ଏକ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ମାତ୍ର କାର୍ଯ୍ୟାଦେଶ ପତ୍ରରେ କାର୍ଯ୍ୟାଦେଶ ସଂଖ୍ୟା ଏବଂ ତାରିଖ ଦିଆଯାଇ ନ ଥିବାରୁ ପଞ୍ଚାନନ ପ୍ରଶାସନ ଦ୍ୱାରା ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ପୁନର୍ବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜଣାଇଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ସୋମବାର ଦ୍ୱିତୀୟଥର ପାଇଁ ଅନଶନରେ ବସିଥିଲେ। ପଞ୍ଚାନନ ତାଙ୍କ ସ୍ତ୍ରୀ ପ୍ରତୀମା ଏବଂ ପୁଅ ଜମ୍ବେଶ୍ୱରଙ୍କୁ ନେଇ ପୂର୍ବାହ୍ନ ୧୦ଟାରୁ ବ୍ଲକ କାର୍ଯ୍ୟାଳୟରେ ଆମରଣ ଅନସନରେ ବସିଥିଲେ। ପରେ ଅପରାହ୍ନ ୩।୩୦ରେ ବୀରମହାରାଜପୁର ଉପଜିଲାପାଳ ସୁବ୍ରତ ବେହେରା ଏବଂ ବିଡିଓ ନୀଳାମ୍ବର ମହାନନ୍ଦ ଧାରଣାସ୍ଥଳକୁ ଆସି ବୁଝାସୁଝା କଲାପରେ ଉକ୍ତ ପରିବାର ଅନଶନରୁ ଉଠିଥିଲେ। ଏ ନେଇ ଉପଜିଲାପାଳ ବେହେରାଙ୍କୁ ପଚାରିବାରୁ ଆସନ୍ତା ୧୫ ଦିନ ଭିତରେ ବିଜୁ ପକ୍କାଘର ଯୋଜନାରେ ଉକ୍ତ ପରିବାରକୁ ସାମିଲ କରାଯିବ। ନକଲି କାର୍ଯ୍ୟାଦେଶ ପ୍ରଦାନ କରିଥିବା ବିଡିଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିଶ କରାଯିବ ବୋଲି ସେ କହିଥିଲେ।



ପରିବାର ସହ ପଞ୍ଚାନନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି।

- ■ ପ୍ରଶାସନ ପ୍ରତିଶ୍ରୁତି ପରେ ଅନଶନ ଭାଙ୍ଗିଲେ
- ■ ୧୫ ଦିନ ଭିତରେ ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯିବ
- ■ ନକଲି କାର୍ଯ୍ୟାଦେଶ ଦେଇଥିବା ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ। - ଚାଣକ୍ୟ



## ସଂକ୍ଷେପରେ

### ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ଅମରପାଲି, ୨୨।୭(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ମୈତ୍ରିସଦନଠାରେ ସୋମବାର ଅପରାହ୍ନରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳ ସୁବ୍ରତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ତହସିଲଦାର ଖଦାଳ ପାତ୍ର, ଏସଡିପିଓ ଧିରୋଜ ଚୌପଦାର, ଆରଓ ଅମୂଲ୍ୟ ସାହୁ ଓ ବୀରମହାରାଜପୁର ସୂଚନା ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମଞ୍ଚାସୀନ ଥିଲେ । ଆଗାମୀ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସରେ ୩୨ଟି ପରେଡ ଦଳ ଅଂଶଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଉକ୍ତ ଦଳଗୁଡିକ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ତିନିଦିନ ଧରି ପରେଡ ଅଭ୍ୟାସ କରିବେ। ଏଥିପାଇଁ ପୂର୍ବରୁ ଉପଖଣ୍ଡର ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, କୁଇଜ, ରଙ୍ଗୋଲି ଆଦି ପ୍ରତିଯୋଗିତା କରାଯିବ। ସେମାନଙ୍କୁ ସ୍ୱାଧୀନତା ଦିବସ ଦିବସରେ ପୁରସ୍କୃତ କରାଯିବ। ଏହା ସହିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଜଣେ ଛାତ୍ରୀ ଓ

# କୁହିମୁଣ୍ଡା ପ୍ରାଥମିକ ସ୍କୁଲ ଖୋଲ

**ବଲାଙ୍ଗୀର ଅଫିସ,୨୨।୭**



ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ କୁହିମୁଣ୍ଡା ଗ୍ରାମବାସୀ ଆସିଛନ୍ତି ।

- ପିଲାଙ୍କୁ ଯିବାକୁ ପଡିବ ୪ କି.ମି
- ମାସେ ହେଲା ସ୍କୁଲ ଯାଉନାହାନ୍ତି ୬ ଛାତ୍ରୀଛାତ୍ର
- ଶୀଘ୍ର ସ୍କୁଲ ନ ଖୋଲିଲେ ଗଣଧାରଣା ଚେତାବନୀ

ଦେଓଗାଁ ବ୍ଲକ୍ ସ୍ୱଚ୍ଛମୁକ୍ତ ଗ୍ରାମ ଭାବେ ପ୍ରଶଂସା ଅର୍ଜନ କରିଥିବା କୁହିମୁଣ୍ଡା ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦେବା ପରେ ଗାଁର ଛାତ୍ରୀଛାତ୍ର ପ୍ରାୟ ୧ ମାସ ହେଲା ପାଠ ପଢ଼ାରୁ ବଞ୍ଚିତ ହୋଇଛନ୍ତି । କୁହିମୁଣ୍ଡାରେ ୬ ଜଣ ଛାତ୍ରୀଛାତ୍ର ପାଠ ପଢୁଥିଲେ। ଅନ୍ୟ ଦୁଇଜଣ ଛାତ୍ର ମା, ବାପାଙ୍କ ସହ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିଲେ। ଫଳରେ ସ୍କୁଲର ଉପସ୍ଥାନ ସଂଖ୍ୟା ୬କୁ ଖସି ଆସିଥିଲା। ୧୦ ଛାତ୍ରୀଛାତ୍ରରୁ କମ୍ ରହିଥିଲେ ସେହି ବିଦ୍ୟାଳୟକୁ ବନ୍ଦ କରିଦେଇ ନିକଟସ୍ଥ ବିଦ୍ୟାଳୟରେ ପାଠ ପଢ଼ା ବ୍ୟବସ୍ଥା କରିବା ପାଇଁ ସରକାର ନିଷ୍ପତ୍ତି ନେବା ପରେ ଗତ ଜୁନ୍ ୨୩ ତାରିଖରୁ କୁହିମୁଣ୍ଡା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି । ଫଳରେ ସେଠାରେ ପାଠ ପଢୁଥିବା ୬ ଛାତ୍ରୀଛାତ୍ର ୨୩ ତାରିଖରୁ ପାଠ ପଢୁ ନାହାନ୍ତି । ସେମାନଙ୍କୁ ଦୀର୍ଘ ୪ କିଲୋମିଟର ଦୂର ଉପରଝର ସ୍କୁଲକୁ ପାଠ ପଢ଼ିବାକୁ ଯିବା ପାଇଁ କୁହାଯାଇଛି। ମାତ୍ର ସେହି ରାସ୍ତାଟି ହାତୀଚଲା ପଥ ଭାବେ ଚିହ୍ନଟ ହୋଇଥିବାରୁ ସେହି ରାସ୍ତାରେ ଛାତ୍ରୀଛାତ୍ର କିଭଳି ପାଠ ପଢ଼ିଯିବେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ଏ ନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ଦେବା ସହ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କୁ ଭେଟି ଆଲୋଚନା କରିଛନ୍ତି। ଶୀଘ୍ର ଗାଁ ସ୍କୁଲକୁ ନ ଖୋଲିଲେ ଗାଁର ଆବାଳ ବୃଦ୍ଧବନିତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ବାଧ ହେବେ ବୋଲି ଗ୍ରାମବାସୀ କହିଛନ୍ତି।

## ଓଡିଶାର ଦାଦନ ସମସ୍ୟା ସମାଧାନ ନେଇ ଆନ୍ଧ୍ର ରାଜ୍ୟପାଳଙ୍କ ସହ ଆଲୋଚନା

**ବଲାଙ୍ଗୀର ଅଫିସ, ୨୨।୭**

ନବନିଯୁକ୍ତ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ସାକ୍ଷାତ କରିଛନ୍ତି। ପଶ୍ଚିମ ଓଡିଶାର ଦାଦନ ସମସ୍ୟା ସମ୍ପର୍କରେ କେଡିଆ ରାଜ୍ୟପାଳଙ୍କ ସହ ଆଲୋଚନା କରଛନ୍ତି। ଓଡିଶାର ଦାଦନ ପ୍ରବଣ ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ବରଗଡ, ସୋନପୁର, ବୌଦ୍ଧ, ନବରଙ୍ଗପୁର ଜିଲାର ଲୋକେ ଆନ୍ଧ୍ରପ୍ରଦେଶର ବିଭିନ୍ନ ଇଟାଭାଟିରେ ଦାଦନ ଶ୍ରମିକ କାର୍ଯ୍ୟ କରୁଛନ୍ତି। ହେଲେ ସେଠାରେ ସେମାନଙ୍କ ମାନବିକ ଅଧିକାର ଉଲଂଘନ ହେଉଛି। ଘୋର ନିର୍ଯାତନା ଦିଆଯାଉଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ କେଡିଆ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଅନୁରେଧ କରିଛନ୍ତି। ତେବେ ଓଡିଶାର ଦାଦନ ଶ୍ରମିକଙ୍କ ସ୍ୱାସ୍ଥ୍ୟରକ୍ଷା ଦିଗରେ ଉଚିତ୍ ପଦକ୍ଷେପ ନେବେ ବୋଲି ରାଜ୍ୟପାଳ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିବା ସାଧାରଣ ସମ୍ପାଦକ କେଡିଆ ଜଣାଇଛନ୍ତି।



ନବନିଯୁକ୍ତ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ସହ ବଲାଙ୍ଗୀର ନାଗରିକ କମିଟି ସମ୍ପାଦକ ଆଲୋଚନା କରୁଛନ୍ତି ।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କର୍ମଶାଳା

## ଶହେ ପରିବର୍ତ୍ତେ ୨ଶହ ଦିନର କାମ ଦିଆଯାଉ

**ମୁରିବାହାଲ, ୨୨।୭ (ଡି.ଏନ.ଏ.)**

ପତ୍ରାପାଲି (କ) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଦିବସୀୟ ମୁରିବାହାଲ ବ୍ଲକସ୍ତରୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ ସଫଳ ରୂପାୟନ ନିମନ୍ତେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନ ସମସ୍ୟାର ଦୂରୀକରଣ ପାଇଁ ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ଏହି ବ୍ଲକରେ ବାରମ୍ବାର ମରୁଡି ଯୋଗୁ ଲୋକଙ୍କୁ ୧୦୦ ଦିନର ଶ୍ରମ ଦିବସ ପରିବର୍ତ୍ତେ ୨୦୦ ଦିନକୁ ବୃଦ୍ଧି କରାଯିବା ଉପରେ ଆଲୋଚନା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏପିଓ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ, ବ୍ଲକ ଉପାଧ୍ୟକ୍ଷ ସୁନ୍ଦରମତି ବାଗ, ସରପଞ୍ଚ ସଂଘର ସଭାପତି ଗୋପିନାଥ ପାଣିଗ୍ରାହୀ, ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବନୀକରଣ ମାଧ୍ୟମରେ ବ୍ଲକକୁ ସବୁଜ ସୁନ୍ଦର କରାଯିବା ଏବଂ ଜଳାଶୟ ଖନନ କରିବା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଲିମଦାତା ଭାବରେ ଭାଗବତ ନାଗ ଯୋଗ ଦେଇଥିଲେ। ତେବେ ହିତାଧିକାରୀମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ରାଶି ମିଳୁ ନ ଥିବାରୁ ବଡସାଇମୁରା ପଞ୍ଚାୟତ ସରପଞ୍ଚ ଅମିତ କୁମାର ପାତ୍ର କ୍ଷୋଭ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ଦକ୍ଷତା ତାଲିମ ସଂସ୍ଥା ସହଯୋଗ କରିଥିଲା। ମୁରିବାହାଲ ବ୍ଲକର ୨୨ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟାସଭ୍ୟ, ନିର୍ବାହୀ ଅଧିକାରୀ ପଉପସ୍ଥିତ ଥିଲେ। ମୁରିବାହାଲ ବ୍ଲକ ପ୍ରଶାସନ ଓ ଜନମୁକ୍ତି ଅନୁଷ୍ଠାନ ମିଳିତ ଉଦ୍ୟମରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ପ୍ରକାଶ ଯୋଗ୍ୟ, ଏହି ବ୍ଲକ ଅନେକ ଥର ଏମଜିଏନଆରଇଜିଏସରେ ରାଜ୍ୟରେ ଶ୍ରେଷ୍ଠ ବ୍ଲକର ମାନ୍ୟତା ପାଇଛି। ହେଲେ ଏବେ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କର ଇଚ୍ଛାଶକ୍ତି ଓ ଗ୍ରାମ ରୋଜଗାର ସେବକମାନଙ୍କର ଅସହଯୋଗରୁ ଏହା ୧୩ ନମ୍ବର ସ୍ଥାନକୁ ଖସି ଯାଇଛି।



ପତ୍ରାପାଲି (କ) ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଦିବସୀୟ ମୁରିବାହାଲ ବ୍ଲକସ୍ତରୀୟ କର୍ମଶାଳାରେ ଉପସ୍ଥିତ ଅତିଥି।

### ୩ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇ ଖସିଗଲା ଟ୍ରାକ୍ଟର

**ବଲାଙ୍ଗୀର ଅଫିସ,୨୨।୭**

ବଲାଙ୍ଗୀର–ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥର ଦେଓଗାଁ କ୍ରସର ନିକଟରେ ଏକ ବାଇକ୍‌କୁ ପଛ ପଟରୁ ଆସୁଥିବା ଏକ ଟ୍ରାକ୍ଟର ଧକ୍କା ଦେବାରୁ ୩ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସପିଟାଲରେ ଏମାନଙ୍କୁ ଭର୍ତ୍ତି କରାଯାଇଛି। ଏମାନେ ହେଲେ ସଇଁତଲା ଥାନା ରୁଣ୍ଡିମହୁଲ ଗ୍ରାମର ଅକୃର ବଗର୍ତ୍ତୀ, ମନୋଜ ରାଉତ୍ ଓ ତପେଶ୍ୱର ପୋଢ଼। ଏମାନେ ଗୋଟିଏ ମଟର ସାଇକଲରେ ସିନ୍‌ଖମନରୁ ଫେରୁଥିଲେ। ହେଲେ ଏମାନଙ୍କୁ ପଛ ପଟରୁ ଏକ ଟ୍ରାକ୍ଟର ଧକ୍କା ଦେଇ ଫେରାର ହୋଇଯାଇଥିଲା । ଏମାନେ ଦୁର୍ଘଟଣାସ୍ଥଳରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଦେଓଗାଁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଏମାନଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜକୁ ନେଇଥିଲେ ।

### ଲୋଇସିଂହା ବ୍ଲକରେ ୧୯୨ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

## ୪୨ ଅଭିଯୋଗର ତ୍ୱରିତ ସମାଧାନ

**ଲୋଇସିଂହା,୨୨।୭(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ସଭାଗୃହଠାରେ ଜିଲାପାଳ ଅରିନ୍ଦମ ଡାକୁଆ ଏବଂ ଏସ୍‌ପି କେ. ସିବା ସୁବ୍ରମଣ୍ୟମଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସାମୂହିକ ଏବଂ ବ୍ୟକ୍ତିଗତ ଭାବେ ମୋଟ ୧୯୨ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିରୁ ୪୨ ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ ଜିଲାପାଳ। ଅବଶିଷ୍ଟ ଅଭିଯୋଗ ଉପରେ ବିଭାଗୀୟ ଅଧିକାରୀମାନଙ୍କୁ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଲୋଇସିଂହା ଜଡାମୁଣ୍ଡା ଗ୍ରାମର ସିତୟା ପଧାନ ନାମ୍ନୀ ଜଣେ ମହିଳାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୨ ହଜାର ଟଙ୍କାର ସହାୟତା (ଚେକ୍) ପ୍ରଦାନ କରାଯାଇଥିବା ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ସୂତ୍ରରୁ ପ୍ରକାଶ। ଅଭିଯୋଗ ମଧ୍ୟରୁ ୯୦ ପ୍ରତିଶତ ଆବସ ଘର, ଗୁହାଳ ଏବଂ ଭତ୍ତା ସମସ୍ୟା ରହିଥିଲା । ସେହିପରି ବାଦିମୁଣ୍ଡା ପଞ୍ଚାୟତକୁଟରାପାଲି ଗାଁର ବାଗଦଳ ନାଗ ଏବଂ ବୁର୍ଡା ପଞ୍ଚାୟତ ବୁର୍ଡା ଗ୍ରାମର ଝେକରୁ ସାହୁ ଓ ଅନ୍ୟମାନେ ପଞ୍ଚାୟତର ଗାଇଗୋରୁ ପାଳୁ ନ ଥିବା ଲୋକଙ୍କୁ ଗୁହାଳ ଦିଆଯାଇଥିବା ଅଭିଯୋଗ କରିଥିଲେ। ଲୋଇସିଂହା ଥାନା ଅନ୍ତର୍ଗତ ବଡଟିକା ଗ୍ରାମର ୨୨ଜଣ ବ୍ୟକ୍ତି ୧୯୯୨ ମସିହାରୁ ୪ ଡେସିମିଲ୍ ଜମି ପାଇଥିଲେ ସୁଦ୍ଧା କେତେକଙ୍କ ବିରୋଧ ଯୋଗୁ ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଥିଲେ। ୨୦୧୮ ଖରିଫ ଚାଷ ରୋକ ପୋକ ଏବଂ ପେଥାଇ ପ୍ରଭାବରେ ନଷ୍ଟ ହୋଇଥିଲା। ସରକାର ଚାଷୀଙ୍କୁ ଇନପୁଟ ସବସିଡି ଏବଂ ବୀମା ଟଙ୍କା ଯୋଗଇ ଦେଇଥିଲେ ସୁଦ୍ଧା ତହସିଲ ଏବଂ ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ସହାୟତା ରାଶି ମିଳି ନ ଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଭାଜପା କର୍ମକର୍ତ୍ତା ବର୍ଷା ଅଭବାରୁ ଗଜା ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବ୍ଲକକୁ ମରୁଡି ଘୋଷଣା କରିବାକୁ ଦାବି କରିଥିଲେ। ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ, ପାନୀୟ ଜଳ, କୃଷି, କୃଷି ଉଦ୍ୟାନ, ଅବକାରୀ, ବିଦ୍ୟୁତ ଓ ଅନ୍ୟାନ୍ୟ ବିଭାଗର ଜିଲା ତଥା ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଲୋଇସିଂହା ବ୍ଲକ ସଭାଗୃହଠାରେ ଜିଲାପାଳ ଅରିନ୍ଦମ ଡାକୁଆ ଏବଂ ଏସ୍‌ପି କେ. ସିବା ସୁବ୍ରମଣ୍ୟମ ଅଭିଯୋଗ ଶୁଣାଣି କରୁଛନ୍ତି।

## ଜନମୋର୍ଚ୍ଚା ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ

**ଦେଓଗାଁ,୨୨।୭(ଡି.ଏନ.ଏ.)**

ଦେଓଗାଁ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣୀଯୋରରେ ଜିଲା ଜନମୋର୍ଚ୍ଚା ସଂଗଠନ ତରଫରୁ ଗ୍ରୀନ ବଲାଙ୍ଗୀର ଅଭିଯାନ କାର୍ଯ୍ୟକ୍ରମ ଅବସରରେ ସୋମବାର ବୃକ୍ଷରୋପଣ ଓ ପରିବେଶ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା ସଭାପତି ବାସୁଦେବ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମବାୟ କୃଷି ଏବଂ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ କର୍ମଚାରୀ ମହାସଂଘର ରାଜ୍ୟ ସଭାପତି ରତନ କୁମାର ମହାରଣା ଯୋଗଦେଇ ବୃକ୍ଷରୋପଣର ଶୁଭାରମ୍ଭ କରିବାସହ ଜଙ୍ଗଲ ନଷ୍ଟ ଦ୍ୱାରା ଜନସମାଜର କିକି ଅସୁବିଧା ହେଉଛି ସେ ଉପରେ ଆଲୋକପାତ କରିଥିଲେ । ସରପଞ୍ଚ ସ୍ନେହଲତା ସାନ୍ତ, କାର୍ଯ୍ୟନିର୍ବାହୀ ଅଧିକାରୀ ରୂପଧର ବାଗ, ସମିତି ସଭ୍ୟ ବାସନ୍ତି ଭୂଏ, ରୁକ୍ମିଣୀ ଘିଭେଲା, ରବି ନାରାୟଣ ବହିଦାର, ସଂଗଠନର ଉପଦେଷ୍ଟା ପ୍ରଶାନ୍ତ କୁମାର ସେନାପତି, ମନୋଜ କୁମାର ମହାନ୍ତି, ବଦ୍ରିନାଥ ହୋତା, ଟିଙ୍କୁ ଅଗ୍ରୱାଲ, ତ୍ରିଭୁଜ ସାନ୍ତ, ଯାଜ୍ଞସିନି ଘିଭେଲା, ସତ୍ୟନାରାୟଣ ଅମାତ, ରମେଶ ମୁଗ୍ରୀଙ୍କ ସମେତ କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ବିଭିନ୍ନ କିସମର ଚାରା ରୋପଣ କରିଥିଲେ।

### ବେଆଇନ ସାର ଗଚ୍ଛିତ ଗୋଦାମରେ କୃଷି ବିଭାଗ, ପୋଲିସର ଚଢ଼ାଉ

## ୫୬୦ ବସ୍ତା ନବରତ୍ନ ଡିଏପି ସାର ଜବତ, ଗୋଦାମ ସିଲ୍

**ସଇଁତଲା,୨୨।୭ (ଡି.ଏନ.ଏ.)**

ସଇଁତଲାସ୍ଥିତ ନବୀନ ଛକ ନିକଟରେ ଥିବା ଏକ ଗୋଦାମ ଗୃହରେ ସୋମବାର ସନ୍ଧ୍ୟାରେ କୃଷି ଓ ପୋଲିସ ବିଭାଗ ମିଳିତ ଭାବରେ ଚଢ଼ାଉ କରିଛି। ସେଠାରେ ବେଆଇନ ଭାବରେ ଗଚ୍ଛିତ ଥିବା ୫୬୦ ବସ୍ତା ନବରତ୍ନ ଡିଏପି ସାର ଜବତ କରି ଗୋଦାମକୁ ସିଲ୍ କରାଯାଇଛି। କୃଷି ବିଭାଗର ଅଧିକାରୀ ନିଶାନ୍ତ ଦାସଙ୍କ ସୂତ୍ରରୁ ପ୍ରକାଶ ଯେ, ଆଶିଷ ଅଗ୍ରୱାଲା ନାମକ ଜଣେ ବ୍ୟକ୍ତିଙ୍କ ଏହି ଗୋଦାମ ଗୃହରେ ଚାଷୀମାନଙ୍କୁ ସବସିଡ଼ିରେ ଦିଆଯାଉଥିବା ନବରତ୍ନ ଡିଏପି ସାର ଗଚ୍ଛିତ ଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏଣୁ କୃଷି ଅଧିକାରୀ ବାଳକୃଷ୍ଣ ଗୌଡ଼, ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଟିଟିଲାଗଡ଼ ସଇଁତଲା ଥାନାର ଏଏସଆଇ ମହେଶ୍ୱର ଦାସ ସୁନାମୀ, କନଷ୍ଟେବଲ ଭାନୁ ପ୍ରସାଦ ଭୋଇ, ହିମାଂଶୁ ଭୂଷଣ ରଣା ଗୋଦାମ ଉପରେ ଚଢ଼ାଉ କରିଥିଲେ। ସଇଁତଲା ଅତିରିକ୍ତ ତହସିଲଦାର ଲଳିତ ବାଗ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିଲେ। ତେବେ ଗୋଦାମର ମାଲିକ ଆଶିଷ କୁମାର ଅଗ୍ରୱାଲଙ୍କୁ ପଚାରିବାରୁ ଏହି ସାର ତାଙ୍କର ନୁହେଁ ବରଂ ତାଙ୍କ ଜଣେ ବନ୍ଧୁଙ୍କ। ସାର ଆସୁଥିବା ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ ହେବାରୁ ତାହା ଏଠାରେ ରଖିଛନ୍ତି ବୋଲି କହିଥିଲେ। ହେଲେ ସାରର ସମସ୍ତ କଗଜପତ୍ର ସହିତ କେଉଁ ଟ୍ରକ୍ କେବେ ଓ କେଉଁଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ତାହାର ସମସ୍ତ ବିବରଣୀ ଦେବାକୁ ଗୋଦାମ ମାଲିକଙ୍କୁ କୁହାଯାଇଛି।



ଅଧିକାରୀମାନେ ଗୋଦାମ ଗୃହକୁ ଯାଞ୍ଚ କରୁଛନ୍ତି।

### ନକଲି ଶିକ୍ଷକ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଆରମ୍ଭ

**କର୍ଲାମୁଣ୍ଡା,୨୨।୭ (ଡି.ଏନ.ଏ.)**

କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସୋମବାର ନକଲି ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପକ୍ରିୟା ଆରମ୍ଭ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଆଲୁମାଲୁ ଭୀମରାଓଙ୍କ ନେତୃତ୍ୱରେ ପ୍ରଥମ ପର୍ଯ୍ୟାୟରେ କର୍ଲାମୁଣ୍ଡା ଓ ତେରେସିଂହା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ସମସ୍ତ ପ୍ରମାଣପତ୍ର ଯାଞ୍ଚ କରାଯାଇଛି। ଏହି ଯାଞ୍ଚ ପକ୍ରିୟାକୁ ଏବିଇଓ ସୁରେନ୍ଦ୍ର ସୁନା, ରାଧାମୋହନ ପାଢୀ ପରିଚାଳନା କରିଥିଲେ। ଆସନ୍ତା ୨୪ରେ ରେଗେଡା, ରେଙ୍ଗାଲି, ୨୫ ତାରିଖ ଯୋରାଡବ୍ରା, ଗଜବାହାଲ, ୨୪ରେ ପୌରକେଲା ଓ ରିଷିଡା କ୍ଲଷ୍ଟର ଶିକ୍ଷକମାନଙ୍କ କାଗଜପତ୍ର ଯାଞ୍ଚ ହେବାକୁ ଥିବା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ଫଟୋରେ ଖବର







ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ନେଇ ବନ୍ଦ ଥିବା ବଲାଙ୍ଗୀର ରେଜିଷ୍ଟ୍ରି ଅଫିସ ସୋମବାର ଖୋଲିବା ପରେ ଅଫିସ ସମ୍ମୁଖରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି (ବାମ) । ଦୀର୍ଘଦିନ ପରେ ବଲାଙ୍ଗୀର ସହରରେ ବର୍ଷା ହେବାରୁ ସ୍କୁଲ ଫେରନ୍ତା ଛାତ୍ର ବର୍ଷାରେ ଭିଜି ମଜା ଉଠାଉଛନ୍ତି (ମଝି)। ଅବିବାହିତା ମହିଳାଙ୍କୁ ଭତ୍ତା ପ୍ରଦାନ ଦାବି ନେଇ ପୁଇଁତଲା ବ୍ଲକ୍ ମହୀମୁଣ୍ଡା ଗ୍ରାମର ଅବିବାହିତା ମହିଳାମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ଦେଇଛନ୍ତି । (ଫଟୋ–ସୁନୀଲ)



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ଆମ୍ବେଡକର ସେବା ସଂଘର ସାଧାରଣ ବୈଠକ

**ଅମରପାଲି, ୨୨।୭ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ବୀରମହାରାଜପୁରସ୍ଥିତ ଡ. ବିଆର ଆମ୍ବେଡକର ସେବା ସଂଘର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଶ୍ରୟ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ବିଚାରବିମର୍ଷ ହୋଇଥିଲା। ଏହା ସହିତ ଡ. ଆମ୍ବେଦକରଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଭୋଳାନାଥ ସାଗର, ଗୌରାଙ୍ଗ ଜଗଦଲା, ରାଜୁ ମହାନନ୍ଦ, ସେନାପତି ଭୋଇ, ଚଣ୍ଡାଳ କୁଅଁର, କରୁଣାକର ମହାନନ୍ଦ, ମନୋଜ କଲେତ, ତ୍ରିପୁରାରୀ ଦୟାଲ, ଗୋପବନ୍ଧୁ ଗରୁଡ, କ୍ଷୀରସିନ୍ଧୁ ମହାନନ୍ଦ, ନରେନ୍ଦ୍ର ମହାନନ୍ଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୈଳରଞ୍ଜନ ବାଦୀ ବିବରଣୀ ପାଠ କରିଥିବା ବେଳେ ଗଦାଧର ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଭିନ୍ନ ଶିବାଳୟରେ ବୋଲବମ୍ ଭକ୍ତଙ୍କ ସମାଗମ

**ଅମରପାଲି, ୨୨।୭ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଶିବାଳୟରେ ବୋଲବମ୍ ଭକ୍ତ ଜଳ ଢ଼ାଳିଛନ୍ତି। ବ୍ଲକର ଚମ୍ପାମାଳସ୍ଥିତ ପ୍ରସିଦ୍ଧ ଚମ୍ପେଶ୍ୱର ଶିବ ମନ୍ଦିର, ଗୋଧନେଶ୍ୱର ଶିବ ମନ୍ଦିର, ଚିଠିପାଲି, କମଳପୁର, ମେଣ୍ଡାମାଲ, ଖଇରମାଲ, ସୁନାରୀବେର୍ଣ୍ଣୀ, ସୁବଳୟା, ଗୌଡଗାଡ, ବର୍ଡାକଟା, ଠେଙ୍ଗୋଡ୍ୟାମ, କୁଞ୍ଜାପାଲି ଆଦି ଶୈବପୀଠମାନଙ୍କରେ ଭକ୍ତଙ୍କ ସମାଗମ ହୋଇଥିଲା । ବୋଲବମ୍ ଦଳ ଗୁଡିକ ବିଭିନ୍ନ ଜଳାଶୟରେ ପୂଜାପାଠ କରି ସେଠାରୁ ଜଳପୂର୍ଣ୍ଣ କଳସ ନେଇ ଶିବାଳୟରେ ଜଳ ଢାଳିଥିଲେ ।

### ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା: ଘଣ୍ଟାପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ନିନ୍ଦା

**ଘଣ୍ଟାପଡ଼ା,୨୨।୭(ଡି.ଏନ.ଏ.):** କେନ୍ଦ୍ରାପଡ଼ାର ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ସର୍ବସମ୍ମୁଖରେ ଏସ୍‌ପିଙ୍କ ଦୁବ୍ୟବହାର ଘଟଣାକୁ ଘଣ୍ଟାପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ପୋଲିସ ପ୍ରଶାସନ ଘଟଣା ତଦନ୍ତ କରି ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ବରିଷ୍ଠ ସଦସ୍ୟ ପ୍ରଭାତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବଳରାମ ବାଘ, ମହେଶ୍ୱର ରଣା, ବଂଶୀଧର ମାଝି, ସମ୍ଭୁପ୍ରସାଦ ସେଠୀ, ସୁରଥ ରଣା ପ୍ରମୁଖ ଉପସ୍ଥିତ ଥିଲେ । ମହେଶ୍ୱର ରଣା ଧନ୍ୟବାଦ ଜ୍ଞାପନ କରିଥିଲେ।

## ୨୦୧୮ ଖରିଫ ଫସଲ ବୀମା କ୍ଷତିପୂରଣ ମିଳିନାହିଁ, ଚାଷୀ ହନ୍ତସନ୍ତ

# ‘ସରକାରଙ୍କ ଅଧୀନରେ ରହୁ ଫସଲ ବୀମା’

**ବଲାଙ୍ଗୀର ଅଫିସ, ୨୨।୭**

ଚିର ମରୁଡି ପ୍ରପୀଡିତ ଜିଲା ଭାବେ ବଲାଙ୍ଗୀର ପରିଚିତ । ଜିଲାରେ ଜଳସେଚନ ହାର ମାତ୍ର ୩ ପ୍ରତିଶତ । ଅସ୍ୱାଭାବିକ ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାର ଚାଷୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି । କ୍ରମାଗତ ମରୁଡି ଓ ଫସଲହାନୀ ଯୋଗୁ ଜିଲାରେ ଫସଲ ବୀମାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ମାତ୍ର ଏହି ଫସଲ ବୀମା କ୍ଷେତ୍ରରେ ବେସରକାରୀ କମ୍ପାନୀର ପ୍ରଭୁତ୍ୱ ଯୋଗୁ ଜିଲାର ଚାଷୀମାନେ ଉଚିତ୍ ସମୟରେ ବୀମା କ୍ଷତି ପୂରଣ ପାଉନାହାନ୍ତି । ୨୦୧୮ ମସିହାରେ ସ୍ୱଳ୍ପ ଓ ଅନାବୃଷ୍ଟି ଯୋଗୁ ବଲାଙ୍ଗୀର ଜିଲାରେ ମରୁଡି ସ୍ଥିତି ଉପୁଜିଥିଲା । ଜିଲାର ୧୪ଟି ବ୍ଲକ୍‌ରୁ ୧୦ଟି ବ୍ଲକ୍‌ର ୨୩୦ଟି ପଞ୍ଚାୟତର ୧୧୨୫ ଖଣ୍ଡ ଗ୍ରାମରେ ଶତକଡା ୩୩ ଭାଗରୁ ଉର୍ଦ୍ଧ୍ୱ ଜମିରେ ଫସଲ ନଷ୍ଟ ହୋଇଥିଲା । ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଜିଲାପାଳଙ୍କ ରିପୋର୍ଟକୁ ଆଧାର କରି ଜିଲାର ୨୩୦ଟି ପଞ୍ଚାୟତର ୧୧୨୫ଟି ଗ୍ରାମକୁ ମରୁଡି ଘୋଷଣା କରିଥିଲେ । ସେତେବେଳେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ (ବିଡିସିସି) ବ୍ୟାଙ୍କ ଜରିଆରେ ଜିଲାର ୩୮ ହଜାର ୭୯୨ ଜଣ ରଣିଚାଷୀଙ୍କ ୪୭ ହଜାର ୯୭୦.୪୯ ହେକ୍ଟର ଏବଂ ୭୧୬ ଜଣ ଅଣରଣି ଚାଷୀଙ୍କ ୧୧୨୫.୪୩ ହେକ୍ଟର ଚାଷଜମିକୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଜିଲାର ଚାଷୀମାନେ ପ୍ରିମିୟମ ବାବଦକୁ ୫ କୋଟି ୬୭ ଲକ୍ଷ ୫ ହଜାର ୬୮୭.୯୨ ଟଙ୍କା ବିଡିସିସି ବ୍ୟାଙ୍କ ଜରିଆରେ ମେସର୍ସ ରୟାଲ ସୁନ୍ଦରମ୍ ଇନ୍ସ୍ୟୁରାନ୍ସ କମ୍ପାନୀରେ ଡିପୋଜିଟ୍ କରିଥିଲେ । ତେବେ ବିଡିସିସି ବ୍ୟାଙ୍କ ତରଫରୁ ଏବେ ଦିଆଯାଇଥିବା ତଥ୍ୟ ଅନୁସାରେ ଉକ୍ତ ବୀମା କମ୍ପାନୀ ଏ ପର୍ଯ୍ୟନ୍ତ ଜିଲାର ୮ଟି ବ୍ଲକ୍‌ର ୧୦ ହଜାର ୫୮୦ ଜଣ ଚାଷୀଙ୍କୁ ଫସଲ ବୀମା ବାବଦରେ ଆଂଶିକ ଭାବେ ୧୯ କୋଟି ୯୮ ଲକ୍ଷ ୧୨ ହଜାର ୬୩ ଟଙ୍କା ବ୍ୟାଙ୍କକୁ ପ୍ରଦାନ କରିଛନ୍ତି । ବଳକା ରହିଯାଇଥିବା ୨୮ ହଜାର ୨୧୨ ଜଣ ରଣିଚାଷୀଙ୍କ ଫସଲ ବୀମାରାଶି ଏ ପର୍ଯ୍ୟନ୍ତ ସମବାୟ ବ୍ୟାଙ୍କକୁ ସମ୍ପୃକ୍ତ କମ୍ପାନୀ ପ୍ରଦାନ କରି ନ ଥିବା ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ସୂଚନା ଦେଇଛନ୍ତି । ଏହାସହିତ ଅଣରଣି ଚାଷୀମାନଙ୍କୁ ବୀମା କ୍ଷତିପୂରଣ ମିଳି ନ ଥିବା ସେ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଗତ ଜୁନ୍ ୭ରେ ଅନୁଷ୍ଠିତ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ଘୋର ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ୨୦୧୮ ମସିହାର ଫସଲ ବୀମା କ୍ଷତିପୂରଣ ଟଙ୍କା ପ୍ରଦାନ କରିବାରେ ବୀମା କମ୍ପାନୀ ଅହେତୁକ ବିଳମ୍ବ କରିଥିବା ଏବଂ ମନମୁଖୀ କରୁଥିବା ଆଲୋଚନା କରାଯାଇ ତୁରନ୍ତ ବକେୟା ଫସଲ ବୀମା କ୍ଷତିପୂରଣ ପ୍ରଦାନ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା । ବ୍ୟାଙ୍କ ସଭାପତି ମେହେର ଗତ ୧୮ ତାରିଖ ଦିନ ଚାଷୀମାନଙ୍କୁ ବକେୟା ବୀମା କ୍ଷତିପୂରଣ ପ୍ରଦାନ ଦିଗରେ ସମବାୟ ବିଭାଗ କମିଶନର ତଥା ସଚିବ (ନିବନ୍ଧକ ସମବାୟ ସମୂହ)ଙ୍କ ନିକଟକୁ ଚିଠି ଲେଖି ଜିଲାପାଳଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି । ଜିଲାର ବଙ୍ଗୋମୁଣ୍ଡା ଓ ତୁରେକେଲା ବ୍ଲକରେ ଅନ୍ୟ ବ୍ୟାଙ୍କରୁ ରଣ କରିଥିବା ଚାଷୀମାନେ ଫସଲ ବୀମା ରାଶି ପାଇଥିବାବେଳେ ସମବାୟ ବ୍ୟାଙ୍କ ବାଦ୍ ପଡିଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପୂର୍ବବର୍ଷ ଗୁଡିକରେ ମରୁଡିଗ୍ରସ୍ତ ବ୍ଲକ୍ ଗୁଡିକର ଘୋଷିତ ପଞ୍ଚାୟତର ଚାଷୀମାନଙ୍କ ଫସଲ ବୀମା ରାଶି ଏକକାଳୀନ ମିଳିଥିଲା । ମାତ୍ର ୨୦୧୮ ଖରିଫ ଫସଲ ବୀମାରାଶିକୁ ବିଭିନ୍ନ ବ୍ଲକ୍‌ରେ ଆଂଶିକ ଭାବେ ଦିଆ ଯାଇଛି । ଏହା କିଭଳି ଭାବେ ଓ କେଉଁ ନିୟମରେ କାର୍ଯ୍ୟକାରୀ କରାଯାଉଛି ବୋଲି ମେହେର ପ୍ରଶ୍ନ କରିଛନ୍ତି । ୧୦ଟି ବ୍ଲକ୍‌ର ୨୩୦ଟି ପଞ୍ଚାୟତର ୧୧୨୫ ଗ୍ରାମର ସମସ୍ତ ରଣି ଓ ଅଣରଣି ୩୯ ହଜାର ୫୦୮ ଜଣ ଚାଷୀଙ୍କ ବୀମା ରାଶି ଶୀଘ୍ର ପ୍ରଦାନ କରିବାକୁ ମେହେର ଦାବି ଜଣାଇଛନ୍ତି । ଏ ସମ୍ପର୍କରେ ଖୁବ୍ ଶୀଘ୍ର ମୁଖ୍ୟ ଶାସନ ସଚିବଙ୍କୁ ଭେଟି ମେହେର ଦାବି ଜଣାଇବେ ବୋଲି କହିଛନ୍ତି । ଫସଲ ବୀମାକୁ କୌଣସି କମ୍ପାନୀ ହାତରେ ଟେକି ନ ଦେଇ କେନ୍ଦ୍ର ସରକାର ଏହାକୁ ନିଜ ଅଧୀନରେ ରଖିଲେ ଦେଶର ଚାଷୀମାନେ ଉପକୃତ ହେବେ ବୋଲି ମେହେର ଦାବି କରିଛନ୍ତି।

### ୧୮୯ ଅଭିଯୋଗ ଶୁଣାଣି କଲେ ଜିଲାପାଳ

**ଡୁଙ୍ଗୁରିପାଲି, ୨୨।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ସ୍ଥାନୀୟ ରାଜୀବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣିରେ ନୂତନ ଭାବରେ ଯୋଗଦେଇଥିବା ଜିଲାପାଳ ମୋନିଷା ବାନାର୍ଜୀ ୧୮୯ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୧୬୯ଟି ସାମୂହିକ ଓ ୨୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ସେଥିମଧ୍ୟରୁ ଗୋଟିଏ ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଓ ଗୋଟିଏ ରେଡକ୍ରସ ପାଣ୍ଠି ସହାୟତା ପାଇଁ ଥିଲା । ପାନୀୟ ଜଳ ସମସ୍ୟା, ଚାଷ ଜମିକୁ କେନାଲ ପାଣି ସମସ୍ୟା, ଡୁଙ୍ଗୁରିପାଲି ଡାକ୍ତରଖାନାରେ ଡାକ୍ତର ଅଭାବ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ଆବାସ ଯୋଜନା, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା,ବିଜୁ ପକ୍କାଘର ଆଦି ଅଭିଯୋଗ ଉପରେ ତର୍ଜମା କରି ପଦକ୍ଷେପ ନେବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।




ଭୂମି ଅଧିକାର ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଲୋକେ ଶୋଭାଯାତ୍ରାରେ ଯାଉଛନ୍ତି।

## ଭୂମି ଅଧିକାର ଦାବି

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଟିଟିଲାଗଡ଼,୨୨।୭ (ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିନ୍ଦାବାଦ ସଙ୍ଗଠନ ଏବଂ ସୁକୁନୀପଦର ବନ ବନବିକାଶ କମିଟି ପକ୍ଷରୁ ସୋମବାର ଭୂମି ଅଧିକାର ଦାବିରେ ବିଶାଳ ଶୋଭାଯାତ୍ରା ସହ ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ନେଇ ସ୍ଥାନୀୟ ରେଳ ଷ୍ଟେଶନଠାରୁ ସଙ୍ଗଠନର ସହସ୍ରାଧିକ ପୁରୁଷ ଓ ମହିଳା ଜଙ୍ଗଲ ଜମି ଅଧିକାର ସମ୍ବନ୍ଧୀୟ ପ୍ଲାକାର୍ଡ ତଥା ନାରାବାଜି ସହ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଙ୍ଗଠନର ସଭାପତି ଲୁଚନ ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ନ୍ୟାସନାଲ ଏଲାଏନ୍ସ ଫର ପିପୁଲ୍ସ ମୁଭମେଣ୍ଟ (ଏନଏପିଏମ)ର ରାଷ୍ଟ୍ରୀୟ ଆବାହକ ଲିଙ୍ଗରାଜ ଆଜାଦ, ରାଜ୍ୟ ଆବାହକ ବାଳକୃଷ୍ଣ ଷାଣ୍ଡ, ଜିନ୍ଦାବାଦ ସଂଗଠନର ଉପଦେଷ୍ଟା ତ୍ରିଲୋଚନ ପୁଞ୍ଜି, ସଭ୍ୟ ପ୍ରଭାସ ବାଗ, ଲଖପତି ବାଗ, ତୁରେକେଲା ସଭାପତି ପଞ୍ଚା ମାଝି, ସମ୍ପାଦକ ସୁରୁସିଂ ମାଝି, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଠଣସୁନ୍ଦର ସଗରିଆ, ବନ ଓ ବନଗ୍ରାମ ବିକାଶ କମିଟି, ସୁକୁନୀପଦର ସମ୍ପାଦକ ସଦା ଧରୁଆ, ବନ ଓ ବନଗ୍ରାମ କମିଟି ମୁରିବାହାଲ ବ୍ଲକ ସଭାପତି ଧନମତ ଭୁଏ ପ୍ରମୁଖ ଜଙ୍ଗଲ ବନବାସୀଙ୍କୁ ଜଙ୍ଗଲ ଜମି ଅଧିକାର ନେଇ ଦାବି ଉପସ୍ଥାପନ କରିଥିଲେ। ପରେ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା।

### ୫ ଶ୍ରେଣୀକୁ ଜଣେ ଶିକ୍ଷକ

**ପୁରୁଣାକଟକ, ୨୨।୭(ଡି.ଏନ.ଏ.)**

ହରଭଙ୍ଗା ବ୍ଲକ ବଡ଼ବନ୍ଧ ଗ୍ରାମରେ ସରକାରଙ୍କର ଆଦିବାସୀ ହରିଜନ ଉନ୍ନୟନ ବିଭାଗର ଥିବା ସେବାଶ୍ରମ ଏବେ ଶିକ୍ଷକ ଅଭାବ ଜନିତ ସମସ୍ୟା ଦେଇ ଗତି କରୁଛି। ଜଣେ ଶିକ୍ଷକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀର ପାଠପଢ଼ା ହେଉଛି । ଗତ ଦୁଇବର୍ଷ ହେଲା ଏପରି ଚାଲିଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏଥିଯୋଗୁ ପିଲାଙ୍କ ପାଠପଢା ଗୁରୁତର ବ୍ୟାଘାତ ସୃଷ୍ଟି ହୋଉଛି। ଏପରିସ୍ଥଳେ ସ୍କୁଲରେ ଅଧ୍ୟୟନ କରୁଥିବା ୬୨ଜଣ ଛାତ୍ରୀଛାତ୍ରଙ୍କର ଭବିଷ୍ୟତ ଅନ୍ଧକାର ମଧଦେଇ ଗତି କରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅତିକମ୍‌ରେ ଏହି ସ୍କୁଲ୍‌ରେ ୪ଜଣ ଶିକ୍ଷକ ନିଯୁକ୍ତି କରାଯାଉ । ୭ଦିନ ମଧରେ ଶିକ୍ଷକ ନିଯୁକ୍ତି ନ ହେଲେ ସାର୍ଟିଫିକେଟ୍ ଦେଇ ଛାତ୍ରୀଛାତ୍ରଙ୍କୁ ଅନ୍ୟତ୍ର ନାମ ଲେଖାଇବା ପାଇଁ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଏହି ଦାବିଗୁଡିକ ଅବିଳମ୍ବେ ପୂରଣ କରା ନ ଗଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଶିକ୍ଷକ ଅଭାବ ସମ୍ପର୍କରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାଏକଙ୍କୁ ପଚାରିବାରୁ ଖୁବଶୀଘ୍ର ସେଠାରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି କହିଛନ୍ତି।

### କୋଶଲ ଆନ୍ଦୋଳନ ପାଇଁ ପ୍ରତିନିଧି ଦଳର ଦିଲ୍ଲୀ ଗସ୍ତ ଆଜି

**ବଲାଙ୍ଗୀର ଅଫିସ,୨୨।୭**

କୋଶଲ ଆନ୍ଦୋଳନ ନିର୍ଣ୍ଣାୟକ ମୋଡକୁ ଆସିଥିବାବେଳେ ଏହାକୁ ଆହୁରି କ୍ରିୟାଶୀଳ କରିବା ପାଇଁ କୋସଲ ରାଜ୍ୟ ସମନ୍ୱୟ ସମିତିର ଏକ ୩ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଦିଲ୍ଲୀ ଗସ୍ତ କରିବେ ବୋଲି ସୂଚନା ଦିଆଯାଇଛି। କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ କୋର କମିଟି ନିଷ୍ପତ୍ତିକ୍ରମେ କୋସଲ ରାଜ୍ୟ ଦାବି ସପକ୍ଷରେ ଲବି କରିବା ପାଇଁ ଏହି ୩ ଜଣିଆ ଟିମ୍ ଦିଲ୍ଲୀ ଗସ୍ତ କରୁଛନ୍ତି। କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ କୁମାର ମିଶ୍ରଙ୍କ ନେତୃତ୍ୱରେ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ, ବରିଷ୍ଠ ସଙ୍ଗଠକ ଅବଦୁଲ ଜମାଲ ଖାନ୍ ଓ ଯୁବନେତା ଡୋଳାମଣୀ ପ୍ରଧାନ ଦିଲ୍ଲୀ ଗସ୍ତ କରିବେ। ଦିଲ୍ଲୀରେ ରହଣି କାଳରେ ଏହି ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ ଥିବା ବିଭିନ୍ନ କୋସଲବାଦୀ ସଙ୍ଗଠନ, ନୂଆଁ ରାଜ୍ୟ ଦାବି ନେଇ ଲଢ଼େଇ କରୁଥିବା ଅନ୍ୟ ସଙ୍ଗଠନ, କେନ୍ଦ୍ର ସରକାରଙ୍କ ଉଚ୍ଚ ପଦପଦବୀରେ ଥିବା ରାଜନୈତିକ ବ୍ୟକ୍ତିବିଶେଷ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟି ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ଦାବି ସପକ୍ଷରେ ସହଯୋଗ କାମନା କରିବେ। ପ୍ରବାସୀ କୋସଲାଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ଆନ୍ଦୋଳନ ସହ ଯୋଡି କୋସଲ ଦାବି ସପକ୍ଷରେ ଦିଲ୍ଲୀରେ ଏକ ମହାଗଣଧାରଣା କରାଯିବାର ପ୍ରୟାସ ଚାଲିଥିବା ମଧ ସୂଚନା ଦିଆଯାଇଛି । ପ୍ରତିନିଧି ମଣ୍ଡଳୀ ସେମାନଙ୍କର ସ୍ୱଳ୍ପ ରହଣିକାଳରେ ଦିଲ୍ଲୀରେ କୋସଲ ଆନ୍ଦୋଳନର ଭିତ୍ତିଭୂମି ପ୍ରତିଷ୍ଠା କରିବେ ବୋଲି ସମନ୍ୱୟ ସମିତି କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ ସୂଚନା ଦେଇଛନ୍ତି । ସମନ୍ୱୟ ସମିତି ତରଫରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ଭେଟିବା ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ଏକ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀ ଯିବେ ବୋଲି ନିଷ୍ପତ୍ତି ହୋଇଛି ।

## ଶ୍ରାବଣ ପ୍ରଥମ ସୋମବାର ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖପ୍ରାଖୋଲ,୨୨।୭ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପବିତ୍ର ପୁଣ୍ୟ କ୍ଷେତ୍ର ହରିଶଙ୍କରଠାରେ ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ହଜାର ହଜାର ଶ୍ରଦ୍ଧାଳୁ ପାପନାଶିନୀ ଝରଣାରେ ସ୍ନାନ କରି ପାଣି ଉଠାଇ ଲମ୍ବା ଧାଡିରେ ଛିଡା ହୋଇ ଠାକୁରଙ୍କୁ ଜଳାଭିଷେକ କରିଥିଲେ । ଅନେକ ଶ୍ରଦ୍ଧାଳୁ ଝରଣାରୁ ପାଣି ନେଇ ନିଜ ନିଜ ଅଞ୍ଚଳକୁ ଜଳଲାଗି ପାଇଁ ଲମ୍ବା ଧାଡିରେ ଯାଉଥିବା ମଧ୍ୟ ଦେଖିବାକୁ ମିଳିଥିଲା । ରାତିରୁ ସ୍ନାନ ପାଇଁ ଝରଣାରେ ଭିଡ ହୋଇଥିବାବେଳେ ଝରଣା ଉପରପଟ ବ୍ରିଜ୍ ସଂଯୋଗ ନ ଥିବାରୁ ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମନ୍ଦିର ପରିଚାଳକ ବେଣୁଧର ସାହୁଙ୍କୁ ପଚାରିବାରୁ ପ୍ରଥମ ସୋମବାର ଅବସରରେ ୧୫ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ ହୋଇଛି। ଝରଣା ଉପର ପଟ ବିଦ୍ୟୁତ ସଂଯୋଗ ନେଇ ବିଦ୍ୟୁତ୍ ବିଭାଗକୁ କୁହାଯାଇଛି ବୋଲି କହିଥିଲେ।

# ଚାଉଳ, ଗହମ ପାଇଁ ବ୍ଲକ କାର୍ଯ୍ୟାଳୟ ଘେରାଉ

**ବେଲପଡା,୨୨।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକର ଧୁମାଭଟା ପଞ୍ଚାୟତ ଅଧୀନ ଜଲିଆ ଗାଁର ଅର୍ଦ୍ଧାଧିକ ହିତାଧିକାରୀ ପଞ୍ଚାୟତରୁ ମିଳୁଥିବା ଚାଉଳ, ଗହମ ଆଦି ରାସନ ସାମଗ୍ରୀ ପାଇବାରୁ ଦୀର୍ଘ ୬ମାସ ହେଲା ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯୋଗାଣ ସହାୟକଙ୍କ ଇଚ୍ଛାରେ ପିଡିଏସ ସାମଗ୍ରୀ ବିକ୍ରି କରାଯାଉଥିବା ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଛନ୍ତି। ହେଲେ କେହି ଶୁଣୁ ନାହାନ୍ତି। ଏଣୁ ଏଥବରେ ଅସନ୍ତୋଷ ପ୍ରକାଶ କରି ସୋମବାର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି। ଗ୍ରାମବାସୀ



ଜଲିଆ ଗାଁ ଲୋକେ ବ୍ଲକ୍ ଅଫିସ ଘେରାଉ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

ବେଲପଡା ତାରିଣି ମନ୍ଦିରଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ବ୍ଲକ ଓ ପଞ୍ଚାୟତ କର୍ତ୍ତୃପକ୍ଷ ବରୋଧରେ ନାରାବାଜି କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଘେରାଉ କରିଥିଲେ। ବେଲପଡା ବ୍ଲକ୍ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ତେବେ ଏହି ସମସ୍ୟାର ସମାଧାନ କରିବା ପାଇଁ ବିଡିଓ ବିଜୟ କୁମାର ହୋତା ପ୍ରତିଶ୍ରୁତି ଦେଇଛନ୍ତି। କୁମର ସାହୁ, ବନମାଳି ନାଏକ, କରୁଣାକର ବୁଡେକଙ୍କ ନେତୃତ୍ୱରେ ବ୍ଲକ ଅଫିସ ଘେରାଉ ହୋଇଥିଲା। ଗୋବିନ୍ଦ ସିଂଦେଓ, ଲଳିତ ମୋହନ ରାଉତ, ବାବୁଲୁ ବୁଡେକ ପ୍ରମୁଖ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ।

**ଜଲିଆ ଗାଁ**
- ନିର୍ବାହୀ ଅଧିକାରୀ, ଯୋଗାଣ ସହାୟକଙ୍କ ମନମୁଖି କାରବାର ଅଭିଯୋଗ
- ବ୍ଲକ କର୍ତ୍ତୃପକ୍ଷ କି ସରପଞ୍ଚ କେହି ଅଭିଯୋଗ ଶୁଣୁ ନାହାନ୍ତି

## ଫଟୋରେ ଖବର





ଭାଲିଆମୁଣ୍ଡା ଓ ବୁର୍ଡା ଗାଁର ମହିଳାମାନେ ମଦ କାରବାର ବନ୍ଦ କରିବାକୁ ଦାବି କରି ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଜନ ଶୁଣାଣି ଶିବିରକୁ ଆସିଛନ୍ତି।

### ବୃକ୍ଷରୋପଣ କଲେ ଯୁବକ ସଂଘ

**ଅମରପାଲି, ୨୨।୭ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତର ଗୋବିନ୍ଦପୁର ଏବଂ ଜଟେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗୋଧନେଶ୍ୱର ଶିବ ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଇଛି । ଗୋବିନ୍ଦପୁର ସତ୍ୟସେବକ ଯୁବ କ୍ଲବ ଓ ପତଞ୍ଜଳୀ ଯୁବ ଭାରତ ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ଉକ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ପତଞ୍ଜଳି ଯୁବ ରାଜ୍ୟ ସଦସ୍ୟ ମନୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶରତ ବିଶ୍ୱାଳ, ବିଭୁତି କୁଦେଇ, ଅମିତ ସାହୁ, ସୁବଳ ନାଏକ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ ।

## ସଂକ୍ଷେପରେ



### ପରିତ୍ୟକ୍ତ ଅବସ୍ଥାରେ ବିଶ୍ରାମାଗାର

**ପଲମ,୨୨।୭ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ହାତିଖୋଜ ପଞ୍ଚାୟତସ୍ଥିତ କେନ୍ଦୁବାହାଲି ଛକଠାରେ ଥିବା ବିଶ୍ରାମଗାର ଆଜକୁ ୫ବର୍ଷ ହେଲା ପରିତିକ୍ତ ଅବସ୍ଥାରେ ପଡିରହିଛି। ୧୯୯୮ରେ ହାତିଖୋଜ ଜଳଛାୟା ପ୍ରକଳ୍ପ ଦ୍ୱାରା ନିର୍ମିତ ଏହି ବିଶ୍ରାମଗାରେ ଯାତ୍ରୀମାନେ ରହିବା ପାଇଁ ବିଶେଷ ଅସୁବିଧା ଭୋଗୁଛନ୍ତି। ବସରେ ଯିବାଆସିବା ଯାତ୍ରୀ ତଥା ପଥଯାତ୍ରୀମାନେ ବହୁ ସଂଖ୍ୟାରେ ରାସ୍ତା କଡରେ ବସି ଥିବା ଦେଖିବାକୁ ମିଳୁଛି। ସେହି ଆଖପାଖରେ ଆଶ୍ରୟ ନେବା ପାଇଁ କୌଣସି ଗଁଛଟିଏ ମଧ ନାହିଁ। ଖରା ବର୍ଷାରେ ଯାତ୍ରୀମାନେ ହଇରାଣ ହେଉଛନ୍ତି । ଆଜି ପର୍ଯ୍ୟନ୍ତ ହାତିଖୋଜ ପଞ୍ଚାୟତ କିମ୍ବା ବ୍ଲକସ୍ତରରୁ ବିଶ୍ରାମଗାର ନିର୍ମାଣ ହୋଇନାହିଁ । ଏହି ଛକଟି ହାତିଖୋଜ ଓ ପଲମ ପଞ୍ଚାୟତ ସୀମାରେ ରହିଛି। ବିଭାଗୀୟ କର୍ମଚାରୀମାନେ ଦୃଷ୍ଟି ଦେଇ ତୁରନ୍ତ ନୂତନ ବିଶ୍ରାମାଗାର ନିର୍ମାଣ କରିବା ପାଇଁ ଜନସାଧାରଣ ତଥା ଯାତ୍ରୀମାନେ ଦାବି କରିଛନ୍ତି ।




### ଏବିଭିପିର ବିଭାଗସ୍ତରୀୟ ଅଭ୍ୟାସ ବର୍ଗ

**ଭବାନୀପାଟଣା,୨୨।୭ (ଡି.ଏନ.ଏ.)-** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଳାହାଣ୍ଡି ଓ ନୂଆପଡା ଜିଲାର କାର୍ଯ୍ୟକର୍ତ୍ତାମାନଙ୍କ ଚାଲିଥିବା ୨ ଦିନିଆ ଅଭ୍ୟାସ ବର୍ଗ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜ ବିହାରଠାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗ ଦେଇ ରାଷ୍ଟ୍ର ଗଠନରେ ବିଦ୍ୟାର୍ଥୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପରିଷଦର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ଛାତ୍ର ଶକ୍ତିକୁ ରାଷ୍ଟ୍ର ଶକ୍ତିରେ ପରିଣତ କରି ରାଷ୍ଟ୍ରୀୟ ପୁନର୍ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ । ବିଭାଗ ପ୍ରମୁଖ ଅଶୋକ ସିଂ ଧନ୍ୟବାଦ ଦେଇଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ନୂଆପଡା ଓ କଳାହାଣ୍ଡି ଜିଲାର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗ ସଙ୍ଗଠନ ସମ୍ପାଦକ ସୁଜିତ ନାୟକ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ଅକ୍ଷୟ ଧଙ୍ଗଡାମାଝି, ମୁକେଶ ବେହେରା, ସ୍ୱରାଜ ରାଉଳ, ଶଙ୍କର ପ୍ରଧାନ, ପୁରୁଷୋତ୍ତମ ବିଶି ପ୍ରମୁଖ ପଚିରାଳନା କରିଥିଲେ।

ଫସଲ ବୀମା ପ୍ରଦାନ ଦାବି

# ଚାଷୀଙ୍କ ୨୫ କି.ମି. ସ୍ୱାଭିମାନ ପଦଯାତ୍ରା

■ ଗୋଲାମୁଣ୍ଡାରୁ ଧର୍ମଗଡ ଚାଲିଲେ ଚାଷୀ

**ଗୋଲାମୁଣ୍ଡା,୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ବାଦପଡିଥିବା ଗ୍ରାମପଞ୍ଚାୟତଗୁଡିକୁ ୨୦୧୮-୧୯ର ଫସଲ ବୀମା ଟଙ୍କା ପ୍ରଦାନ ଦାବିରେ ସୋମବାର ଚାଷୀଙ୍କ ସ୍ୱାଭିମାନ ପଦଯାତ୍ରା କରାଯାଇଛି। ଗୋଲାମୁଣ୍ଡା ବ୍ଲକ କିଷାନ ସଂଘ ଡାକରାରେ ବ୍ଲକର ଚାଷୀ ଗୋଲାମୁଣ୍ଡାଠାରୁ ଧର୍ମଗଡ ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୀର୍ଘ ୨୫ କି.ମି. ରାସ୍ତା ପଦଯାତ୍ରା କରିଛନ୍ତି । ଯଦି ଯଥାଶୀଘ୍ର ଫସଲବୀମା ଟଙ୍କା ପ୍ରଦାନ ନ କଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବା ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ଗୋଲାମୁଣ୍ଡା ଏକ କୃଷୀ ପ୍ରଧାନ ବ୍ଲକ। ଏଠି ୮୦ % ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭର କରଥାନ୍ତି। ଗତ ୨୦୧୮ରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗୋଲାମୁଣ୍ଡା ବ୍ଲକରେ ମରୁଡି ହୋଇଥିଲା। ଚାଷୀ ୨୦୧୮ରେ ମରୁଡିର ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଓ ବୀମା କମ୍ପାନୀ ରୋୟାଲ ସୁନ୍ଦରମ ମିଳିତ ଭାବେ ଗ୍ରାମପଞ୍ଚୟତଗୁଡିକର ଚାଷୀମାନଙ୍କ ଚାଷ ଜମିକୁ ଯାଇ କ୍ରପ କଟିଙ୍ଗ କରିଥିଲେ ଏବଂ ଶସ୍ୟ ବୀମା ପ୍ରିତିଶତ ବାହାର କରିଥିଲେ । ରାଜ୍ୟ ସରକାର ମଧ ଏହି ଅଞ୍ଚଳକୁ ମରୁଡି ଘୋଷଣା କରି ଇନପୁଟ ସବସିଡି ଓ ପ୍ୟାକେଜ ଘୋଷଣା କରିଥିଲେ। କିନ୍ତୁ ଆଜକୁ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଚାଷୀଙ୍କୁ ଫସଲ ବୀମା ଟଙ୍କା ମିଳିନାହିଁ । ବ୍ଲକର ଗୋଲାମୁଣ୍ଡା, ଗଣ୍ଡାମେର, ଉଦେଶୃଙ୍ଗ ଓ ବୋରଭଟା ଗ୍ରାମପଞ୍ଚାୟତକୁ ୨୦୧୮-୧୯ର ଫସଲବୀମା ଟଙ୍କା ପ୍ରଦାନ ଓ ବ୍ଲକର ୯ଟି ଗ୍ରାମପଞ୍ଚୟତ ମାନଝରୀ, ବୃନ୍ଦବାହାଲ, ଚପ୍ରିଆ, କେଗାଁ, ସିନାପାଲି, ମହାଲିଙ୍ଗ, ନୂଆଗାଁ, ଉଛୁଲା ଓ ଚହକା ଗ୍ରାମପଞ୍ଚାୟତର ୨୦୧୮-୧୯ର ଫସଲବୀମା ପ୍ରତିଶତକୁ ପୁନଃ ମୂଲ୍ୟାୟନ କରି ଗ୍ରାମପଞ୍ଚୟତଗୁଡିକୁ ଫସଲ ବୀମା ଟଙ୍କା ପ୍ରଦାନ କରିବା ଦାବିରେ ଏହି ସ୍ୱାଭିମାନ ପଦଯାତ୍ରା କରାଯାଇଛି ।

ଗୋଲାମୁଣ୍ଡା ବ୍ଲକ କିଷାନ ସଂଘ ଡାକରରେ ବ୍ଲକର ଚାଷୀ ଗୋଲାମୁଣ୍ଡାଠାରୁ ଧର୍ମଗଡ ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା ଦୀର୍ଘ ୨୫ କି.ମି. ରାସ୍ତା ଚାଷୀ ସ୍ୱାଭିମାନ ପଦଯାତ୍ରା କରି ଧର୍ମଗଡ ଉପଜିଲପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସହେଯାଗୀ ଜିଲାପାଳ ହରେକଷ୍ଣ ବରିହାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ମାନଝରୀ ସରପଞ୍ଚ ଗିରିଧାରୀ ତେଜି, ପ୍ରଶନ୍ନ ରାଉତ, ରାହାସ ବିହାରୀ ନାଏକ, ଜଗୁ ପ୍ରସାଦ ରାଉତ, ରାହାସ ମଙ୍ଗାରଜ, ଦେବରାଜ ରାଉତ, ବିଷ୍ଣୁ ଚନ୍ଦ୍ର ପଣ୍ଡା, ସୁବାଷ ଚନ୍ଦ୍ର ରାଉତ, ବୃଷଭ ନାଏକ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଶୁକଦେବ ମାଝି, ଜନ୍ମେଜୟ ମାଝି, ଗୁପ୍ତେଶ୍ୱର ସେଠୀଆ, ରମେଶ ଅଗ୍ରୱାଲ, ପଲଉ ଅଗ୍ରୱାଲ, ଶରତ ଚନ୍ଦ୍ର ରଣା, ମହାବୀର ବଗର୍ତ୍ତୀ, କୁଶ ମାଝିଙ୍କ ସମେତ ଶତାଧିକ ଚାଷୀ ପଦଯାତ୍ରାରେ ସମିଲ ହୋଇଥିଲେ।




ଚାଷୀମାନେ ସ୍ୱାଭିମାନ ପଦଯାତ୍ରା କରି ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି ।

# ଲଡୁଗାଁ କଲେଜରେ ତମାଖୁ ନିବାରଣ ସଚେତନତା କାର୍ଯ୍ୟକ୍ରମ

**କୋକସରା,୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁ କଲେଜ ପରିସରଠାରେ ସୋମବାର ନିଶା ନିବାରଣ ଓ ତମାଖୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲଡୁଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଯୁକ୍ତ ୨ ଯୁବ ରେଡକ୍ରସ ଓ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ କଲେଜର ଅଧ୍ୟାପକ୍ଷ ଡ. ନିହାରକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପାପ୍ତ ଶିକ୍ଷକ ବନମାଳି ମାଝି, ସମ୍ମାନିତ ଅତିଥି କୋକସରା ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା ଓ ବ୍ଲକ ସଂଯୋଜକ ଏମ. ରାଜଶେଖର ଯୋଗଦେଇ ନିଶା ସେବନ ଓ ତମାଖୁ ସେବନର କୁପରିଣାମ ଓ ନିରାକରଣ ସହ ଆଇନରେ ଥିବା ଦଣ୍ଡବିଧାନ ବିଷୟରେ ଆଲୋକପାତ କରିଥିଲେ । ସେହିପରି ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ସଞ୍ଜୟ ପୁରୋହିତ ସ୍ୱାଗତ ଭାଷଣ ସହ କର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତମାଖୁକୁ ବର୍ଜନ କରି ଏକ ତମାଖୁମୁକ୍ତ ସମାଜ ଗଠନ କରିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ତମାଖୁ ନିବାରଣ ତଥା ତମାଖୁ ସେବନା ଦ୍ୱାରା ସ୍ୱାସ୍ଥ୍ୟରେ ତାର କୁପ୍ରଭାବ ଉପରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। କୁଇଜ ପ୍ରତିଯୋଗିତାରେ ଅଲିଭା ଦାସ, ଟିକଚନ ରଣା, ମଦନ ହଂସ ମୁଖ୍ୟଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରେମାନନ୍ଦ ସାହା ଓ ଅଧ୍ୟାପିକା କଲ୍ୟାଣୀ ମହାନ୍ତି ଛାତ୍ରୀଛାତ୍ରମାନଙ୍କୁ ତମାଖୁରୁ ଦୂରେଇ ରହିବା ପାଇଁ ସଚେତନ କରିଥିଲେ। ଅଧ୍ୟାପକ ହେମନ୍ତ ସେନାପତି, ଶଙ୍କର ସତନାମି, ଭାରତ ଠାକୁର, ତୁଳସୀ ବାଗ, ଭାନୁମତି ଢ଼ାଝି, ବିଭୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶାନ୍ତ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।




ତମାଖୁ ନିବାରଣ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

# ୧୭୨ ଅଭିଯୋଗ ପଞ୍ଜୀକୃତ

**କର୍ଲାମୁଣ୍ଡା,୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବା ଭାବନଠାରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗାଭାଲି ପରାଗ ହର୍ଷଦ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ମହାନ୍ତ, ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ଭଞ୍ଜଦେଓ, ଜିଲା ଶିକ୍ଷା ଅଧିକାରୀ, କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ବ୍ଲକ ଅଧକ୍ଷା ଅମ୍ରିତା ସାହୁ, ଉପାଧକ୍ଷ ଆନନ୍ଦିନୀ ଭୋଇ, ଏଏଇ ଗୌରାଙ୍ଗ ମାଝି, କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଆଲୁମାଲୁ ଭୀମରାଓ ପ୍ରମୁଖଙ୍କ ଉପସ୍ଥିତିରେ ୧୭୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ପେନସନ୍ ପାଇଁ ଆବେଦନ କରିଥିବା ହିତାଧିକାରୀମାନଙ୍କୁ ମଧ ୧୭ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ପେନସନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଆରଡି, ପିଡବ୍ଲ୍ୟୁଡି, ଉଦ୍ୟାନ ବିଭାଗ, କୃଷି ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ବନ ବିଭାଗ, ମୃତ୍ତିକା ସଂରକ୍ଷଣ, ଅବକାରୀ ବିଭାଗ ଓ ଅନ୍ୟାନ୍ୟ ବିଭାଗ ପଦାଧିକାରୀମାନେ ଯୋଗଦେଇଥିଲେ।



ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ପାଇଁ ପଞ୍ଜୀକରଣ ଚାଲିଛି।

### ଶୁଖିଲା ଗଛ ପଡ଼ି ବାଇକ୍ ଆରୋହୀ ଗୁରୁତର

**ଭବାନୀପାଟଣା,୨୨।୭ (ଡି.ଏନ.ଏ.)**

ରାସ୍ତା କଡରେ ଥିବା ଏକ ଶୁଖିଲା ଗଛ ପଡି ଜଣେ ବାଇକ୍ ଆରୋହୀ ଗୁରୁତର ହୋଇ ପଡିଛନ୍ତି। ଆହତ ଜଣକ ହେଲେ ମରାଜୋର ଗ୍ରାମର ଦିଲୁ କନ୍ଦପାନ (୪୦)। ସେ ଜୁନାଗଡରୁ ଭବାନୀପାଟଣା ଯାଉଥିବା ବେଳେ ବାଦଲି ନିକଟରେ ତାଙ୍କ ଉପରେ ହଠାତ୍ ଶୁଖିଲା ଗଛ ପଡିଯାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାସ୍ତା କଡ଼ରେ ଥିବା ସୁଖିଲା ଗଛକୁ ବନ ବିଭାଗ ନ କାଟିବା ଯୋଗୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହେଉଛି। ରାସ୍ତା ଉପରେ ଯେତେ ସୁଖିଲା ଗଛ ଅଛି ସବୁକୁ ତୁରନ୍ତ ହଟାଇବାକୁ ବୁଦ୍ଧିଜିବୀ ମହଲରୁ ମତ ପ୍ରକାଶ ପାଇଛି ।

# ଶ୍ରାବଣର ପ୍ରଥମ ସୋମବାର ଶୈବପୀଠରେ ଭକ୍ତଙ୍କ ଭିଡ଼

**ତୁଣ୍ଡଲା,୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଶୈବପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ବୋଲବମ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। କାନ୍ଧରେ ଜଳଭାରା ଆଉ ତୁଣ୍ଡରେ ବୋଲବମ ହର ହର ବମ, ଭୋଲା ବାବା ପାର କରେଗା ଧ୍ୱନୀ ଦେଇ ଖାଲି ପାଦରେ ଚାଲି ଚାଲି ହଜାର ହଜାର ବୋଲବମ ଭକ୍ତଙ୍କ ସୋମବାର ସକାଳେ ଶୈବପୀଠରେ ପହଞ୍ଚିଥିଲେ। ଶୈବପୀଠରେ କାଉଡିଆମାନେ ଲମ୍ବା ଲାଇନ ଦେଇ ଜଣକ ପରେ ଜଣେ ବାବାଙ୍କୁ ଜଳଲାଗି କରିଥିଲେ।



ବେଲଖଣ୍ଡି ଶୈବପୀଠରେ ବୋଲବମଭକ୍ତମାନେ ପାଣି ଢାଳି ପାଇଁ ଲାଇନରେ ଅଛନ୍ତି ।

# ନକଲି ଶିକ୍ଷକ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଆରମ୍ଭ

**କର୍ଲାମୁଣ୍ଡା,୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ସୋମବାର ନକଲି ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପକ୍ରିୟା ଆରମ୍ଭ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଆଲୁମାଲୁ ଭୀମରାଓଙ୍କ ନେତୃତ୍ୱରେ ପ୍ରଥମ ପର୍ଯ୍ୟାୟରେ କର୍ଲାମୁଣ୍ଡା ଓ ତେରେସିଂହା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ସମସ୍ତ ପ୍ରମାଣପତ୍ର ଯାଞ୍ଚ କରାଯାଇଛି। ଏହି ଯାଞ୍ଚ ପକ୍ରିୟାକୁ ଏବିଇଓ ସୁରେନ୍ଦ୍ର ସୁନା, ରାଧାମୋହନ ପାଢୀ ପରିଚାଳନା କରିଥିଲେ। ଆସନ୍ତା ୨୪ରେ ରେଗେଡା, ରେଙ୍ଗାଲି, ୨୫ ତାରିଖ ଯୋରାଡବ୍ରା, ଗଜବାହାଲ, ୨୪ରେ ପୌରକେଲା ଓ ରିଷିଡା କ୍ଲଷ୍ଟର ଶିକ୍ଷକମାନଙ୍କ କାଗଜପତ୍ର ଯାଞ୍ଚ ହେବାକୁ ଥିବା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଖବର ଲେଖା ପର୍ଯ୍ୟନ୍ତ ୨୭ ଜଣ ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ହୋଇଥିବା ଜଣାପଡିଛି।

# ଉପନ୍ୟାସ 'ବସୁନ୍ଧରାର କୋହ' ଉନ୍ମୋଚିତ

**ଭବାନୀପାଟଣା,୨୨।୭ (ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭା ଗୃହରେ ବିଶିଷ୍ଟ ଔପନ୍ୟାସିକ ରାସବିହାରୀ ବେହେରାଙ୍କ ପଞ୍ଚମ ଉପନ୍ୟାସ 'ବସୁନ୍ଧରାର କୋହ'ର ଉନ୍ମୋଚନ ରବିବାର ହୋଇଯାଇଛି। ସଞ୍ଜୟ କୁମାରଙ୍କ ସ୍ୱାଗତ ଭାଷଣ ପରେ ଦାଦନ ସମସ୍ୟା ଉପରେ ଆଧାରିତ ଏହି ଲୋକାର୍ପିତ ଉପନ୍ୟାସର ଭାବବସ୍ତୁ ଓ କଥାବସ୍ତୁକୁ ନେଇ ସମୀକ୍ଷା ଦାଶରଥୀ ଆଚାର୍ଯ୍ୟ, ଅଖିଳ ନାୟକ ଓ ପରମେଶ୍ୱର ମୁଣ୍ଡ ବିଭିନ୍ନ ଦୃଷ୍ଟିଭଙ୍ଗୀରୁ ସମୀକ୍ଷା କରି ଉପନ୍ୟାସକୁ ଓଡିଆ ସାହିତ୍ୟ ଭଣ୍ଡାରର ଏକ ଅନନ୍ୟ କୃତୀ ବୋଲି ମତବ୍ୟକ୍ତ କରିଥିଲେ। କଳାହାଣ୍ଡିର କୃଷୀ ଜୀବୀର ଜୀବନଚର୍ଯ୍ୟା ଓ ପରିଣତି ସ୍ୱରୂପ ଦାଦନ ଖଟିଯିବା ତଥା ନିର୍ଯାତିତ ହେବା ବିଷୟରେ ଆଧାରିତ ଏହି ଉପନ୍ୟାସରେ ପଲ୍ଲୀ ଜୀବନଚର୍ଯ୍ୟା, ଲୋକ ସଂସ୍କୃତିରେ ସଂଯୋଗ ହେବା ସହ ସାମ୍ପ୍ରତିକ ରାଜନୈତିକ ବ୍ୟବସ୍ଥା ପ୍ରତି ମଧ କଟାକ୍ଷ କରାଯାଇଥିବା ବିଷୟ ଆଲୋକପାତ କରିଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ତଥା ଓଡିଶା ସାହିତ୍ୟ ଏକାଡେମି ସଭ୍ୟ ଜୟନ୍ତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ଡକ୍ଟର ଉମେଶ ଚନ୍ଦ୍ର ଶତପଥୀ। ଉନ୍ମୋଚନ ଉତ୍ସବରେ ପ୍ରଫେସର ଗୋପବନ୍ଧୁ ବେହେରା, ସୁରେଶ ଚନ୍ଦ୍ର ନେଗୀ, ଜଗନ୍ନାଥ ମୁଣ୍ଡ, ଯାଜ୍ଞସେନୀ ସାହା, ସତ୍ୟ ପଟ୍ଟନାୟକ, ପଦ୍ମଲୋଚନ ମିଶ୍ର, ନିହାର ପଣ୍ଡା, ସୋହନ ଲାଲ ଅଗ୍ରୱାଲ ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସହାୟତା କରିଥିଲେ ସୁରେଶ ଥନାପତି ଏବଂ ପବିତ୍ର ଗହୀର। ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ଲିଙ୍ଗରାଜ ପାତ୍ର।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପ୍ରସନ୍ନଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ଘଟଣା

# ଅନ୍ଧାର କୋଠରିରୁ ଉଦ୍ଧାର କଲା ପ୍ରଶାସନ

■ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଲା

**ଭବାନୀପାଟଣା/କୋକସରା, ୨୨।୭ (ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରଣମାଳ ପଞ୍ଚାୟତ ଭୁର୍ଷିଗୁଡା ଗ୍ରାମର ପ୍ରଶନ୍ନ ଖର୍ସେଲ (୩୦) ଗତ ବର୍ଷେ ହେବ ଅନ୍ଧାର କୋଠରିରେ ଶିକୁଳିରେ ବନ୍ଧା ହୋଇ ଅଭିଶପ୍ତ ଜୀବନ ବିତାଉଥିଲେ। ଅର୍ଥଭାବରୁ ତାଙ୍କ ଚିକିତ୍ସା ହୋଇପାରୁ ନ ଥିଲା। ଫଳରେ ତାଙ୍କ ପରିବାରବର୍ଗ ଚିନ୍ତାରେ ରହିଥିଲେ। ଏହି ଘଟଣାକୁ ନେଇ ରବିବାର ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ବ୍ଲକ ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି। ଜୟପାଟଣା ବିଡିଓ ଐଶର୍ଯ୍ୟା ସାମନ୍ତରାୟ ଘଟଣାକୁ ଗୁରୁତ୍ୱର ସହ ନେଇ ବ୍ଲକ ସମାଜ ମଙ୍ଗଳ ଅଧିକାରୀ କୈକେୟୀ ମାଝିଙ୍କୁ ଘଟଣାର ତଦନ୍ତ ପାଇଁ ପଠାଇଥିଲେ। ଜୟପାଟଣା ଡାକ୍ତର ସୋମନାଥ ମେହେରଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଭୁର୍ଷିଗୁଡାକୁ ଯାଇ ମାନସିକ ରୋଗୀ ପ୍ରଶନ୍ନଙ୍କୁ ଅନ୍ଧାକାର କୋଠରିରୁ ଉଦ୍ଧାର କରି ପ୍ରଥମେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଏବେ ପ୍ରଶନ୍ନଙ୍କ ଚିକିତ୍ସା ଚାଲିଛି। ପ୍ରଶନ୍ନଙ୍କୁ କଟକ ବଡ ମେଡିକାଲକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଥିବା ନେଇ ସୂଚନା ମିଳିଛି। ପ୍ରକାଶ ଯେ, ଗତ ୨ବର୍ଷ ତଳେ ପ୍ରଶନ୍ନଙ୍କୁ ଜ୍ୱର ହୋଇଥିଲା। ସେହି ସମୟରେ ଉପଯୁକ୍ତ ଚିକିତ୍ସା ଅଭାବରୁ ତାଙ୍କର ମାନସିକ ସ୍ଥିତି ବିଗିଡିବାକୁ ଲାଗିଲା। ପ୍ରଥମେ ତାଙ୍କର ଚିକିତ୍ସା ସାମୟିକ ଭାବେ କରାଯାଇଥିବା ବେଳେ ପରିବାରର ଆର୍ଥିକଭାବ ହେତୁ ପ୍ରଶନ୍ନଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିଲା। କୌଣସି ଉପାୟ ନ ପାଇଁ ପରିବାରବର୍ଗ ପ୍ରଶନ୍ନଙ୍କ ଗୋଡ ଓ ହାତରେ ଲୁହା ଶିକୁଳି ଲଗାଇ ଦେଇଥିଲେ। ସେହିଦିନଠାରୁ ଏକ ଅନ୍ଧାରୁଆ କୋଠରୀରେ ପ୍ରଶନ୍ନ ଅଭିଶପ୍ତ ଜୀବନ ବିତାଉଥିଲେ।

ଧରିତ୍ରୀ ପ୍ରଭାବ



ଡାକ୍ତରଖାନାରେ ପ୍ରସନ୍ନଙ୍କ ଚିକିତ୍ସା ଚାଲିଛି ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।

- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

ବଣ୍ଟି ଅଗ୍ରୱାଲ ଫଲ୍ସ ଟିଡିଆର ମାମଲା

### ଖଡିଆଳ କୋର୍ଟରେ ଶୁଣାଣି ଆରମ୍ଭ

**ନୂଆପଡା ଅଫିସ/ଖଡିଆଳ,୨୨।୭**

ବହୁ ଚର୍ଚ୍ଚିତ ଟିଡିଆର ମାଫିଆ ବଣ୍ଟି ଅଗ୍ରୱାଲଙ୍କ ବିରୋଧରେ ଚାଲିଥିବା ମାମଲାଗୁଡିକର ଖଡିଆଳ ଜେଏମଏଫସି କୋର୍ଟରେ ଶୁଣାଣି ଆରମ୍ଭ ହୋଇଛି । ସୋମବାର ହୋଇଥିବା ଶୁଣାଣିରେ ସାକ୍ଷ୍ୟମାନଙ୍କ ବୟାନ ଗ୍ରହଣ କରାଯାଇଥିଲା। ଏଥିରେ ବିଶେଷ କରି ପୋଲିସ ତରଫରୁ ହୋଇଥିବା ମାମଲା (ନଂ. ୪୬୪/୧୮) ଏବଂ କ୍ରାଇମବ୍ରାଞ୍ଚ ତରଫରୁ ହୋଇଥିବା ମାମଲା (ନଂ. ୪୫୭/୧୭)ର ଶୁଣାଣି ହୋଇଥିଲା । ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ମେଗା ରାସ୍ତା ନିର୍ମାଣ ଯୋଜନା ବିଜୁ ଏକ୍ସପ୍ରେସ କାମରେ ୨ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର କାମରେ ମିଥ୍ୟା ଟିଡିଆର ଦାଖଲ କରି କଳାହାଣ୍ଡିର ବଣ୍ଟି ଅଗ୍ରୱାଲ ମାଲାମାଲ ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ କଳାହାଣ୍ଡି, ବରଗଡ, ବଲାଙ୍ଗୀର ଏବଂ ନୂଆପଡା ଜିଲାରେ ଭିନ୍ନ ଭିନ୍ନ ମାମଲା ରୁଜୁ ହୋଇଥିଲା। ନୂଆପଡା ପୋଲିସ ରାଜ୍ୟ ବାହାରୁ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ବିଜୁ ଏକ୍ସପ୍ରେସରେ ୩ଟି କାମରେ ୩୫ ଲକ୍ଷ ୫ ହଜାର ଟଙ୍କାର ମିଥ୍ୟା ଟିଡିଆର ଦାଖଲ କରିଥିବା ମାମଲା ଶୁଣାଣି ହୋଇଥିଲା । ଏଥିରେ ସରକାରଙ୍କ ତରଫରୁ ଏପିପି (ଯୁବ କ୍ୟାଡର) ଅଖମଲ ସରିଫ ଏବଂ ଆଦିତ୍ୟ ମହାପାତ୍ର ପରିଚାଳନା କରୁଥିଲେ । ଭୁବନେଶ୍ୱର କ୍ରାଇମବ୍ରାଞ୍ଚ ତରଫରୁ ଏପିପି ମାନସ ରଞ୍ଜନ ବେହେରା ଅନ୍ୟଏକ ମାମଲକୁ ପରିଚାଳନା କରୁଥିଲେ। ଏଥିରେ ଜେଏମଏଫସି ମାଜିଷ୍ଟ୍ରେଟ ଶ୍ରଦ୍ଧା ମାଣ୍ଡୋଟିଆ ଶୁଣାଣି କରିଥିଲେ ।

### ବିଭିନ୍ନ ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼

**ଲାଞ୍ଜିଗଡ,୨୨।୭(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଶୈବପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାରରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ବୋଲବମ୍ ଭକ୍ତମାନେ ନୂଆ ଉତ୍ସାହ ଉଦ୍ଦୀପନା ଓ ଭକ୍ତି ସହକାରେ ପବିତ୍ର ପାଣି ନେଇ ନିଜ ଅଞ୍ଚଳର ଶିବ ମନ୍ଦିରରେ ଜଳାଭିଷେକ କରିଛନ୍ତି । ବିଶେଷ କରି ଶ୍ରାବଣ ମାସରେ ବ୍ଲକର ଲାଞ୍ଜିଗଡ, ବିଶ୍ୱନାଥପୁର, ଲଙ୍ଗଲବେଡା, ସିନ୍ଧିପଦର, ଲାଞ୍ଜିଗଡ ରୋଡ, ଡଙ୍ଗାଜୋର ଆଦି ବିଭିନ୍ନ ଶୈବ ପୀଠଗୁଡିକରେ ବୋଲବମ୍ ଭକ୍ତଙ୍କ ଅଧିକ ସମାଗମ ହୋଇଥିଲା । ଲାଞ୍ଜିଗଡ଼ ବୋଲବମ୍ ଭକ୍ତମାନେ ବଂଶଧାରା ନଦୀରୁ ଜଳ ଉଠାଇ ବସନ୍ତପଡ଼ା ଶୈବପୀଠରେ ଜଳାଭିଷେକ କରି ପୂଜାର୍ଚ୍ଚନା କରିଥିଲେ।

ଜମି ଜଙ୍ଗଲ ମୁକ୍ତି ଅଭିଯାନର ବୋଡେନ, ସିନାପାଲି ବ୍ଲକ ଘେରାଉ

# ଜଙ୍ଗଲ ଅଧିକାର ସହ ଚାଷୀଙ୍କ ଦାବି ତେଜିଲା

**ନୂଆପଡାଅଫିସ/ସିନାପାଲି/ବୋଡେନ, ୨୨।୭ (ଡି.ଏନ.ଏ.)**

ସରକାର ଜଙ୍ଗଲ ଜମିରେ ବାସ କରୁଥିବା ବନବାସୀ ଆଦିବାସୀମାନଙ୍କୁ ସ୍ୱାତାଧିକାର ଦେବା ସହ ଜମି ପଟ୍ଟା ପ୍ରଦାନ ବ୍ୟବସ୍ଥା କରିବାକୁ ଘୋଷଣା କରିଛନ୍ତି । ହେଲେ ତାହା ଦୀର୍ଘ ଦିନ ପରେ ମଧ୍ୟ ହଜାର ହଜାର ବନବାସୀ ପରିବାର ବଞ୍ଚିତ ରହୁଛନ୍ତି । ସେମାନଙ୍କୁ ସାଧାରଣ ସୁବିଧା ଉପଲବ୍ଧ ହେଉ ନ ଥିବାରୁ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଛି । ଏସବୁ ଦାବିକୁ ନେଇ ସୋମବାର ଜମି ଜଙ୍ଗଲ ମୁକ୍ତି ଅଭିଯାନ ତରଫରୁ ଶତାଧିକ ବନବାସୀ ଆଦିବାସୀ ପରିବାର ଶୋଭାଯାତ୍ରାରେ ଆସି ସିନାପାଲି ବ୍ଲକ ଏବଂ ବୋଡେନ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ଭଇଁଷାଦାନୀ ଗ୍ରାମପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ତଥା ଆଇନଜୀବୀ ହୀରାଧର ମାଝୀଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ମହିଳା ପୁରୁଷମାନେ ପୂର୍ବାହ୍ନ ୧୧ଟାରେ ଏକ ଶୋଭାଯାତ୍ରାରେ



ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।



ବୋଡେନ ବ୍ଲକ କାର୍ଯ୍ୟାଳୟକୁ ଆଦିବାସୀମାନେ ଘେରାଉ କରିଛନ୍ତି ।

#### ବ୍ଲକ ଅଫିସ ସମ୍ମୁଖରେ ଧାରଣା

ବାହାରି ସହର ପରିକ୍ରମା କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟ ନିକଟରେ ଠୁଳ ହୋଇଥିଲେ। ବ୍ଲକ ଗେଟ ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହିକ୍ରମରେ ଜଙ୍ଗଲ ଜମି ଅଧିକାର ଦେବାରେ ପ୍ରଶାସନ ବିଫଳ ରହୁଛି । ଦୀର୍ଘ ବର୍ଷ ପରେ ମଧ୍ୟ ଆଦିବାସୀ ବନବାସୀଙ୍କୁ ଅଧିକାର ମିଳିପାରୁନାହିଁ । ସରକାର ସୁନାବେଡାକୁ ଅଭୟାରଣ୍ୟ ଭାବେ ଘୋଷଣା କରିଛନ୍ତି। ହେଲେ ଏହାକୁ କାର୍ଯ୍ୟକାରୀ କଲେ ଏହି ଉପତ୍ୟକାରେ ଥିବା ୧୨ଖଣ୍ଡ ଗ୍ରାମପଞ୍ଚାୟତର ୩୦ଖଣ୍ଡ ଗାଁବାସୀଙ୍କ ଜୀବନଜିବିକା ପ୍ରଭାବିତ ହେବ। ଲୋକେ ପୁରୁଷାନୁକ୍ରମେ ଜଙ୍ଗଲ ଜାତ ଦ୍ରବ୍ୟ ବ୍ୟବହାର କରି ପରିବାର ପ୍ରତିପୋଷଣ କରୁଥିଲେ । ତାହା ପ୍ରଭାବିତ ହେବ । ବର୍ତ୍ତମାନ ପାଟଦର୍ହା ଏବଂ କାଠଫେର ଅଞ୍ଚଳରେ ୨୮ଗୋଟି ହାତୀ ଆସି ଉପଦ୍ରବ କରୁଛନ୍ତି । ଲୋକେ ଭୟଭୀତ ହୋଇ ଘରୁ ବାହାରୁନାହାନ୍ତି। ଅନ୍ୟପକ୍ଷେ ଫସଲ ନଷ୍ଟ ହେଉଛି । ଏହା ଉପରେ ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି । ୨୦୧୭ରେ ମରୁଡି ହୋଇଥିବାବେଳେ ସେତେବେଳର ଫସଲ ବୀମା ରାଶି ଅଦ୍ୟାବଧି ମିଳିନାହିଁ। ତାକୁ ତୁରନ୍ତ ପ୍ରଦାନ କରାଯିବାକୁ ଦାବି ହୋଇଛି । ନିର୍ମାଣ ଶ୍ରମିକମାନଙ୍କୁ ଆବାସ ଯୋଗାଇଦେବା ବ୍ୟବସ୍ଥା ଥିଲେ ମଧ୍ୟ ତାହା ଦିଆଯାଉ ନ ଥିବାରୁ ଲୋକେ ବଞ୍ଚିତ ରହୁଛନ୍ତି। ଏହା ଉପରେ ଜିଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି । ଜଙ୍ଗଲ ଇଲାକାରେ ରହୁଥିବା ଆଦିବାସୀମାନେ କେନ୍ଦୁ ପତ୍ର ତୋଳାଳୀ ଭାବରେ କାମ କରି ବୋନସ ରାଶି ପାଉନାହାନ୍ତି । ଏହା ଦେବାକୁ ଅନୁରୋଧ କରାଯାଇଛି। ନିକଟରେ ସୁପ୍ରିମକୋର୍ଟ ଦେଇଥିବା ଜଙ୍ଗଲ ଜମିରୁ ଉଚ୍ଛେଦ ଆଦେଶକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଏ ସମ୍ପର୍କୀତ ଏକ ଦାବିପତ୍ର ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ପ୍ରଦାନ କରାଯାଇଛି । ସେହିପରି ସିନାପାଲି ଜଙ୍ଗଲ ଜମି ମୁକ୍ତ ଆନ୍ଦୋଳନ ସଂଯୋଜକ ମେଘନାଦ ଖର୍ସେଲଙ୍କ ନେତୃତ୍ୱରେ ହନୁରାମ ମାଝି, ଚୈତନ୍ୟ ମାଝି, ପିତିରାଜ ଭୋଇ, ଅନୁର ଭୋଇ, ଯୁଧିଷ୍ଠିର ମାଝି, ଅକାଳ ମାଝି, ସହଦେବ ମାଝିଙ୍କ ସହିତ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ବନବାସୀ ସିନାପାଲି ପଲ୍ଲି ଜାଗରଣ ଅଫିସ ଆମ୍ବତୋଟାଠାରୁ ଏକ ବିରାଟ ରାଲିରେ ବାହାରି ଥାନା ଛକ ଓ ତହସିଲ ଅଫିସ ଛକ ଦେଇ ସିନାପାଲି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ସିନାପାଲି ପୋଲିସ ତରଫରୁ ୧ ସେକସନ ଫୋର୍ସ ମୂତୟନ କରାଯାଇଥିଲା ।

### ରଜନା କଛାର, ବୋଲଦା ଅଞ୍ଚଳରେ ହାତୀ ଉପଦ୍ରବ

**କୋମନା,୨୨।୭ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ରଜନା କଛାର ଓ ବୋଲଦା ଅଞ୍ଚଳରେ ରବିବାରଠାରୁ ଏକ ହାତୀପଲ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁସାରେ ବୋଡେନ ବ୍ଲକ ପାଟଦରା ଓ ଛତିଶଗଡ ସୀମାନ୍ତ ଅଞ୍ଚଳରୁ ୨୯ଟି ହାତୀ ଆସି ବିଭିନ୍ନ ପ୍ରକାର ଫସଲ ନଷ୍ଟ କରୁଛନ୍ତି । ବିଶେଷ କରି ରଜନା ଓ କାଲିମାଟି ଅଞ୍ଚଳରେ ତଳିପକା ଧାନ ଗଜା ମାଡି ଚାଷ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତିଦ। ପ୍ରକାଶଥାଉକି, ଗତ ୨ ମାସ ହେବ ଏହି ହାତୀପଲ ବାରମ୍ବାର କୋମନା ବ୍ଲକ ତାଣ୍ଡେଲପାହାଡ, କୋନାବିରା, ତୁମେରବାହାଲ ଅଞ୍ଚଳରେ ଡେରାବାନ୍ଧି ଲୋକଙ୍କୁ ଭୟଭୀତ କରିବା ସହ ପ୍ରବଳ ଫସଲ ଉପଦ୍ରବ କରିଥିଲେ । ଏ ନେଇ କୋମନା ବନ ବିଭାଗ ରବିବାର ଖବର ପାଇ ପାରା ସ୍କ୍ୱାଡ ଜରିଆରେ ହାତୀପଲକୁ ଘଉଡାଇବା ବ୍ୟବସ୍ଥା କରୁଥିବା ରେଞ୍ଜର ଜଗଦିଶ ଦୁରିଆ କହିଛନ୍ତି ।



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

## ବୋଡେନରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ନୂଆପଡା ଅଫିସ/ବୋଡେନ,୨୨।୭**

ନୂଆପଡା ଜିଲା ବୋଡେନ ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସ୍ମିତା ସାହୁ ଯୋଗଦେଇଥିବାବେଳେ ଏସପି ସ୍ମିତ ପରମାର, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଏଥିରେ ୧୦୪ଟି ବ୍ୟକ୍ତିଗତ ଏବଂ ସାମୁହିକ ଅଭିଯୋଗ ଆସିଥିଲା। ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ସାହୁ ଉଦ୍ୟମ କରିଥିଲେ। ଉପାନ୍ତ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଲୋକମାନେ ନୂତନ ଜିଲାପାଳଙ୍କୁ ଭେଟି ଜଣାଇଥିଲେ। ଅଞ୍ଚଳର ସବୁ ସମସ୍ୟା ପ୍ରତିଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଜିଲାପାଳ ସାହୁ ଅଭିଯୋଗକାରୀମାନଙ୍କୁ ବୁଝାଇଥିଲେ।

### ପ୍ରୟାସ ନିର୍ଦ୍ଦେଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଛାତ୍ର ବିଜେଡିର ଦାବିପତ୍ର

**ଭବାନୀପାଟଣା,୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ପ୍ରୟାସ ସେଲଟରରେ ଅନ୍ତେବାସୀମାନଙ୍କୁ ଯୌନ ନିର୍ଯାତନା ଦେବା ଘଟଣାକୁ କଳାହାଣ୍ଡି ଜିଲା ଛାତ୍ର ବିଜେଡି ତୀବ୍ର ନିନ୍ଦା କରିଛି । ତୁରନ୍ତ ଏହାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମସ୍ତ ଅନ୍ତ୍ୟୋବାସୀଙ୍କୁ ଉଦ୍ଧାର କରି ଜିଲା ପ୍ରଶାସନ ଏହାର ଦାୟିତ୍ୱ ନେବା ପାଇଁ ଜିଲାପାଳଙ୍କ ଉଦ୍ଦେଶରେ ଏକ ଦାବିପତ୍ର ଉପଜିଲାପାଳ ମିର୍ଦ୍ଧା ଟପୋଙ୍କୁ ପ୍ରଦାନ କରିଛନ୍ତି। ଏହି ଘଟଣାର ତୁରନ୍ତ ଥାନାରେ ଏତଲା ଦାଏର କରିବା ପାଇଁ ଜିଲା ଛାତ୍ର ବିଜେଡି ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି ।

ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ଯୌତୁକଜନିତ ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଖଡିଆଳ,୨୨।୭ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଥାନା ଅନ୍ତର୍ଗତ ଚିନ୍ଦାଗୁଡା ଗାଁରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହ ଜନକମୃତ୍ୟୁ ଘଟିଛି । ମହିଳା ଜଣକ ହେଲେ ଚିନ୍ଦାଗୁଡା ଗାଁର ଆଶିଷ ରଣାଙ୍କ ସ୍ତ୍ରୀ ପୂର୍ଣ୍ଣମୀ ରଣା । ଏ ନେଇ ଝିଅର ବାପା ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରି ଅଭିଯୁକ୍ତମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବାକୁ ଦାବି କରିଛନ୍ତି। ସୋମବାର ଖଡିଆଳ ଏସଡିପିଓ ବିରଞ୍ଚି ପ୍ରସାଦ ଦେହୁରୀଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଖଡିଆଳ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି । ଏଥିସହ ମହିଳାଙ୍କ ସ୍ୱାମୀ ଆଶିଷ ଓ ଶ୍ୱଶୁରଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରହିଥିବା ଖଡିଆଳ ଥାନା ଆଇଆଇସି କୈଳାଶ ସେଠୀ ପ୍ରକାଶ କରିଛନ୍ତି । ଗତ ୨୦୧୮ ଜୁନ ୨୨ରେ ଖଡିଆଳ ଥାନା ଅନ୍ତର୍ଗତ ଡୁଙ୍କସର ଗାଁର ପୂର୍ଣ୍ଣମୀ ରଣା ଚିନ୍ଦାଗୁଡା ଗାଁର କୁରେଶ୍ୱର ଆଶିଷ ରଣାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ପୂର୍ଣ୍ଣମୀଙ୍କ ସ୍ୱାମୀ ଓ ତାଙ୍କ ଶ୍ୱଶୁର ଘର ଲୋକମାନେ ଯୌତୁକ ସ୍ୱରୂପ ନଗଦ ୩ ଲକ୍ଷ ଟଙ୍କା ସହ ୩ ଭରି ସୁନାଗହଣା ଦେବାକୁ ଦାବି କରିଥିଲେ । ହେଲେ ପୂର୍ଣ୍ଣମୀଙ୍କ ବାପଘର ଲୋକେ ଗରିବ ହୋଇଥିବାରୁ ଯୌତୁକ ଦେବାକୁ ସକ୍ଷମ ହୋଇ ନ ପାରି ରୋକଠୋକ ମନା କରି ଦେଇଥିଲେ। ସେହିଦିନ ଠାରୁ ପୂର୍ଣ୍ଣମୀଙ୍କୁ ତାର ଶ୍ୱଶୁର ଘରଲୋକେ ବାରମ୍ବାର ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ରବିବାର ରାତି ୧୦ଟାରେ ପୁଣି ଥରେ ପୂର୍ଣ୍ଣମୀ ଓ ତାଙ୍କ ସ୍ୱାମୀ ଆଶିଷଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ସ୍ୱାମୀ ଆଶିଷଙ୍କ ସମେତ ଶ୍ୱଶୁର ଓ ଶାଶୁ ମିଶି ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏ ନେଇ ଖଡିଆଳ ଥାନାରେ ଆଇପିସି ୪୬୮ (କ), ୩୦, ୩୦୪ (ଖ), ୩୪ ଧାରାରେ ଏକ ଯୌତୁକଜନିତ ହତ୍ୟା ଏକ ମାମଲା (ନଂ. ୧୭୬/୧୯) ରୁଜୁ ହୋଇଛି।

## ସୀମାନ୍ତ ତାଲାକୋଟରୁ କାଠ ପଟା ଜବତ, ୨ ଗିରଫ

**ସିନାପାଲି,୨୨।୭(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ସୀମାନ୍ତ ତାଲାକୋଟ ଜଙ୍ଗଲରୁ ସାଗୁଆନ କାଠ ଚୋରା ଚାଲାଣ ବେଳେ ସିନାପାଲି ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ ଫାଳ କାଠ ଜବତ କରିଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ଗୋଡାଳ ଗ୍ରାମର ନିଳକଣ୍ଠ ନାଏକ ଓ ଗାଡି ଚାଳକ ଚଟିଆଗୁଡାର ମୁକେଶ କୁମାର ସା । ଗତ ରବିବାର ପ୍ରାୟ ରାତି ୨ଟାରେ ସୀମାନ୍ତ ଜଙ୍ଗଲରୁ ଏକ ଟାଟା (ଏସ) ଗାଡ଼ି (ନଂ.ଓଡି ୨୬ ବି-୮୪୨୪) ଯୋଗେ ପ୍ରାୟ ଲକ୍ଷାଧିକ ଟଙ୍କାର ୧୭ ଖଣ୍ଡ ସାଇଜ କାଠ ଫାଳ ଚୋରା ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ବନ ବିଭାଗ ଖବର ପାଇ ୨ଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଦୁଇଟି ସ୍ଥାନରେ ଜଗି ବସିଥିଲେ। ସିନାପାଲି-ଛତିଶଗଡ ସୀମାନ୍ତ ଧିଙ୍ଗିଆମୁଣ୍ଡା ଗାଁ ନିକଟରେ ଚୋରା ଚାଲାଣକାରୀଙ୍କୁ କାବୁ କରିବା ସହ ଗୋଡାଳ ଗ୍ରାମର ନିଳକଣ୍ଠ ଓ ଗାଡି ଚାଳକ ଚଟିଆଗୁଡାର ମୁକେଶଙ୍କୁ ଗିରଫ କରିଥିଲା। ଏ ନେଇ ସିନାପାଲି ବନ ବିଭାଗ ଏକ ମାମଲା ନଂ. ୧୩୯ରେ ଓଡିଶା ବନ ସଂରକ୍ଷଣ ନୀୟମ ୨୧ ବଳରେ ଅଭିଯୁକ୍ତମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ସିନାପାଲି ରେଞ୍ଜର ମୁରାରୀପ୍ରସାଦ ପଣ୍ଡା ପ୍ରକାଶ କରିଛନ୍ତି । ଏହି କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ବେଳେ ୨୨.୩୫ ଘନ ଫୁଟର କାଠ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ । ଏହି ଚଢ଼ାଉ ସିନାପାଲି ରେଞ୍ଜରଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ନାଏକ, ଫରେଷ୍ଟ ଗାର୍ଡ ସଂଗ୍ରାମ ସିଂ ପ୍ରଧାନ, ଜିତାମିତ୍ର ଭୋଇ, ଚକିତ ବାକ (ୱାଚର), ସୁଶିଳା ମାଝି (ୱାଚର) ପ୍ରମୁଖ ନେତୃତ୍ୱ ନେଇଥିଲେ ।

#### ନୂଆଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ରୋଷେଇ ସରଞ୍ଜାମ ଚୋରି କଲେ ଦୁର୍ବୃତ୍ତ

**ଜୁନାଗଡ,୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ପଞ୍ଚାୟତ ନୂଆଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟାଳୟ ରୋଷେଇ ଘର ତାଳା ଭାଙ୍ଗି ରୋଷେଇ ସରଞ୍ଜାମ ଗ୍ୟାସ ଟାଙ୍କି, ଚୁଲା, ବଡ ଡେକ(ହଣ୍ଡଲା), ଡେକଚି ୨ଟି, ବାଲଟି, ପ୍ରେସର କୁକର, ଝରା, ବଡଚଟୁ ଆଦି ଚୋରି ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୧୫ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ସୋମବାର ସକାଳରେ ବିଦ୍ୟାଳୟ ଶିକ୍ଷକ, ପାଚିକା, ଛାତ୍ରୀଛାତ୍ର ରୋଷେଇ ଘର ତାଲା ନ ଥିବା ଦେଖିବାକୁ ପାଇଥିଲେ। କବାଟ ଖୋଲି ଦେଖିବା ବେଳକୁ ରୋଷେଇ ସରଞ୍ଜାମ ନ ଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଜୁନାଗଡ ବିଇଓ ଓ ଆଇଆଇସିଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ପରେ ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛନ୍ତି। ତଦନ୍ତ ପରେ ସବୁ କିଛି ଜଣାପଡିବ ବୋଲି ଏସ୍ଆଇ ଥବିର କୁମାର ବରିହା ପ୍ରକାଶ କରିଛନ୍ତି। ରୋଷେଇ ସରଞ୍ଜାମ ଚୋରି ହେବା ଯୋଗୁ ସ୍କୁଲ ବାରଣ୍ଡାରେ ଛାତ୍ରୀଛାତ୍ରଙ୍କ ପାଇଁ ଅସ୍ଥାୟୀ ଚୁଲିରେ ମଧ୍ୟାହ୍ନ ଭୋଜନ ରନ୍ଧନ ବ୍ୟବସ୍ଥା କରାଯାଇଥିଲା।

# ତନ୍ତ୍ରବିଦ୍ୟା କରି ଠକେଇ, ଟଙ୍କା ସହ ୬ ଗିରଫ

**ନୂଆପଡା ଅଫିସ/ ଖରିଆରରୋଡ,୨୨।୭**

ଗୋଟିଏ ବାକ୍ସରେ ଟଙ୍କା ଭର୍ତ୍ତି କଲେ ଅନ୍ୟ ଏକ ବାକ୍ସରେ ଦ୍ୱିଗୁଣା ଟଙ୍କା ବାହାରିଥାଏ । ଏହା ହେଉଛି ତନ୍ତ୍ର ବିଦ୍ୟାର କରାମତି। ଏହି କଥା ଶୁଣି ଓଡିଶା କାହିଁକି ପଡୋଶୀ ଛତିଶଗଡ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟିଲା। ଛୋଟ କାଟିଆ ଅଙ୍କର ଟଙ୍କା ଦ୍ୱିଗୁଣା ମଧ୍ୟ ହେଲା । ହେଲେ କିଛି ଦିନ ପରେ ମୋଟା ଟଙ୍କା ଆସିବା ପରେ ସେ ସବୁ ଅଟକିଗଲା । ତାନ୍ତ୍ରୀକ ବଡ ଟଙ୍କା ପାଇଁ ବିଳମ୍ବ ଲାଗିବ ବୋଲି ଟାଳି ଚାଲିଥିଲେ। ଏହା ନୂଆପଡ଼ା ଜିଲା ଖୋଦ ଖରିଆରରୋଡ ପୋଲିସର ନାକତଳେ ଦୀର୍ଘ ଦିନ ଧରି ଚାଲିଥିଲା । ଏସପି ସ୍ମିତ ପରମାର ଏହା ଉପରେ ହସ୍ତକ୍ଷେପ କରି ଏହି ଘଟଣା ଲୋକ ଲୋଚନକୁ ଆଣିରେ ସଫଳ ହୋଇଛନ୍ତି । ଏହି ଅଭିଯୋଗରେ ସ୍ଥାନୀୟ ମୁଣ୍ଡାଗାଁର ୬ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୪ ଲକ୍ଷ ୧୨ ହଜାର ଟଙ୍କା ସହ ଏଥିରେ ବ୍ୟବହୃତ ସବୁ ଉପକରଣ ଜବତ ହୋଇଛି । ନୂଆପଡା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ଏକ ଖବରଦାତା



ଖବରଦାତା ସମ୍ମିଳନୀରେ ପୋଲିସ ସହ ଅଭିଯୁକ୍ତମାନେ।

#### ଟଙ୍କା ଦ୍ୱିଗୁଣା କରିଦେବା କହି ଠକେଇ

ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ଛତିଶଗଡ ରାୟପୁରର ବିଜୟ ମନହାରେ ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଅନୁସାରେ ତାଙ୍କଠାରୁ ଦ୍ୱିଗୁଣା କରିଦେବା ନାଁରେ ଖରିଆରରୋଡ ସହରର କୈଳାସ ସାହୁ ନାମକ ବ୍ୟକ୍ତି ୪ ଲକ୍ଷ ଟଙ୍କା ନେଇଛନ୍ତି। ଏହା ନ କରି ସମୟ ଗଡାଇ ଚାଲିଛନ୍ତି । ଏହାକୁ ଭିତ୍ତି କରି ଖରିଆରରୋଡ ଜୋଙ୍କ ଥାନା ପୋଲିସ ଦଫା ୪୨୦,୧୨୦(ଖ) (୧୨୧/୧୯)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୁଣ୍ଡାଗାଁସ୍ଥିତ କୈଳାସଙ୍କ ଘରେ ପୋଲିସ ଅତର୍କିତ ଚଢାଉ କରି ୬ଜଣଙ୍କୁ ଗିରଫ କରିଥିଲା। ଗିରଫ ଅନ୍ୟ ୫ ଜଣ ବ୍ୟକ୍ତିମାନେ ହେଲେ ରାୟପୁର ବିଡେନ ଅନଚଳର ଧରମ ପର୍ଦ୍ଦି (୨୭), ଚିନ୍ତା ପର୍ଦ୍ଦି (୩୦), ମଥୁରା ପର୍ଦ୍ଦି (୩୨), ଓମପ୍ରକାଶ ପର୍ଦ୍ଦି (୨୯) ଏବଂ ରାୟପୁରର ବିନୋଦ ନଓରଙ୍ଗେ (୩୫) । ଏମାନଙ୍କଠାରୁ ୫ଟି ମୋବାଇଲ, ୪ଟି ବାଇକ୍, ଟଙ୍କା, ୨ଟି ଟିଣ ବାକ୍ସ, ଲାଲ କପଡା ସହ ୨ଟି ଲାଇଟ ଜବତ କରାଯାଇଛି । ଏମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହିଭଳି ମାମଲା ପ୍ରତି ସାଧାରଣ ଲୋକ ସାବଧାନ ରହିବା ସହ ଯେକୌଣସି ପ୍ରକାର ସନ୍ଦେହ ଆସେ ପୋଲିସକୁ ତୁରନ୍ତ ଜଣାଇବାକୁ ଏସଡିପିଓ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଏଥିରେ ଗିରଫ ହୋଇଥିବା ବିନୋଦ ନଓରଙ୍ଗେ ଗଣମାଧ୍ୟମ ଆଗରେ କହିଛନ୍ତି ଯେ, ସେ ବିଜୟଙ୍କ କହିବାନୁଯାୟୀ ସେ କୈଳାସଙ୍କୁ ଟଙ୍କା ଦେବାକୁ ଯାଇଥିଲେ। ହେଲେ ପୋଲିସ ତାଙ୍କୁ ଅଭିଯୁକ୍ତ ବୋଲି ଗିରଫ କରିଛି । ପୋଲିସ ମନଗଢା କାହାଣି ତିଆରି କରିଛି ବୋଲି କହିଛନ୍ତି । ଏହା ଉପରେ ଏସଡିପିଓ ପଟ୍ଟନାୟକଙ୍କୁ ପଚାରିବାରେ ବିନୋଦ ଏଥିରେ ସମ୍ପୃକ୍ତ ରହି ଏଜେଣ୍ଟ ଭାବେ କାମ କରୁଥିଲେ ବୋଲି କହିଛନ୍ତି ।

ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବି

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ମା' କନକଦୁର୍ଗା ମୋଟର କର୍ମଚାରୀ ସଂଘର ଶୋଭାଯାତ୍ରା

**ଜୁନାଗଡ,୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ସୋମବାର ସ୍ଥାନୀୟ ମା' କନକ ଦୁର୍ଗା ମୋଟର କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଏକ ଶୋଭାଯାତ୍ରା କରାଯାଇଛି। ଏଥିରେ ସଂଘର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ଆଦେଶ ଦେବା ସମ୍ପର୍କରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୪ଦଫା ଦାବିପତ୍ର ଜୁନାଗଡ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଡ୍ରାଇଭିଂ ଲାଇସେନ୍ସ ନବିକରଣ ପ୍ରକ୍ରିୟାକୁ ବନ୍ଦ କରି ଥରେ ଲାଇସେନ୍ସ ଦିଆଗଲେ ତାହା ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ହେବା ପର୍ଯ୍ୟନ୍ତ ବଳବର୍ତ୍ତର ରହିବା, ରାସ୍ତାରେ ଗାଡିର ଓ ଡ୍ରାଇଭରଙ୍କ ସବୁ କାଗଜପତ୍ର ଠିକ ଥିଲେ ସୁଦ୍ଧା ଚେକିଂ ନାମରେ ପୋଲିସ ଓ ପରିବହନ ବିଭାଗ ଅଯଥା ହଇରାଣ କରୁଥିବାରୁ ତାହା ବନ୍ଦ କରାଯାଉ, ଲାଇସେନ୍ସପ୍ରାପ୍ତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ହେବା ପରେ ସର୍ବନିମ୍ନ ପେନସନ୍ ବ୍ୟବସ୍ଥା କରାଯାଉ, ଦୁର୍ଘଟଣା ଘଟିଗଲେ ମୃତ ବ୍ୟକ୍ତିଙ୍କୁ ସରକାରୀ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଡ୍ରାଇଭର କଥା ସମସ୍ତେ ଭୁଲି ଯାଉଛନ୍ତି, ଦୁର୍ଘଟଣାରେ ଡ୍ରାଇଭର ମୃତ୍ୟୁବରଣ କଲେ ମୃତ ଡ୍ରାଇଭଙ୍କ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଉ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଶୋଭାଯାତ୍ରାରେ ସଭାପତି ମହେନ୍ଦ୍ର ବୈଠାରୁ, ଉପସଭାପତି ମକରଧ୍ୱଜ ପୁଝାରୀ, ସାଧାରଣ ସମ୍ପାଦକ ଲକ୍ଷ୍ମଣ ଚଲାନ, ସହକାରୀ ସମ୍ପାଦକ ସୁରେନ୍ଦ୍ର ନିଆଲ, କୋଷାଧ୍ୟକ୍ଷ କୁଞ୍ଜ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦୀନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି। -ଦୀନ ଦୟାଲ



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଜଣେ ଅଟକ

ରାଜଗାଙ୍ଗପୁର, ୨୨।୭ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ ଟେକାପଡା ଗ୍ରାମର ଜନୈକା ନାବାଳିକା (୧୭)ଙ୍କୁ ଶନିବାର ବଳାତ୍କାର କରାଯାଇଥିବାବେଳେ ସୋମବାର ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ପରେ ରାଜଗାଙ୍ଗପୁର ପୋଲିସ ସେହି ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ଅଭିଯୋଗରୁ ଜଣାପଡିଛି ଯେ, ନାବାଳିକା ପ୍ରତିଦିନ ରାଜଗାଙ୍ଗପୁର ସହରକୁ ସିଲେଇ ଶିଖିବାକୁ ଯାଆନ୍ତି। ସେ ଶନିବାର ଅପରାହ୍ନରେ ସିଲେଇ ଶିଖି ଘରକୁ ଫେରୁଥିବା ସମୟରେ ଦୁଇ ଯୁବକ ବାଇକ ଯୋଗେ ତାଙ୍କୁ ଗାଁ ନିକଟ ପାହାଡ ଟୋଲିକୁ ନେଇଥିଲେ। ସନ୍ଧ୍ୟାରେ ଜଣେ ଯୁବକ ନାବାଳିକାଙ୍କୁ ଛାଡି ନିଜ ଗାଁକୁ ଚାଲି ଯାଇଥିବାବେଳେ ଅନ୍ୟ ଜଣେ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରି ଚାଲିଯାଇଥିଲେ। ନାବାଳିକା ଘରକୁ ଯାଇ ଘର ଲୋକଙ୍କୁ ଏବାବଦରେ ଜଣାଇବା ପରେ ଘର ଲୋକ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ ରାଜଗାଙ୍ଗପୁର ପୋଲିସ ଏକ ମାମଲା (ନଂ. ୨୦୯/୧୯) ରୁଜୁ କରିଛି। ସେହି ଗ୍ରାମର ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିବା ସୋମବାର ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳ ନନ୍ଦ ସାହୁ ପ୍ରକାଶ କରିଛନ୍ତି।

# ବର୍ଷା ଅଭାବରୁ ଚାଷ ଉଜୁଡ଼ିଲା

ବଡ଼ଗାଁ, ୨୨।୭ (ଡି.ଏନ.ଏ)

ବର୍ଷା ଅଭାବରୁ ବଡ଼ଗାଁ ବ୍ଲକରେ ଚାଷ ଉଜୁଡ଼ି ଯାଇଛି। ଏହି ବ୍ଲକ ଅନ୍ତର୍ଗତ ୧୫ଟି ପଞ୍ଚାୟତରେ ଉଚ୍ଚ ଜମି ଯଥା ଗୋଡା, ମାଳ ଓ ବେର୍ଣ୍ଣା ଜମିର ଚାଷ ନଷ୍ଟ ହେଲାଣି। କେତେକ ବାହାଲ ଜମିର ସାମାନ୍ୟ ଆଦ୍ରତା ଥିଲେ ମଧ୍ୟ କିଛି ଦିନ ମଧ୍ୟରେ ଚାଷ ଉଜୁଡିବାର ସମସ୍ତ ସମ୍ଭାବନ ଜଳଜଳ ଦେଖାଗଲାଣି। ଫଳରେ ଚିନ୍ତିତ ଚାଷୀ ହତାଶ ହେଲେଣି। ପ୍ରତିବର୍ଷ ମରୁଡି କିମ୍ବା ଅନିୟମିତ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ସରକାରୀ ସାହାଯ୍ୟ ସହଯୋଗ ପାଉ ନାହାନ୍ତି। ବୀମା କମ୍ପାନୀର ଜଟିଳ ପ୍ରକ୍ରିୟା, ଟାଳଟୁଳ ନୀତି ଯୋଗୁ ଆନ୍ଦୋଳନ କରିବାକୁ ପଡୁଛି। ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଗୁହାରୀ କରି ଆସୁଛନ୍ତି। ଚଳିତ ବର୍ଷ ସମ୍ଭାବ୍ୟ ମରୁଡିକୁ ଦେଖି ସୋମବାର ବ୍ଲକ ଅଞ୍ଚଳର ଚାଷୀମାନେ ବୈଠକ କରିବା ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ସେଥିରେ ବଡଗାଁ ବ୍ଲକ ସହିତ ଜିଲାକୁ ଆସନ୍ନ ମରୁଡି ପ୍ରପିଡିତ ଅଞ୍ଚଳ ରୂପେ ଘୋଷଣା କରିବା ସହିତ ଗତବର୍ଷ ମରୁଡିର ମିଳି ନ ଥିବା ଇନପୁଟ ସବସିଡି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ଶୀଘ୍ର ପ୍ରଦାନ ଦାବି କରାଯାଇଛି। ଅଗ୍ରଣୀ କୃଷକ ସଙ୍ଗଠନର ସମ୍ପାଦକ ଗଣେଷରାମ ସିଂ ଠାକୁର, ଉପସଭାପତି ପ୍ରଫୁଲ୍ଲ କୁମାର ବିଶି, ଉପାଧ୍ୟାୟ ପାଣିଗ୍ରାହୀ, ବସନ୍ତ ବେହେରା, ବିଶ୍ୱମ୍ଭର ବିଶି, ଜିଲାପରିଷଦ ସଭ୍ୟ ଅଶୋକ ଲାକ୍ରା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଗଜେନ୍ଦ୍ର ପୃଷେଟ, ଏମ୍‌ପି ପ୍ରତିନିଧି ବସନ୍ତ ସାହୁ ପ୍ରମୁଖ ବ୍ଲକ ଅଞ୍ଚଳର ଶତାଧିକ ଚାଷୀ ପୂର୍ବାହ୍ନରେ ବଡଗାଁ ଲ୍ୟାମ୍ପ ପରିସରରେ ବୈଠକ କରିଥିଲେ। ଚଳିତବର୍ଷ ଖରିଫ ଧାନ ଚାଷ, ବୀମା, ସବସିଡି ଆଦି ଉପରେ ଆଲୋଚନା କରିଥିଲେ। ସେଠାରେ ଚାଷୀମାନେ ବିସ୍ତୃତ ଆଲୋଚନା ପରେ ଦାବିପତ୍ର ପ୍ରଦାନ କରିଥିଲେ। ସେଥିରେ ଉଲ୍ଲେଖ କରାଯାଇଛି ଯେ, ବର୍ଷା ଜଳ ଉପରେ ଧାନ ଚାଷ ନିର୍ଭର କରେ। ରାଜସ୍ୱ ବିଭାଗର ଆକଳନ ଅନୁଯାୟୀ ୬୦ଭାଗ ଜମି ଢ଼ିପଜମି, ମାଳଜମି। ପ୍ରତିବର୍ଷ ଖରିଫ ଧାନଚାଷ ହିଁ ହୋଇଥାଏ। ଚଳିତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଗୋଡା, ମାଳ, ବେର୍ଣ୍ଣା ଜମିର ଚାଷ ନଷ୍ଟ ହେଲାଣି। ବର୍ଷା ସମ୍ଭାବନା ଦେଖାଯାଉ ନ ଥିବାରୁ ବାହାଲ ଜମିର ଚାଷ ହାନୀ ଘଟିବ। ଏଯାଏଁ ବର୍ଷା ଅଭାବରୁ ତଳିରୁଆ, ବେଉଷଣ ହୋଇପାରି ନାହିଁ। ଯେଉଁ କେତେକ ରୁଆ କରିଥିଲେ ଜମି ଫାଟି ଚାଷ ନଷ୍ଟ ହେଲାଣି। ରାଷ୍ଟ୍ରୀୟ କୃଷି ବୀମା ଯୋଜନାର ନିୟମାନୁଯାୟୀ ତହସିଲ ପରିସଂଖ୍ୟାନ, ଇକୋନୋମିକ ଓ କୃଷି ବିଭାଗ କର୍ମଚାରୀ କ୍ରପ କଟିଂର ଫସଲ ହାନୀ ରିପୋର୍ଟ ବିଗତ ବର୍ଷରେ ଠିକ ନଦେବାରୁ ବୀମା କମ୍ପାନୀ ଠାରୁ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରି ଋଣ, ବୀମା, ଇନପୁଟ ସବସିଡି, ଜଳକର ଛାଡ ଇତ୍ୟାଦି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଚାଷୀଙ୍କୁ ଠିକ ଭାବେ ମିଳୁନାହିଁ। ଅଥଚ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାର ମରୁଡି ବାବଦ ସହାୟତା ରାଶି ପାଇ ସାରିଲେଣି। ଦାବିପତ୍ରରେ ଉଠାଜଳ ସେଚନ ପଏଣ୍ଟ ଗୁଡିକର ମରାମତି, କାର୍ଯ୍ୟକ୍ଷମ କରିବା ଉପରେ ଦର୍ଶାଯାଇଛି।



ବଡଗାଁ ଅଞ୍ଚଳର ଚାଷୀମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

**ବଡ଼ଗାଁ ବ୍ଲକ**
- ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଚାଷୀଙ୍କ ଦାବିପତ୍ର
- ଆସନ୍ନ ମରୁଡି ପ୍ରଭାବିତ ଅଞ୍ଚଳ ଘୋଷଣା କରାଯାଉ
- ଗତବର୍ଷ ମରୁଡିର ଇନପୁଟ ସବସିଡି ଦିଆଯାଉ
- ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ କରାଯାଉ

## ପ୍ରତାରଣା କରି ଯୁବକ ଗିରଫ

ଲହୁଣୀପଡା, ୨୨।୭ (ଡି.ଏନ.ଏ)- ଜଣେ ନାବାଳିକାଙ୍କୁ ଅପହରଣ କରିବା ଏବଂ ଶାରୀରିକ ସମ୍ପର୍କ ପରେ ପ୍ରତାରଣା କରିବା ଅଭିଯୋଗରେ ଲହୁଣୀପଡା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲହୁଣୀପଡାଠାରେ ରହୁଥିବା ବିଜୟ ପାଠକଙ୍କ ପୁଅ ଅଭିନବ ପାଠକ (୨୦) ରାଜାମୁଣ୍ଡା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ କରୁଥିଲେ। କିଛି ଦିନ ପରେ ଅପହରଣ କରିନେଇ ରାଉରକେଲାର ବିଭିନ୍ନ ସ୍ଥାନରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ଝିଅର ପରିବାର ଲୋକ ଥାନାରେ ଅବଗତ କରାଇବା ସହିତ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ପୁନର୍ବାର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଫୁଟବଲ ଟୁର୍ନାମେଣ୍ଟ: ଶାଗବାହାଲ ଚାମ୍ପିୟନ

ବାଲିଶଙ୍କରା, ୨୨।୭ (ଡି.ଏନ.ଏ) ସୁନ୍ଦରଗଡ ଜିଲାର ସୀମାନ୍ତବର୍ତ୍ତି ବାଲିଶଙ୍କରା ବ୍ଲକ ଲୁଲକିଡିହିରେ ଚାଲିଥିବା ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଛତିଶଗଡ, ଝାଖଣ୍ଡ, ଓଡିଶାର ବିଭିନ୍ନ ଅଞ୍ଚଳରୁ ସର୍ବମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଏଥିଲେଟିକ୍ସ ଆସୋସିଏସନ୍ ସଭାପତି ଦୂର୍ଗାମାଧବ ନାୟକ ଯୋଗଦେଇ କଠିନ ପରିଶ୍ରମ କର୍ତ୍ତବ୍ୟ ନିଷ୍ଠ ପାଇଁ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁଶିଲ କୁମାର ପଟେଲ, ନିତ୍ୟକୁମାର ବଳ, ଉଦୟ ପାଲସାଏ, ମନେଶ୍ୱର ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ କ୍ରୀଡାର ଗୁରୁତ୍ୱ ଉପରେ ପରାମର୍ଶ ଦେଇଥିଲେ। ଫାଇନାଲ ମ୍ୟାଚ ଝାଡ଼ଖଣ୍ଡ କଷ୍ଟ ଓ ଓଡିଶା ଶାଗବାହାଲ ଅଉଁରୁଯୋର ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ୧ ଗୋଲରେ ଓଡିଶାର ଶାଗବାହାଲ ଚାମ୍ପିୟନ ହୋଇଥିଲେ। ଏହି ଟୁର୍ନାମେଣ୍ଟକୁ ଲୁଲକିଡିହି ବ୍ଲକର ସଭାପତି ଅରୁଣ କୁମାର ସାହୁ, ବୀରେନ୍ଦ୍ର ମାଝୀ, ସୁଶାନ୍ତ ଖାଲଖୋ, ଆସିମ ମିଞ୍ଜ, ରାଜୁ କେରକେଟ୍ଟା, ବଳଭଦ୍ର ମଲ୍ଲିକ, ସରୋଜ କେରକେଟ୍ଟା, ବସନ୍ତ କେରକେଟ୍ଟା ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ପ୍ରଦୀପ ମାଝୀ, ସନ୍ତୋଷ ମାଝୀ, ସୁଜାତା ହୁସେନ ଖେଳ ପରିଚାଳନା ଦାୟୀତ୍ୱରେ ଥିଲେ। ଶେଷରେ ବ୍ଲକ ସଭାପତି ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଖେଳାଳିଙ୍କ ସହ ଅତିଥି।

## ଆଇଟିଆଇ ଲାୟନ୍ସ କ୍ଲବର ସଂସ୍ଥାପନ ଉତ୍ସବ ପାଳିତ

ବଡଗାଁ, ୨୨।୭ (ଡି.ଏନ.ଏ)

ବଡଗାଁ ଆଇଟିଆଇ କ୍ୟାମ୍ପସ୍ ଲାୟନ୍ସ କ୍ଲବ ପକ୍ଷରୁ ରବିବାର ରାତିରେ କ୍ଲବର ସଂସ୍ଥାପନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲା ୩୨୨ ସି ୨ ଗଭର୍ଣ୍ଣର ସଂସ୍ଥାପକ ଅଧିକାରୀ ଲାୟନ ବିନୋଦ ମାଥୁର ମୁଖ୍ୟ ଅତିଥି, ଲାୟନ ପି. ସି ନାୟକ ମୁଖ୍ୟବକ୍ତା, ଲାୟନ ଦିବ୍ୟଲୋଚନ ପୃଷେଟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ୫୦ ବର୍ଷ ପୂର୍ବେ ସ୍କାଉଟର ସ୍ଥିତି ଓ ବର୍ତ୍ତମାନର ସ୍ଥିତି ଉପରେ ଅବତାରଣ କରିଥିଲେ। ଦକ୍ଷତା ଓ ନେତୃତ୍ୱ ବୃଦ୍ଧି ପାଇଁ ଏହି ସଙ୍ଗଠନ ଏକ ପ୍ଲାଟଫର୍ମ। ବଡଗାଁ ଆଇଟିଆଇର ସ୍କାଉଟ, ଲିଓ କ୍ଲବ କ୍ୟାମ୍ପ ଲାୟନ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ସହ ଅନେକ କାର୍ଯ୍ୟ କରୁଥିବା ଆମେ ଜାଣି ପାରିଛୁ ବୋଲି ଅତିଥିମାନେ କହି ସନ୍ତୋଷ ବ୍ୟକ୍ତ କରିଥିଲେ। ଆଇଟିଆଇର ଛାତ୍ରୀଛାତ୍ରମାନେ ଫନି କ୍ଷତିଗ୍ରସ୍ତଙ୍କୁ ଯେଉଁ ସାହାର୍ଯ୍ୟ ସହଯୋଗ ସେଠାକୁ ଯାଇ କଲେ ଓ ମାନବିକତାର ପରିଚୟ ଦେଲେ ତାହା ପ୍ରଶଂସନୀୟ। ଛାତ୍ରୀଛାତ୍ର, ଲିଓ, ଲାୟନ୍ସ କ୍ଲବର ନେତୃତ୍ୱ ନେଇଥିବା ଲିଡରଙ୍କୁ ଧନ୍ୟବାଦ ଜଣାଇବା ସହ ଛାତ୍ରୀଛାତ୍ର ଦେଇଥିବା ମତ ଉପରେ ଅତିଥିମାନେ ଏହି ମତ ଆମ ପାଇଁ ପ୍ରେରଣା ହେବ କହିଥିଲେ। ଚଳିତ ବର୍ଷ ପାଇଁ କ୍ଲବର ସଭାପତି ଭାବେ ସରିତା କମାର, ସମ୍ପାଦକ ନରହରି ନାଏକ, କୋଷାଧ୍ୟକ୍ଷ ମାରିୟମ ଗୁରିଆ, ୨ ଭିପି ମମତା ବଡପଣ୍ଡା, ୩ ନଂ ଭିପି ସୁନନ୍ଦା ରାଜ, ସଭ୍ୟ ଭାବେ, ଅଭିଷେକ ମିଶ୍ର, ସୌରଭ ପଣ୍ଡା ରହିଛନ୍ତି। ବୋର୍ଡ ମେମ୍ବର ଭାବେ ସତ୍ୟେନ୍ଦ୍ର ବେହେରା, କେଶବ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ନାଏକଙ୍କୁ ଚୟନ କରାଯାଇଛି। ଲିଓ କ୍ଲବ ସଭାପତି ଭାବେ ଅଜୟ ବେହେରା, ସମ୍ପାଦକ ତୃପ୍ତି ବଡାଇକ, କୋଷାଧ୍ୟକ୍ଷ ରବି କିସପଟା ପ୍ରଥମ ଭିପି ଦୀପାଞ୍ଜଳି ମହାନନ୍ଦିଆଙ୍କୁ ମନୋନୀତ କରାଯାଇଛି। ଉତ୍ସବରେ ଲିଓ କ୍ଲବ ସଭାପତି ପ୍ରଭାତୀ ରୋହିଦାସ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ଲାୟନ୍ସ ଆଇଟିଆଇ କମ୍ପସ୍ ସଭାପତି ଦିବ୍ୟଲୋଚନ ପୃଷେଟ ଅନୁଭୁତି କହିଥିଲେ। ଆଇଟିସି ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ନୂତନ ସଦସ୍ୟଙ୍କୁ ବ୍ୟାଜ୍ ପିନ୍ଧାଯାଉଛି।

### ମରୁଡିର ସ୍ଥାୟୀ ପ୍ରତିକାର କରାଯାଉ

## ଆଠକୋଣିଆ ମହିଳା କୃଷକ ସଙ୍ଗଠନର ଜିଲାପାଳଙ୍କୁ ଦାବିପତ୍ର

ସୁନ୍ଦରଗଡ଼, ୨୨।୭ (ଡି.ଏନ୍.ଏ)

ଚଳିତବର୍ଷ ସୁନ୍ଦରଗଡ ଜିଲାରେ ବର୍ଷା ଅଭାବରୁ ଗଜା ମରୁଡି ଦେଖାଯାଇଛି। ରୁଆ ଚାଷ ପାଇଁ ଚାଷୀ ଆଉ ଚିନ୍ତାକରି ପାରୁ ନାହିଁ। ଏଭଳି ପରିସ୍ଥିତିରେ ଚାଷୀକୁଳ ମୁଣ୍ଡରେ ହାତ ଦେଲେଣି। ସୁନ୍ଦରଗଡ ଜିଲାର ମରୁଡିର ସ୍ଥାୟୀ ପ୍ରତିକାର ଓ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିକରି ସୋମବାର ଆଠକୋଣିଆ ମହିଳା କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବର୍ଷା ଅଭାବରୁ ବର୍ତ୍ତମାନ ଦେଖାଦେଇଥିବା ମରୁଡି ପରିସ୍ଥିତି ପାଇଁ ବିଶେଷ କରି ନାମମାତ୍ର ଓ କ୍ଷୁଦ୍ର ଚାଷୀ ପ୍ରଭାବିତ ହେଉଛନ୍ତି। ଏଭଳି ସ୍ଥିତିରେ ପ୍ରତିବର୍ଷ ବର୍ଷାର ପରିମାଣ କମି କମି ଯାଉଥିବା ସମ୍ପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ସ୍ୱୀକାର କରାଯାଉଛି। ସୁନ୍ଦରଗଡ ଜିଲା ସମେତ ରାଜ୍ୟର ୨୨ଟି ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି। ଏଭଳି ସ୍ଥିତିରେ ବର୍ତ୍ତମାନ ସୁନ୍ଦରଗଡ ଜିଲାରେ ପ୍ରତ୍ୟେକ ଚାଷୀଙ୍କୁ ମରୁଡିର କ୍ଷତିପୂରଣ, ପ୍ରତ୍ୟେକ ଚାଷୀ ଯେପରି ମରୁଡି ପାଇଁ କୃଷି ବୀମା କରିବେ ସେଥିପାଇଁ ଅଧିକରୁ ଅଧିକ ପ୍ରଚାର ପ୍ରସାର କରାଯିବା, ଲ୍ୟାମ୍ପସ ଜରିଆରେ ପ୍ରତ୍ୟେକ ଗ୍ରାମ ଓ ପଡାଗ୍ରାମକୁ ଯାଇ ଫସଲବୀମା କରାଯିବା, ପ୍ରତ୍ୟେକ ମହିଳା ଚାଷୀ ଯେପରି ଫସଲ ବୀମାରେ ସାମିଲ ହେବେ ସେଥିପ୍ରତି ସ୍ୱତନ୍ତ୍ର ବ୍ୟବସ୍ଥା ,ଧାନ ସହିତ କ୍ଷୁଦ୍ରଶସ୍ୟ ମଧ୍ୟ ବୀମା କରାଯିବା, ପ୍ରତ୍ୟେକ ଜମିକୁ ଜଳସେଚନର ବ୍ୟବସ୍ଥା, ଗ୍ରାମରେ ଥିବା ଝରଣା, ନାଳଗୁଡିକରେ ଛୋଟ ଛୋଟ ବନ୍ଧ କରାଯିବା ଦାବି କରାଯାଇଛି। ସଙ୍ଗଠନର ଶାସ୍ତ୍ରୀ ଷଣ୍ଡ, ଅହଲ୍ୟା ସା, ନୀଳିମା ଟପ୍ପୋଙ୍କ ନେତୃତ୍ୱରେ ଶତାଧିକ ମହିଳା ଚାଷୀ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।



ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଧାନ ବିଲରେ ମହିଳାଙ୍କ ମୃତ୍ୟୁ

ବଡଗାଁ, ୨୨।୭ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ଇତମା ପଞ୍ଚାୟତର ନକଟି ଗ୍ରାମରେ ଜଣେ ମହିଳା ତାଙ୍କ ଚାଷ ଜମି ଦେଖିବାକୁ ଯାଇଥିଲା ବେଳେ ମୃତ୍ୟୁ ହୋଇଛି। ନକଟୀ ଗ୍ରାମର ସନ୍ତୋଷ ସାହୁଙ୍କ ସ୍ତ୍ରୀ ପଦ୍ମାବତୀ (୪୫) ୧୦ଟାରେ ଧାନ ଚାଷ ହୋଇଥିବା ତାଙ୍କ ବିଲକୁ ଯାଇଥିଲା ବେଳେ ଟଳି ପଡିଥିଲେ।

## ବଡଗାଁ ଶିକ୍ଷକ ସଂଘର ସ୍ୱତନ୍ତ୍ର ବୈଠକ

ବଡଗାଁ, ୨୨।୭ (ଡି.ଏନ.ଏ)

ବଡଗାଁସ୍ଥିତ ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ବଡଗାଁ ବ୍ଲକ ଶିକ୍ଷକ ସଂଘର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ନରୋତ୍ତମ ସାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉକ୍ତ ବୈଠକରେ ବିଭିନ୍ନ ସମସ୍ୟା ଦାବି ନେଇ ଆଲୋଚନା ହୋଇଥିଲା। ସଂଘର ଉପସଭାପତି ଜଗବନ୍ଧୁ କମାର, ସମ୍ପାଦକ ଅନ୍ତର୍ଯ୍ୟାମୀ କେଶରୀ, ସଭ୍ୟ ପ୍ରମୋଦ କୁମାର ପୃଷେଟ, ସୁକୁମାରୀ ଆପଟ, ସୁନିତା ପଟେଲ, ପୂର୍ଣ୍ଣିମା ସେଠ, ଉମେଶ ପଟେଲ, ଶିବଶଙ୍କର ତେଲି ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ସରକାର ଶିକ୍ଷାର ମାନବୃଦ୍ଧି ଓ ସରଳ ପଦ୍ଧତି ପାଇଁ ଉଜ୍ଜଳ ଓ ଉତ୍ଥାନ ଶିକ୍ଷା ପ୍ରଣାଳୀ କରିଛନ୍ତି। ଏଥିପାଇଁ ଶିକ୍ଷକମାନଙ୍କୁ ବର୍ଷର ବିଭିନ୍ନ ସମୟରେ ତାଲିମ ଦେବା ଓ ଏହା ଉପରେ କାର୍ଯ୍ୟ ପ୍ରଣାଳୀ ଅନୁସରଣ କରିବାକୁ କୁହାଯାଉଛି। ଏଥିରେ ଶିକ୍ଷକମାନେ ସମୟ ଦେବାକୁ ପଡୁଥିବାରୁ କେଉଁ ସମୟରେ ଓଟିଇଟି ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେବେ। ତେଣୁ ଓଟିଇଟି ଉଚ୍ଛେଦ ଦାବି ଉପରେ ସଂଘ କର୍ମକର୍ତ୍ତା, ସଭ୍ୟାସଭ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ଯେଉଁ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଚାକିରୀ ୬ ବର୍ଷ ପୂରଣ କଲେଣି ସେମାନଙ୍କୁ ବିଳମ୍ବ ନ କରି ନିୟମିତ କରାଯାଉ, ୨ ବର୍ଷ ହେଲା ମିଳି ନ ଥିବା ଇନକ୍ରିମେଣ୍ଟ ଶୀଘ୍ର ପ୍ରଦାନ, ବାକିଥିବା ୬ ମାସର ଏରିଅର ପ୍ରଦାନ, ଏକ୍ସ କ୍ୟାଡର ବ୍ୟବସ୍ଥା ଉଚ୍ଛେଦ, ଓଟିଇଟି ଉଚ୍ଛେଦ, ସମାନ ଶିକ୍ଷକଙ୍କୁ ସମାନ ଦରମା ଲାଗୁ ଦାବି କରାଯାଇଥିଲା। ଦୀର୍ଘ ୨୦ରୁ ୨୫ ବର୍ଷ ହେଲା ଶିକ୍ଷକତା କରି ଆସୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ, ପୁଅ ଝିଅଙ୍କ ପାଠପଢ଼ାରେ କିପରି ଦୟନୀୟ ସ୍ଥିତି ଦେଇ ଗତି କରୁଛନ୍ତି ସଂଘ ସଭ୍ୟାସଭ୍ୟମାନେ ଦୁଃଖ ବଖାଣିଥିଲେ।

## ସିପିଆଇଏମ୍‌ର ଲେଫ୍ରିପଡା ବ୍ଲକ ଘେରାଉ

ଲେଫ୍ରିପଡା,୨୨।୭(ଡି.ଏନ.ଏ)

- ଫାଟକ ସମ୍ମୁଖରେ ବସିଲେ କର୍ମୀ
- ସ୍ୱଚ୍ଛ ଭାରତ ଯୋଜନାରେ ଅନିୟମିତତା

ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଅଲାପକା ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ କରାଯାଇଥିଲା। ଏଥିରେ ଅନିୟମିତତା ଅଭିଯୋଗ ନେଇ ସିପିଆଇଏମ୍ ସୁନ୍ଦରଗଡ ଆଞ୍ଚଳିକ ସାଙ୍ଗଠନିକ କମିଟି ଲେଫ୍ରିପଡା ଶାଖା ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସିପିଆଇଏମ୍ କର୍ମୀମାନେ ଘେରାଉରେ ସାମିଲ ହୋଇ ବ୍ଲକ କାର୍ଯ୍ୟାଳୟ ଫାଟକରେ ବସି ଦୁର୍ନୀତିରେ ଲିପ୍ତ ଠିକାଦାର ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବା ସକାଶେ ନାରାବାଜି ଦେଇ ଦାବି ଜଣାଇଥିଲେ। କର୍ମୀମାନେ ବ୍ଲକ ସମ୍ମୁଖରେ ବସି ରହିଥିବାରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡିଥିଲା। ପୂର୍ବରୁ ୧୫ ଜୁଲାଇରେ ସିପିଆଇଏମ୍ ପକ୍ଷରୁ ଅଲାପକା ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ବିଭିନ୍ନ ହିତାଧିକାରୀଙ୍କ ପାଇଖାନା ନିର୍ମାଣ ନ କରି ଅର୍ଥ ହଡପ୍ କରାଯାଇଥିବା ଅଭିଯୋଗ କରାଯାଇଥିଲା। ଦୁର୍ନୀତିରେ ସମ୍ପୃକ୍ତ ଠିକାଦାର ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା, ପାଇଖାନା ନିର୍ମାଣ ଦୁର୍ନୀତିର ତଦନ୍ତକୁ ସିବିଆଇ କିମ୍ବା ଭିଜିଲାନ୍ସକୁ ଦାୟିତ୍ୱ ପ୍ରଦାନ କରି ତଦନ୍ତ କରାଇବା, ବ୍ଲକର ସମସ୍ତ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ କରାଇବା, ଇନ୍ଦିରା ଆବାସ ଯୋଜନାକୁ କଡାକଡି କରାଯାଇ ପୂର୍ବରୁ କେତେ କାର୍ଯ୍ୟକାରୀ ହୋଇଛି ଏହାର ତାଲିକା ପ୍ରଦାନ କରିବା ସମ୍ପର୍କରେ ଏକ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ଦୁର୍ନୀତିରେ ଲିପ୍ତ କର୍ମଚାରୀ ସମେତ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ସାତ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ କରା ନ ଗଲେ ୨୨ଜୁଲାଇ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରି ଅଚଳ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନି ଦେଇଥିଲେ। ଅନ୍ୟପକ୍ଷରେ ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ବିଡିଓ ପଲ୍ଲବୀରାଣୀ ରାଜ୍ ଲେଫ୍ରିପଡା ସିପିଆଇଏମ୍ କାର୍ଯ୍ୟାଳୟକୁ ଅଭିଯୋଗ ସମ୍ପର୍କିତ ଏକ ସୂଚନା ପତ୍ର ପଠାଇଥିବା ଜଣାପଡିଛି। ସୂଚନାପତ୍ରରେ ଲେଫ୍ରିପଡା ବ୍ଲକ ଅଞ୍ଚଳରେ ସମସ୍ତ ହିତାଧିକାରୀଙ୍କ ପାଇଖାନା ନିର୍ମାଣ କରାଯାଉଛି। ନିର୍ମାଣ କାର୍ଯ୍ୟ ନୀରବଚ୍ଛିନ୍ନ ଭାବେ ଚାଲୁ ରହିଛି ବୋଲି ଦର୍ଶାଇଛନ୍ତି। ଠିକାଦାର ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତଦନ୍ତ ଜାରି ରହିଛି। ସମ୍ପୃକ୍ତ ଅଧିକାରୀ ଓ ଅନ୍ୟମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ବ୍ଲକ୍ ଘେରାଉରେ ସିପିଆଇଏମ୍ ଆଞ୍ଚଳିକ ସାଙ୍ଗଠନିକ କମିଟି ଲେଫ୍ରିପଡା ଶାଖା ପକ୍ଷରୁ ଆବାହକ ଗୌରୀଶଙ୍କର ପାତ୍ର, ବ୍ଲକ ସମ୍ପାଦକ ଅନନ୍ତ କୁମାର ଦାଶ, ଡୁମାବାହାଲ ପଞ୍ଚାୟତ ସମ୍ପାଦକ ହୃଷିକେଶ ନାଗ, ସୁନ୍ଦରଗଡ ସଦର ସମ୍ପାଦକ ଜୟନ୍ତ କୁମାର ପଟେଲ, କୁଲାବିରା ପଞ୍ଚାୟତ ସମ୍ପାଦକ କୁମର କିଷାନ, ଭେଷଜ ହିରଜନ ରାଜନ ଏକ୍କା, ପ୍ରେମାନନ୍ଦ ଖୁଣ୍ଟିଆ, ଜୟଲାଲ କେର୍କଟା, ସୁଶିଲ ରୋହିଦାଶ, ପରମେଶ୍ୱର ମହାକୁଡ, ଆନ୍ଥୋନୀ ଲାକଡା, ତରୁନ ମାଝୀ, କାଳିନ୍ଦ୍ରୀ କୁଜୁର ପ୍ରମୁଖ ସିପିଆଇଏମ୍ କର୍ମୀ, ବିଭିନ୍ନ ପଞ୍ଚାୟତର ମହିଳା, ପୁରୁଷ ହିତାଧିକାରୀ ସାମିଲ ହୋଇଥିଲେ।



ଲେଫ୍ରିପଡା ବ୍ଲକକୁ ସିପିଆଇ କର୍ମୀ ଓ ଜନସାଧାରଣ ଘେରାଉ କରିଛନ୍ତି।



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ାଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ସଂଗ୍ରାମୀ ଚକ୍ରଧରଙ୍କ ଜୟନ୍ତୀ

**ରାଉରକେଲା ଅଫିସ,୨୨।୭-** କନିକା ପ୍ରଜା ଆନ୍ଦୋଳନର ସେନାପତି ତଥା ମୁକ୍ତି ସଂଗ୍ରାମର ଅନ୍ୟତମ ଯୋଦ୍ଧା ସ୍ୱର୍ଗତ ଚକ୍ରଧର ବେହେରାଙ୍କ ଜୟନ୍ତୀ ଧାମରା ସଂଘ ଦ୍ୱାରା ସଂଗଠନ ଉପସଭାପତି ମେହେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚକ୍ରଧରଙ୍କ ଦେଶପ୍ରେମ, ବୀରତ୍ୱ ଓ ବୁଦ୍ଧିମତାକୁ ପ୍ରସଂଶା କରାଯାଇ ଥିଲା। କନିକା ରାଜାଙ୍କ ଅକଥନୀୟ ଅତ୍ୟାଚାର ତଥା ଦମନଲୀଳାରେ ଗାଁ, ସାହିରେ ତାଟି କବାଟ ପଡିଯାଉଥିବା ବେଳେ ପ୍ରଜାକୂଳଙ୍କ ତ୍ରାଣକର୍ତ୍ତା ସାଜି ଉଭା ହୋଇଥିଲେ ବିପ୍ଲବୀ ଚକ୍ରଧର। ତାଙ୍କ ଦ୍ୱାରା ସଂଗଠିତ ପ୍ରଜାମେଳି ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଓଡିଶା ଇତିହାସରେ କନିକା ପ୍ରଜାମେଳି ଓ ଚକ୍ରଧରଙ୍କ ଅଭୁଲା କାହାଣୀ ଆମକୁ ସବୁ ଦିନ ଅନୁପ୍ରାଣିତ କରୁଥିବ ବୋଲି ଅନୁଷ୍ଠାନ ସାଧାରଣ ସଂପାଦକ ପ୍ରଶାନ୍ତ ବେହେରା, ସାଂସ୍କୃତିକ ସଂପାଦକ ଭଗବାନ ରାଉତ, ଅକ୍ଷୟ ଦାସ ପ୍ରମୁଖ ମତ ପ୍ରକାଶ କରିଥିଲେ। ଏଥିରେ ଶ୍ରୀବତ୍ସ କୁଅଁର, ରବୀନ୍ଦ୍ର ନାୟକ, ନିତ୍ୟାନନ୍ଦ ବିଶ୍ୱାଳ, ରମାକାନ୍ତ ପରିଡା, ଆଲୋକ ବେହେରା, ଅମୂଲ୍ୟ ସେଠୀ, ରାହାସ ସାମଲ, ମନୋଜ ରାଉତ, ହରେକୃଷ୍ଣ ଦାସ, ଜ୍ଞାନରଞ୍ଜନ କର ଓ ନିତ୍ୟାନନ୍ଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ମଦ କାରବାର, ଜଣେ ଗିରଫ

**କୋଲାବିରା,୨୨।୭ (ଡି.ଏନ୍.ଏ.)-** ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ କୋଲାବିରା ଥାନା ପୋଲିସ ଅମନାପାଲି ଗ୍ରାମର ଲକ୍ଷ୍ମୀ ପାଣ୍ଡେଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ୩୦ ପାଉଚ୍ ଦେଶୀ ମଦ ଜବତ କରାଯାଇଛି। ଥାନା ଅଧିକାରୀ ସୁକୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଚଢ଼ଉ କରି ଲକ୍ଷ୍ମୀଙ୍କୁ ଗିରଫ କରିଛି।

### ଆମ୍ବୁଲାନ୍ସରେ ବୁହା ହେଉଛନ୍ତି କର୍ମଚାରୀ

**ଲଖନପୁର,୨୨।୭(ଡି.ଏନ୍.ଏ.)-** ଏମ୍‌ସିଏଲ୍ ଲଖନପୁର କୋଇଲା ଖଣିରେ ଆମ୍ବୁଲାନ୍ସରେ କର୍ମଚାରୀ ବସି ଖଣି ଭିତରକୁ କାମ କରିବା ପାଇଁ ଯାଉଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଏଭଳି କାର୍ଯ୍ୟ ହୋଇଥିବା ପ୍ରମାଣ ମିଳିବାରୁ ଖଣି କର୍ତ୍ତୃପକ୍ଷ ଶିଫ୍ଟ ଇନ୍‌ଚାର୍ଜ ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ ଗ୍ରହଣ କରାଯାଇଛି। ସୋମବାର ସକାଳେ ଏହି ଆମ୍ବୁଲାନ୍ସ ଲଖନପୁର କୋଇଲା ଖଣି ଟାଇମ୍ ଅଫିସ୍ ନିକଟରୁ କର୍ମଚାରୀଙ୍କୁ ନେଇ ୩ କିଲୋମିଟର ଦୂର ଡମ୍ପିଂ ୟାର୍ଡ କାର୍ଯ୍ୟସ୍ଥଳକୁ ଯାଇଥିଲା। ସେଠାରେ ଆମ୍ବୁଲାନ୍ସରୁ କର୍ମଚାରୀ ଓହ୍ଲାଉଥିବେଳେ କେହିଜଣେ ବ୍ୟକ୍ତି ମୋବାଇଲ୍‌ରେ ଏହାର ଭିଡିଓ ରେକର୍ଡିଂ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏହି ଭିଡିଓ ଖୁବ୍ କମ୍ ସମୟ ମଧରେ ଭାଇରାଲ ହୋଇଥିଲା। ଏଭଳି କାର୍ଯ୍ୟକୁ ବିଭିନ୍ନ ଶ୍ରମିକ ସଂଗଠନ ସମାଲୋଚନା କର ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ଲଖନପୁର ଖଣି ସେଫ୍‌ଟି ମ୍ୟାନେଜର ସୁନୀଲ ଶର୍ମା କହିଛନ୍ତି, ଘଟଣା ଜଣାପଡ଼ିବା ପରେ ଏଥିରେ ସମ୍ପୃକ୍ତ ଶିଫ୍ଟ ଇନ୍‌ଚାର୍ଜ ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ପାଉଁଶ ଗଦା କରିବାକୁ ନେଇ ପ୍ରତିକ୍ରିୟା

**କୋଲାବିରା,୨୨।୭ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ କୋଲାବିରା ପଞ୍ଚାୟତର ମହୁଲମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିରେ ପାଉଁଶ ଗଦା କରିବାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ପୃକ୍ତ ଜମି ଜନବସତିକୁ ଲାଗି ରହିଥିବାରୁ ପାଉଁଶ ଗଦା କରିବା ଦ୍ୱାରା ପରିବେଶ ପ୍ରଦୂଷିତ ହେବ ବୋଲି ଆଶଙ୍କା ପ୍ରକାଶ କରି ଲୋକେ ଏହାକୁ ବିରୋଧ କରୁଛନ୍ତି। ସରପଞ୍ଚ ଉକ୍ତ ଜମିରେ ପାଉଁଶ ଗଦା କରିବାକୁ ଏକ ଠିକା ସଂସ୍ଥାକୁ ଏନ୍‌ଓସି ଦେବାର ମସୁଧା କରୁଥିବା ଖବର ପ୍ରଚାର ହେବା ପରେ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, କୋଲାବିରା ପଞ୍ଚାୟତର କୋଲାବିରା ଗ୍ରାମ ସଂଲଗ୍ନ ମହୁଲମୁଣ୍ଡା ଗ୍ରାମର ଲଳିତ କୁମୁରା ନିଜ ୨୨ ଏକର ଜମିରେ ପାଉଁଶ ଗଦା କରିବାକୁ ଇଚ୍ଛା ପ୍ରକାଶ କରି ସରପଞ୍ଚଙ୍କ ନିକଟରେ ଏନ୍‌ଓସି ପାଇଁ ଶନିବାର ଆବେଦନ କରିଥିଲେ। ଆବେଦନ କରିବା ଦିନ ପଞ୍ଚାୟତର ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ଦୁଇଜଣ ସଭ୍ୟ ସହମତ ନ ହେବାରୁ ସେମାନଙ୍କୁ ସରପଞ୍ଚ ବୁଝାଶୁଝା କରିଥିଲେ। ଜଣେ ଗରିବ ବ୍ୟକ୍ତି ତାଙ୍କ ନିଜ ରୟତ ଜମିରେ ପାଉଁଶ ପକାଇ ଲାଭବାନ ହେଲେ ଆମର କ'ଣ ଅସୁବିଧା ବୋଲି ସରପଞ୍ଚ କହିଥିଲେ। ୯ଜଣ ସଭ୍ୟଙ୍କ ମଧ୍ୟରୁ ୭ଜଣଙ୍କର କୌଣସି ଆପତ୍ତି ନ ଥିବାରୁ ସରପଞ୍ଚ ଏନ୍‌ଓସି ଦିଆଗଲା ବୋଲି ଘୋଷଣା କରିଥିଲେ। ତେବେ କାରଖାନାରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ରହିଥିବା ନିୟମକୁ ଅଣଦେଖା କରି ନିଜ ରୟତ ଜମିରେ ଜଣେ ବ୍ୟକ୍ତି ପାଉଁଶ ପକାଇବାକୁ ଇଚ୍ଛା ପ୍ରକାଶ କଲେ ଏଥିରେ ପଞ୍ଚାୟତକୁ ଏନ୍‌ଓସି ପାଇଁ କାହିଁକି ଆବେଦନ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିୟମ ମୁତାବକ କୌଣସି କାର୍ଯ୍ୟ ପାଇଁ ଏନ୍‌ଓସି ଆବଶ୍ୟକ ହେଲେ ପ୍ରଥମେ ଗ୍ରାମସଭା କିମ୍ବା ପଲ୍ଲୀସଭା ଡକାଯାଇ ଉକ୍ତ ବିଷୟରେ ଲୋକଙ୍କ ମତାମତ ଗ୍ରହଣ କରାଯିବ। ପରେ ପଞ୍ଚାୟତ ବୈଠରେ ପ୍ରସ୍ତାବ ଆଗତ ହେବ। ପ୍ରସ୍ତାବଟି ଗ୍ରହଣଯୋଗ୍ୟ ହେଲେ ପରବର୍ତ୍ତୀ ବୈଠକରେ ଏଥିରେ ମୋହର ବାଜି ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା କଥା। ଅନ୍ୟପକ୍ଷରେ କୋଲାବିରା ଗ୍ରାମ ମଝିରେ ଯାଇଥିବା ରାସ୍ତାରେ ପ୍ରତିଦିନ ଶହ ଶହ ପାଉଁଶ ପରିବହନ ଗାଡ଼ି ଯାତାୟାତ କରୁଥିବାରୁ ଲୋକେ ପ୍ରଦୂଷଣର ଶିକାର ହେଉଛନ୍ତି। ଏବେ ମହୁଲମୁଣ୍ଡାରେ ପାଉଁଶ ପୋଖରୀ ହେଲେ ଗ୍ରାମ ଚାରିପଟେ ଥିବା ସଂରକ୍ଷିତ ଗ୍ରାମ୍ୟ ଜଙ୍ଗଲ ନଷ୍ଟ ହେବା ସହ ଚାଷଜମିରେ ପାଉଁଶ ମାଡ଼ି ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କୋଲାବିରା ସରପଞ୍ଚ କୁମୁଦିନୀ ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ବାହାରକୁ ଯାଇଥିବାରୁ ଯୋଗାଯୋଗ ସମ୍ଭବ ହୋଇନାହିଁ। ତେବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେଶ କୁମାର ପାଢ଼ୀଙ୍କୁ ପଚାରିବାରୁ ସେ କହିଲେ, ମହୁଲମୁଣ୍ଡା ଗ୍ରାମର ଲଳିତ କୁମୁରା ତାଙ୍କ ୨୨ ଏକର ଜମିରେ ପାଉଁଶ ଗଦା କରିବାକୁ ଅନୁମତି ମାଗିଛନ୍ତି। ଏ ବିଷୟରେ ମାସିକ ଅଧିବେଶନରେ ଆଲୋଚନା କରାଯାଇଛି। ଉଚ୍ଚ ଅଧିକାରୀଙ୍କୁ ଏ ନେଇ ଅବଗତ କରାଯିବା ପରେ ତାଙ୍କ ନିର୍ଦ୍ଦେଶ ମୁତାବକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କୋଲାବିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବୀରେନ୍ଦ୍ର କୁମାର ମହାପାତ୍ର ଏ ବିଷୟର ଅବଗତ ହେବା ପରେ କ୍ଷୋଭ ପ୍ରକାଶ କରିଛନ୍ତି। ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପାଉଁଶ ପୋଖରୀ ପାଇଁ ଅନୁମତି ଦିଆଯିବା ଅନୁଚିତ। ପଞ୍ଚାୟତ ପକ୍ଷରୁ ଯଦି କୌଣସି ଆଳ ଦେଖାଇ ଏନ୍‌ଓସି ଦିଆଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ମଧ ଘଟଣାର ତୀବ୍ର ସମାଲୋଚନା କରି ପରିବେଶ ସୁରକ୍ଷା ନିମନ୍ତେ ଅଞ୍ଚଳରେ ପାଉଁଶ ପୋଖରୀ ପାଇଁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। କୋଲାବିରା ଗ୍ରାମବାସୀ ଏ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି।



ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ପିକ୍‌ଅପ୍ ଭ୍ୟାନ।

# ଦଶ ଚକିଆ ଟ୍ରକ୍- ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୩ ଗୁରୁତର

**ରାଉରକେଲା ଅଫିସ,୨୨।୭**

ଜଲଦା ଫାଣ୍ଡି ନିକଟ ଚର୍ଚ୍ଚ ନିକଟରେ ସୋମବାର ଅପରାହ୍ନରେ ଏକ ୧୦ ଚକିଆ ଟ୍ରକ୍ (ନଂ ସିଜି-୧୩ଏକ୍ସ ୦୨୨୭) ସହ ଏକ ପିକ୍‌ଅପ୍ ମୁହାଁମୁହିଁ ହେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ)ରେ ଭର୍ତ୍ତି କରାଯାଇଛି। ଏମାନଙ୍କ ପରିଚୟ ମିଳିପାରି ନାହିଁ। ଉଭୟ ଗାଡି ଲାଠିକଟା ଦିଗରୁ ଆଗପଛ ହୋଇ ଆସୁଥିବା ବେଳେ ସ୍ଥାନୀୟ ବଡ ଚର୍ଚ୍ଚ ନିକଟରେ ମୁହାଁମୁହିଁ ହୋଇଥିଲେ। ପିକଅପରେ ବସିଥିବା ୩ଜଣ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ୧୪୩ ନଂ ଜାତୀୟ ରାଜପଥରେ ଗାଡି ଚଳାଚଳ ବନ୍ଦ ରହିଥିଲା। ଭ୍ୟାନଟି ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି।



ରାଉରକେଲା ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ କୋର୍ଟ ସମ୍ମୁଖରେ ପିକେଟିଂ କରୁଛନ୍ତି।

# କୋର୍ଟ ଭିତରକୁ ପଶିପାରିଲେନି ବିଚାରପତି

**ଓକିଲ ଅନ୍ଦୋଳନ**

**ରାଉରକେଲା ଅଫିସ,୨୨।୭**

ରାଉରକେଲା ବାର୍ ଅସୋସିଏସନର ସମସ୍ତ କର୍ମକର୍ତ୍ତା, ସଭ୍ୟ ସଭ୍ୟା ସୋମବାର ସକାଳ ୯ଟାରୁ କୋର୍ଟର ଉଭୟ ପ୍ରବେଶ ଦ୍ୱାରାରେ ପିକେଟିଂ କରିବା ଯୋଗୁ ଜଣେ ହେଲେ ବିଚାରପତି କୋର୍ଟ ପରିସରକୁ ପ୍ରବେଶ କରି ପାରି ନ ଥିଲେ। ପ୍ରବେଶ ପଥରେ ଶତାଧିକ ଆଇନଜୀବୀ ବସି ରହିବା ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ୧୦ଟାରେ ବିଭିନ୍ନ କୋର୍ଟର ବିଚାରପତି ଓ କର୍ମଚାରୀ ଭିତରକୁ ପ୍ରବେଶ ଉଦ୍ୟମ କରି ବ୍ୟର୍ଥ ହୋଇଥିଲେ। ଆନ୍ଦୋଳନକାରୀ ଓକିଲ ପ୍ରବେଶ ପଥରେ ଶୋଇ ରହିବାରୁ ତାଙ୍କୁ ଡେଇଁ କେହି ଭିତରକୁ ଯିବା ସମ୍ଭବ ହୋଇ ନ ଥିଲା। ଏସ୍‌ଡିଜେଏମଙ୍କ ବଦଳି ଦାବିରେ ଏହି ଅନ୍ଦୋଳନ ଆରମ୍ଭ କରାଯାଇଛି।

### ଡାକ୍ତରଖାନାଗୁଡିକୁ ଭରସା ନାହିଁ

**ରାଉରକେଲା ଅଫିସ,୨୨।୭**

ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ସହ ଅନ୍ୟ କେତକ ଘରୋଇ ହସ୍ପିଟାଲର ଚିକିତ୍ସା ସେବା ନେଇ ପ୍ରଶ୍ନ ଉଠାଇଛି ଯୁବ ଜାଗୃତି ମଞ୍ଚ। ସଂଗଠନ ଆବାହକ ଗୋପାଳ ଜେନା ଏକ ବିବୃତିରେ କହିଛନ୍ତି ଯେ, ଆଇଜିଏଚ ଭଳି ଗୁରୁତ୍ୱପୂର୍ଣ୍ଣ ମେଡିକାଲରେ ଜରୁରି ପରିସ୍ଥିତିରେ କେବଳ ୧୫ଜଣଙ୍କ ପାଇଁ ଭେଣ୍ଟିଲେଟର ବ୍ୟବସ୍ଥା ରହିଛି। ଗତ ୨୧ ତାରିଖରେ ସେକ୍ଟର- ୭ ଏଚ ବ୍ଲକ ବସ୍ତିରେ ରହୁଥିବା ବିନାୟକ ନାୟକ ନାମକ ଜଣେ ବ୍ୟକ୍ତିଙ୍କୁ ଏଠାରୁ ନିରାଶ ହୋଇ ଫେରିବାକୁ ପଡିଥିଲା। ସେଦିନ ସନ୍ଧ୍ୟାରେ ଷଓ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଏଣଉ ତାଙ୍କୁ ତୁରନ୍ତ ଆଇଜିଏଚ ନିଆଯାଇଥିଲା। ହେଲେ ସେଠାରେ ଭେଣ୍ଟିଲେଟର ନ ମିଳିବାରୁ ତାଙ୍କୁ ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ସ୍ଥାନନ୍ତର କରାଯାଇ ଥିଲା। ସେଠି ମଧ ଅନୁରୂପ ଅବସ୍ଥା ହେତୁ ତାଙ୍କୁ ପୁଣି ଆଉ ଏକ ଘରୋଇ ହସ୍ପିଟାଲକୁ ନିଆ ଯାଇଥିଲା। ଶେଷରେ ସକାଳୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା।

# ମଦ, ଗଞ୍ଜେଇ କାରବାର ଅଭିଯୋଗରେ ୩ ଗିରଫ

**ରାଉରକେଲା ଅଫିସ,୨୨।୭**

ଜିଲା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଦେଶୀ ମଦ ଓ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏମାନେ ହେଲେ ମନୋଜ ଲାହିରୀ, ରାକେଶ କୁମ୍ଭାର ଓ କଲ୍ୟାଣୀ ପ୍ରଧାନ। ଚୋରା ମଦ ବ୍ୟବହାରରେ ଲାଗିଥିବା ଏକ ସ୍କୁଟି ମଧ ଜବତ କରାଯାଇଛି। ଶୀତଳ ପଡାରୁ ୧୪୦ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ସେକ୍ଟର-୨୦ରୁ ୧୪୮ ଲିଟର ଓ ସେକ୍ଟର ୧୫ ଅଞ୍ଚଳରୁ ୧ କିଲୋ ୪ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଚଢାଉରେ ବିଭାଗୀୟ ଅଧିକାରୀ ପ୍ରଦୀପ ପଟ୍ଟନାୟକ, ମିହିର ସେଠୀ, ସୂର୍ଯ୍ୟନାରାୟଣ ରଥ ଓ ନାରାୟଣ ଜେନା ସାମିଲ ହୋଇଥିଲେ।



ନିଶାଦ୍ରବ୍ୟ କାରବାର ଅଭିଯୋଗରେ ଗିରଫ ହୋଇଥିବା ୩ ଅଭିଯୁକ୍ତ ପୋଲିସ ହେପାଜତରେ।

# ତ୍ରିପାକ୍ଷିକ ଆଲୋଚନା ପରେ ଇବ୍ ଥର୍ମାଲ ସଂଗ୍ରାମ ସମିତି ଗଣଧାରଣା ସ୍ଥଗିତ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୨।୭ (ଡି.ଏନ୍.ଏ.)**

ଇବ୍ ଥର୍ମାଲ ବାସହ୍ୟୁତ, କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ପକ୍ଷରୁ ୫ଦଫା ଦାବିନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧରେ ଦାବି ପୂରଣ ନ ହେଲେ ପ୍ରକଳ୍ପ ଫାଟକ ସମ୍ମୁଖରେ ଗଣଧାରଣା ଦେବାକୁ ସଂଗ୍ରାମ ସମିତି ଚେତାବନୀ ଦେଇଥିଲା। ପ୍ରସ୍ତାବିତ ଗଣଧାରଣାର ଦିନକ ପୂର୍ବରୁ ସୋମବାର ଜିଲା ପ୍ରଶାସନ ଆହ୍ୱାନକ୍ରମେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ୩୪ଜଣ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକ ବିଭିନ୍ନ ସମସ୍ୟା ନେଇ ଦରଖାସ୍ତ ଜରିଆରେ କମ୍ପାନୀର ଦୃଷ୍ଟି ଆକର୍ଷଣ କରିଥିଲେ। ଦରଖାସ୍ତ ପାଇବା ପରେ ଏହାର ତଦନ୍ତ କରାଯାଇ ବିଚାର କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଅଦ୍ୟାବଧି ତାହା କରାଯାଇ ନାହିଁ।

**ଜିଲା ପ୍ରଶାସନ ପକ୍ଷରୁ ହେବ ତଦନ୍ତ**

ଜୁଲାଇ ମାସ ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଇଛି। ସେହିଭଳି ଚାକିରି ବଦଳରେ ଆର୍ଥିକ କ୍ଷତିପୂରଣ ରାଶି କମ୍ ଦିଆଯାଇଥିବା ଯେଉଁ ଅଭିଯୋଗ ହେଉଛି, ସେ ସମ୍ପର୍କରେ ପ୍ରକଳ୍ପ କର୍ତ୍ତୃପକ୍ଷ ଜିଲା ପ୍ରଶାସନ ଓ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟା ସମାଧାନ ଦିଗରେ ଉଦ୍ୟମ କରାଯିବାକୁ ନିଷ୍ପତ୍ତି ହୋଇଛି। ନିଯୁକ୍ତି କ୍ଷେତ୍ରରେ ବିସ୍ଥାପିତ, କ୍ଷତିଗ୍ରସ୍ତ ଓ ପ୍ରଭାବିତ ପରିବାରର ବେରୋଜଗାର ଯୁବତୀ, ଯୁବକଙ୍କୁ ଅଗ୍ରାଧିକାର ଦିଆଯିବାକୁ ଦାବି ହୋଇଥିଲା। ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ଧ୍ୟାନଦେଇ ଅଧିକ ନିଯୁକ୍ତି ସୃଷ୍ଟି କରିବେ ବୋଲି କହିଛନ୍ତି। କମ୍ପାନୀ ସିଏସ୍ଆର୍ ପାଣ୍ଠିରୁ ତେଲେନପାଲି ପଞ୍ଚାୟତରେ ପାଇଖାନା ନିର୍ମାଣରେ ଆର୍ଥିକ ଅନୁଦାନରେ ହୋଇଥିବା ପାତରଅନ୍ତର ଅଭିଯୋଗକୁ ମଧ ବିଚାରକୁ ନିଆଯିବ ବୋଲି ଉପଜିଲାପାଳ କହିଛନ୍ତି। ବୈଠକରେ ଉପଜିଲାପାଳ ଶିବ ଟପ୍ପୋ, ଓପିଜିସି ପକ୍ଷରୁ ପ୍ରଦୀପ କୁମାର ପାତ୍ର, ଦିଲୀପ ପଣ୍ଡା, ସନ୍ତୋଷ ନାୟକ, ସଂଗ୍ରାମ ସମିତି ସଭାପତି ଲକ୍ଷ୍ମଣ ପ୍ରଧାନ, ଉପସଭାପତି ବାସୁଦେବ ଭୋଇ, ଯୋଗେନ୍ଦ୍ର ମାଝି, ରବୀନ୍ଦ୍ର ବାରିକ, ହୀରାଲାଲ ସାହୁ, ମନୋରଞ୍ଜନ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧୪ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**କୋଲାବିରା,୨୨।୭ (ଡି.ଏନ୍.ଏ.)**

କୋଲାବିରା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ବିଡିଓ ବିଜୟ କୁମାର ସଏ, ତହସିଲଦାର ସଞ୍ଜୀବ କୁମାର ପଟେଲ, ସିଡିପିଓ ପୁଣ୍ୟବତୀ ହେଲେନ ଖେସଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ମୋଟ ୧୧୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ୧୪ଟି ସାମୂହିକ ଏବଂ ୧୦୦ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ମୁଖ୍ୟତଃ ମୋକୁଡ଼ିଆ, ଇନ୍ଦିରା ଆବାସ, ବିପିଏଲ୍ କାର୍ଡ, ଭତ୍ତା, ଚାଉଳ ଯୋଗାଣ, ବିପିଏଲ୍ ବିଦ୍ୟୁତ୍ ସଂଯୋଗ, ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା, ସମାସିଂହା ଉଠା ଜଳସେଚନ ବ୍ୟବସ୍ଥା, ଡାକ୍ତର ନିଯୁକ୍ତି, ସ୍ୱାସ୍ଥ୍ୟ ସେବାରେ ଉନ୍ନତି, ରଘୁନାଥପାଲି ରାସ୍ତା ମରାମତି ଆଦି ସମ୍ପର୍କରେ ଅଭିଯୋଗ ହୋଇଥିଲା। ଜିଲାପାଳ ଏହାର ଶୁଣାଣି କରି କେତେକର ସମାଧାନ କରିଥିବା ବେଳେ ଅନ୍ୟଗୁଡ଼ିକର ଯଲଦି ଫଏସଲା କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଲାବିରା ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମରେ ପାଉଁଶ ଗଦା ପାଇଁ ପଞ୍ଚାୟତ ପକ୍ଷରୁ ଏନ୍‌ଓସି ପ୍ରଦାନ କରିବାକୁ ସରପଞ୍ଚଙ୍କ ସହମତି ଉପରେ ମହୁଲମୁଣ୍ଡା ଗ୍ରାମର ବିକ୍ରମ କୁମୁରାଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଥିଲେ।

ବଡ଼ବାହାଲ ଗ୍ରାମର ହେମନ୍ତ କିଷାନଙ୍କ ସମେତ ଗ୍ରାମବାସୀମାନେ ମଧ ପାଉଁଶ ଗଦାକୁ ପ୍ରତିବାଦ କରି ଅଭିଯୋଗ କରିଥିଲେ। ଶୋଭାଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଲୋକେ ରଘୁନାଥପାଲି ଛକଠାରୁ ବୁଟୁପାଲି ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ଆବଶ୍ୟକତା ବିଷୟରେ ଜଣାଇଥିଲେ। କୋଲାବିରା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବୀରେନ୍ଦ୍ର କୁମାର ମହାପାତ୍ର ଓ ଗ୍ରାମବାସୀ କୋଲାବିରା ଜନବସତି ଭିତରେ ଦ୍ରୁତଗତିରେ ଭାରୀଯାନଗୁଡ଼ିକ ଯାତାୟାତ କରୁଥିବାରୁ ଦେଖାଦେଉଥିବା ବିପଦ ବିଷୟରେ ଜିଲାପାଳଙ୍କୁ ଜଣାଇଥିଲେ। ସେହିପରି ସମାସିଂହା ଗ୍ରାମର ମା' ଦୁର୍ଗା କୃଷକ ସଙ୍ଗଠନ ପକ୍ଷରୁ ଚେତାନନ୍ଦ ପଟେଲଙ୍କ ସମେତ ଅନ୍ୟମାନେ ଇନ୍‌ପୁଟ ସବ୍‌ସିଡି ମିଳିବାରେ ବିଳମ୍ବ ହେଉଥବା ଅଭିଯୋଗ କରିଥିଲେ। ସମାସିଂହା ପଞ୍ଚାୟତରେ ଥିବା ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବା ବିଷୟରେ ଗ୍ରାମର ଗୋଲାପ ଚନ୍ଦ୍ର ପଟେଲ ଅଭିଯୋଗ କରିଥଲେ। ଝିଲାପାଲି ପଣ୍ଡକିମାଲଠାରେ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଥଲେ।

# 'ଆମକୁ ଜଙ୍ଗଲ ଜମି ଅଧିକାର ଦିଅ'

**ରାଉରକେଲା ଅଫିସ,୨୨।୭**




ଜଙ୍ଗଲ ଜମି ଅଧିକାର ନେଇ ମୂଳବାସୀ ଆଦିବାସୀ ମଞ୍ଚ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜଙ୍ଗଲ ଜମି ଅଧିକାର ନେଇ ସୋମବାର ମଧାହ୍ନରେ ମୂଳବାସୀ ଆଦିବାସୀ ମଞ୍ଚ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ସମ୍ବିଧାନର ୫ମ ଅନୁଚ୍ଛେଦ ଓ ସାମ୍ବିଧାନିକ ଆଦେଶ ସଂଖ୍ୟା ୧୯୫୦ ସୁନ୍ଦରଗଡ ଜିଲାକୁ ଅନୁସୂଚିତ ଅଞ୍ଚଳ ଭାବେ ସ୍ୱୀକୃତି ପ୍ରଦାନ କରିଛି। ୧୯୯୬ରେ ୭୩ତମ ସମ୍ବିଧାନ ସଂଶୋଧନ ଅନୁସାରେ ଅନୁସୂଚିତ ଅଞ୍ଚଳରେ ପଞ୍ଚାୟତର ସଂପ୍ରସାରଣ ଓ ସ୍ୱାୟତ୍ତ ଶାସନକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ୨୦୦୬ ଜଙ୍ଗଲ ଜମି ଅଧିକାର ନିୟମାନୁସାରେ ଆଦିବାସୀଙ୍କର ଜଙ୍ଗଲ ଜମି ଅଧିକାରଙ୍କୁ ସାବ୍ୟସ୍ତ କରୁଛି। ପେଶା ଆଇନକୁ ତର୍ଜମା କଲେ ଏହା ଅଧିକ ସ୍ପଷ୍ଟ ହୁଏ ଯେ, ପାରମ୍ପରିକ ଭାବେ ଜଙ୍ଗଲ ଜମି ଉପରେ ଘରବାଡି କରି ରହିଥିବା ଆଦିବାସୀ ସଂପ୍ରଦାୟର ଏହା ଉପରେ ନିଜସ୍ୱ ଅଧିକାର ରହିଛି। କେବଳ ଏତିକି ନୁହେଁ ଆଦିବାସୀଙ୍କ ଗ୍ରାମ ସଭାକୁ ମଧ ସାମ୍ବିଧାନିକ ସ୍ୱୀକୃତି ମିଳିଛି। ବିନା ଗ୍ରାମ ସଭାରେ ଅନୁସୂଚିତ ଅଞ୍ଚଳବାସୀଙ୍କ ବରୋଧରେ ଯାଉଥିବା କୌଣସି ପଦକ୍ଷେପ ନିଆଯାଇ ପାରିବ ନାହିଁ। ଗ୍ରାମ ସଭା ଦ୍ୱାରା ବିଭିନ୍ନ ଗ୍ରାମରେ ଗ୍ରାମ୍ୟସ୍ତରରେ ଜଙ୍ଗଲ ଜମି ଅଧିକାର ନେଇ କମିଟି ଗଠନ କରାଯିବା କଥା। ଏ ନେଇ ରାଜ୍ୟ ସରକାର ଜାଣିଶୁଣି ଅବହେଳା କରିଛନ୍ତି ବୋଲି ଅବେଦନ ପତ୍ରରେ ଦର୍ଶା ଯାଇଛି। ଏପରି ଅବସ୍ଥାରେ ଜଙ୍ଗଲ ଜମି ଅଧିକାର ନେଇ ସମସ୍ୟା ସୃଷ୍ଟି ହେବା ସ୍ୱାଭାବିକ ବୋଲି କୁହାଯାଇଛି। ବନବାସୀଙ୍କୁ ଜଙ୍ଗଲ ଜମିରୁ ତଡିବାକୁ ଆରମ୍ଭ କରାଯାଇଥିବା ପ୍ରୟାସ ସମ୍ବିଧାନ ବିରୋଧୀ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋହଳ ମନୋଭାବ ହେତୁ ବନବାସୀ ଜଙ୍ଗଲ ଜମିରୁ ବିସ୍ଥାପିତ ହେବାକୁ ଯାଉଛନ୍ତି। ଏପରି ହେଲେ ସମଗ୍ର ଦେଶରୁ ୧୩ଲକ୍ଷ ଆଦିବାସୀ ପରିବାର ବାସ ହରାଇବେ। ଗତ ଫେବୃୟାରୀରେ ସୁପ୍ରିମ କୋର୍ଟ ଯେଉଁ ନିର୍ଦ୍ଦେଶ ଜାରି କରିଛନ୍ତି ତାହା ଦ୍ୱାରା ୨୧ଟି ରାଜ୍ୟର ୧୩ଲକ୍ଷ ଆଦିବାସୀ ପରିବାର ପ୍ରଭାବିତ ହେବେ। ଏଥିରେ ଓଡିଶାର ସର୍ବାଧିକ ଆଦିବାସୀ ପରିବାର ଅନ୍ତର୍ଭୁକ୍ତ। ତୃଣମୂଳସ୍ତରର ସମସ୍ୟାକୁ ଅନୁଧ୍ୟାନ ନ କରି କୋର୍ଟ ଯେଉଁ ଆଦେଶନାମା ଜାରି କରିଛନ୍ତି ତାହା ଲକ୍ଷାଧିକ ନିରିହ ଆଦିବାସୀଙ୍କ ଜୀବନ ଜୀବିକାକୁ ଉଜାଡି ଦେବାକୁ ବସିଛି। ଏଣୁ ଏହାର ପୁନଃ ବିଚାର କରାଯିବା ଆବଶ୍ୟକ ବୋଲି ଏଥିରେ ଦର୍ଶଯାଇଛି।